# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, October 24/2025 Page 14 | ₹ 7.00

୫୧ଶ ଭାଗ ୩୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 327 | ମୂଲ୍ୟ ₹୭/-




**ପ୍ରତୀକାଙ୍କ ଆକର୍ଷଣୀୟ ଶତକ**

ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଏକ ଆକର୍ଷଣୀୟ ଶତକ ହାସଲ କରିଛନ୍ତି ଭାରତର ପ୍ରତୀକା ରାୱଲ। ୧୪

୦୨ **ତେଜସ୍ୱୀ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ଚେହେରା**

ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ଆର୍‌ଜେଡି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛି।





କୋରାପୁଟ-କିରାଣ୍ଡୁଲ ରେଲୱେ ଲାଇନ୍ ମାଲିଗୁଡ଼ା ଓ ଜରତି ଷ୍ଟେଶନ ମଧ୍ୟରେ ପାହାଡ଼ରୁ ପଥର ଖସି ଟ୍ରାକ୍‌ରେ ପଡ଼ିଛି। **(ଫଟୋ: ଅମିତାଭ ବେହେରା) (ରିପୋର୍ଟ: ପୃଷ୍ଠା-୩)**

# ରୁଷୀୟ ତୈଳ ଉପରେ ଟ୍ରମ୍ପ୍ କଟକଣା

# କ୍ରୁଡ୍ ୫%ରୁ ଅଧିକ ମହଙ୍ଗା



**ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆ ଉପରେ ଚାପ ସୃଷ୍ଟି ଉଦ୍ୟମ ଜାରି ରଖିଛନ୍ତି। ହଙ୍ଗେରିର ବୁଦାପେଷ୍ଟରେ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ ହେବାକୁ ଥିବା ଶାନ୍ତି ଆଲୋଚନା ସ୍ଥଗିତ ହେବା ପରେ ଟ୍ରମ୍ପ୍ ପୁଣି ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରୁଷିଆର ୨ଟି ବଡ଼ ତୈଳ କମ୍ପାନୀ ଉପରେ କଟକଣା ଜାରି କରିଛନ୍ତି। ତାଙ୍କ ଏହି ପଦକ୍ଷେପ ପରେ ଭାରତ ରୁଷିଆଠାରୁ କିଣୁଥିବା ତୈଳ ପରିମାଣ ହ୍ରାସ କରିବା ନେଇ ବିଚାର କରିପାରେ। ଆସନ୍ତା ଡିସେମ୍ବର ସୁଦ୍ଧା ଭାରତ ରୁଷୀୟ ତୈଳ ଆମଦାନୀକୁ ଏକପ୍ରକାର ବନ୍ଦ କରିଦେବ ବୋଲି ଟ୍ରମ୍ପ୍ ଗୁରୁବାର ଆଶାବ୍ୟକ୍ତ କରିଛନ୍ତି। ଏହି ପୃଷ୍ଠଭୂମିରେ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି ସାଙ୍ଗକୁ ତୈଳ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କା ଉପୁଜିଛି। ଫଳରେ ବୈଶ୍ୱିକ ତୈଳ ବଜାରରେ କ୍ରୁଡ୍ ମୂଲ୍ୟ ଆକାଶଛୁଆଁ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୫%ରୁ ଅଧିକ ମହଙ୍ଗା ହୋଇଛି। ଏହି କାରଣରୁ ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିବ, ଯାହାର ସିଧା ପ୍ରଭାବ ଦରଦାମ୍ ଉପରେ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ୱାଶିଂଟନ୍/ମସ୍କୋ/ନୂଆଦିଲ୍ଲୀ,୨୩।୧୦ (ରଏଟର୍ସ/ଏଏଫ୍‌ପି/ବ୍ଲୁମ୍‌ବର୍ଗ)

ଆର୍ଥିକ ଦୃଷ୍ଟିରୁ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ନିକଟରେ ବିଶ୍ୱ ଅର୍ଥନୀତି ଓ ବଜାରକୁ ପ୍ରଭାବିତ କରିବା ସାମର୍ଥ୍ୟ ରହିଛି, ଯାହାକି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଘୋଷଣା ପୁଣି ପ୍ରମାଣିତ କରିଛି। ରୁଷିଆ ତୈଳ ବିକ୍ରିକରି ପାଉଥିବା ଲାଭକୁ ଟ୍ରମ୍ପ୍ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ବୋଲି ବିବେଚନା କରନ୍ତି। ଏଥିଯୋଗୁ ସେ ଭାରତ ଓ ଚାଇନା ଉପରେ ରୁଷୀୟ ତୈଳ ଆମଦାନୀ ନ କରିବାକୁ ଚାପ ପକାଇଆସୁଛନ୍ତି। ଏହା ସତ୍ତ୍ୱେ ଚାଇନା ଓ ଭାରତ ରୁଷୀୟ ତୈଳର ଦୁଇ ବୃହତ୍ କ୍ରେତା ରହିଆସିଛନ୍ତି। ଦୀପାବଳି ଶୁଭେଚ୍ଛା ଜଣାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟ୍ରମ୍ପ୍ ଫୋନ୍ କରିବା ସହ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଉପରେ ମଧ୍ୟ କଥା ହୋଇଥିବା ବୁଧବାର କହିଥିଲେ। ଏପରି କି ଭାରତ ରୁଷିଆଠାରୁ ଆଗକୁ ତୈଳ କିଣିବ ନାହିଁ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ୍ କହିଛନ୍ତି, ପୁଟିନ୍‌ଙ୍କ ସହ ୟୁକ୍ରେନ୍ ଶାନ୍ତି ଆଲୋଚନା ହେବାକୁ ଯାଉନାହିଁ। ତେଣୁ ରୁଷିଆର ୨ ବୃହତ୍ ତୈଳ କମ୍ପାନୀ ରୋସ୍‌ନେଫ୍ଟ ଓ ଲୁକୋଇଲ୍ ଉପରେ କଟକଣା ଜାରି କରାଯାଉଛି। ବିଶ୍ୱ ବଜାରରେ ୫%ରୁ ଊର୍ଦ୍ଧ୍ୱ ତୈଳ ଚାହିଦା ମେଣ୍ଟାଉଥିବା ଏହି ୨ ଅଏଲ୍ ଜାଏଣ୍ଟର ଯୋଗାଣ ଉପରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ଚାପ ସୃଷ୍ଟି ପାଇଁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ)ର କେତେକ ସଦସ୍ୟ ରାଷ୍ଟ୍ର ପକ୍ଷରୁ ଅଙ୍କୁଶ ଲଗାଯିବା ପରେ ଅଏଲ୍ ପ୍ରାଇସ୍‌ରେ ଅହେତୁକ ବୃଦ୍ଧି ଘଟିଛି। ଇଣ୍ଟରନ୍ୟାଶନାଲ ବେଞ୍ଚମାର୍କ କଣ୍ଟ୍ରାକ୍ଟ ବ୍ରେଣ୍ଟ ନର୍ଥ ସି କ୍ରୁଡ୍ ମୂଲ୍ୟ ୫.୪% ବଢ଼ିଥିବାବେଳେ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ୫.୬% ମହଙ୍ଗା ହୋଇଛି। କ୍ରୁଡ୍ ବଜାରରେ ସ୍ପଟ୍ ପ୍ରିମିୟମ୍ ବଡ଼ ଲମ୍ଫ ମାରିଛି। ବ୍ରେଣ୍ଟ ଫ୍ୟୁଚର୍ସ ମଧ୍ୟ ୪-୫% ପର୍ଯ୍ୟନ୍ତ ବଢ଼ିଛି।

ଏହି ନୂଆ କଟକଣାର ବାସ୍ତବ ପ୍ରଭାବ ଆଗକୁ ଆହୁରି ଅନୁଭୂତ ହେବ ବୋଲି ଗ୍ଲୋବାଲ ରିସ୍କ ମ୍ୟାନେଜମେଣ୍ଟ ବିଶ୍ଳେଷକ ଆର୍ନେ ଲୋହମାନ୍ କହିଛନ୍ତି। ଅନ୍ୟପକ୍ଷେ ରୁଷିଆର ବହିର୍ବ୍ୟାପାର ମନ୍ତ୍ରଣାଳୟ ୟୁକ୍ରେନ୍ ଯୁଦ୍ଧ ବନ୍ଦ ସକାଶେ ଚାଲିଥିବା କୂଟନୈତିକ ଉଦ୍ୟମ ପାଇଁ ଆମେରିକୀୟ ଓ ୟୁରୋପୀୟ କଟକଣାକୁ ଏକ ଝଟକା ରୂପେ ଅଭିହିତ କରିଛି। ☞ପୃଷ୍ଠା-୪

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହୋଇପାରନ୍ତି ପରବର୍ତ୍ତୀ ସିଜେଆଇ



ନୂଆଦିଲ୍ଲୀ,୨୩।୧୦(ପି.ଟି.)

ବର୍ତ୍ତମାନ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଥିବା ଜଷ୍ଟିସ୍ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି। ତେଣୁ ପରବର୍ତ୍ତୀ ସିଜେଆଇ ନିଯୁକ୍ତି ନିମନ୍ତେ ସରକାର ଗୁରୁବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜଷ୍ଟିସ୍ ଗବଇଙ୍କୁ ତାଙ୍କ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବା ଲାଗି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶି'ଙ୍କ ଭୟ

# ଓଡ଼ିଶାରେ ୧ଲକ୍ଷ କୋଟି ନିବେଶ କରିବ ବେଦାନ୍ତ

ଭୁବନେଶ୍ୱର,୨୩।୧୦ (ଅନୁରାଧା ମହାରଣା/ସୁନିତ୍ ମିଶ୍ର)

- **ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶାରେ ଜମି ଅଛି, ଲୋକଙ୍କ ସମର୍ଥନ ଦରକାର: ଅଗ୍ରୱାଲ**
- **ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପୁଞ୍ଜିନିବେଶ ଗେମ୍ ଚେଞ୍ଜର ହେବ: ମୁଖ୍ୟମନ୍ତ୍ରୀ**

ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ୩୦ ଲକ୍ଷ ଟନ୍‌ର ଆଲୁମିନିୟମ ପ୍ଲାଣ୍ଟ ବେଦାନ୍ତ ପକ୍ଷରୁ କରାଯିବ। ଜମି ମିଳିଲେ ୩ରୁ ୪ ମାସ ମଧ୍ୟରେ କାମ ଆରମ୍ଭ ହେବ। ମାସକ ଭିତରେ ମୁଖ୍ୟମନ୍ତ୍ରୀ ଜମି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ୩ରୁ ସାଢେ ୩ ବର୍ଷ ସମୟ ଲାଗିବ। ଏହାଦ୍ୱାରା ୩୦ରୁ ୪୦ ହଜାର ଲୋକ କାମ ପାଇବେ ବୋଲି ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି।

ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଦୀର୍ଘଦିନରୁ ଚର୍ଚ୍ଚାରେ ରହି ଆସିଥିବା ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଥା ଦୋହରାଇ ଅଗ୍ରୱାଲ କହିଛନ୍ତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସବୁ ରାଜ୍ୟ ତାଙ୍କ ପଛରେ ପଡ଼ିଛନ୍ତି। ହେଲେ ତାଙ୍କ ହୃଦୟରେ ଓଡ଼ିଶା ରହିଛି। ଦେଶର ୭ ଲକ୍ଷ ଛାତ୍ରୀଛାତ୍ର ବିଦେଶରେ ପଢୁଛନ୍ତି। ଜମି ଓଡ଼ିଶାରେ ଅଛି, ଏଥିଲାଗି ରାଜ୍ୟବାସୀଙ୍କ ସମର୍ଥନ ଦରକାର। ବିଶ୍ୱବିଦ୍ୟାଳୟ ପୁରୀରେ ହେବ କି କେଉଁଠି ହେବ ତାହା ଓଡ଼ିଶା ଲୋକଙ୍କ ଜନମତ ନେବା ପରେ ସ୍ପଷ୍ଟହେବ ବୋଲି ଅଗ୍ରୱାଲ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବିଶ୍ୱର ମେଟାଲ ଭାଲ୍ୟୁ ଚେନ୍‌ରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଏକ ଅତ୍ୟାଧୁନିକ ଫେରୋ ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିରେ ବେଦାନ୍ତ ପକ୍ଷରୁ ୨ ହଜାର କୋଟି ଟଙ୍କା ବିନିଯୋଗ ହେବ। ବେଦାନ୍ତ ପକ୍ଷରୁ ଓଡ଼ିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡ଼ାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ ସେଠାରେ ମଧ୍ୟ ଆଉ ଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ହେବ। ଏହି ୨ଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ। ଏହା ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଏହାଦ୍ୱାରା ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଆସିବ ଏବଂ ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନୀର ପୁଞ୍ଜି ବିନିଯୋଗ ଜରିଆରେ ଓଡ଼ିଶା ସରକାର ଏହି ☞ପୃଷ୍ଠା-୪

# ନକଲି ନିଯୁକ୍ତି ର୍‍ୟାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ



**୬୨ ଲକ୍ଷ ଟଙ୍କା ଜବତ**

**୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ**

ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାରେ ଏକ ବଡ଼ ଧରଣର ନକଲି ନିଯୁକ୍ତି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ସମ୍ବଲପୁର ଜିଲା ପୋଲିସ। ସମ୍ବଲପୁର ସହ ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ମିଛ ନିଯୁକ୍ତି ନାମରେ ପ୍ରାୟ ୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣେ ମହିଳାଙ୍କ ସହ ୨ଜଣଙ୍କୁ ଗିରଫ କରିଛି ବୁର୍ଲା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ରାହୁଲ ଓରଫ ସମ୍ରାଟ ରାୟ(୩୨) ଓ ବୁର୍ଲା ଥାନା ଅନ୍ତର୍ଗତ ସାତୁପାଲି ଗ୍ରାମର ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)। ସେମାନଙ୍କ ନିକଟରୁ ନଗଦ ୬୨ଲକ୍ଷ ୧ ହଜାର ଟଙ୍କା, ୨ଟି ମୋବାଇଲ ☞ପୃଷ୍ଠା-୪

# କାର୍ବାଇଡ୍ ବନ୍ଧୁକ ବିସ୍ଫୋରଣ: ୧୫୦ ଆହତ

ଭୋପାଳ,୨୩।୧୦

**ଭୋପାଳରେ ଦୀପାବଳି ଅଘଟଣ**



**ଅନେକେ ଦୃଷ୍ଟିଶକ୍ତି ହରାଇଲେ**

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଦୀପାବଳି ପାଳନ ସମୟରେ ବିପଜ୍ଜନକ କ୍ୟାଲସିୟମ କାର୍ବାଇଡ୍ ଗନ୍‌ର ବ୍ୟବହାରରେ ୧୫୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ରୁ ଅଧିକ ବ୍ୟକ୍ତି ସମ୍ପ୍ରତି ଭୋପାଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ୮ରୁ ୧୪ ବର୍ଷର ପିଲା ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ନିଜର ଦୃଷ୍ଟିଶକ୍ତି ମଧ୍ୟ ହରାଇଛନ୍ତି।

ଚଳିତ ବର୍ଷ ଦୀପାବଳିରେ କ୍ୟାଲସିୟମ କାର୍ବାଇଡ, ପ୍ଲାଷ୍ଟିକ୍ ପାଇପ୍ ଏବଂ ଗ୍ୟାସ୍ ଲାଇଟରରୁ ତିଆରି ଦେଶୀ ବନ୍ଧୁକକୁ ଭୋପାଳର ଲୋକମାନେ ଖୁବ୍ ବ୍ୟବହାର କରିଥିଲେ। ଦୀପାବଳିରେ କାର୍ବାଇଡ୍ ପାଇପ୍ ଗନ୍‌କୁ ବ୍ୟବହାରକରି ଆହତ ହୋଇଥିବା ୬୦ ଜଣ ସମ୍ପ୍ରତି ଭୋପାଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଗୁରୁବାର ଭୋପାଳର ମୁଖ୍ୟ ଚିକିତ୍ସା ସ୍ୱାସ୍ଥ୍ୟ ଅଧିକାରୀ (ସିଏମ୍‌ଏଚ୍‌ଓ) ମନୀଷ ଶର୍ମା ସୂଚନା ଦେଇଛନ୍ତି। ତେବେ ସେଥିମଧ୍ୟରୁ ଅଧିକାଂଶ ମାମଲାରେ ଜୀବନ ପ୍ରତି କୌଣସି ବିପଦ ନାହିଁ। ଆହତଙ୍କ ମଧ୍ୟରୁ ଅନେକଙ୍କ ଆଖି ଗୁରୁତର କ୍ଷତିଗ୍ରସ୍ତ ହୋଇଛି ଏବଂ ସେମାନେ ଦୃଷ୍ଟିଶକ୍ତି ହରାଇଛନ୍ତି। ସେହିପରି ଆଉ କେତେକଙ୍କର ମୁହଁ ମଧ୍ୟ ପୋଡ଼ିଯାଇଛି ବୋଲି ମନୀଷ କହିଛନ୍ତି। ଚଳିତ ଦୀପାବଳିରେ କ୍ୟାଲସିୟମ ☞ପୃଷ୍ଠା-୪




**ସଂକ୍ଷେପରେ**

## ୭୯,୦୦୦ କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ସୈନ୍ୟବାହିନୀର ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ନାଗ୍ ମିଶାଇଲ୍, ଆମ୍ଫିବିଅସ୍ ଯୁଦ୍ଧଜାହାଜ, ଇଲେକ୍ଟ୍ରୋନିକ୍ ଇଣ୍ଟେଲିଜେନ୍ସ ଏବଂ ସର୍ଭିଲାନ୍ସ ସିଷ୍ଟମ୍ ସମେତ ୭୯,୦୦୦ କୋଟି ଟଙ୍କା ମୂଲ୍ୟର ଯୁଦ୍ଧାସ୍ତ୍ର ଏବଂ ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁବର ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୟୁଜିଶନ କାଉନ୍ସିଲ୍ ବୈଠକ ବସି ଉପରୋକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଅପରେଶନ ସିନ୍ଦୂର ପରେ ଏହା ଦ୍ୱିତୀୟ ବୃହତ୍ ପ୍ରତିରକ୍ଷା କ୍ରୟ ନିଷ୍ପତ୍ତି। ଗତ ଅଗଷ୍ଟ ୫ରେ ୬୭,୦୦୦ କୋଟି ଟଙ୍କାର ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ନୌସେନା ପାଇଁ କିଣାଯିବାକୁ ଥିବା ସାମଗ୍ରୀ ମଧ୍ୟରେ ଲ୍ୟାଣ୍ଡିଂ ପ୍ଲାଟ୍‌ଫର୍ମ ଡକ୍ (ଏଲ୍‌ପିଡି), ୩୦ଏମ୍ଏମ୍ ନାଭାଲ ସର୍ଫେସ୍ ଗନ୍, ଅତ୍ୟାଧୁନିକ ହାଲୁକା ଟର୍ପେଡୋ, ଇଲେକ୍ଟ୍ରୋ ଅପ୍ଟିକାଲ ଇନ୍‌ଫ୍ରା-ରେଡ୍ ସର୍ଚ୍ଚ ଆଣ୍ଡ ଟ୍ରାକ୍ ସିଷ୍ଟମ୍ ଏବଂ ୭୬ଏମ୍ଏମ୍ ସୁପର ରାପିଡ୍ ଗନ୍ ମାଉଣ୍ଟ ପାଇଁ ଗୋଳାବାରୁଦ।

## ଆମେରିକା ପରରାଷ୍ଟ୍ର ସହକାରୀ ସଚିବ ହେଲେ ପଲ୍ କପୁର



ୱାଶିଂଟନ,୨୩।୧୦

ଭାରତୀୟ ବଂଶୋଦ୍ଭବ ଏସ୍. ପଲ୍ କପୁର ଆମେରିକାର ପରବର୍ତ୍ତୀ ପରରାଷ୍ଟ୍ର ସହକାରୀ ସଚିବ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ସେ ଦକ୍ଷିଣ ଏବଂ କେନ୍ଦ୍ରୀୟ ଏସିଆ ଦାୟିତ୍ୱରେ ରହିବେ। ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ସହ ସମ୍ପର୍କ ନିଭାଇବାରେ ସେ ଆମେରିକାର ପ୍ରମୁଖ କୂଟନୈତିକ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଆମେରିକା ସିନେଟ୍ ଚଳିତ ମାସ ଆରମ୍ଭରେ କପୁରଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଥିଲା। କପୁରଙ୍କ ବାପା ଭାରତୀୟ ହୋଇଥିବାବେଳେ ମାଆ ଆମେରିକୀୟ। ସେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ଓ ଆମେରିକାର ଶିକାଗୋ ୟୁନିଭର୍ସିଟିରୁ ପିଏଚ୍.ଡି କରିଥିଲେ। ୨୦୨୨ରେ ପାକିସ୍ତାନକୁ ଏଫ୍-୧୬ ଲଢୁଆ ବିମାନ କ୍ରୟ ପାଇଁ ୪୫୦ ନିୟୁତ ଡଲାର ମଞ୍ଜୁରୀ ନେଇ ଜୋ ବାଇଡେନ୍ ପ୍ରଶାସନର ନିଷ୍ପତ୍ତି ଉପରେ ସେ ପ୍ରଶ୍ନ ଉଠାଇଥିଲେ।

## ଆମେରିକାରେ ଦୁର୍ଘଟଣା: ୩ ମୃତ

### ନିଶାଗ୍ରସ୍ତ ଭାରତୀୟ ଟ୍ରକ୍ ଡ୍ରାଇଭର ଗିରଫ



ଜସନ୍‌ପ୍ରୀତ ସିଂ

ୱାଶିଂଟନ୍, ୨୩।୧୦

ଆମେରିକାର ଦକ୍ଷିଣ କାଲିଫର୍ନିଆ ଓଣ୍ଟାରିଓଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ପାଇଁ ପୋଲିସ ଭାରତୀୟ ଯୁବକ ଜସନ୍‌ପ୍ରୀତ ସିଂ(୨୧)ଙ୍କୁ ଦାୟୀ କରିଛି। ଜସନ୍‌ପ୍ରୀତ ମଦ୍ୟପାନ କରି ଟ୍ରକ୍ ଚଳାଉଥିଲେ ଏବଂ ଠିକ୍ ସମୟରେ ବ୍ରେକ୍ ନ ମାରିବାରୁ ରାସ୍ତାରେ ଯାଉଥିବା ଅନେକ କାର୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ପୋଲିସ ଜସନ୍‌ପ୍ରୀତଙ୍କୁ ଗିରଫ କରିଛି। ସେ ଭାରତରୁ ବେଆଇନ ଭାବେ ଆସି ଆମେରିକାରେ ରହୁଥିଲେ। ମେଡିକାଲ ଯାଞ୍ଚରୁ ଜସନପ୍ରୀତ ନିଶାଗ୍ରସ୍ତ ଥିବା ଜଣାପଡ଼ିଛି।



ବ୍ରିଟେନ୍ ରାଜା ତଥା ଚର୍ଚ୍ଚ ଅଫ୍ ଇଂଲଣ୍ଡର ସୁପ୍ରିମ୍ ଗଭର୍ନର ଚାର୍ଲ୍ସ ତୃତୀୟ ଭାଟିକାନ୍ ସିଟି ଗସ୍ତରେ ଯାଇ ଗୁରୁବାର ସିଷ୍ଟିନ୍ ଚାପେଲ୍‌ରେ ପୋପ୍ ଲିଓ ଚତୁର୍ଦ୍ଦଶଙ୍କ ସହ ପ୍ରାର୍ଥନାରେ ଯୋଗ ଦେଇଛନ୍ତି। କାଥୋଲିକ୍ ଚର୍ଚ୍ଚ ସେବାରେ ଭାଗନେବା ରାଜା ହେନ୍‌ରି ଅଷ୍ଟମ୍‌ଙ୍କ ପରେ ବ୍ରିଟେନ୍ ରାଜପରିବାର ଇତିହାସରେ ଏହା ପ୍ରଥମ ଘଟଣା। ଷୋଡ଼ଶ ଶତାବ୍ଦୀରେ ରାଜା ହେନ୍‌ରି ଅଷ୍ଟମ ପୋପ୍ ଅଧିକାରରୁ ଦୂରେଇ ଯାଇଥିଲେ। ୨୦୨୫ ପାପାଲ ଜୁବିଲି ପାଳନ କରିବା ଏବଂ ଚର୍ଚ୍ଚ ଅଫ୍ ଇଂଲଣ୍ଡ ସହ ରୋମାନ୍ କାଥୋଲିକ୍ ଚର୍ଚ୍ଚର ସାର୍ବଭୌମିକ ସମ୍ପର୍କ ବଢ଼ାଇବା ପାଇଁ ୭୬ ବର୍ଷୀୟ କିଙ୍ଗ୍ ଚାର୍ଲ୍ସ ତୃତୀୟ ସ୍ତ୍ରୀ କାମିଲାଙ୍କ ସହ ଭାଟିକାନ୍ ଗସ୍ତରେ ଯାଇଛନ୍ତି।

## ଦିଲ୍ଲୀରେ ଏନ୍‌କାଉଣ୍ଟର

### ବିହାରର ୪ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ନିହତ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ଦିଲ୍ଲୀ ଏବଂ ବିହାର ପୋଲିସ୍‌ର ମିଳିତ ଟିମ୍‌ର ଏନ୍‌କାଉଣ୍ଟରରେ ବିହାରର ୪ ଜଣ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ନିହତ ହୋଇଛନ୍ତି। ସିଗ୍‌ମା ଗ୍ୟାଙ୍ଗ୍‌ର ଏହି ଗ୍ୟାଙ୍ଗଷ୍ଟରମାନେ ବଟି ଆଦାୟ, ହତ୍ୟା ଆଦି ବହୁ ମାମଲାରେ ସମ୍ପୃକ୍ତ ଥିଲେ। ଦିଲ୍ଲୀର ରୋହିଣୀ ଅଞ୍ଚଳରେ ବୁଧବାର ରାତି ପ୍ରାୟ ୨ଟା ୨୦ ମିନିଟ୍ ସମୟରେ ଏହି ଏନ୍‌କାଉଣ୍ଟର ଘଟିଛି। ମୃତକମାନେ ହେଲେ ରଞ୍ଜନ ପାଠକ(୨୫), ବିମଳେଶ ମାହତୋ ଓରଫ୍ ବିମଳେଶ ସାହନି(୨୫), ମନୀଷ ମାଠକ(୩୩) ଏବଂ ଅମନ୍ ଠାକୁର(୨୧)। ସମସ୍ତଙ୍କ ଘର ସୀତାମାଢ଼ି ଜିଲାରେ ବୋଲି ପୋଲିସ ଯୁଗ୍ମ କମିଶନର (ଅପରାଧ) ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ରଞ୍ଜନ ପାଠକ ଗ୍ୟାଙ୍ଗ୍‌ର କିଙ୍ଗପିନ୍ ହୋଇଥିବାବେଳେ ତାଙ୍କ ସମ୍ପର୍କରେ ସୂଚନା ଦେଲେ ୫୦,୦୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ପୋଲିସ ଘୋଷଣା କରିଥିଲା। ୮ଟି ଅପରାଧ ମାମଲାରେ ପୋଲିସ ତାଙ୍କୁ ଖୋଜୁଥିଲା। ଦୁର୍ଦ୍ଧର୍ଷ ଅପରାଧୀ ରଞ୍ଜନ ଗତ ୩ ମାସରେ ୪ଟି ବଟି ଆଦାୟ ତଥା ହତ୍ୟା ସମେତ ୫ଟି ମାମଲାରେ ସମ୍ପୃକ୍ତ ଥିଲେ। ବିହାର ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଗତ ୧୩ ତାରିଖରେ ରଞ୍ଜନ ଜଣେ ବ୍ୟକ୍ତିଙ୍କୁ ବଟି ମାଗିବା ସହ ହତ୍ୟା ଧମକ ଦେଇଥିଲେ। ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନେ ମଧ୍ୟ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ। ଦିଲ୍ଲୀରେ ନିକଟ ଅତୀତରେ ଏହା ସବୁଠୁ ବଡ଼ ଏନ୍‌କାଉଣ୍ଟର ବୋଲି କୁହାଯାଉଛି। ଅପରାଧୀମାନେ ୨୫ରୁ ୩୦ ରାଉଣ୍ଡ ଗୁଳି ଚଳାଇଥିବାବେଳେ ପୋଲିସ ୧୫ରୁ ୨୦ ରାଉଣ୍ଡ ଗୁଳିମାଡ଼ କରିଥିଲା। ଗ୍ୟାଙ୍ଗଷ୍ଟରମାନେ କିଛିଦିନ ହେଲା ରୋହିଣୀ ଅଞ୍ଚଳରେ ରହୁଥିବା ଖବର ପାଇ ପୋଲିସର ମିଳିତ ଟିମ୍ ସେମାନଙ୍କୁ ଠାବ କରିବା ଲାଗି ଅଭିଯାନ ଚଳାଇଥିଲା। ସେମାନେ ଏକ କାର୍‌ରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅନୁସରଣ କରିଥିଲା। ଗ୍ୟାଙ୍ଗଷ୍ଟରମାନେ ଗୁଳି ଚଳାଇବାରୁ ପୋଲିସ ଏହାର ଜବାବ ଦେଇଥିଲା। ଗୁଳିମାଡ଼ରେ ଆହତ ୪ ଗ୍ୟାଙ୍ଗଷ୍ଟରଙ୍କୁ ରୋହିଣୀସ୍ଥିତ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କଠାରୁ ୫ ପିସ୍ତଲ ଜବତ ହୋଇଛି।

# ତେଜସ୍ୱୀ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ଚେହେରା

**ବିହାର ନିର୍ବାଚନ**

**ମୁକେଶ ସହାନି ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ**

**ଜଙ୍ଗଲରାଜକୁ ୧୦୦ ବର୍ଷ ଭୁଲିହେବନି: ମୋଦି**

ପାଟନା/ନୂଆଦିଲ୍ଲୀ,୨୩।୧୦

ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ହେବେ। ମହାମେଣ୍ଟ ପକ୍ଷରୁ ଗୁରୁବାର ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି। ଏହି ଘୋଷଣା ସହ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି।

ପାଟନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ନାମ ଘୋଷଣା କରିଛନ୍ତି। ବିରୋଧୀ ମହାମେଣ୍ଟ କ୍ଷମତାକୁ ଆସିଲେ ବିକାଶଶୀଳ ଇନ୍‌ସାନ ପାର୍ଟି (ଭିଆଇପି) ମୁଖ୍ୟ ମୁକେଶ ସହାନି ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଗେହଲଟ୍ ସୂଚନା ଦେଇଛନ୍ତି। ତେବେ ମିଳିତ ଖବରଦାତା ସମ୍ମିଳନୀରେ ଲଗାଯାଇଥିବା ବ୍ୟାନରରେ ଇଣ୍ଡିଆ ବ୍ଲକ୍‌ର ଶୀର୍ଷ ନେତାମାନଙ୍କ ଫଟୋ ନ ରହିବା ନେଇ ବିବାଦ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବା ବ୍ୟାନରରେ କେବଳ ତେଜସ୍ୱୀଙ୍କ ଏକ ବଡ଼ ଫଟୋ ରହିଛି, ଯାହାକୁ ନେଇ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଓ ମୁକେଶଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଗେହଲଟ୍, ସିପିଆଇ-ଏମ୍ଏଲ୍ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗେହଲଟ୍ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ, ତୁମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ? ଏନ୍‌ଡିଏ ବିହାରରେ ପ୍ରାୟ ୨ ଦଶନ୍ଧି ଧରି କ୍ଷମତାରେ ରହିଛି। କିନ୍ତୁ ଶାସକ ମେଣ୍ଟ ପୁଣି ସରକାର ଗଢ଼ିଲେ ଏହାର ମଙ୍ଗ କିଏ ଧରିବ ତାକୁ ନେଇ ପ୍ରଥମ ଥର ପାଇଁ ସେମାନେ ଅନିଶ୍ଚିତତା ଭିତରେ ରହିଛନ୍ତି।



ପାଟନାରେ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଯାଦବଙ୍କ ସହ ଅଶୋକ ଗେହଲଟ୍।

ଅନ୍ୟପକ୍ଷେ ଇଣ୍ଡିଆ ବ୍ଲକ୍‌ର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ପାଟନାର ହୋଟେଲ ମୌର୍ଯ୍ୟରେ ତେଜସ୍ୱୀଙ୍କ ନାମ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ଘୋଷଣା କରାଯିବାକୁ ସ୍ଥିର ହୋଇଥିଲା। ଶେଷ ମୁହୂର୍ତ୍ତରେ ମୁକେଶ କହିଥିଲେ, ମୋତେ ଉପମୁଖ୍ୟମନ୍ତ୍ରୀ କରାଅ। ସୂତ୍ରରୁ ଜଣାପଡ଼ିଛି ଯେ, ଭିଆଇପିକୁ ସମ୍ମାନଜନକ ସ୍ଥାନ ନ ମିଳିଲେ ମହାମେଣ୍ଟରେ ମୁକେଶ ସାମିଲ ହେବେ ନାହିଁ ବୋଲି ଅଡ଼ିବସିଥିଲେ। ତାଙ୍କ ଦଳକୁ ସମର୍ଥନ କରୁଥିବା ମାଲ୍ଲାହ ସମ୍ପ୍ରଦାୟର ଭୋଟର ବିହାର ସାରା ରହିଥିବାରୁ ସେ ମୂଳଚାଲ କରି ଉପମୁଖ୍ୟମନ୍ତ୍ରୀ ଆଶାୟୀ କରାଇବା ପାଇଁ ମହାମେଣ୍ଟକୁ ଏକପ୍ରକାର ବାଧ୍ୟ କରିଥିଲେ।

ବିହାରରେ ପୂର୍ବରୁ ଚାଲିଥିବା ଜଙ୍ଗଲରାଜକୁ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ଭୁଲିହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ଭାଜପା କର୍ମୀମାନଙ୍କୁ କହିଛନ୍ତି। ଏଥିସହ ସେହି ସମୟର ସ୍ମୃତିକୁ ଯୁବପୀଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଔରଙ୍ଗାବାଦ ଓ ହାଜିପୁରରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମହାମେଣ୍ଟକୁ ସମାଲୋଚନା କରିଛନ୍ତି। ବିହାରରେ ବିକାଶ ଓ ବିନାଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। କଂଗ୍ରେସ ଏକ ପରଜୀବୀ ଦଳ ହୋଇଥିବାରୁ ଆର୍‌ଜେଡି ଭଳି ଜୁନିୟର ପାର୍ଟିକୁ ସୁଯୋଗ ଦେଉଛି ବୋଲି ନଡ୍ଡା କହିଛନ୍ତି।

## ମା'ବାପା ସମ୍ପତ୍ତି ବିକିଥିଲେ ସାବାଳକ ହେବା ପରେ ରଦ୍ଦ କରିପାରିବେ ପିଲା

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ପିଲା ନାବାଳକ ଥିବାବେଳେ ତାଙ୍କ ସହ ସମ୍ପୃକ୍ତ ସମ୍ପତ୍ତିକୁ କୋର୍ଟଙ୍କ ଅନୁମୋଦନ ବିନା ମା'ବାପା ବିକ୍ରି କରିଥିଲେ, ସେ ସାବାଳକ ହେବା ପରେ ଏହାକୁ ରଦ୍ଦ କରିପାରିବେ। ଏଥିପାଇଁ ଆନୁଷ୍ଠାନିକ ମକଦ୍ଦମା ଦାଏର କରିବା ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗତ ୭ ତାରିଖରେ କେ.ଏସ୍. ଶିବାପ୍ପା ବନାମ୍ ଶ୍ରୀମତୀ କେ. ନୀଲମ୍ମା ମାମଲା ଉପରେ ଉପରୋକ୍ତ ରାୟ ପ୍ରଦାନ କରିବା ଅବସରରେ ସର୍ବୋଚ୍ଚ ଅଦାଲତ କହିଥିଲେ, ନାବାଳକ ସାବାଳକତ୍ୱ ପ୍ରାପ୍ତ ହେବା ପରେ ପୂର୍ବରୁ ହୋଇଥିବା ସମ୍ପତ୍ତି କାରବାରକୁ ସ୍ପଷ୍ଟ ଭାବେ ଅସ୍ୱୀକାର କରିପାରିବେ। ସେମାନେ ଉକ୍ତ ସମ୍ପତ୍ତିକୁ ସ୍ୱାଧୀନ ଭାବେ ବିକ୍ରି କିମ୍ବା ହସ୍ତାନ୍ତର କରିପାରିବେ ବୋଲି ଜଷ୍ଟିସ୍ ପଙ୍କଜ ମିଥାଲ ଏବଂ ପ୍ରସନ୍ନ ବି ଭରାଲେ କହିଛନ୍ତି। ନାବାଳକଙ୍କ ମା'ବାପା ବା ଅଭିଭାବକ ରଦ୍ଦ ହେବାଯୋଗ୍ୟ କୌଣସି କାରବାର କରିଥିଲେ, ସମ୍ପୃକ୍ତ ପିଲାଙ୍କୁ ୧୮ ବର୍ଷ ହେବା ପରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଉକ୍ତ କାରବାରକୁ ରଦ୍ଦ କରାଇପାରିବେ କିମ୍ବା ନିଜର ସ୍ପଷ୍ଟ ଆଚରଣ ଦ୍ୱାରା ତାହାକୁ ଅସ୍ୱୀକାର କରିପାରିବେ ବୋଲି ରାୟରେ କୁହାଯାଇଛି।

## ଆସିଆନ୍ ସମିଟ୍‌ରେ ଭର୍ଚୁଆଲି ଯୋଗଦେବେ ମୋଦି

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ବାର୍ଷିକ ଆସିଆନ୍ ସମିଟ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଲେସିଆ ଯିବେନାହିଁ। ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍‌ଙ୍କ ସହ ଫୋନ୍ ବାର୍ତ୍ତାଳାପ ପରେ ମୋଦି ଭର୍ଚୁଆଲି ଉକ୍ତ ବୈଠକରେ ଯୋଗଦେବେ ବୋଲି କହିଛନ୍ତି। ଆସନ୍ତା ୨୭ରେ କୁଆଲାଲୁମ୍ପୁରରେ ଅନୁଷ୍ଠିତ ହେବାକୁ ଥିବା ୨୦ତମ ପୂର୍ବ ଏସୀୟ ସମିଟ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରିବେ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ଦକ୍ଷିଣପୂର୍ବ ଏସୀୟ ଦେଶ ସମୂହ(ଆସିଆନ୍) ଉକ୍ତ ଅଞ୍ଚଳରେ ଏକ ପ୍ରଭାବଶାଳୀ ରାଷ୍ଟ୍ରଗୋଷ୍ଠୀ। ଭାରତ ସମେତ ଆମେରିକା, ଚାଇନା, ଜାପାନ ଓ ଅଷ୍ଟ୍ରେଲିଆ ଭଳି ଦେଶ ଏହାର ଡାଇଲଗ୍ ପାର୍ଟନର ଅଛନ୍ତି। ସେହିପରି ପୂର୍ବଏସୀୟ ସମିଟ୍‌ରେ ଭାରତ, ଚାଇନା, ଜାପାନ, କୋରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆମେରିକା ଓ ରୁଷିଆ ରହିଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ସେ ବୁଧବାର ରାତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଥିଲେ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ନେଇ ଆଲୋଚନା କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସାମ୍ନାସାମ୍ନି ହୋଇ ଅଡୁଆରେ ପଡ଼ିବାକୁ ଚାହୁଁ ନ ଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଆସିଆନ୍ ସମିଟ୍‌ରେ ଯୋଗଦେବାକୁ ଯାଉନାହାନ୍ତି ବୋଲି କଂଗ୍ରେସ କହିଛି। ସୋସିଆଲ ମିଡିଆରେ ଟ୍ରମ୍ପ୍‌ଙ୍କୁ ପ୍ରଶଂସା କରି ବାର୍ତ୍ତା ପୋଷ୍ଟ କରିବା ଅଲଗା କଥା ଏବଂ ଅପରେଶନ ସିନ୍ଦୂରକୁ ବନ୍ଦ କରାଇଥିବା ନେଇ ୫୩ ଥର ଦାବି କରିଥିବା ଏବଂ ରୁଷିଆରୁ ଭାରତ ତୈଳ କିଣା ବନ୍ଦ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ୫ ଥର କହିଥିବା ଟ୍ରମ୍ପ୍‌ଙ୍କୁ ସିଧାସଳଖ ଭେଟିବା ଅଲଗା କଥା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ପାକିସ୍ତାନରୁ ରାଞ୍ଚି ଆସୁଥିଲା ଅସ୍ତ୍ରଶସ୍ତ୍ର

### ୩ ପାକିସ୍ତାନୀ ପିସ୍ତଲ ସହ ୫ ଗ୍ୟାଙ୍ଗଷ୍ଟର ଗିରଫ

ରାଞ୍ଚି, ୨୩।୧୦

ଝାଡ଼ଖଣ୍ଡର ରାଞ୍ଚି ପୋଲିସ ଗୁରୁବାର ସହରର ବିଆଇଟି ମେସ୍ରା ଏବଂ ଅର୍‌ଗୋରା ଅଞ୍ଚଳରୁ ଜଣେ ମହିଳାଙ୍କ ସମେତ ୫ ଗ୍ୟାଙ୍ଗଷ୍ଟର୍‌ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ କୋୟଲାଞ୍ଚଳ ଶାନ୍ତି ସେନା (କେଏସ୍ଏସ୍)ର ଗ୍ୟାଙ୍ଗ୍ ସଦସ୍ୟ ଭାବେ ଚିହ୍ନଟ ହୋଇଥିବାବେଳେ ସେମାନେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ପ୍ରିନ୍ସ ଖାନ୍ ଗ୍ୟାଙ୍ଗ୍ ସହ ମଧ୍ୟ ଜଡ଼ିତ ଥିଲେ। ଗିରଫ ମହିଳା ଗ୍ୟାଙ୍ଗଷ୍ଟର୍ ଜଣକ କେଏସ୍ଏସ୍ ନେତା ସୁଜିତ ସିହ୍ନାଙ୍କ ସ୍ତ୍ରୀ ରିଆ ସିହ୍ନା। ୫ ଗ୍ୟାଙ୍ଗଷ୍ଟରଙ୍କର ପୂର୍ବରୁ ଆପରାଧିକ ରେକର୍ଡ ରହିଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ପାକିସ୍ତନ ନିର୍ମିତ ପିସ୍ତଲ, ଗୋଟିଏ ୪ ଚକିଆ ଯାନ, ୬ଟି ମୋବାଇଲ ଫୋନ୍ ଏବଂ ୧୦ ଲକ୍ଷ ଟଙ୍କାର ନଗଦ ରାଶି ଜବତ କରାଯାଇଛି। ରାଞ୍ଚି ଏସ୍‌ପି (ସିଟି) ପାରସ ରାଣା କହିଛନ୍ତି, କେଏସ୍ଏସ୍ ନେତା ସୁଜିତ ସିହ୍ନା ୟୁଏଇର ଗ୍ୟାଙ୍ଗଷ୍ଟର୍ ପ୍ରିନ୍ସ ଖାନ୍‌ଙ୍କ ସହ ସମ୍ପର୍କରେ ଥିଲେ। ପ୍ରିନ୍ସଙ୍କ ସହଯୋଗରେ ସୁଜିତ ପାକିସ୍ତାନରୁ ଡ୍ରୋନ୍ ମାଧ୍ୟମରେ ପଞ୍ଜାବ ଦେଇ ଅସ୍ତ୍ରଶସ୍ତ୍ର ଆଣୁଥିଲେ। ବ୍ୟାବସାୟୀମାନଙ୍କୁ ଧମକାଇବା ଏବଂ ସେମାନଙ୍କଠାରୁ ଜବରଦସ୍ତ ଚାନ୍ଦା ଆଦାୟ କରିବା ପାଇଁ ସୁଜିତ ଓ ତାଙ୍କ ଗ୍ୟାଙ୍ଗ୍ ସଦସ୍ୟ ଉକ୍ତ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ ବୋଲି ପଚରାଉଚରାରୁ ଜଣାପଡ଼ିଥିବା ପୋଲିସ କହିଛି।

## ବନ୍ଧୁତା ବଳାତ୍କାର ପାଇଁ ଲାଇସେନ୍ସ ନୁହେଁ: ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୧୦

ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା ପାଇଁ ବନ୍ଧୁତା ଲାଇସେନ୍ସ ଦେଇ ନ ଥାଏ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଶିଶୁ ଯୌନ ଅପରାଧ ନିବାରଣ ଆଇନ (ପୋକ୍‌ସୋ) ଅନୁଯାୟୀ ପଞ୍ଜୀକୃତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଜଣେ ୧୭ ବର୍ଷୀୟ କିଶୋରୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଉଭୟ ଉତ୍ତମ ବନ୍ଧୁ ଥିଲେ ବୋଲି ଅଭିଯୁକ୍ତଙ୍କ ଯୁକ୍ତିକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି, ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା, ବନ୍ଧକ ରଖିବା କିମ୍ବା ନିଷ୍ଠୁର ଭାବେ ମାଡ଼ ମାରିବା ପାଇଁ ବନ୍ଧୁତା ଲାଇସେନ୍ସ ଦେଇ ନ ଥାଏ।




ପୂର୍ବରୁ ଏହି ମାମଲାରେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ୪ ଥର ଖାରଜ କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେ ତଦନ୍ତରେ ସାମିଲ ହୋଇନାହାନ୍ତି, ଯାହା ଉଦ୍‌ବେଗଜନକ। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ସେ ଅଭିଯୁକ୍ତଙ୍କୁ ଅନେକ ବର୍ଷ ଧରି ଜଣେ ପଡ଼ୋଶୀ ଭାବରେ ଜାଣିଥିଲେ। ଅଭିଯୁକ୍ତ ଜଣକ ତାଙ୍କୁ ତାଙ୍କ ବନ୍ଧୁଙ୍କ ଘରକୁ ନେଇ ସେଠାରେ ମାଡ଼ ମାରିବା ସହ ବାରମ୍ବାର ଯୌନନିର୍ଯାତନା ଦେଇଥିଲେ ଏବଂ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ।

## ଶ୍ୱାସରୁଦ୍ଧ ହୋଇ କଂଗ୍ରେସ ନେତାଙ୍କ ମୃତ୍ୟୁ



ପ୍ରଭେଶ ଅଗ୍ରୱାଲ

ଭୋପାଳ,୨୩।୧୦

ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଗୁରୁବାର ଭୋର ସମୟରେ ଏକ ପେଣ୍ଟହାଉସ୍‌ରେ ନିଆଁଲାଗି କଂଗ୍ରେସ ନେତା ପ୍ରଭେଶ ଅଗ୍ରୱାଲଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ୧୪ ବର୍ଷୀୟ ଝିଅ ସୌମ୍ୟା ଗୁରୁତର ଅବସ୍ଥାରେ ବମ୍ବେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପେଣ୍ଟହାଉସ୍‌ରେ ଥିବା ଏକ ମନ୍ଦିରର ଅଖଣ୍ଡ ଜ୍ୟୋତିରୁ ନିଆଁଲାଗି ସମ୍ପୂର୍ଣ୍ଣ ଘରକୁ ବ୍ୟାପିଯାଇଥିଲା। ଶ୍ୱାସରୁଦ୍ଧ ହୋଇ ପର୍ଭେଶଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଶ୍ୱେତା ଠିକ୍‌ସମୟରେ ଝିଅକୁ ହସ୍ପିଟାଲ ନେଇଯିବାରୁ ତାଙ୍କ ଜୀବନ ରକ୍ଷା ହୋଇପାରିଛି।

## ହିମାଳୟ ହିମହ୍ରଦ: ୧୪ ବର୍ଷରେ ୯% ବିସ୍ତାରିତ

**ଜଳବାୟୁ ପରିବର୍ତ୍ତନର ପ୍ରଭାବ**

ନୂଆଦିଲ୍ଲୀ, ୨୩।୧୦

ଗତ ୧୪ ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ହିମାଳୟ ଅଞ୍ଚଳର ହିମହ୍ରଦ ଏବଂ ଅନ୍ୟାନ୍ୟ ଜଳାଶୟଗୁଡ଼ିକ ୯.୨୪% ବିସ୍ତାରିତ ହୋଇଛି। ଗୁରୁବାର କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ଙ୍କ ପକ୍ଷରୁ ଜାରି ଏକ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ହିମାଳୟ ଅଞ୍ଚଳରେ ଥିବା ହିମହ୍ରଦ ଏବଂ ଜଳାଶୟଗୁଡ଼ିକର ମୋଟ କ୍ଷେତ୍ରଫଳ ୨୦୧୧ରେ ୫.୩୦ ଲକ୍ଷ ହେକ୍ଟର ଥିବାବେଳେ ୨୦୨୫ରେ ଏହା ବୃଦ୍ଧିପାଇ ୫.୭୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଗତ ୧୪ ବର୍ଷ ମଧ୍ୟରେ ହିମାଳୟ ଅଞ୍ଚଳରେ ୧,୪୩୫ଟି ହିମହ୍ରଦ ଏବଂ ଜଳାଶୟର କ୍ଷେତ୍ରଫଳ ବୃଦ୍ଧି ପାଇଥିବାବେଳେ ୧,୦୦୮ଟିର ହ୍ରାସ ପାଇଛି। ଗୁଗଲ ଆର୍ଥ ଇଞ୍ଜିନ ମାଧ୍ୟମରେ ଉଚ୍ଚ ରିଜୋଲ୍ୟୁଶନ ସେଣ୍ଟିନଲ ସାଟେଲାଇଟ ଦ୍ୱାରା ଏହି ତଥ୍ୟ ହସ୍ତଗତ ହୋଇଥିବା ନେଇ ସିଡବ୍ଲ୍ୟୁସି ନିଜ ରିପୋର୍ଟରେ ଦର୍ଶାଇଛି। ଭାରତରେ ଥିବା ୪୨୮ଟି ହିମହ୍ରଦ ବିସ୍ତାରିତ ହୋଇଥିବା ବେଳେ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଏହାର ସଘନ ତଦାରଖ ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି। ଲଦାଖରେ ଥିବା ୧୩୩, ଜମ୍ମୁ-କଶ୍ମୀରର ୫୦, ହିମାଚଳ ପ୍ରଦେଶର ୧୩, ଉତ୍ତରାଖଣ୍ଡର ୭, ସିକିମର ୪୪ ଏବଂ ଅରୁଣାଚଳ ପ୍ରଦେଶରେ ଥିବା ୧୮୧ଟି ହିମହ୍ରଦ ବିସ୍ତାରିତ ହୋଇଛି।






# ଆମେ ଦେଶର ଆଇନଗତ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିଆସୁଛୁ: ଜିନ୍ଦଲ ଷ୍ଟିଲ୍

ଭୁବନେଶ୍ୱର,୨୩।୧୦

ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍‌ଲାଇନ ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଜିନ୍ଦଲ ଷ୍ଟିଲ୍ ରୋଇଡା-୧ ଆଇରନ ଓର୍ ବ୍ଲକ୍‌ର ଲିଜ୍ ହାସଲ କରିଥିଲା। ଏମ୍‌ଏମ୍‌ଡିଆର୍ ନିୟମ ଅନୁସାରେ ପୂର୍ବତନ ଲିଜ୍‌ଧାରୀ ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଥିବା ସମସ୍ତ ଅଧିକାର, ମଞ୍ଜୁରୀ ଓ ବୈଧାନିକ ଅନୁମତି ଆଇନତଃ ଜିନ୍ଦଲ ଷ୍ଟିଲ୍‌କୁ ସ୍ଥାନାନ୍ତର ହେବା ସହ ମାଇନିଂ ଲିଜ୍ ଚୁକ୍ତି ହେବା ତାରିଖରୁ ଏମ୍‌ଡିପିଏ ଲକ୍ଷ୍ୟ ହାସଲ କରିବା ପାଇଁ ନିରବଚ୍ଛିନ୍ନ ମାଇନିଂ କାର୍ଯ୍ୟ ଜାରି ରଖିବା ନିମନ୍ତେ ଅନୁମତି ଜିନ୍ଦଲ ଷ୍ଟିଲ୍ ଯୋଗ୍ୟତା ହାସଲ କରିଥିଲା।

ପୂର୍ବ ଲିଜ୍‌ଧାରୀଙ୍କୁ ମିଳିଥିବା ଅନୁମତି ଭଳି ନିୟମାବଳୀ ଅନୁପାଳନର ଏକ ଅଂଶ ଭାବେ ବନ ବିଭାଗ ଜିନ୍ଦଲ ଷ୍ଟିଲକୁ ମଧ୍ୟ ଖଣିଜ ପରିବହନ ପାଇଁ କାର୍ଯ୍ୟ ଅନୁମତି ପ୍ରଦାନ କରିଛି। ବନ ବିଭାଗର କାର୍ଯ୍ୟ ଅନୁମତି ଆଧାରରେ ପୂର୍ବ ଲିଜ୍‌ଧାରୀ ଖଣିଜ ପରିବହନ ପାଇଁ ଯେଉଁ ରାସ୍ତା ବ୍ୟବହାର କରୁଥିଲେ, ସେହି ରାସ୍ତା ବ୍ୟବହାରକରି ଜିନ୍ଦଲ ଷ୍ଟିଲ୍ ଗତ ଦୁଇ ମାସ ଧରି ମାଇନିଂ କାର୍ଯ୍ୟ କରିଆସୁଛି।

ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ପରାମର୍ଶ ଅନୁସାରେ ଜିନ୍ଦଲ ଷ୍ଟିଲ ଉକ୍ତ ରାସ୍ତା ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପୁରୁଣା ଲିଜ୍‌ଧାରୀଙ୍କଠାରୁ ନୂଆ ଲିଜ୍‌ଧାରୀଙ୍କୁ ଜଙ୍ଗଲ ଜମି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁଥିରେ କ୍ଷତିପୂରକ ବନୀକରଣ ପ୍ରକ୍ରିୟା ମଧ୍ୟ ଅନ୍ତର୍ଭୁକ୍ତ।

ନିକଟରେ ଜିଲା ବନ ବିଭାଗ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ଅନୁମତିକୁ ରଦ୍ଦ କରାଯିବା, ଆମ ପାଇଁ ଆକସ୍ମିକ ଏବଂ ଅପ୍ରତ୍ୟାଶିତ। ଏହାର ତୁରନ୍ତ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ସ୍ଥାନୀୟ ବନ ବିଭାଗ ଅଧିକାରୀ ଏବଂ ଜିଲା ପ୍ରଶାସନ ସହ ଆଲୋଚନା ଜାରି ରହିଛି। ଏକ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ ସଂସ୍ଥା ଭାବେ କମ୍ପାନୀ ସର୍ବଦା ଆଇନର ଅନୁପାଳନ ପୂର୍ବକ କାର୍ଯ୍ୟ କରିଆସୁଛି ବୋଲି କମ୍ପାନୀର ମୁଖପାତ୍ର ସଞ୍ଜୟ ସାହୁ ଜଣାଇଛନ୍ତି।

# କୋରାପୁଟ-କିରାଣ୍ଡୁଳ ରେଳ ଧାରଣାରେ ପଥର ଖସି ରେଳ ଚଳାଚଳ ବନ୍ଦ

କୋରାପୁଟ,୨୩।୧୦ (ଅମିତାଭ ବେହେରା)

କୋରାପୁଟ-କିରାଣ୍ଡୁଳ ରେଳଲାଇନ ମାଲିଗୁଡ଼ା ଷ୍ଟେଶନ ନିକଟ ରେଳ ଧାରଣାରେ ପାହାଡ଼ରୁ ପଥର ଧସି ରେଳ ଚଳାଚଳ ଗୁରୁବାର ଅପରାହ୍ନରେ ବନ୍ଦ ରହିଛି। କୋରାପୁଟ-ଜୟପୁର ରେଳପଥର ମାଲିଗୁଡା-ଜରଟି ଷ୍ଟେଶନ ମଧ୍ୟରେ ୨୧୦ କି.ମି. ନିକଟରେ ପାହାଡ଼ରୁ ପଥର ଧସିଥିଲା। କିରାଣ୍ଡୁଳ ଅଭିମୁଖେ ଯାଉଥିବା ୧ ଭିକେ ପାସେଞ୍ଜର ଟ୍ରେନ୍ ଜରଟି ଷ୍ଟେଶନରେ ଅଟକି ରହିଥିଲା। ସେହିପରି ଜଗଦଲପୁରରୁ କୋରାପୁଟ ଅଭିମୁଖେ ଆସୁଥିବା ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ମାଲିଗୁଡ଼ା ଷ୍ଟେଶନରେ ଅଟକିଥିଲା। କୋରାପୁଟ ଷ୍ଟେଶନରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେଳ ଧାରଣାରୁ ପଥର ଓ ମାଟି ସଫା କରିଥିଲେ। ଏହା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିବା କୋରାପୁଟ ଷ୍ଟେଶନ ମାଷ୍ଟର ବଳରାମ ମୁଦୁଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବାରମ୍ବାର ଏହି ସ୍ଥାନରେ ପଥର ଧସି ଟ୍ରେନ୍ ଚଳାଚଳରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି।

# ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱ ବାଣ୍ଟିଲା ଭାଜପା

- **୮ ଜୋନ୍ ଦାୟିତ୍ୱରେ ରହିବେ ୮ ମନ୍ତ୍ରୀ**
- **ନିର୍ବାଚନ ପରିଚାଳନା ଦାୟିତ୍ୱରେ କନକ ବର୍ଦ୍ଧନ, ଜୟନାରାୟଣ**

ଭୁବନେଶ୍ୱର, ୨୩।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ନେଇ ଭାଜପା ପକ୍ଷରୁ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ନିର୍ବାଚନ ପରିଚାଳନା କମିଟି ଦଳ ପକ୍ଷରୁ ଗଠନ କରାଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର ରହିଛନ୍ତି। ଉପନିର୍ବାଚନ ନ ସରିବା ଯାଏ ଉଭୟେ କନକବର୍ଦ୍ଧନ ଏବଂ ଜୟନାରାୟଣ ନୂଆପଡ଼ାରେ ରହି ସବୁ ଦାୟିତ୍ୱ ବୁଝିବେ ବୋଲି ଜଣାପଡ଼ିଛି। ନୂଆପଡ଼ା ଉପନିର୍ବାଚନର ସବୁ ଦାୟିତ୍ୱ ଏକ ପ୍ରକାର ରାଜ୍ୟ ସଭାପତି ନିଜେ ବୁଝୁଥିବା ବେଳେ ତାଙ୍କ ସହ ଦଳର ସବୁ ସାଧାରଣ ସମ୍ପାଦକ ମଧ୍ୟ ରହିଛନ୍ତି। ହେଲେ ନିର୍ବାଚନ ପରିଚାଳନା କମିଟିର ମୁଖ୍ୟ ହିସାବରେ କନକବର୍ଦ୍ଧନ ଏବଂ ଜୟନାରାୟଣ ଉପନିର୍ବାଚନର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ମଧ୍ୟ ବୁଝିବେ। ଏହାସହ କ୍ୟାମ୍ପେନ୍ କମିଟିରେ ଭାଜପା ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ବସନ୍ତ ପଣ୍ଡା, ଏମ୍‌ପି ମାଳବିକା ଦେବୀ, ସୁଜିତ୍ କୁମାର, ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଖରିଆର ଏନ୍‌ଏସି ଅଧ୍ୟକ୍ଷ ସୋନାଲି ଜୈନ୍, ମନ୍ତ୍ରୀ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ ଏବଂ ମୁକେଶ ମହାଲିଙ୍ଗ ରହିଛନ୍ତି। ଏ ହ । ସ ହ ଦଳ ପକ୍ଷରୁ ୮ଟି ଜୋନ୍ ଦାୟିତ୍ୱ ୮ ଜଣ ମନ୍ତ୍ରୀଙ୍କ ମଧ୍ୟ ବାଣ୍ଟିଦିଆଯାଇଛି। ବଞ୍ଜାରୀ ଜୋନ୍‌ର ଦାୟିତ୍ୱ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଦିଆଯାଇଛି। ସୁନାଦେଇ ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗଣେଶୀ ରାମ ସିଂ ଖୁଣ୍ଟିଆ, ପାତାଳେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଜୟଜଂଘା ଜୋନ୍ ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ଦାୟିତ୍ୱରେ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଖରିଆର୍ ରୋଡ୍ ଏନ୍‌ଏସି ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ତି।

# ଡିସେମ୍ବର ୬ରୁ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

- **ୟୁକେ, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀମାନେ ଯୋଗଦେବେ**
- **ସବୁ ରାଜ୍ୟର ଶକ୍ତିମନ୍ତ୍ରୀ ମଧ୍ୟ ଯୋଗଦେବେ**

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୬ ଓ ୭ ତାରିଖରେ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀର ଆୟୋଜନ ହେବ। ଏଥିରେ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରେଟେଜିକ୍ କାଉନସେଲର ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀ ପ୍ରମୁଖ ଯୋଗଦେବା ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ସୁନ୍ଦର ପ୍ଲାଟ୍‌ଫର୍ମ ଯୋଗାଇଦେବ। ପରିବେଶ ସହ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ୨ ଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମ୍‌ଡି, ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା, ଏମ୍‌ଡି ଗ୍ରୀଡ୍‌କୋ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ, ନିନାଦ ସାଗର ଓ ପିଏରେ ୱାଲସ୍ (ଆଭାସି) ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ଭୀର ଆକ୍ରମଣରେ ଯୁବକଙ୍କ ହାତ ଛିଣ୍ଡିଲା

ବଇଣ୍ଡା, ୨୩।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ଝାମ୍ପୁଲି ଗ୍ରାମ ନାଳକୁ ଗୁରୁବାର ଶୌଚ ପାଇଁ ଯାଇଥିବା ସ୍ଥାନୀୟ ଯୁବକ ରଞ୍ଜିତ ପ୍ରଧାନ (୫୦) କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ରଞ୍ଜିତଙ୍କ ଗୋଟିଏ ହାତ ଅଧାରୁ ଛିଣ୍ଡିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ରଞ୍ଜିତ ଛେଳି ଚରାଇବା ପାଇଁ ଯାଇଥିଲେ। ପରେ ଝାମ୍ପୁଲି ନାଳରେ ଶୌଚ ହେଉଥିବା ବେଳେ ହଠାତ୍ ଏକ କୁମ୍ଭୀର ତାଙ୍କ ବାମ ହାତକୁ କାମୁଡ଼ି ଧରିଥିଲା। ଫଳରେ ତାଙ୍କ ହାତ ଅଧାରୁ ଛିଣ୍ଡି ଯାଇଥିଲା। ନାଳ ନିକଟରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ବାମୁର ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତୁରନ୍ତ ରଞ୍ଜିତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

DSPL-324
ଓଡ଼ିଶା ସରକାର
ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫
ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫, ତା ୬ ଡିସେମ୍ବର ୨୦୨୫ ରିଖ ଠାରୁ ତା ୧୭ ଡିସେମ୍ବର ୨୦୨୫ ରିଖ ପର୍ଯ୍ୟନ୍ତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଯାଉଅଛି । ସମସ୍ତ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିକ୍ରେତା ଏବଂ ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଧାରିତ ଫର୍ମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟରୁ ଡାଉନଲୋଡ କରି ନିମ୍ନରେ ପ୍ରଦତ୍ତ ଇମେଲରେ ପ୍ରେରଣ କରିବେ ଅଥବା ବ୍ୟକ୍ତିଗତ ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟାଳୟରେ ପୈଠ କରିପାରିବେ ।
ଦୂରଭାଷ : ୭୯୭୮୬୭୭୨୪୮
ଇ-ମେଲ :- odishastatebookfair@gmail.com
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ https://culture.odisha.gov.in/ ଦେଖନ୍ତୁ
ଷ୍ଟଲ ସଂରକ୍ଷଣ ଶେଷ ତାରିଖ ୨୦-୧୧-୨୦୨୫



OIPR-03029/13/0074/2526
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଆଜି ଲଘୁଚାପ ସମ୍ଭାବନା, ୪ଦିନ ବର୍ଷା

**ସୁନ୍ଦରଗଡ଼ରେ ଅନୁଭୂତ ହେଲା ହାଲୁକା କୁହୁଡ଼ି**

ଭୁବନେଶ୍ୱର, ୨୩।୧୦ (ବନ୍ଦନା ସେଠୀ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଶୁକ୍ରବାର ଦକ୍ଷିଣ ପୂର୍ବ ଏବଂ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବ ଏବଂ ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪ଦିନ ଧରି ବର୍ଷା ହେବା ନେଇ ଆକଳନ କରାଯାଇଛି। ଶୁକ୍ରବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ନୟାଗଡ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ହାଲୁକା କୁହୁଡ଼ି ପଡ଼ିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକରେ ତାପମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଥିବା ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିପାଟଣା, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ପୋଲିସ ପକ୍ଷରୁ 'ମାନବ ଚୋରା ଚାଲାଣ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା', ସ୍ଥାନ: ପୋଲିସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରବିଚାଷ ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: କୃଷିଭବନ ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶ ପ୍ରଦର୍ଶନ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଟିମ୍ ଟାଲି ପକ୍ଷରୁ ଟାକ୍ସ ଆଣ୍ଡ ଆକାଉଣ୍ଟିଂ ଟାଇଟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ମେଫେୟାର୍ କନ୍‌ଭେନ୍‌ଶନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଜନତା ଅଧିକାରର ବେକାରୀ ମୁକ୍ତ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ବାଦିକ ସଂଘ ସଭାଗୃହ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୨୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ' ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ, ସ୍ଥାନ: ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ବାଲିଅନ୍ତା, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ପାଳନ ଅବସରରେ ଭଜନ ସମାରୋହ, ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**କଟକ**
- ସୂଚନା ମନ୍ତ୍ରାଳୟ ଅଧୀନ ଭୁବନେଶ୍ୱର ପ୍ରେସ୍ ଇନ୍‌ଫର୍‌ମେଶନ ବ୍ୟୁରୋ ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା, ସ୍ଥାନ: ଆନେକ୍ସ-୨ ପ୍ରେକ୍ଷାଳୟ, କଟକ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷାବିତ୍ ବୀଣାପାଣି ଜେନାଙ୍କ ପ୍ରଥମ ପୂଣ୍ୟତିଥି ଅବସରରେ ପ୍ରତିମୂର୍ତ୍ତି ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: ପ୍ରଫେସରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ପୁରୀ**
- ଉଗ୍ରତାରା ବ୍ୟବସାୟୀ ମହାସଂଘ ପକ୍ଷରୁ ଆୟୋଜିତ କାଳୀପୁଜା ଉପଲକ୍ଷେ ବସ୍ତ୍ର ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ବାଡ଼ ସାହି, ସମୟ: ସନ୍ଧ୍ୟା ୭ଟା।
- ସାଇବର ସୁରକ୍ଷା ସଚେତନତା ଅଭିଯାନର ଶୁଭ ଉଦ୍‌ଘାଟନ, ସ୍ଥାନ: ଶରଧାବାଲି, ସମୟ: ସକାଳ ୭ଟା ୩୦।
- ପୁରୀ ରେଲୱେଷ୍ଟେଶନ ଟ୍ୟାକ୍ସି ଆସୋସିଏଶନର କାଳୀପୂଜା ଉତ୍ସବ ଅବସରରେ ରାମଲୀଳା ପରିବେଷଣ, ସ୍ଥାନ: ରେଲୱେ ଷ୍ଟେଶନ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

**ଖୋର୍ଦ୍ଧା**
- ସାଇବର ନିରାପତ୍ତା ସଚେତନତା ଅଭିଯାନ ଶୁଭାରମ୍ଭ, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପର୍ବାହ୍ନ ୧୧ଟା।
- ଭାଲିଆବାଡ଼ି କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭାଲିଆବାଡ଼ି ଖେଳପଡ଼ିଆ, ସମୟ: ପର୍ବାହ୍ନ ୧୧ଟା।

**ବାଲେଶ୍ୱର**
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ପଞ୍ଚମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ମ୍ୟାଜିକ ଶୋ' ଏବଂ ରେକର୍ଡ ଡ୍ୟାନ୍ସ, ସ୍ଥାନ: ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗଣ୍ଡିବେଡ, ଖଇରା, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୪ର୍ଥ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ତପନେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ତପନେଶ୍ୱର ନୋଡାଲ ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଜିଲାସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସ୍ ପୋଲିସ ହାଇସ୍କୁଲ, କେନ୍ଦୁଝର, ସମୟ: ସକାଳ ୯ଟା।
- ଚନ୍ଦ୍ରଶେଖର କପ୍ ଫୁଟବଲ ମହାକୁମ୍ଭ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- କାଳୀପୂଜା ଉପଲକ୍ଷେ ପାଟଣା ବଣିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ହାଟ ତୋଟା, ସମୟ: ସନ୍ଧ୍ୟା ୭ଟା।
- ଧିଙ୍ଗୁଆନ ମହୋତ୍ସବ, ସ୍ଥାନ: କୁଣ୍ଡଳା ଧିଙ୍ଗୁଆନ ପେଣ୍ଡାଲ, ସାହାରପଡ଼ା, ସମୟ: ରାତି ୮ଟା।

**ମୟୂରଭଞ୍ଜ**
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ:ଉଦଳା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ,ସ୍ଥାନ:ନିଚୁଆପଦା, ମୋରଡ଼ା,ସମୟ:ଅପରାହ୍ନ ୩ଟା।
- ଗୋରୁ ଖୁଣ୍ଟା କାର୍ଯ୍ୟକ୍ରମ, ସ୍ଥାନ: ହଳଦୀପାଳ ସମାଇଡ଼ିହି, ମୋରଡ଼ା, ସମୟ:ଅପରାହ୍ନ ୪ଟା।

**ଗଞ୍ଜାମ**
- ଶ୍ରୀ ମଦଭାଗବତ ପାରାୟଣର ଶୁଭଅଧିବାସ, ସ୍ଥାନ: ବୁଗୁଡ଼ା କଦମ୍ବମଠ, ସମୟ: ସକାଳ ୭ ଟା।
- ରାଜନୀତି ବିଜ୍ଞାନ ବିଭାଗର ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

**ଗଜପତି**
- ସର୍ଦ୍ଦାର ବଲ୍ଲଭ ଭାଇପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ସମୟ: ସକାଳ ୮ଟା ୪୫।

**ଅନୁଗୋଳ**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଗଡ଼ିଆ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀପୂଜା ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ଜରାସିଙ୍ଗା, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଅନୁଗୋଳ ପୌରପରିଷଦ ଟାଉନ ହଲ୍, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ଓ କୁଜଙ୍ଗ ବ୍ଲକ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବନବିହାରୀ ହାଇସ୍କୁଲ, କୁଜଙ୍ଗ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ଓ ମତ୍ସ୍ୟଜୀବୀଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମତ୍ସ୍ୟ ଅବତରଣ କେନ୍ଦ୍ର, ଜମ୍ବୁ ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

**ଯାଜପୁର**
- ଯାଜପୁର ସହରରେ କାଳୀପୂଜା ଅବସରରେ ପ୍ରସାଦସେବନ ଓ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ନାରାୟଣ ଛକ, ସଦାବ୍ରତ ମଠ, କଚେରି ବଜାର, କିଆନାଳି ଛକ ଓ ମହାବୀର ଛକ, ସମୟ: ମଧ୍ୟାହ୍ନ ଓ ସନ୍ଧ୍ୟା ୬ଟା।
- ଯାଜପୁର ରୋଡ ସହରର କାଳୀପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: କାଳୀ ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ସକାଳ ୮ଟା। ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ନୟାଗଡ, ସମୟ:ପୂର୍ବାହ୍ନ ୧୦ଟା୩୦।
- ନୟାଗଡ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ୨୦୨୫ , ସ୍ଥାନ:ନୟାଗଡ ରୋଟାରୀ କ୍ଲବ, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା।

**ରାୟଗଡ଼ା**
- ମହାଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡ଼ିଆ, ମୁନିଗୁଡା, ସମୟ: ସକାଳ ୮ଟା ୩୦।
- ୱାକ ଫର୍ ଡିସଲେକ୍ସିଆ (ଲର୍ନିଂ ଡିଜାବିଲିଟି) ରାଲି, ସ୍ଥାନ: ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚାନ୍ଦିଲି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ, ସ୍ଥାନ: ଜେକେପୁର ଦଶହରା ପଡିଆ, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଡାବୁଗାଁ ବ୍ଲକ ବାଇଗାଁସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଠକେଇରୁ ବଞ୍ଚିବାକୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜାତୀୟସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ସଦ୍‌ଭାବନା, ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ଶିକ୍ଷା ବିକାଶ ସମିତି ପକ୍ଷରୁ ଶିଶୁ ବଜାର କାର୍ଯ୍ୟକ୍ରମ, ସ୍ଥାନ : ଗୋଡଭଗା ଘୁଡୁକାଟିକିରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ସକାଳ ୯ଟା।
- ଧନକଉଡା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା, ସ୍ଥାନ : ଗୋଶାଳା ସ୍ଥିତ ଆରଏମ୍‌ସି ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଚିତ୍ରଗୁପ୍ତ କଲ୍ୟାଣ ସଂଘ ଆୟୋଜନରେ ଚିତ୍ରଗୁପ୍ତ ଦେବଙ୍କ ପୂଜାର କଳସ ବିସର୍ଜନ କାର୍ଯ୍ୟକ୍ରମ , ସ୍ଥାନ : ମହାନ୍ତିପଡା ଛକ, ସମୟ : ଅପରାହ୍ନ ୩ଟା।

**ବଲାଙ୍ଗୀର**
- ବଲାଙ୍ଗୀର ଦିନ୍ ଉପଲକ୍ଷେ ହୁଳହୁଳି ଓ ଶଙ୍ଖ ଫୁଙ୍କା ପ୍ରତିଯୋଗିତା, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।

**ରାଉରକେଲା**
- ନକ୍ ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେଳିଙ୍ଗା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ଛଟ୍ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିଟି ସୁପରମାର୍କେଟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ରୋଟାରି କ୍ଲବ ଅର୍ବାନ ପକ୍ଷରୁ ବିଶ୍ୱ ପୋଲିଓ ଦିବସ, ସ୍ଥାନ: ଗର୍ଜନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

**ସୁନ୍ଦରଗଡ଼**
- ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ ରୋଟାରୀ କ୍ଲବ ଓ ରାଉରକେଲା ନର୍ସିଂ କଲେଜ ପକ୍ଷରୁ ରାଲି ଓ ପଥପ୍ରାନ୍ତ ନାଟକ, ସ୍ଥାନ: ହସ୍ପିଟାଲ ଛକ, ସମୟ: ସକାଳ ୯ଟା।
- କଣ୍ଡିଆମୁରା ଗ୍ରାମରେ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟନୀ ଉତ୍ସବ, ସ୍ଥାନ: କଣ୍ଡିଆମୁରା ଖେଳ ପଡିଆ,ସମୟ: ପୂର୍ବାହ୍ନ ୧୧ଟା୩୦।

**ବରଗଡ଼**
- ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ମା' ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।

**କଳାହାଣ୍ଡି**
- ଶିକ୍ଷା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମର ଭୁରୁଲା ଡଙ୍ଗରସ୍ଥିତ ପୂଜା ମଣ୍ଡପ, ସମୟ: ରାତି ୮ଟା।

**ବୌଦ୍ଧ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଦେବଗଡ଼**
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ଭୀମଭୋଇଙ୍କ ପୀଠରେ ପବିତ୍ର ମାଘମେଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସୋନପୁର ବ୍ଲକ ଖଲିଆପାଲି ସ୍ଥିତ ମାତା ମଠ ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କାର୍ଯ୍ୟସିଦ୍ଧି ସହ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଯାତ୍ରା ସମୟରେ ବାହାର ଲୋକଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ସାମୂହିକ ଆଲୋଚନା, ଆନୁଷ୍ଠାନିକ କାମ, ମଜା ମଉଜର ପରିସରରୁ ଖୁସି ହୋଇପାରନ୍ତି।

**ବୃଷ** ଆଜି ବନ୍ଧୁଙ୍କ ଆନୁଗତ୍ୟପୂର୍ଣ୍ଣ କଥାରେ ମନ ଖୁସି ହୋଇଯିବ। ଯାତ୍ରା କାଳରେ ଅଜଣା ଲୋକଙ୍କୁ ମନେଇବାରେ ସଫଳ ହେବେ। ରବିଙ୍କ ଦୁର୍ବଳତାରୁ ପାରିବାରିକ କ୍ଷେତ୍ର ସକାଶେ କୌଣସି ଅପୂର୍ଣ୍ଣତା ମନଦୁଃଖର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟର କାନକୁହା କଥା ଶୁଣି ପଦାଧିକାରୀ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି।

**ମିଥୁନ** ଆକସ୍ମିକଭାବରେ ନିକଟ ସମ୍ପର୍କୀୟଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି। ସତର୍କତା ଅଭାବରୁ ଅର୍ଥ କିମ୍ବା କୌଣସି ଜିନିଷ ହରାଇ ବ୍ୟସ୍ତତା ଅନୁଭବ କରିବେ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବାରେ ସଫଳତା ପାଇବେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରରେ ସହାୟକ ହେବାର ସୂଚନା ରହିଛି।

**କର୍କଟ** ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବାରୁ କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିପାରନ୍ତି। ପରିବାରର ବ୍ୟୟ ଅଟକଳ କରିବେ ଏବଂ ବାଣିଜ୍ୟରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ କାମକୁ ପ୍ରାଧାନ୍ୟ ଦେବାରୁ ସମାଲୋଚିତ ହେବେ। ଅଧିକାଂଶ ସମୟ ଆପଣଙ୍କ ଅନୁପସ୍ଥିତିଜନିତ ବନ୍ଧୁମାନେ ଅଭିଯୋଗ କରିପାରନ୍ତି। ବନ୍ଧୁ ରାଗ ଶୁଝାଇବାକୁ ଯାଇ ଠିକଣା ସମୟରେ ପ୍ରତିଶୋଧ ନେଇପାରନ୍ତି। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଏହା ସାଙ୍ଗକୁ ଆତ୍ମୀୟମାନଙ୍କ କଟାଘା'ରେ ଚୂନଛିଟା ଦେଲା ଭଳି କଥା ମନକୁ ବେଶି ବାଧିବ। ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। ଆବଶ୍ୟକତା ପୂରଣ କରିବାକୁ ଯାଇ ମୋଟା ଅଙ୍କର ଅର୍ଥ ଧାରକରଜ କରିବାକୁ ପଡ଼ିପାରେ।

**ତୁଳା** ଆଜିର ଯାତ୍ରା, ସ୍ଥଗିତ କାମ, ପାଇବାକୁ ଥିବା ଅର୍ଥ ଯଥା ସମୟରେ ପାଇ ମନ ଖୁସି ହୋଇଯିବ। ନିଜ ଲୋକଙ୍କ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହେବେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କାର୍ଯ୍ୟ ହାସଲ କରିବାକୁ ପଛାଇବେ ନାହିଁ।

**ବିଛା** ଆଜି ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ ଦୂରେଇଯିବା ସମସ୍ୟା ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ସ୍ଥଗିତ କାମ ପାଇଁ କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡ଼ିପାରେ।

**ଧନୁ** ଆକସ୍ମିକ ଦୂରଯାତ୍ରା ପ୍ରସ୍ତୁତିକରି ଶେଷରେ ସ୍ଥଗିତ ରଖିବାକୁ ବାଧ୍ୟ ହେବେ। ପରିବାରରୁ ଅପ୍ରୀତିକର ଖବର ପାଇ ସକାଳୁ ମନଟା ବିଗିଡ଼ିଯାଇପାରେ। ବନ୍ଧୁମାନଙ୍କ ମାଧ୍ୟମରେ ନୂତନ ବସ୍ତ୍ରଭୂଷଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ ଲାଭର ସୂଚନା ରହିଛି। ବ୍ୟବସାୟ, ପରିବହନ ଧିମା ଗତିରେ ଚାଲିବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର** ବନ୍ଧୁଙ୍କ ସହ ବିତର୍କ କିମ୍ବା ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ଲାଗିପାରେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବା ସୂଚନା ରହିଛି। ଖଳଲୋକଙ୍କ ଦ୍ୱାରା କୌଣସି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଅକ୍ଷୁଣ୍ଣ ରହିବ।

**କୁମ୍ଭ** ଦୂରାଗତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନଙ୍କ ପରିବର୍ତ୍ତିତ ଆଚରଣ ଆପଣଙ୍କୁ ସ୍ତମ୍ଭୀଭୂତ କରିଦେଇପାରେ।

**ମୀନ** ଆଜି ଆପଣଙ୍କ ମନ ଭିତରେ ଯାହା ଥାଉନା କାହିଁକି ଉପର ମନରେ ହସିଲେ କଥା କହିବେ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁ ଭଲ ରହିବା ସାଙ୍ଗକୁ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ଆକସ୍ମିକ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

ଆଜି ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, କାର୍ତ୍ତିକ ଶୁକ୍ଳ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୮ ଗତେ, ଘ.୦୬।୩୩ ମଧ୍ୟେ, ଘ.୦୭।୧୯ ଗତେ, ଘ.୦୮। ୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୦ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ରୁଷୀୟ ତୈଳ ଉପରେ...

ଏଥିସହ ୱାଶିଂଟନ୍ କୂଟନୀତିକୁ ଛାଡ଼ି ଯୁଦ୍ଧ ଭଳି କାର୍ଯ୍ୟ କରିବା ଦୁର୍ଭାଗ୍ୟଜନକ ବୋଲି କହିଛି। ଏହା ଉପରେ ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପର ସର୍ବବୃହତ୍ ସ୍ଥଳଯୁଦ୍ଧରେ ରୁଷିଆର ପାଣ୍ଠି ଯୋଗାଣ ସାମର୍ଥ୍ୟକୁ ଟାର୍ଗେଟ କରାଯାଇଛି। ଆବଶ୍ୟକ ହେଲେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଆମ ସହ ସାମିଲ ହୋଇ ଅନୁରୂପ କଟକଣା ଜାରିକରିବା ଦିଗରେ ଆମେ ସେମାନଙ୍କୁ ପ୍ରୋତ୍ସାହିତ କରିବ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନୂଆ କଟକଣାକୁ ସମର୍ଥନ ଜଣାଇ ଆମେରିକାକୁ ଧନ୍ୟବାଦ ଦେଇଛନ୍ତି। ମସ୍କୋ ଉପରେ ଆହୁରି କଠୋର କଟକଣା ଜାରି ସହ ଅଧିକ ଚାପ ପକାଯିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ଭାରତୀୟ ଅଏଲ୍ ରିଫାଇନରମାନେ ମଧ୍ୟ ରୁଷୀୟ କ୍ରୁଡ୍ ଆମଦାନୀକୁ ସୀମିତ କରିବା ଦିଗରେ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ୟୁଏସ୍ ଟ୍ରେଜେରି ତୈଳ କମ୍ପାନୀଗୁଡ଼ିକୁ ନଭେମ୍ବର ୨୧ ସୁଦ୍ଧା ରୁଷୀୟ ତୈଳ ଉତ୍ପାଦନକାରୀଙ୍କ ସହ କାରବାର ଶେଷ କରିବାକୁ ମହଲତ ଦେଇଥିବାବେଳେ ଏନେଇ ଭାରତ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

କେନ୍ଦ୍ର ପତ୍ର ଲେଖିଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି, ବଦଳି ଓ ପଦୋନ୍ନତି ସଂକ୍ରାନ୍ତ ପ୍ରକ୍ରିୟା ଦସ୍ତାବିଜ୍ ଅନୁଯାୟୀ, ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତିଙ୍କୁ ସିଜେଆଇ ନିଯୁକ୍ତି ପାଇଁ ଉପଯୁକ୍ତ ବିବେଚନା କରାଯିବା ଉଚିତ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଉପଯୁକ୍ତ ସମୟରେ ବିଦାୟୀ ସିଜେଆଇଙ୍କଠାରୁ ତାଙ୍କ ଉତ୍ତରାଧିକାରୀ ନିଯୁକ୍ତି ସମ୍ପର୍କିତ ସୁପାରିସ ଲୋଡ଼ିଥାନ୍ତି। ସାଧାରଣତଃ ସିଜେଆଇ ୬୫ ବର୍ଷରେ ପଦାର୍ପଣ କରିବାର ମାସେ ପୂର୍ବରୁ ଏଭଳି ପତ୍ର ଲେଖାଯାଇଥାଏ। ସିଜେଆଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ବର୍ତ୍ତମାନ ବରିଷ୍ଠତମ ଏବଂ ସେ ଭାରତୀୟ ନ୍ୟାୟପାଳିକାର ମୁଖ୍ୟ ହେବାକୁ ଯାଉଛନ୍ତି। ସେ ସିଜେଆଇ ନିଯୁକ୍ତ ହେବା ପରେ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରି ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ପାଖାପାଖି ୧୫ ମାସ ଏହି ପଦବୀରେ ରହିବେ।

## ନକଲି ନିଯୁକ୍ତି...

ଫୋନ୍, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଆଦି ବିଭିନ୍ନ କାଗଜପତ୍ର, କେତେଜଣ ବ୍ୟକ୍ତିଙ୍କ ଫଟୋ, ପଦ୍ମାବତୀଙ୍କ ନାମରେ ଥିବା ଏକ ଟାଟା ଏସ୍‌ସିଇ(ଓଡି-୧୫-ଏସି-୪୯୧୫) ଗାଡ଼ି ଓ ରାହୁଲଙ୍କ ନାମରେ ଥିବା ଏକ କାର୍(ଓଡି-୧୫-ଜି-୪୬୭୧)କୁ ପୋଲିସ ଜବତ କରିଛି। ଗୁରୁବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ଏ ନେଇ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ ଗୁରୁବାର ସକାଳେ ଏଭଳି ଠକେଇର ଶିକାର ଚିପିଲିମା କର୍ଡୋଲାର ପଦ୍ମଲୋଚନ ଗର୍ଡିଆ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଏତଲାରେ ରାହୁଲ ଓ ପଦ୍ମାଳୟାଙ୍କ ସହ ମିଶି ଭୁବନେଶ୍ୱରର ସୌମ୍ୟ ସାହୁ ଆର୍‌ଏମ୍‌ଏଏକ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥା ଖୋଲି ଅନେକ ଆଶାୟୀଙ୍କୁ ଚାକିରି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଟଙ୍କା ଠକେଇ କରିଥିବା ଦର୍ଶାଇଥିଲେ। ବିଶେଷକରି ରାହୁଲ ଓ ପଦ୍ମାବତୀ ତାଙ୍କ ଭଳି ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ରେ ଝାଡୁଦାର ଓ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଅଧିକାରପ୍ରାପ୍ତ ଆର୍‌ଏମ୍‌ଏଏକ୍ସ କମ୍ପାନୀ ଜରିଆରେ ସମ୍ବଲପୁର, ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାର ବହୁ ଆଶାୟୀ ଯୁବତୀଯୁବକଙ୍କୁ ଦୈନିକ ୪ ଶହ ଟଙ୍କାର ଠିକା କର୍ମଚାରୀଭାବେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରତ୍ୟେକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ସେମାନେ ବିଭିନ୍ନ ସ୍ଥାନ ବିଶେଷକରି ଗ୍ରାମାଞ୍ଚଳରେ ବୈଠକମାନ ଆୟୋଜନକରି ପ୍ରତ୍ୟେକ ଆଶାୟୀଙ୍କଠାରୁ ୧୨ହଜାର ଟଙ୍କା ଲେଖାଏ ଆଦାୟକରି ସେମାନଙ୍କୁ ଦୈନିକ ୪ଶହ ଟଙ୍କାର ଠିକା ଝାଡୁଦାର ଓ ସଫେଇ କର୍ମଚାରୀ ଭାବେ ମିଛ ନିଯୁକ୍ତି ମଧ୍ୟ ଦେଇଥିଲେ। ଏପରିକି ପ୍ରାଥମିକସ୍ତରରେ ସେମାନେ କେତେଜଣଙ୍କୁ ଚାକିରି ବାବଦକୁ ଦୈନିକ ୪ଶହ ଟଙ୍କା ଲେଖାଏ ପ୍ରଦାନକରି ଆସ୍ଥାଭାଜନ ହୋଇଥିଲେ। ମାତ୍ର କାହାରିକୁ ନିଯୁକ୍ତିପତ୍ର ଦେଇ ନ ଥିଲେ। ତେବେ ପଦ୍ମଲୋଚନ ତାଙ୍କ ନିଯୁକ୍ତପତ୍ର ମାଗିବାରୁ ଅଭିଯୁକ୍ତମାନେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଏଥିରେ ସନ୍ଦେହ ହେବାରୁ ସେ ଏସ୍‌ଏମ୍‌ସି ଅଫିସକୁ ଯାଇ ସେଠାରେ ଆର୍‌ଏମ୍‌ଏଏକ୍ସ ସଂସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମାତ୍ର ଏସ୍‌ଏମ୍‌ସି ଦ୍ୱାରା ଏଭଳି କୌଣସି ସଂସ୍ଥାକୁ ଅଧିକୃତ କରାଯାଇ ନ ଥିବା କର୍ତ୍ତୃପକ୍ଷ କହିବାରୁ ସେ ବୁର୍ଲା ଥାନାରେ ଏନେଇ ଗୁରୁବାର ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଏକ ମାମଲା(ନଂ. ୪୬୪/୨୫)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଉଭୟଙ୍କୁ ବୁର୍ଲା ପୋଲିସ ଚିପିଲିମା ଅଞ୍ଚଳରୁ ଗିରଫ କରିଥିଲା। ପରେ ଅଧିକ ତଦନ୍ତ କରିବାରୁ ବିଶେଷକରି ଗ୍ରାମାଞ୍ଚଳର ବେକାର ଯୁବତୀଯୁବକମାନଙ୍କୁ ଜାଲରେ ଫସାଇ ଚାକିରି ପ୍ରଲୋଭନରେ ଟଙ୍କା ଠକି ନେଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ବୁଧବାର ମଧ୍ୟ ଅନୁରୂପଭାବେ ଚିପିଲିମା ନିକଟରେ ଏକ ବୈଠକ ଡାକି ବେକାର ଯୁବତୀଯୁବକଙ୍କୁ ପ୍ରଲୋଭିତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଆର୍‌ଏମ୍‌ଏଏକ୍ସ ଏକ ଜାଲ୍ ସଂସ୍ଥା ବୋଲି ଜଣାପଡ଼ିଥିବା ଏସ୍‌ପି ଭାମୁ କହିଛନ୍ତି। ଗୁରୁବାର ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

## କାର୍ବାଇଡ୍ ବନ୍ଧୁକ...

କାର୍ବାଇଡ୍ ଗନ୍‌ର ବ୍ୟବହାର କରି ଭୋପାଳ ସହରରେ ୧୫୦ରୁ ଅଧିକ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ସାମାନ୍ୟ ଆହତ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକ ଉପଚାର ପରେ ଘରକୁ ପଠାଇଦିଆଯାଇଛି ବୋଲି ସେ କହିଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, କ୍ୟାଲସିୟମ କାର୍ବାଇଡ୍ ଗନ୍‌କୁ ବ୍ୟବହାର କରିବା ଅତ୍ୟନ୍ତ ବିପଜ୍ଜନକ। କାର୍ବାଇଡ୍ ପାଣିର ସଂସ୍ପର୍ଶରେ ଆସି ଏସିଟିଲିନ ଗ୍ୟାସ୍ ପ୍ରସ୍ତୁତ କରିଥାଏ ଏବଂ ବିସ୍ଫୋରଣ ହୋଇଥାଏ। ବିସ୍ଫୋରଣରେ ପ୍ଲାଷ୍ଟିକ୍ ପାଇପ୍‌ର ଛୋଟ ଖଣ୍ଡଗୁଡ଼ିକ ଶରୀରରେ ପ୍ରବେଶ କରିଥାଏ ଯାହା ଆଖି, ମୁହଁ ଏବଂ ଚର୍ମ ପାଇଁ କ୍ଷତିକାରକ। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଦୀପାବଳି ପୂର୍ବରୁ ଗତ ୧୮ ତାରିଖରେ କାର୍ବାଇଡ୍ ଗନ୍‌ର ବିକ୍ରି ଉପରେ ରୋକ୍ ଲଗାଇବାକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ କାର୍ବାଇଡ୍ ଗନ୍‌ର ବିକ୍ରି ଜାରି ରହିଥିଲା।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନାରତ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ।

## ଓଡ଼ିଶାରେ ୧ଲକ୍ଷ...

ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍ ହେବା ପାଇଁ ଓଡ଼ିଶା ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଆସିବ ନାହିଁ, ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହ ଜନସାଧାରଣଙ୍କୁ ସଶକ୍ତ କରିବ। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜିନିବେଶ ଏକ ଗେମ୍ ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ବେଦାନ୍ତର ଶିଳ୍ପ ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ତାରା ମଣିଷମରା**
**ଦୁଇ ତାରା କତରା ଘୋରା,**
**ତିନି ତାରା ଘରେ ପଶ**
**ଚାରି ତାରା ନାହିଁ ଦୋଷ ।**

ପ୍ରାଚୀନ କାଳରେ ଏହି ଅନ୍ଧବିଶ୍ୱାସ ଥିଲା ଯେ, ସନ୍ଧ୍ୟା ଆକାଶରେ ଉଇଁ ଆସୁଥିବା ପ୍ରଥମ ତାରାକୁ ଯିଏ ଦେଖିବ ତା' ପ୍ରତି ମୃତ୍ୟୁ ଭଳି ବିପଦ ଦେଖାଦେବ। ଦ୍ୱିତୀୟ ତାରା ଦେଖିଲେ ଆତଙ୍କ ଉପୁଜିବ, ତୃତୀୟ ତାରା ଦେଖିବା ମାତ୍ରେ ଘରେ ଲୁଚି ରହିବାକୁ ହେବ। ତେବେ ଚତୁର୍ଥ ତାରା ଦେଖିଲେ ଦୋଷମୁକ୍ତ। ତେଣିକି ଆଉ ଯେତେ ତାରା ଆଖିରେ ପଡିବ ଆଉ କିଛି ମନ୍ଦ ଫଳ ସୃଷ୍ଟି ହେବାର ଆଶଙ୍କା ନ ଥିବା ନେଇ ଏଠାରେ ଉଲ୍ଲେଖ କରାଯାଇଛି।

**ଏତେ ଦିନ ଯାଏ ଥିଲୁ ବସି**
**ଆଷାଢ଼ ମାସରେ ପାରୁଛୁ ଘଷି ।**

ସମୟ ଅନୁସାରେ ସମୟୋପଯୋଗୀ କାର୍ଯ୍ୟ କରାଯାଏ। ବର୍ଷା ଦିନେ ଖରା ଅଭାବ ଯୋଗୁ ଘଷି ପାରିବାରେ ନାନା ସମସ୍ୟା ଦେଖାଦିଏ। ବୁଦ୍ଧିହୀନ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମୁଦ୍ରକୂଳ ସୁରକ୍ଷା ପାଇଁ ସାମୂହିକ ସହଭାଗିତା ଲୋଡ଼ା






ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଣ୍ଡାହର ଗ୍ରାମର ସମୁଦ୍ରକୂଳରେ ଗୁରୁବାର ବାଲୁକା ଗୁଳ୍ମ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ସ୍ଥାନୀୟ ଅଞ୍ଚଳବାସୀ। (ବାମ) ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

## ତଣ୍ଡାହରରେ ବାଲୁକା ଗୁଳ୍ମ ରୋପଣ

କୋଣାର୍କ/ଅସ୍ତରଙ୍ଗ,୨୩।୧୦ (ଜ୍ୟୋତିରାଜ ମହାନ୍ତି/ଶୁଭଦର୍ଶନ ମିଶ୍ର)

ଦିନକୁ ଦିନ ଓଡ଼ିଶାର ପ୍ରାୟ ଅର୍ଦ୍ଧାଧିକ ଉପକୂଳ ଅଞ୍ଚଳ ବେଳାଭୂମି ଅବକ୍ଷୟ ଆଡ଼କୁ ମୁହାଁଇବା ଚିନ୍ତାର ବିଷୟ ପାଲଟିଛି। ତେଣୁ ବେଳାଭୂମି ସଂରକ୍ଷଣର ଆବଶ୍ୟକତା ଏବଂ ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହଭାଗିତା ଜରୁରୀ ହୋଇପଡ଼ିଛି। ବାଲୁକା ଗୁଳ୍ମ ଓ ଉପକୂଳ ଉଦ୍ଭିଦ ସଂରକ୍ଷଣ ହିଁ ପ୍ରାକୃତିକ ପ୍ରତିରକ୍ଷା ରୂପେ ବେଳାଭୂମିକୁ ସୁରକ୍ଷା ଦେଇପାରିବ ବୋଲି ଗୁରୁବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଣ୍ଡାହର ଗ୍ରାମର ସମୁଦ୍ରକୂଳରେ ବାଲୁକା ଗୁଳ୍ମ ରୋପଣ କାର୍ଯ୍ୟକ୍ରମ ଓ ସଚେତନତା ସଭାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି। ଉପକୂଳ ସମୁଦାୟଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରି ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ ନିଜ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜ ସ୍ତରରେ ଉଦ୍ୟମ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହିତ ଏହି ପ୍ରୟାସକୁ ସାରା ଦେଶ ପାଇଁ ଏକ ମଡେଲ ଭାବେ ସଫଳ କରିବା ପାଇଁ ଗ୍ରାମବାସୀଙ୍କ ସହଭାଗିତା ଆବଶ୍ୟକ ବୋଲି ତଥାଗତ ମତ ଦେଇଥିଲେ।

ସଭାରେ ଅନ୍ୟତମ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ପୁରୀ ଏମ୍‌ପି ପ୍ରତିନିଧି ଦିବାକର ଛାଟୋଇ, ଗିଲେରିଓ ମୁଖ୍ୟ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, ନଗର ସରପଞ୍ଚ ବିଜୟ କୁମାର ଖଣ୍ଡୁଆଳ ଏବଂ ସବୁଜ ଶାଖାର ବରିଷ୍ଠ ସଭ୍ୟ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଦ୍ୟାଶା କହିଲେ ଯେ, ମହିଳାମାନଙ୍କ ବିନା ଏଭଳି ଜଳବାୟୁ ମୁକାବିଲା ଉଦ୍ୟମ ସଫଳ ହୋଇପାରିବ ନାହିଁ। ମା'ମାନଙ୍କ ସହଭାଗିତା ଭିତ୍ତିରେ ଏହି ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ପରିବେଶକର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ବାଲୁକା ଗୁଳ୍ମ ପୁନରୁଦ୍ଧାର ଓ ସଂରକ୍ଷଣ ଅଭିଯାନ ଜାରି ରହିଛି। ଓଡ଼ିଶାର ସୁନାମିପ୍ରବଣ ଜଗତ୍‌ସିଂହପୁରର ରାମତାରା, ଶିଆଳି ହେଉ ଅବା ପୁରୀ ଜିଲା ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳର ବିଭିନ୍ନ ବେଳାଭୂମି ଅବକ୍ଷୟପ୍ରବଣ ଅଞ୍ଚଳରେ ବିଚିତ୍ରାନନ୍ଦ ଗୁଡୁକଙ୍କ ଗୁଳ୍ମ ରୋପଣ କାର୍ଯ୍ୟ ଜାରି ରଖିଛନ୍ତି। ବେଳାଭୂମି ଅବକ୍ଷୟକୁ ରୋକି ସମୁଦ୍ରକୂଳକୁ ସୁଦୃଢ଼ କରିବା ଏହି ଅଭିଯାନର ଲକ୍ଷ୍ୟ। ଏହି ପରିବେଶ ସୁରକ୍ଷା ଅଭିଯାନକୁ ଲୋକଙ୍କ ମଧ୍ୟରେ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଗୁରୁବାର ସମୁଦ୍ରକୂଳରେ ସାମୂହିକ ବାଲୁକା ଗୁଳ୍ମ ଚାରା ରୋପଣ କରାଯାଇଥିଲା, ଯେଉଁଥିରେ ଶତାଧିକ ସ୍ଥାନୀୟ ମହିଳା ସମୁଦାୟ, ବୁଦ୍ଧିଜୀବୀ ଓ ପରିବେଶପ୍ରେମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗ୍ରାମର ବେଙ୍ଗଲତା ରାଉତ, ଛବିଲତା କାଳିଆ ଓ ରବି ଭୂୟାଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପରିବେଶକର୍ମୀ ବିଚି କାଳିଆ ପରିଚାଳନା କରିଥିବାବେଳେ ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ, ଜ୍ଞାନ ରଞ୍ଜନ ବିଶ୍ୱାଳ, ନୀହାର ରଞ୍ଜନ ମହାରଣା, ପ୍ରଭାକର ବିଶ୍ୱାଳ, ବାବୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ଫଳ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୧୦(ସୁଚିସ୍ମିତା ସାହୁ)

ସ୍କୁଲ ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ଫଳ ଦିଆଯିବ। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଯେଉଁ ପିଲାମାନେ ବିଦ୍ୟାଳୟରେ ଅଣ୍ଡା ଖାଉନାହାନ୍ତି କିମ୍ବା ନିରାମିଷ ଖାଉଥିବା ପିଲାଙ୍କୁ ଅଣ୍ଡା ମୂଳରେ ଫଳ ଖାଇବାକୁ ଦିଆଯିବ। ଏନେଇ ପୁଣି ଥରେ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ପିଏମ୍ ପୋଷଣ ଷ୍ଟେଟ୍ ନୋଡାଲ ଅଫିସର ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହକୁ ୩ ଥର ଅର୍ଥାତ୍ ଅଣ୍ଡା ଦିଆଯାଉଥିବା ଦିନ ଫଳ ଦିଆଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସାଧାରଣ ସମସ୍ୟାକୁ ଏଡାଇବାକୁ ପଡ଼ିବ। ସେଥିପାଇଁ ଚିଠିରେ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି।

ରାଜ୍ୟ ସମସ୍ତ ଶିଶୁବାଟିକାଠାରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କୁ ଏହି ସୁବିଧା ମିଳିବ। ରାଜ୍ୟରେ ସ୍କୁଲ ପିଲାଙ୍କୁ କୁପୋଷଣଠାରୁ ଦୂରେଇ ରଖି ସେମାନଙ୍କୁ ଉପଯୁକ୍ତ ପୋଷଣ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସ୍କୁଲକୁ ପିଲାମାନେ ଆସୁ ନ ଥିବାରୁ ମଧ୍ୟାହ୍ନ ଭୋଜନ ମାଧ୍ୟମରେ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଖାଦ୍ୟ ସାରଣୀ ମଧ୍ୟାହ୍ନ ଭୋଜନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମଧ୍ୟାହ୍ନ ଭୋଜନରେ ଆମିଷ ଖାଉ ନ ଥିବା ପିଲାଙ୍କ ପାଇଁ ଅଣ୍ଡା ବଦଳରେ ଫଳ ଦେବାକୁ ରାଜ୍ୟ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିବାବେଳେ ଏହା ଯେପରି ଶତପ୍ରତିଶତ କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।

## ଅପରାଧ

## ଗୋରୁ ବ୍ୟବସାୟୀ କହି ନିସ୍ତୁକ ମାଡ଼

### ବାଲେଶ୍ୱରରେ ଉତ୍ତେଜନା

ବାଲେଶ୍ୱର, ୨୩।୧୦(ବାଞ୍ଛାନିଧି ଦେ): ବାଲେଶ୍ୱର ଟାଉନ ଥାନା ଅଧୀନ ମାଝୁଆସାହିର ଅହମ୍ମଦ ଅଲ୍ଲା ଖାନ୍ ନାମକ ବ୍ୟକ୍ତି ଗୁରୁବାର ଅପରାହ୍ନରେ ନିଜର ଗୋରୁ ଆଣିବା ପାଇଁ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟକୁ ଯାଇଥିଲେ। ସେଠାରେ ୭/୮ ଜଣ ଯୁବକ ତାଙ୍କୁ ଗୋଟାଇଲା କରୁଥିବା ଏବଂ ତାଙ୍କୁ ନିସ୍ତୁକ ମାଡ଼ ମାରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ରାତି ୮ଟାରେ ସ୍ଥାନୀୟ ଏକ ଗୋଷ୍ଠୀର ଲୋକେ ଆକ୍ରମଣକାରୀଙ୍କ ଗିରଫ ଦାବିରେ ସିଟି ହସ୍ପିଟାଲ ଛକ ନିକଟରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଅତିରିକ୍ତ ଏସ୍‌ପି ଦେବକୋଟି ଦାସ, ସଦର ଏସ୍‌ଡିପିଓ ଶୁଭାଂଶୁ ଶେଖର ନାୟକ, ସିଟି ଡିଏସ୍‌ପି ନିର୍ମଳା ପରାୟଣ, ଟାଉନ ଥାନା ଆଇଆଇସି ବିଜୟ ଦାସ, ସହଦେବଖୁଣ୍ଟା ଥାନା ଆଇସି ଅଜୟ ମୁର୍ମୁ ପ୍ରମୁଖ ପୋଲିସଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରାସ୍ତାରୋକ ହଟିଥିଲେ ହେଁ ଖବର ଲେଖା ହେବା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଛି।

## ପଶ୍ଚିମବଙ୍ଗରେ ଠକେଇ, କଟକରୁ ୩୨ ଗିରଫ

କଟକ,୨୩।୧୦(କାର୍ତ୍ତିକ ସାହୁ)

- ଅପହରଣ ପରେ ହୋଟେଲରେ ଅଟକ ରଖିଥିଲେ
- କ୍ରିପ୍ଟୋ କରେନ୍ସି ଠକେଇରେ ସାଇବର ପୋଲିସର ତଦନ୍ତ
- ୩୫ ମୋବାଇଲ, ୪ କାର୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ

ପଶ୍ଚିମବଙ୍ଗରେ କ୍ରିପ୍ଟୋ କରେନ୍ସି ଠକେଇ ନେଇ କଟକରେ ଅଭିଯୁକ୍ତମାନଙ୍କୁ ଅଟକ ରଖାଯିବା ଘଟଣା ଏକ ନାଟକୀୟ ପରିସ୍ଥିତି ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ଚାଉଳିଆଗଞ୍ଜ ଥାନା ପୋଲିସ ସ୍ଥାନୀୟ ଅଞ୍ଚଳରେ ଏକ ହୋଟେଲରୁ ୩୨ଜଣ ପଶ୍ଚିମବଙ୍ଗ ବାସିନ୍ଦାଙ୍କୁ ଗିରଫ କରିଛି। କ୍ରିପ୍ଟୋ କରେନ୍ସି ଠକେଇ ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଅପହରଣ ପରେ ଓଡ଼ିଶା ଆଣି ଅଟକ ରଖିଥିବା ଅଭିଯୋଗରେ ପୋଲିସ ୨୭ଜଣଙ୍କ ନାମରେ ଅପହରଣ ମାମଲା ରୁଜୁ କରିଛି। ଅପରପକ୍ଷରେ କ୍ରିପ୍ଟୋ କରେନ୍ସି ନାମରେ ବହୁ ପରିମାଣର ଅର୍ଥ ଠକେଇ କରିବା ଅଭିଯୋଗରେ ୫ଜଣଙ୍କ ନାମରେ ଠକେଇ ମାମଲା ରୁଜୁ ହୋଇଛି। ସେମାନଙ୍କ ନିକଟରୁ ୩୫ ମୋବାଇଲ, ୪ଟି କାର୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

ସୂଚନାନୁସାରେ, କେତେଜଣ ବାହାର ଲୋକ ଆସି ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ କେତେଜଣ ଲୋକଙ୍କୁ ଅଟକ ରଖିଥିବା ନେଇ ସ୍ଥାନୀୟ ପୋଲିସକୁ ଖବର ମିଳିଥିଲା। ସେମାନଙ୍କ କିଛି ମନ୍ଦ ଉଦ୍ଦେଶ୍ୟ ଥାଇପାରେ ବୋଲି ସନ୍ଦେହ କରି ପୋଲିସକୁ ସୂଚନା ଦିଆଯାଇଥିଲା। ପ୍ରାଥମିକ ପୋଲିସ ତଦନ୍ତକ୍ରମେ ହୋଟେଲରେ ପହଞ୍ଚି ଅଟକ ଥିବା ଲୋକମାନଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ପରିଚୟ ଖୋଜିଥିଲା। ପୋଲିସ ଯାଞ୍ଚ ବେଳେ ୩୨ଜଣ ପଶ୍ଚିମବଙ୍ଗ ମୁଖବାସିନ୍ଦା ବୋଲି ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରରେ ରହୁଥିବା ଜଣାପଡ଼ିଛି ବୋଲି କହିଥିଲେ। ତେବେ ପୋଲିସ ତନାଘନା ପରେ ଜଣାପଡ଼ିଥିଲା ଯେ, ସେମାନଙ୍କ ମଧ୍ୟରୁ ୪ଜଣ ପଶ୍ଚିମବଙ୍ଗରେ କ୍ରିପ୍ଟୋ ଟ୍ରେଡିଂ ପ୍ଲାଟଫର୍ମ ଚଳାଉଥିଲେ। ପ୍ରଥମେ ସେହି ଟ୍ରେଡିଂ ପ୍ଲାଟଫର୍ମର ନାମ ଓ-ଟୁ ୱାର୍ଲ୍ଡ ଥିଲା। ମାତ୍ର ପରେ ତାହାର ନାମ ପରିବର୍ତ୍ତନ କରି ଇକୋନିଷ୍ଟ ନାମରେ ନୂତନ ଭାବେ ଟ୍ରେଡିଂ ଲଞ୍ଚ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ସେମାନେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଧିକ ଲାଭ ପ୍ରଦାନର ଲୋଭ ଦେଖାଇ ଟଙ୍କା ଆଦାୟ କରିଥିଲେ। ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ଦେଇ ନ ପାରି ସେମାନେ ପଶ୍ଚିମବଙ୍ଗରୁ ଖସି ପଳାଇଥିଲେ। ସେମାନେ ବାହାର ଦେଶକୁ ଯାଇଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ତନ୍ମଧ୍ୟରୁ କେତେକ ପୁରୀରେ ରହୁଥିବା ଅର୍ଥ ବିନିଯୋଗ କରିଥିବା ଲୋକମାନେ ଜାଣିବାକୁ ପାଇଥିଲେ। ସେହିମାନେ ପୁରୀରୁ ସେମାନଙ୍କୁ ଆଣି କଟକର ଏକ ହୋଟେଲରେ ରଖିଥିଲେ। ଲୋକମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଛି। ଆଧାର କରି ତନାଘନା ତଦନ୍ତ ଚଳାଉଛି। ଏହି ଘଟଣାରେ ଅନ୍ୟ ଯେଉଁମାନଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିବ, ତାଙ୍କୁ ଗିରଫ କରାଯିବ ବୋଲି କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓ କହିଛନ୍ତି। ଅର୍ଥ ବିନିଯୋଗ ପ୍ରସଙ୍ଗରେ ପଶ୍ଚିମବଙ୍ଗ ପୋଲିସକୁ ଯୋଗାଯୋଗ କରାଯାଉଛି। ପୋଲିସ ଅଟକ ରଖିଥିବା ସବୁ ଲୋକଙ୍କ ନାମରେ ପଶ୍ଚିମବଙ୍ଗରେ କୌଣସି ମାମଲା ରହିଛି କି ନାହିଁ ସେ ନେଇ ସ୍ପଷ୍ଟ କରିବାକୁ କମିଶନରେଟ ପୋଲିସ ଜାଣିବାକୁ ଚାହିଁଛି। ଏଥିସହ ମଙ୍ଗଳାବାଗ ଥାନା ଅଞ୍ଚଳରୁ ମଧ୍ୟ ଆଉ ୧୧ଜଣଙ୍କୁ ପୋଲିସ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି।



ଚାଉଳିଆଗଞ୍ଜସ୍ଥିତ ହୋଟେଲରୁ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ନେଉଛି।

## ଜୟପୁର ଫାର୍ମ ହାଉସ୍ ମାଲିକ ଗିରଫ

ବ୍ରହ୍ମପୁର,୨୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

### ପୀତବାସ ପଣ୍ଡା ହତ୍ୟା ଘଟଣା

- ଆତ୍ମସମର୍ପଣ କଲେ ସୁଦର୍ଶନ ଜେନା
- ବିକ୍ରମଙ୍କ ସମେତ ୩ ଜଣଙ୍କ ଜାମିନ ଆବେଦନ

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁରର ଫାର୍ମ ହାଉସ୍ ମାଲିକ ସୁନୀଲ ହୋତା(୫୨)। ପୀତବାସଙ୍କୁ ଗୁଳି କରି ହତ୍ୟା କରିବା ପରେ ଜୟପୁର ଚାଲି ଯାଇଥିବା କୁରୁପତି ଭୂୟାଁ ଓ ଉମା ବିଷୋୟୀଙ୍କୁ ଫାର୍ମ ହାଉସ ମାଲିକ ସୁନୀଲ ଆଶ୍ରୟ ଦେଇଥିଲେ। ସୁନୀଲଙ୍କୁ କୋର୍ଟ ଚାଲାଣ ପରେ ଗୁରୁବାର ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ସୁଦର୍ଶନ ଜେନା ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସହଯୋଗୀ ସୁଦର୍ଶନ ପୀତବାସଙ୍କ ହତ୍ୟା ପଛରେ ଟଙ୍କା ଖର୍ଚ୍ଚ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚାଲିଛି।

ପୀତବାସ ହତ୍ୟା ଘଟଣାରେ ବୁଧବାର ବିକ୍ରମଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ, ବ୍ରହ୍ମପୁର ମହାନଗର ନିଗମର ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇଙ୍କ ସମେତ ମୋଟ ୧୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ବିକ୍ରମ, ମଳୟ ଓ ମଦନ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଜାମିନ ଆବେଦନ କରିବେ ବୋଲି ସୂଚନା ମିଳିଛି।



ସୁନୀଲ ହୋତା

## କଳାପତରିଆ ବାଘଛାଲ ଜବତ, ୨ ଗିରଫ

କେନ୍ଦୁଝର,୨୩।୧୦ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ, ପୋଲିସର ମିଳିତ ଟିମ୍ ଗୁରୁବାର କଳାପତରିଆ ବାଘଛାଲ ଜବତ କରିଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ରବୀନ୍ଦ୍ର ହୁନ୍ଦୁ (୪୦) ଓ ଟାଉନ ଥାନା ଅନ୍ତର୍ଗତ ଜୁଡ଼ିଆ ମୁଣ୍ଡାସାହିର ମଗୁଆ ହେମ୍ବ୍ରମ(୪୬)। ଏହାକୁ ସମ୍ପର୍କରେ ଶଳା, ଭିଣୋଇ ହୋଇଥିବା ବେଳେ ମୁଣ୍ଡାସାହିରେ ରହୁଥିଲେ। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ଅଧିକ ତଦନ୍ତ ଚାଲିଥିବା କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ସୂଚନା ଦେଇଛନ୍ତି।

କେନ୍ଦୁଝର ପୋଲିସ ସାଇବର ସେଲ୍ ସୂଚନା ଆଧାରରେ ଗତ ୨୦ ତାରିଖରେ ବନ ବିଭାଗ ଓ ପୋଲିସର ଏକ ଟିମ୍ ପାଟଣା ବ୍ଲକ ଅସନବଣୀ ଗ୍ରାମରେ ଚଢ଼ାଉ କରି ରବୀନ୍ଦ୍ରଙ୍କ ଘରୁ କଳାପତରିଆ ବାଘଛାଲ ଜବତ କରିଥିଲା। ତାଙ୍କୁ ପଚରାଉଚରା ସମୟରେ ତାଙ୍କ ଶାଳା ମଗୁଆ ବନ୍ୟପ୍ରାଣୀ ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବସାୟ କରୁଥିବା ବନ ବିଭାଗ ଜାଣିଥିଲା। ପରେ ଟିମ୍ ଟାଉନ ଥାନା ଜୁଡ଼ିଆଘାଟି ମୁଣ୍ଡାସାହିରେ ଚଢ଼ାଉ କରି ମଗୁଆଙ୍କୁ ଗିରଫ କରିଥିଲା।

## ୫,୪୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)

### ଭୁବନେଶ୍ୱର, କଟକରୁ ବରଗଡ଼କୁ ଚାଲାଣ

ବରଗଡ଼ ଜିଲା ଅବକାରୀ ବିଭାଗ ଗୁରୁବାର ସହର ଉପକଣ୍ଠ ବରଗଡ଼-କଳାହାଣ୍ଡି ରାସ୍ତାର ଏକାମ୍ର ଛକରେ ଚଢ଼ାଉ କରି କଫ ସିରପ୍ ବୋଝେଇ ଏକ ପିକଅପ୍ ଭ୍ୟାନ(ନଂ-ଓଡି୧୭ଏଫ ୦୮୨୪)କୁ ଜବତ କରିଛି। ସେଥିରୁ ୫୪୦୦ ବୋତଲ କଫ ସିରପ୍‌କୁ ଜବତ ହୋଇଛି। ଏହା ସହିତ ଅନ୍ୟ ଏକ ବ୍ୟବହୃତ ବାଇକ୍(ନଂ-ଓଡି୧୭ଏଇ ୯୭୦୨) ଜବତ ହୋଇଛି। ଏହି ଘଟଣାରେ ବରଗଡ଼ ଗୁଆପାଡ଼ାର ଜଗଦେବ ବାଗ(୩୯) ଏବଂ ଏକାମ୍ର ଛକର ଆଶିଷ ଅଗ୍ରୱାଲଙ୍କୁ ଗିରଫ କରାଯାଇଛି। ଏହି କାରବାରରେ ଆହୁରି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ସୁବନ କୁମାର ନାୟକ କହିଛନ୍ତି, ଜବତ ହୋଇଥିବା କଫ ସିରପ୍ ଭୁବନେଶ୍ୱର, କଟକରୁ ବରଗଡ଼କୁ ଚାଲାଣ ହେଉଥିବା ନେଇ ବୁଧବାର ମଧ୍ୟରାତ୍ରିରୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଅବକାରୀ ବିଭାଗର ଏକ ଟିମ୍ ଏକାମ୍ର ଛକରେ ଭିଜିଲ ଗାଡ଼ି ଯାଞ୍ଚ କରୁଥିଲେ ଏବଂ ଯାଞ୍ଚ ସମୟରେ ଜବତ ହୋଇଥିବା କଫ ସିରପ୍ ବୋଝେଇ ପିକଅପ୍ ଭ୍ୟାନ ଏବଂ ସେହି ଗାଡ଼ିକୁ ଏସ୍କର୍ଟ କରୁଥିବା ବାଇକକୁ ଜବତ କରାଯାଇଥିଲା।

ଜବତ କଫ ସିରପ ବରଗଡ଼ ସହରସ୍ଥିତ ବିଶିପଡ଼ା, ଚୋରା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଚାଲାଣ ହେଉଥିବା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଅବକାରୀ ଅଧୀକ୍ଷକ କହିଛନ୍ତି। ଏହା ସହିତ ଗିରଫ ୨ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପିକଅପ୍ ଭ୍ୟାନ ଏବଂ ଅନ୍ୟଜଣେ ବାଇକ ଡ୍ରାଇଭର ହୋଇଥିବାରୁ ଉଭୟ ଗାଡ଼ିର ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିଛନ୍ତି ବୋଲି ସେ କହିଛନ୍ତି। ସେହିପରି ଭୁବନେଶ୍ୱର, କଟକ ଜିଲାରୁ ଜବତ କଫ ସିରପ୍ ଆସିଥିବା ଜଣାପଡ଼ିବା ପରେ ସେହି ଅଞ୍ଚଳର ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ସେ ନେଇ ସୂଚନା କରାଯାଇଥିବା ନାୟକ କହିଛନ୍ତି। ଗତ ୬ଦିନରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୫୦୦ ବୋତଲ କଫ ସିରପ ଜବତ ସହିତ ୧୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗତ ୧୦ ତାରିଖରେ ପାଇକମାଳ ଥାନା ପୋଲିସ ୨୫୯୮ ଭାଏଲ ନିଶା ଇଞ୍ଜେକ୍ସନ ଜବତ ସହିତ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତଙ୍କ ସହିତ ଜବତ କଫ ସିରପ ଏବଂ ବ୍ୟବହୃତ ଗାଡ଼ି।

## ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି

### ବଡ଼ଭାଇଙ୍କୁ ଠେଙ୍ଗାରେ ପିଟି ହତ୍ୟା

ଜଳେଶ୍ୱର,୨୩।୧୦(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ବଡ଼ିହା ପଞ୍ଚାୟତ ଶଙ୍କରି ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି ଦେଖିବାକୁ ମିଳିଛି। ବଡ଼ଭାଇଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସାନଭାଇ। ଏନେଇ ବଡ଼ଭାଇଙ୍କ ସ୍ତ୍ରୀ ରେବତୀ ଗିରି ରାଇବଣିଆ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୧୧/୨୫) ରୁଜୁ ହୋଇଛି। ମୃତକ ହେଲେ ଖୁଦିରାମ ଗିରି (୪୫)। ପୋଲିସ ସାନଭାଇ ଅଭିରାମ ଗିରି (୪୦)ଙ୍କୁ ଗିରଫ କରିଛି। ଦୀର୍ଘଦିନ ଧରି ଦୁଇ ଭାଇ ମଧ୍ୟରେ ଜମିବାଡ଼ି ନେଇ ଗଣ୍ଡଗୋଳ ଲାଗିରହିଥିଲା। ଅଭିରାମ ଶଶୁର ଘରେ ରହି କାର୍ଯ୍ୟ କରନ୍ତି। ସୋମବାର ବଡ଼ଭାଇ ଖୁଦିରାମ ତାଙ୍କ ଶଶୁର ଘର ଗୋପାଳପ୍ରସାଦ ଗ୍ରାମକୁ ଶାଶୁଙ୍କ ଶ୍ରାଦ୍ଧକ୍ରିୟା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିରାମ ଘରେ ଯୋଉଥିବା ବାଡ଼କୁ ଓପାଡ଼ି ଦେଇଥିଲେ। ଶଶୁର ଘରୁ ସନ୍ଧ୍ୟାରେ ଘରକୁ ଫେରିବା ପରେ ଦୁଇ ଭାଇ ଖୁଦିରାମ ଓ ଅଭିରାମଙ୍କ ମଧ୍ୟରେ ମାରପିଟ ହୋଇଥିଲା। ସାନଭାଇଙ୍କ ଠେଙ୍ଗା ମାଡ଼ରେ ବଡ଼ ଭାଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ୨ ଭଉଣୀଙ୍କୁ ଅପହରଣ ଘଟଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ)

୨ ଭଉଣୀଙ୍କୁ ଅପହରଣ ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳର ମନ୍ଟୁ ବାରିକ(୨୩)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ପରିବାର ସହ କଳାରାହାଙ୍ଗ ଅଞ୍ଚଳରେ ରହନ୍ତି। ଗତ ସେପ୍ଟେମ୍ବର ୧୮ ରାତି ପ୍ରାୟ ୮ଟା ୩୦ ବେଳେ ତାଙ୍କର ଦୁଇ ଝିଅ ମ୍ୟାଗନେଟ ଛକକୁ ବୁଲିବା ଲାଗି ଯାଇଥିଲେ। ସେଠାରେ ମନ୍ଟୁ ଉଭୟଙ୍କୁ ଅପହରଣ କରି ନେଇ ନିଜ ଗାଁକୁ ଚାଲିଯାଇଥିଲେ। ଏନେଇ ଏତଲାକୁ ଇନ୍‌ଫୋସିଟି ଅପହରଣ ମାମଲା (ନଂ.୪୭୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ମନ୍ଟୁ ୨୦ବର୍ଷୀୟା ବଡ଼ ଭଉଣୀଙ୍କୁ ପ୍ରେମ କରୁଥିବାବେଳେ ୧୬ବର୍ଷୀୟା ନାବାଳିକା ସାନ ଭଉଣୀଙ୍କୁ ମଧ୍ୟ ତାଙ୍କ ସହ ନେଇଯାଇଥିଲେ ବୋଲି ଜଣାପଡ଼ିଥିଲା। ପୋଲିସ ମନ୍ଟୁଙ୍କ ଗାଁକୁ ଯାଇ ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

## ପୂର୍ବତନ କନିଷ୍ଠ କିରାଣିଙ୍କୁ ୪ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ)

ଯାଜପୁର ରୋଡ ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ଅଫିସର ପୂର୍ବତନ କନିଷ୍ଠ କିରାଣି (ବର୍ତ୍ତମାନ ବହିଷ୍କୃତ) ଶରତ କୁମାର ରାଉତ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ କୋର୍ଟ ଗୁରୁବାର ଏହି ମାମଲାରେ ରାୟ ପ୍ରକାଶ କରି ଶରତଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟରେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଏହି ମାମଲାର ଅଭିଯୋଗକାରୀ ଜେଲେ ଯାଜପୁର ଶାଳପଡ଼ାର ଶୁଭାଶିଷ ରାୟ। ସେ ଡ୍ରଗ୍ସ ଲାଇସେନ୍ସ ପାଇଁ ଯାଜପୁର ରୋଡ ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ଅଫିସରେ ଆବେଦନ କରିଥିଲେ। ଲାଇସେନ୍ସ କରାଇଦେବାକୁ ଶରତ ତାଙ୍କୁ ୭ ହଜାର ଟଙ୍କା ମାଗିଥିଲେ। ଏନେଇ ଶୁଭାଶିଷ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୧୫ ଜୁଲାଇ ୧୪ରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଅଫିସରେ ଶୁଭାଶିଷଙ୍କଠାରୁ ଶରତ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା।

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣିକା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା



# ଶି'ଙ୍କ ଭୟ



ବ୍ରହ୍ମ ଚେଲାନି

ଚାଇନାର ରାଷ୍ଟ୍ରପତି ଭାବେ ଶି' ଜିନ୍‌ପିଙ୍ଗ ୧୩ ବର୍ଷ କ୍ଷମତାରେ ରହିଲେଣି। ଏହା ମଧ୍ୟରେ ସେ ଚାଇନାରେ ସବୁ ସ୍ତର ଯଥା କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି), ଦେଶର ବ୍ୟବସ୍ଥାଗତ ସଂସ୍ଥା ଏବଂ ସେନା ଉପରେ ତାଙ୍କ ନିୟନ୍ତ୍ରଣ ଦୃଢ଼ କରିପାରିଛନ୍ତି। ଏହାସହ ସମାଜର ପ୍ରତ୍ୟେକ ବିଷୟ ଉପରେ ଭର୍ଚୁଆଲି ନିରୀକ୍ଷଣ ପ୍ରକ୍ରିୟାକୁ ବିସ୍ତାର କରିଛନ୍ତି। ହେଲେ ପୂର୍ବଭଳି ନିକଟରେ ସେନାର ୯ ଜଣ ଶୀର୍ଷ ଜେନେରାଲଙ୍କୁ ତଡ଼ିଦେବା ପଦକ୍ଷେପରୁ ଜଣାପଡୁଛି ଯେ ସେ ଏବେ ମଧ୍ୟ ସବୁଠି ଶତ୍ରୁ ରହିଛନ୍ତି ବୋଲି ଭାବୁଛନ୍ତି। ୨୦୧୨ରେ ଶିକ୍ଷମତାକୁ ଆସିବା ପରେ ସିପିସି ଏବଂ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ମଧ୍ୟରେ ଦୁର୍ନୀତି ବନ୍ଦ କରିବା ପାଇଁ ପଦକ୍ଷେପ ନେଇଥିଲେ। ଏହି ଅଭିଯାନ ପ୍ରାରମ୍ଭରେ ଲୋକପ୍ରିୟ ହୋଇଥିଲା କାରଣ ଚାଇନାର ଏକ-ଦଳୀୟ ବ୍ୟବସ୍ଥା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବାବେଳେ କ୍ଷମତାର ଦୁରୁପଯୋଗ ହେଉଥିଲା। କିନ୍ତୁ ପ୍ରବର୍ତ୍ତନ ଚୟନାତ୍ମକ ଥିଲା, ଯାହା କେବଳ ଅଧିକ ସ୍ୱଚ୍ଛ କିମ୍ବା ପ୍ରଭାବୀ ବ୍ୟବସ୍ଥା ଗଢ଼ିବା ପାଇଁ ଉଦ୍ଦିଷ୍ଟ ନ ଥିଲା, ବରଂ ଶି'ଙ୍କ ହାତରେ କ୍ଷମତା କେନ୍ଦ୍ରୀଭୂତ କରିବା ସକାଶେ ଉଦ୍ଦିଷ୍ଟ ଥିଲା ବୋଲି ସଙ୍ଗେ ସଙ୍ଗେ ସ୍ପଷ୍ଟ ହୋଇଗଲା। ଶି'ଙ୍କ ଚାଇନାରେ, ବିକାଶ ନେତାଙ୍କ ବ୍ୟକ୍ତିଗତ ବିଶ୍ୱାସ ହାସଲ କରିବା ତୁଳନାରେ ପ୍ରତିଯୋଗିତା କିମ୍ବା ସ୍ୱଚ୍ଛତା ଉପରେ କମ୍ ନିର୍ଭର କରେ। କିନ୍ତୁ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କେବଳ ସମର୍ଥକଙ୍କ ସଂଖ୍ୟା ବୃଦ୍ଧି କରିବା ପରେ ବି ଶି' ନିୟମିତ ଭାବେ ଶୀର୍ଷ ସେନା କମାଣ୍ଡରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ବରଖାସ୍ତ କରିବାରେ ଲାଗିଛନ୍ତି। ଆମେରିକାର ଅଫିସ ଅଫ୍ ଦି ଡାଇରେକ୍ଟର ଅଫ୍ ନ୍ୟାଶନାଲ ଇଣ୍ଟେଲିଜେନ୍ସ ଅନୁଯାୟୀ, ଶି'ଙ୍କ ଶାସନରେ ଦୁର୍ନୀତି ପାଇଁ ସବୁ ସରକାରୀ ସ୍ତରରେ ପାଖାପାଖି ୫୦ ଲକ୍ଷ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅନେକେ କୌଣସି ସ୍ପଷ୍ଟୀକରଣ ନ ଦେଇ ଅଦୃଶ୍ୟ ହୋଇଥିବା ବିଷୟ କହିବାର ପ୍ରୟୋଜନ ନାହିଁ।

ଶି'ଙ୍କ ଶାସନ ଦାବି କରେ ଯେ, ନିକଟରେ ଜେନେରାଲ ୱିଡଙ୍ଗ, ଜଣେ ପଲିଟବ୍ୟୁରୋ ସଦସ୍ୟ, କେନ୍ଦ୍ରୀୟ ସେନା ଆୟୋଗର ଉପାଧ୍ୟକ୍ଷ ଏବଂ ଚାଇନାର ସେନା ପଦାନୁକ୍ରମର ତୃତୀୟ ଶୀର୍ଷ ପଦବୀର ବ୍ୟକ୍ତିତ୍ୱଙ୍କ ସମେତ ଅନ୍ୟ ସେନା ଅଧିକାରୀଙ୍କୁ କର୍ତ୍ତବ୍ୟ ସମ୍ପର୍କିତ ଅପରାଧ ଓ ଅନୁଶାସନାତ୍ମକ ଉଲ୍ଲଂଘନକୁ ନେଇ ତଡ଼ି ଦିଆଯାଇଛି। କିନ୍ତୁ ଏହା ସ୍ୱୀକାର କରାଯାଏ ଯେ, ଶି 'ତାଙ୍କ କ୍ଷମତାର ମୁଠା ଟାଣ କରିବା ପାଇଁ ବିରୋଧୀଙ୍କୁ ସଫା କରିବା ଲାଗି ପଦକ୍ଷେପ ନେଉଛନ୍ତି। ଶି'ଙ୍କ ଭୟ ପଛରେ କିଛି କାରଣ ରହିଛି। ଅଧିକାରୀଙ୍କୁ ବିଦା କରିବା ପାଇଁ ନିଆଯାଉଥିବା ପ୍ରତ୍ୟେକ ନୂଆ ପଦକ୍ଷେପ ଚାଇନାର ପ୍ରତିଷ୍ଠିତ ବର୍ଗଙ୍କ ମଧ୍ୟରେ ଅବିଶ୍ୱାସ ବଢ଼ାଇବା ସହ ବିପଦର ଆଶଙ୍କା ସମର୍ଥକଙ୍କୁ ଶତ୍ରୁରେ ପରିଣତ କରୁଛି। ମାଓ ଜେଡଙ୍ଗଠାରୁ ଆରମ୍ଭ କରି ଜୋଶେଫ ଷ୍ଟାଲିନଙ୍କ ପର୍ଯ୍ୟନ୍ତ,



ସ୍ପଷ୍ଟ ପ୍ରମାଣ କରେ ଯେ, ଏକକ ବ୍ୟକ୍ତିକୈନ୍ଦ୍ରିକ ଶାସନ ଅବିଶ୍ୱାସ ବା ସନ୍ଦେହ ସୃଷ୍ଟି କରିଛି। କିନ୍ତୁ ଏବେ ଶି' ମଧ୍ୟ ଶତ୍ରୁ ଓ ମିତ୍ରଙ୍କ ମଧ୍ୟରେ ପ୍ରଭେଦ ଚିହ୍ନଟ କରିବାରେ ଅକ୍ଷମ ହୋଇଛନ୍ତି। ୭୨ ବର୍ଷ ବୟସରେ, ସେ ତାଙ୍କ ପଦବୀରେ ଏତେ ଅସୁରକ୍ଷିତ ରହିଛନ୍ତି ଯେ ଏପରି କି ମାଓଙ୍କ ଭଳି, ସେ ଜଣେ ଉତ୍ତରାଧିକାରୀ ବାଛିବାକୁ ମନା କରିଦେଇଛନ୍ତି। ଜଣେ ଉତ୍ତରାଧିକାରୀ ତାଙ୍କ ପତନର କାରଣ ହୋଇପାରେ ବୋଲି ସେ ଭୟ କରୁଛନ୍ତି।

ଏହା ଚାଇନା ପାଇଁ ଶୁଭ ଲକ୍ଷଣ ନୁହେଁ। ବିଶେଷକରି ନେତୃତ୍ୱ ପରିବର୍ତ୍ତନ କରିବା ସକାଶେ ମନା କରି ଶି' ବିପଦ ବଢ଼ାଉଛନ୍ତି, ଯାହା ହୁଏତ ରାଜନୈତିକ ଅସ୍ଥିରତା ସୃଷ୍ଟି କରି ତାଙ୍କ ଶାସନର ଅନ୍ତ ଘଟାଇବ। ବିଚାରଗତ ଅନୁକୂଳତା ବଦଳରେ ଶି' ବ୍ୟକ୍ତିଗତ ବିଶ୍ୱସନୀୟତାକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ଅତୀତରେ ସମ୍ମିଳିତ ନେତୃତ୍ୱକୁ ଆଧାର କରି ବ୍ୟବସ୍ଥାରେ ପ୍ରତିଷ୍ଠିତ ହୋଇଥିବା ସଂସ୍ଥାଗତ ଏକତା ଦୁର୍ବଳ ହୋଇଯାଉଛି। ଏହାସହ ମନଇଚ୍ଛା ଅଧିକାରୀମାନଙ୍କୁ ଚାକିରିରୁ ବାହାର କରିଦେବା ଏବଂ ଅଭିଯୁକ୍ତ କରିବା ଦ୍ୱାରା ଚାଇନା ସରକାର ଏବେ ପ୍ରତିଯୋଗିତା ଓ ପ୍ରତିବଦ୍ଧତା ବଦଳରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ଅଧିକ ପ୍ରଶଂସା କରୁଛି ଓ ଚିନ୍ତାରେ ରହୁଛି।

ଶି'ଙ୍କ ଅସ୍ଥିର ମନୋଭାବ ପାଇଁ ବିଶେଷକରି ଚାଇନାର ସେନାକୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ବର୍ଷେ ଦୁଇ ବର୍ଷ ହେବ, ଟେକ୍‌ନୋଲୋଜି ଆଧାରିତ ଯୁଦ୍ଧରେ ବିଜୟୀ ହେବା ପାଇଁ ପିଏଲ୍ଏ ନିଜକୁ ଏକ ଆଧୁନିକ ଶକ୍ତି ହେବା ଲାଗି ବ୍ୟାପକ ବ୍ୟବସ୍ଥାଗତ ପୁନର୍ଗଠନ କରିଛି। କନ୍ତୁ ଶି' ଅଧିକାରୀମାନଙ୍କୁ ବାହାର କରିଦେବା ଦ୍ୱାରା ମିଲିଟାରି ଯୋଜନା ଓ ନେତୃତ୍ୱରେ ବାଧା ସୃଷ୍ଟି ହୋଇଛି; ଯାହା ପୁନର୍ଗଠନ ପଦକ୍ଷେପକୁ ଦୁର୍ବଳ କରିଦେଇଛି। ଉଦାହରଣ ସ୍ୱରୂପ, ୨୦୨୩ରେ ଚାଇନାର ଆଣବିକ ଅସ୍ତ୍ରଶସ୍ତ୍ର ଓ ପାରମ୍ପରିକ କ୍ଷେପଣାସ୍ତ୍ରର ଦେଖାରଖା କରୁଥିବା ପିଏଲ୍ଏର ରକେଟ୍ ଫୋର୍ସର ଶୀର୍ଷ ଅଧିକାରୀଙ୍କୁ ବାହାର କରିଦେବା ସମ୍ଭବତଃ ଚାଇନାର ରଣନୀତିକ ପ୍ରତିରୋଧ କ୍ଷମତା ପ୍ରତି ବିପଦ ସୃଷ୍ଟି କରିପାରେ। ଅଭିଜ୍ଞ କମାଣ୍ଡରଙ୍କ ଜାଗାରେ ଅନଭିଜ୍ଞ ସମର୍ଥକଙ୍କୁ ନିଯୁକ୍ତ କରିବା ହୁଏତ ଶି'ଙ୍କ ରାଜନୈତିକ ଅସ୍ତିତ୍ୱକୁ ନିଶ୍ଚିତ କରିପାରେ। ଚାଇନାର ନେତୃବର୍ଗ ସେମାନଙ୍କ ନିଜ କ୍ଷମତାକୁ ସୁରକ୍ଷିତ ରଖିବା ପାଇଁ ବହୁସମୟରେ ସେନାକୁ ବ୍ୟବହାର କରିପାରନ୍ତି, ହେଲେ ଜାତୀୟ ସୁରକ୍ଷା ପାଇଁ ଏହା କୌଣସି କାମରେ ଆସିବ ନାହିଁ। ରାଜନୈତିକ ଅସ୍ତିତ୍ୱକୁ ନେଇ ସେନାର ଶୀର୍ଷ ଅଧିକାରୀମାନେ ଚିନ୍ତାରେ ରହୁଥିବାବେଳେ ଏହା ବିଶେଷକରି ନୈତିକ ତଥା ଯୁଦ୍ଧଗତ ପ୍ରସ୍ତୁତିକୁ ପ୍ରଭାବିତ କରୁଛି। ପିଏଲ୍ଏ ଉପରେ ରାଜନୈତିକ ପ୍ରତିବନ୍ଧକ ଲଗାଇ ଆମେରିକା ଓ ଭାରତ ଭଳି ପ୍ରମୁଖ ବିରୋଧୀଙ୍କ ବିରୋଧରେ ଶି' ଯୁଦ୍ଧ ଜିତି ପାରିବେ କି? ସେ ଖୋଲାଖୋଲି ଭାବେ ଯୁଦ୍ଧ ନ କରି ଗୁପ୍ତରେ ବଳ ପ୍ରୟୋଗକରି ତାଙ୍କ ବିସ୍ତାରବାଦୀ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛନ୍ତି। କିନ୍ତୁ ମତିଭ୍ରମ ଘଟିଥିବା ଜଣେ ନେତାଙ୍କ ଚାରିପାଖରେ ଥିବା ଚାଟୁକାରୀମାନେ ତାଙ୍କୁ ବିରୋଧ କରିବାକୁ ଅନିଚ୍ଛୁକ କିମ୍ବା ଅକ୍ଷମ ହୋଇଥାନ୍ତି। ଫଳରେ ସେ ସବୁବେଳେ ଭୁଲ୍ ରଣନୀତିକ ଅବଗଣନା କରନ୍ତି। ସ୍ମରଣଯୋଗ୍ୟ ଯେ, ନାଜି ଆକ୍ରମଣ ପରିପ୍ରେକ୍ଷୀରେ ଷ୍ଟାଲିନ ରେଡ୍ ଆର୍ମିର ନେତୃତ୍ୱକୁ ଭାଙ୍ଗିଦେବା ଦ୍ୱାରା ବିନାଶକାରୀ ପରିଣାମ ସାମ୍ନାକୁ ଆସିଥିଲା।

ଚାଇନାର ଉତ୍ଥାନକୁ ନେଇ ସବୁ ପ୍ରକାର ପ୍ରଦର୍ଶନ ହେଉଥିଲେ ମଧ୍ୟ ଦେଶ ବ୍ୟବସ୍ଥାଗତ ସମସ୍ୟାର ସମ୍ମୁଖୀନ ହେଉଛି । ଏହାର ଅର୍ଥ ବ୍ୟବସ୍ଥା ମାନ୍ଦା ପଡ଼ିଯାଇଛି, ଯୁବ ବେରୋଜଗାରୀ ବୃଦ୍ଧି ପାଉଛି। ଏହା ସହ ବୟସ୍କଙ୍କ ସଂଖ୍ୟା ବଢୁଥିବାବେଳେ ଜନସଂଖ୍ୟା ହ୍ରାସ ପାଉଛି। ଜନ ଅସନ୍ତୋଷକୁ ଦମନ କରାଯାଉଛି। ଯଦି ଶି'ଙ୍କ ନେତୃତ୍ୱ ପ୍ରତି କୌଣସି ସମ୍ଭାବ୍ୟ ଆହ୍ୱାନ ଆସୁଛି ତେବେ ଅଧିକାରୀଙ୍କୁ ପଦବୀରୁ ବାହାର କରି କିମ୍ବା ଅଭିଯୁକ୍ତ କରି ତାହାକୁ ରୋକି ଦିଆଯାଉଛି। ଶେଷରେ, ଶି' ଭୟ ମଧ୍ୟରେ ଶାସନ କରିବା ପାଇଁ ଯୋଗ୍ୟ ବୋଲି ମନେ ହେଉଛି। କିନ୍ତୁ ଭୟକୁ ନେଇ କ୍ଷମତାର ଦୀର୍ଘ ସ୍ଥାୟିତ୍ୱ ଆସିବ ନାହିଁ। ବିଶ୍ୱାସଘାତକତାର ଭୟ ଘାରିଥିବା ଜଣେ ନେତା ଅନ୍ୟମାନଙ୍କୁ ଆଜ୍ଞାକାରୀ ହେବାକୁ ବାଧ୍ୟ କରିପାରନ୍ତି, ହେଲେ ତାହା ପ୍ରକୃତ କୃତଜ୍ଞତା ନୁହେଁ। ଆଜ୍ଞାକାରିତା କେବଳ କ୍ଷମତାର ଏକ ଦୁର୍ବଳ ବିକଳ୍ପ ହେବା ସହ ଭଙ୍ଗୁରତାର ଉତ୍ସ ହୋଇପାରେ। କାରଣ ଏଥିରେ ସୃଜନଶୀଳତା, ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗର ସୁଯୋଗ ନ ଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଶି' ତାଙ୍କ ହାତରେ ଅଧିକ କ୍ଷମତା ଠୁଳ କରିବାକୁ ଚାହୁଁଛନ୍ତି। ଫଳରେ ତାଙ୍କ ଶାସନ ଅଧିକ ବିପଦମୁଖୀ ହେବାରେ ଲାଗିଛି। ଏକମତ ହେଉ ନ ଥିବା ଅଧିକାରୀଙ୍କୁ ବାହାର କରିବାରେ ମାଓଙ୍କ ପଦକ୍ଷେପ ଅରାଜକତା ଓ ରାଷ୍ଟ୍ରୀୟ କ୍ଷତିକୁ ଶେଷ କରିଥିଲା। ହେଲେ ଶି'ଙ୍କ ପଦ୍ଧତି ଅଧିକ ଉନ୍ନତ ଲାଗୁଥିଲେ ବି ଏହା ପଛର ସିଦ୍ଧାନ୍ତ ପ୍ରାୟ ସମାନ ଏବଂ ପରିଣାମ ବି ସେହିଭଳି ହୋଇପାରେ।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

## ଏଇ ଭାରତରେ

କାଶ୍ମୀରର ଡାଲ୍ ହ୍ରଦ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସ୍ଥଳ ହୋଇଥିବାରୁ ବ୍ୟାପକ ଭାବେ ପ୍ଲାଷ୍ଟିକ ବ୍ୟବହାର ହ୍ରଦର ପାରିପାର୍ଶ୍ୱିକ ପରିବେଶକୁ ପ୍ରଦୂଷିତ କରୁଛି। ଏଭଳି ସ୍ଥିତିରେ ଏହାକୁ ସ୍ୱଚ୍ଛ କରିବା ଲାଗି ୧୪ ବର୍ଷ ବୟସ୍କା ଜନ୍ନତ ପଟ୍‌ଲୋ ହ୍ରଦରୁ ପ୍ଲାଷ୍ଟିକ ସଫା କରୁଛନ୍ତି। ଜନ୍ନତ ଶ୍ରୀନଗରର ଲିଣ୍ଟନ ହଲ୍ ପବ୍ଲିକ ସ୍କୁଲରେ ୭ମ ଶ୍ରେଣୀରେ ପଢୁଛନ୍ତି। ରବିବାର ସେ ହ୍ରଦ ସଫା କରିବାକୁ ଯାଉଛନ୍ତି ଏବଂ ନିଜେ ବୋଟ୍ ଚଲାଇ ହ୍ରଦରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏହି କାର୍ଯ୍ୟ ସେ ୫ ବର୍ଷ ବୟସରୁ ଆରମ୍ଭ କରିଛନ୍ତି। ଜନ୍ନତଙ୍କ ପିତା ତାରିକ ଅହମ୍ମଦ ପଟ୍‌ଲୋ ଜଣେ ସାମାଜିକକର୍ମୀ। ସେ ଡାଲ୍ ହ୍ରଦରେ ବୋଟ୍ ଚଲାଇ ଦୈନିକ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ହ୍ରଦକୁ ସଫା କରନ୍ତି। ତାଙ୍କର ଏହି କାର୍ଯ୍ୟରେ ପ୍ରଭାବିତ ହୋଇ ମାତ୍ର ୫ ବର୍ଷ ବୟସରୁ ଜନ୍ନତ ପିତାଙ୍କ ସହ ଛୁଟିଦିନରେ ହ୍ରଦ ସଫା କରିବାକୁ ଯାଉଥିଲେ। ଏବେ ଜନ୍ନତ ହ୍ରଦ ସଫା କରିବା ଲାଗି 'ଡାଲ୍ ଲେକ୍ ଫର୍ ସନ୍‌ଡେ' ବା 'ରବିବାର ପାଇଁ ଡାଲ୍ ହ୍ରଦ' ଅଭିଯାନ ଚଲାଇଛନ୍ତି ଓ ତାରିକ ତାଙ୍କ ସହ ଯୋଗ ଦେଉଛନ୍ତି। ଜନ୍ନତଙ୍କ ଏହି କାର୍ଯ୍ୟକୁ ଦେଶସାରା ପ୍ରଶଂସା କରାଯାଉଛି। ଏପରିକି ହାଇଦ୍ରାବାଦର ଏକ ସ୍କୁଲର ୩ ଶ୍ରେଣୀ ପାଠ୍ୟକ୍ରମରେ ତାଙ୍କ ସମ୍ପର୍କରେ 'ଜନ୍ନତସ୍ ଝିଲ' ବା 'ସ୍ୱର୍ଗର ହ୍ରଦ' ବିଷୟ ସ୍ଥାନ ପାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଅକ୍ଟୋବର ୧୯୭୬**

- ଜାପାନ ବଦଳରେ ଭାରତ ଜାତିସଂଘ ନିରାପତ୍ତା ପରିଷଦର ସଭ୍ୟ ରୂପେ ନିର୍ବାଚିତ ହୋଇଛି।
- ହୁଆ କୁଓ ଫେଙ୍ଗ ଚାଇନା କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ୍ ମନୋନୀତ ହେବା ପରେ ଦେଶର ନେତୃତ୍ୱରେ ବ୍ୟାପକ ପରିବର୍ତ୍ତନ କ୍ରମେ ଉପ ପ୍ରଧାନମନ୍ତ୍ରୀ ଲି ସିଏନ୍-ନିଏନ୍‌ଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 5 | | | | |
| 7 | 6 | 2 | | | | | 3 | |
| 4 | | | | 1 | | 2 | | |
| | | 8 | | | 5 | 6 | | |
| | 1 | | | | | 3 | | |
| | 3 | | | 8 | | | | |
| | | | | | | | 8 | |
| | | | 8 | 9 | 2 | | | 1 |
| | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 5 | 1 | 7 | 9 | 6 | 2 | 4 |
| 7 | 2 | 9 | 3 | 6 | 4 | 5 | 8 | 1 |
| 1 | 6 | 4 | 5 | 2 | 8 | 3 | 9 | 7 |
| 5 | 9 | 6 | 4 | 3 | 2 | 7 | 1 | 8 |
| 2 | 1 | 7 | 9 | 8 | 6 | 4 | 5 | 3 |
| 4 | 8 | 3 | 7 | 1 | 5 | 9 | 6 | 2 |
| 6 | 7 | 1 | 2 | 9 | 3 | 8 | 4 | 5 |
| 9 | 4 | 2 | 8 | 5 | 7 | 1 | 3 | 6 |
| 3 | 5 | 8 | 6 | 4 | 1 | 2 | 7 | 9 |

ଗତକାଲିର ଉତ୍ତର

# ଭଙ୍ଗାଯାଏ ଗଢ଼ିବା ପାଇଁ



ଡ. ଦ୍ୱିତୀଚନ୍ଦ୍ର ସାହୁ

ଲୋକେ ସବୁ ଯାତନା ସହିପାରନ୍ତି କିପରି? ଜୀବନ ବାରମ୍ବାର ତାଡ଼ନା ଦେଲା ପରେ ବି ସ୍ଥିର ରହିପାରନ୍ତି କିପରି ମଣିଷ। ସମୟ, ପରିସ୍ଥିତି ବିଶେଷକରି ମଣିଷମାନେ ଅନ୍ୟକୁ ଯନ୍ତ୍ରଣା ଦିଅନ୍ତି। ସେଥିରେ ଲୋକେ ଅବିଚଳିତ ହୋଇ ଚୁପ୍‌ଚାପ୍ ରହନ୍ତି। ପ୍ରତିବାଦ କରନ୍ତି ନାହିଁ। ବରଂ ସମୟ ହାତରେ ଛାଡ଼ିଦିଅନ୍ତି। ଏସବୁ ଶୁଣି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଭାଇ! ଏକା ନିଃଶ୍ୱାସରେ ପଚାରିଲା ଜଣେ ବନ୍ଧୁ। ମୁଁ ଚୁପ୍ ରହି ଚାଲିଲି। ବନ୍ଧୁ ପୁଣି କହିଲା -ଜୀବନ ତୋ ପ୍ରତି ଏତେ ଅତ୍ୟାଚାର କରୁଛି, ତୁ କେମିତି ଭାଙ୍ଗିପଡିନୁ? ଏତେ ସହଜରେ ଜିଇପାରୁ? ଏତେ ଶକ୍ତି କେଉଁଠୁ ପାଉଛୁ? ତା'ର ସରଳ ମନ୍ତ୍ର କ'ଣ? ଏଥର ବନ୍ଧୁକୁ ଭିଡିନେଇ ଗଛ ମୂଳେ ଥିବା ପଥର ଉପରେ ବସେଇଲି ଓ କହିଲି।

ଜୀବନ ଏକ ନାଟକମଞ୍ଚ। ଏଠି ପ୍ରତ୍ୟେକ ଚରିତ୍ର ଆସେ, ଅଭିନୟ କରେ ଓ ଶେଷରେ ପରଦା ପଡ଼େ। ଯେପରି ଫୁଲ ଫୁଟିବା ସହିତ ଶୁଖିବାର ଯାତ୍ରା ଆରମ୍ଭ ହୁଏ। ସେପରି ଭଙ୍ଗାଯାଏ ଗଢିବା ପାଇଁ। ପ୍ରକୃତି ଆମକୁ ଏହି ନିୟମ ନିତି ନୂଆ ଭାବେ ଦେଖାଏ। ମାଟି ହେଉଛି ସୃଷ୍ଟିର ଗର୍ଭ, ଯେଉଁଠାରୁ ଗଛ ଜନ୍ମନିଏ। ଗଛ ବୃଦ୍ଧି ପାଏ, ଫୁଲ ଫୁଟେ, ଫଳ ହୁଏ ଏବଂ ଶେଷରେ ପତ୍ରଝଡ଼ା ଦିଏ । ଏହି ପତନ ହିଁ ନୂଆ ଜୀବନର ମୂଳ। ପୁରୁଣା ପତ୍ର ମାଟିହୋଇ ନୂଆ ଚାରାକୁ ପୋଷଣ ଦିଏ। ଏହା ହେଉଛି ସୃଷ୍ଟି ଓ ବିନାଶର ଅଦୃଶ୍ୟ ସମତା। ମନୁଷ୍ୟ ଜୀବନ ମଧ୍ୟ ଏହି ନିୟମରେ ବନ୍ଧା। ଶିଶୁ ହୋଇ ଗଢ଼ିଉଠୁଥିବା ଶରୀର ଦିନେ ବୃଦ୍ଧାବସ୍ଥାରେ ପଦାର୍ପଣ କରେ। ଯେପରି ଦିନ ଓ ରାତି, ଜନ୍ମ ଓ ମୃତ୍ୟୁ, ସୃଷ୍ଟି ଓ ବିନାଶ। ସେମାନେ ଗୋଟିଏ ଦେହର ଦୁଇ ଅଙ୍ଗ। ଗୋଟିଏ ଜନ୍ମ ଓ ଆରଟି ମୃତ୍ୟୁ। ଯେପରି ମେଘ ଭାଙ୍ଗି ବର୍ଷା ହୁଏ ଓ ପୃଥିବୀକୁ ସିଞ୍ଚି ନୂଆ ପ୍ରାଣ ଦିଏ। ସେପରି ଜୀବନର ପୁରୁଣା ଅଂଶ ଭାଙ୍ଗି ନୂଆ ସଂସାରକୁ ଜନ୍ମ ଦିଏ। ଅର୍ଥାତ୍ ଯାହା ଶେଷ ହେଲା, ତାହା ପୁଣି ନୂଆରୂପ ନେଇ ଫେରି ଆସେ। ପ୍ରକୃତିର ନିୟମ ଏତିକି ଆମକୁ ଶିଖାଏ ବହୁତ। ଭାଙ୍ଗିବାରେ ଭୟ କରିବାର କିଛିନାହିଁ। କାରଣ ଏହି ଭାଙ୍ଗିବାରେ ନୂଆଗଢ଼ାର ଅଙ୍କୁର ଲୁକ୍କାୟିତ ହୋଇ ରହିଛି। ଜଣେ ମୂର୍ତ୍ତିକାର ଯେପରି ମାଟିକୁ ଭାଙ୍ଗିଗଢ଼ି ଏକ ସୁନ୍ଦର ମୂର୍ତ୍ତି ତିଆରି କରେ, ସେପରି ସମୟ ଓ କିଛି ମଣିଷ ମଧ୍ୟ ଆମ ଜୀବନକୁ ଭାଙ୍ଗିଗଢ଼ି ନୂଆ ଅଭିଜ୍ଞତା ଦିଅନ୍ତି। ଆମକୁ ସଙ୍କେତ ଦିଅନ୍ତି। ଜୀବନର ଭଲମନ୍ଦକୁ ପରଖିବାକୁ ସୁଯୋଗ ଦିଅନ୍ତି। ନିଜ ଭିତରେ ଥିବା ମନ୍ଦଗୁଡ଼ିକୁ ଛାଡିବାକୁ ଅବସର ମିଳେ। ଭଲକୁ ଧରି ଆଗକୁ ବଢିବାକୁ ବଳ ଗୋଟାଏ। ଭାଙ୍ଗିବା ଶେଷ ନୁହେଁ, ଏହା ଏକ ନୂଆ ଆରମ୍ଭର ପ୍ରସ୍ତାବନା। ଜୀବନ ଗୋଟିଏ ମାଟିହାଣ୍ଡି। ଯାହାକୁ ସମୟ ତା' ଦେହରେ ଆକାର ଦେଇ ଗଢ଼େ। ହାଣ୍ଡି ହେବା ପୂର୍ବରୁ ସେ ମାଟିହୋଇ ଆଘାତ ସହେ। ମାଡ଼ଖାଏ। ଅଗ୍ନିସ୍ପର୍ଶର ଜ୍ୱାଳା ସହେ। କିନ୍ତୁ ସେଇ ଆଘାତ ଓ ତାପ ତାକୁ ଦୃଢ଼କରେ। ଯଦି ସେ ଭାଙ୍ଗିବାର ଭୟ କରିଥାନ୍ତା, ତେବେ କେବେ ହାଣ୍ଡିହୋଇ ନ ଥାନ୍ତା। ମଣିଷର ଜୀବନ ମଧ୍ୟ ସେପରି। ପ୍ରତ୍ୟେକ ଆଘାତ, ପ୍ରତ୍ୟେକ ଭାଙ୍ଗିବା ତାକୁ ମଜଭୁତ କରେ। ଜୀବନର ଚକ୍କିରେ ଗୋଟିଏ



ନୂଆଗଢ଼ା କୌଶଳକୁ କରାୟତ୍ତ କରେ। ଅନେକ ସମୟ ଆମେ ଭାବୁ କାହିଁକି ମୋ ଠାରେ ହିଁ ଏମିତି ହେଲା? ଅନ୍ୟମାନଙ୍କ କ୍ଷେତ୍ରରେ କାହିଁକି ନୁହେଁ ।

ଫଳନ୍ତି ଗଛକୁ ହିଁ ଫଳଟିଏ ପାଇବାର ଲୋଭରେ ଟେକାଟି ଫୋପଡ଼ା ଯାଏ । ସବୁଜ ଗହଳ ଥାଇ ସୁଦ୍ଧା ଫଳ ନ ଥିବା ଗଛକୁ କେହି ଟେକାମାରନ୍ତିନି। ସେହି ଭାଙ୍ଗିବା ମଧ୍ୟରେ ହିଁ ଆମେ ଆପଣା ଶକ୍ତିକୁ ଚିହ୍ନିପାରିଥାଉ। ଭାଙ୍ଗିବା ନିଜେ ଗଢିଉଠିବାର ପ୍ରଥମ ଆଲୋକ। ଯେଉଁ ହୃଦୟ ଭାଙ୍ଗିଛି, ସେ ଅଧିକ ଅନୁଭବୀ। ଯେଉଁ ଆତ୍ମା ଯନ୍ତ୍ରଣା ସହିଛି, ସେ ଅଧିକ ମାନବିକ। ଭାଙ୍ଗିବା ଆମକୁ ଶିଖାଏ ନିର୍ବାପିତ ଆଶାକୁ ଆଉଥରେ ଜଳାଇବାର ଥିବା ଶକ୍ତିକୁ। ଜୀବନ ଏମିତି ଗୋଟିଏ ଯାତ୍ରା, ଯେଉଁଠାରେ ଭାଙ୍ଗିବା, ଝୁଣ୍ଟିବା, ହାରିବା ଓ ଯନ୍ତ୍ରଣା ଭୋଗିବା ଗୋଟିଏ ଗୋଟିଏ ଅଂଶବିଶେଷ। ପ୍ରତ୍ୟେକ ସଫଳ ଲୋକଙ୍କ ପଛରେ ଅନେକ ବିଫଳତା ଲୁଚିଛି। ସେମାନେ ବିଭିନ୍ନ କାରଣରୁ ଖଣ୍ଡ ଖଣ୍ଡ ହୋଇଛନ୍ତି। ଅଥଚ ଛିଣ୍ଡି ନାହାନ୍ତି । ବରଂ ଭାଙ୍ଗି ବି ପୁନଶ୍ଚ ସୁନ୍ଦର ହୋଇ ଗଢିଉଠିଛନ୍ତି। ଭାଙ୍ଗିବା ହେଉଛି ସହିଷ୍ଣୁତା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଏକ ପରୀକ୍ଷା। ଯେତେବେଳେ ଜୀବନକୁ ଭାଙ୍ଗିଦେବାକୁ ଚେଷ୍ଟାକରେ, ସେତେ ବେଳେ ମନେ ରଖ ତୁମକୁ ଭାଙ୍ଗିବାକୁ ପ୍ରୟାସ କରାଯାଏନି, ଗଢିଉଠିବାକୁ ହିଁ ଭରପୂର ସୁଯୋଗ ଦିଆହୁଏ।

କୌଣସି ମଣିଷ ଜନ୍ମରୁ ସଫଳ ନୁହେଁ। ସେ ବିଫଳତାର ଆଘାତରେ ଜୀବନ ଶିଖେ। ପଡ଼ିଲେ ଉଠିବା, ହାରିଲେ ଲଢ଼ିବା ହେଉଛି ଜୀବନର ସତ୍ୟଶିକ୍ଷା। ଲୁହାକୁ ଅଗ୍ନିରେ ତତାଇଲେ ଇସ୍ପାତ ହୁଏ । କଷ୍ଟ ଓ ବିଫଳତା ମଣିଷକୁ ଶକ୍ତିଶାଳୀ କରେ। ଝଡ଼ ପରେ ନୂଆ ଗଛ କଅଁଳେ। ମେଘ ପରେ ଆସେ ଇନ୍ଦ୍ରଧନୁ। ଭାଙ୍ଗିବା ଜୀବନର ଅବିଭାଜ୍ୟ ଅଂଶ। ଭାଙ୍ଗିଲେ ମନ ଛିଣ୍ଡିବା ନୁହେଁ, ଅପେକ୍ଷା ରଖିବା ଉଚିତ। ଏହି ଭାଙ୍ଗିବା ମୋ ଗଢିଉଠିବାର ଆରମ୍ଭ। ଭାଙ୍ଗିବା ମାନେ ନଷ୍ଟ ହେବା ନୁହେଁ, ଏହା ହେଉଛି ଆପଣାକୁ ପୁନଃ ସଂରଚନା କରିବାର ଅବସର। କିଛି ବ୍ୟକ୍ତି, ସମୟ ଓ ପରିସ୍ଥିତି ଆମକୁ ପଛକୁ ଠେଲିଦିଏ, ସେତେବେଳେ ଜୀବନ ଆମକୁ ଅଧିକ ଶକ୍ତିଶାଳୀ ହେବାର ପ୍ରସ୍ତୁତି ଦିଏ। ଆହୁରି ଝାଡିଝୁଡି ଶକ୍ତି ଗୋଟାଇ ଆଗକୁ ମାଡିଚାଲେ । ତା'ର ବେଗ ଓ ତୀବ୍ରତା ଏତେ ଥାଏ ଯେ ସେହି ତଥାକଥିତ ଅପଶକ୍ତିମାନଙ୍କୁ ଅନେକ ପଛରେ ଛାଡିଦିଏ। ଛୁଇଁବାକୁ ଚେଷ୍ଟା କଲେ ବି ଛୁଇଁବା ସମ୍ଭବପର ହୋଇ ପାରେନା। ଜୀବନରେ କେହି ଏମିତି ନାହାନ୍ତି ଯେ ସେ ସଦା ସଫଳ ହୋଇଛନ୍ତି। ଜୀବନ ଆଘାତ ବିନା ସୁନ୍ଦର ହୋଇପାରେନା। କୁତ୍ସାରଟନା, ମିଥ୍ୟାରୋପ, ଅପଳାପ ଇତ୍ୟାଦି ଈର୍ଷାଳୁ ଓ ବିଫଳକାରୀଙ୍କ ପ୍ରିୟ ଅସ୍ତ୍ର । ସତ୍ୟ, ନ୍ୟାୟ, ନୀତିବାନ, ପରିଶ୍ରମ, ଅଧ୍ୟବସାୟ ଓ ସାଧୁତା ନିକଟରେ ସେ ଅସ୍ତ୍ର ସବୁବେଳେ ଫୁସୁକିଯାଏ। ବ୍ୟର୍ଥ ଉଦ୍ୟମ ଅପର ଗୋଷ୍ଠୀଙ୍କ ବାରମ୍ବାର ହୃତ୍‌ସ୍ପନ୍ଦନ ବଢ଼ାଇଥାଏ। ଯାହା ପ୍ରତି ଏସବୁ ହୁଏ ସେ ନିଜକୁ ହୃଦ୍‌ବୋଧ କରିବାକୁ ହେବ ତା'ର ବିକାଶ ହେଉଛି ଏବଂ କିଛି ଲୋକ ତାକୁ ଅନୁସରଣ କରୁଛନ୍ତି। ଭଲ ହେଉ କି ଖରାପ ଜୀବନରେ ଅନୁଗାମୀ ତିଆରି କରିବା କଷ୍ଟ। ଏତେ ସବୁ ଶୁଣିବା ପରେ ବନ୍ଧୁ ଆଖି ଛଳଛଳ କଲା ଓ କୋଳେଇ ଧରିକହିଲା - ସବୁ ସତ! କିନ୍ତୁ ଏତିକି କରିବା ଭାରି କଷ୍ଟରେ! ଯିଏ କରିପାରିଲା ସିଏ ବଢ଼ିଲା।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ:୯୪୩୭୯୦୯୬୭୧**

# 'ଗଛ'ରେ ଜମିଦାରି ଅଧିକାର



ଅଜୟ କୁମାର ବେହେରା

ଦିନଥିଲା ଏ ରାଜ୍ୟରେ ଜମିଦାରି ଶାସନ ଥିଲା। ସେତେବେଳେ ପ୍ରଜା କେହି ସ୍ଥିତିବାନ ନ ଥିଲେ, ଥିଲେ ହାକିମ ସ୍ୱତ୍ୱ ପ୍ରଜା । ବୋଲହାକ ପାଇଁ ଥିଲେ ପ୍ରଜା। ପୂର୍ବେ ଯେତେବେଳେ ଲିପିବଦ୍ଧ ପ୍ରମାଣ ଆବଶ୍ୟକ ପଡ଼ିଲା, ସେତେବେଳେ ଟିପା ପାଉତି ଚଳିଲା। ଟିପା ପାଉତି ଏକ ତାଳପତ୍ର ଓ ଲେଖନୀ ଲୁହାର ସମ୍ବନ୍ଧି ମାତ୍ର, ଯାହାକୁ ଟିପା ଦେବା ଓ ଟିପାନେବା ଦୁଇ ଜଣ ଜାଣିବା ସମ୍ଭବ ଥିଲା । ପୁଣି ପାଉତି ଅର୍ଥ ପାଇଥିବା ପ୍ରମାଣକୁ କେବଳ ଜମିଦାରଙ୍କ ମନୋଜ୍ଞ ଉପରେ ନିର୍ଭର କରୁଥିଲା। ବେଳେ ବେଳେ ଟିପା ତାଳପତ୍ର ଲେଖା ହଜିଗଲେ ବା ଥାଇ ମୂଳ ଖାତା ବା ଟିପା ପୋଥିରେ ନ ଥିଲେ ବେଢ଼ି କୋରଡ଼ା ଉଚ୍ଛେଦ ସ୍ତରକୁ ପ୍ରଜାଟି ଆସୁଥିଲା। ବ୍ରିଟିଶ ପ୍ରଶାସନ ଏପରି ହୁକୁମ ଜାହିର କଲେ ଜହିଁରେ ଜମିଦାରଙ୍କର ପାଉତିରେ ତାରିଖ ନିଶ୍ଚେ ରହିବା ସହିତ ତାଙ୍କର ଏକ ଖାତା କାଗଜ ବାହାରିବା ପରେ ଲେଖା ପାଉତି ହାସଲ ବେଳେ ଲେଖା ରଖାଭଲା ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ସାହୁକାରମାନେ ମହାଜନି କରଜ ଲଗାନ୍ତି। ଅଭାବୀମାନେ ବାଧ ହୋଇ ଖାଦ୍ୟ ସମସ୍ୟା ବିବାହାଦି ବଡ଼ ଖର୍ଚ୍ଚ ପାଇଁ ସେହି ସାହୁକାର ମହାଜନଙ୍କ ଦ୍ୱାରସ୍ଥ ହୁଅନ୍ତି। କେତେ ଖୋସାମନ୍ତ କାକୁତି ମିନତି ଦୌଡ଼ିବା ପରେ ମହାଜନି କରଦ ହୁଅନ୍ତି। ତାଙ୍କର କପଟ ଆତ୍ମୀୟତାର ଫାଶ ପଡ଼େ। ଖାଲି ଫାଶ ପଡ଼େ ନାହିଁ ହୁକ୍ ଅଙ୍କୁଶ ଲଗାଇ ଦିଅନ୍ତି। ଫାଶ ହେଲା କରଜ ଯେତେ ନେବେ ତା'ର ଦୁଇଗୁଣ, ତିନିଗୁଣ ଅର୍ଥ ପ୍ରାପ୍ତିର ସମ୍ମତି ଦସ୍ତଖତ ନେବେ। ସମୟ ଧାର୍ଯ୍ୟ କରିବ ହିଁ ହୁକ୍ ଅଙ୍କୁଶ, ଏହା କଣ୍ଟ ନେଲାପରି ବ୍ୟବସ୍ଥା। ମିଆଦ ପୂରିବାର କିଛି ପୂର୍ବରୁ ବାରମ୍ବାର ତାଗିଦ ନ ହେଲେ ନାଲିଶ ଓ କୋରକ ବ୍ୟବସ୍ଥା ଏବଂ ଏଥିରେ ମୂଲ୍ୟବାନ ସମ୍ପତ୍ତି ତଥା ଦ୍ରବ୍ୟ ଲୋକେ ହରାଉଥିଲେ। ଏମିତିକି ଦୁଧିଆଳୀ ଗାଈ, ହୃଷ୍ଟପୁଷ୍ଟ ବଳଦ ନିଲାମରେ ହରାଇବାକୁ ପଡୁଥିଲା। କେହି କେହି ମହାଜନ ଚାଷଜମିରେ ବର୍ଷ ବର୍ଷ ମୂଲିଆ କାମ କରିବାକୁ ବାଧ ହେଉଥିଲେ। ଭାରତ ସ୍ୱାଧୀନତା ପରେ ଜମିଦାରି ଯାଇଛି, ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ଶାସନରେ ଗ୍ରାମ୍ୟ ମହାଜନି ବୃତ୍ତି ବିଲୁପ୍ତ ହୋଇଛି, ମାତ୍ର ସରକାରଙ୍କ ସବୁ କାନୁନରେ ଏକ କାନୁନ ପୂର୍ବ ପରି ରହିଛି। କାହାରି ବାଡ଼ି ଜମିରେ ବା ତୋଟା ବଗିଚାରେ କିଛି ବଡ଼ ଗଛ କଟାଗଲେ ତାହାର ଅନୁମତି ଜଙ୍ଗଲ ବିଭାଗରୁ ଆଣିବାକୁ ପଡ଼ିବ। ରାସ୍ତାରେ କାଠ କରତ କଳକୁ ନେବାକୁ ହେଲେ ଅନୁମତି ଦରକାର। ଚିରୋଟ କାଠ ଟିମ୍ବର ଏବେ ବି ରାସ୍ତାରେ ଏହି ଜଙ୍ଗଲ ବିଭାଗ ଧରୁଛି। କରତକଳ ପୂର୍ବପରି ଆଉ ଦେଖିବାକୁ ମିଳୁନି। ଏପରି ଉତ୍ପାତ ପୂର୍ବପରି ଅଛି।

ତେବେ ସରକାରୀ ଜଙ୍ଗଲରେ ଗଛ କିଏ ହାଣିଲା, ଏବେ ନିର୍ମାଣକୁ ଯିଏ କାଠ ଆଣିଲେ ସେ ହଇରାଣ ହେଉଛନ୍ତି। ଅନେକଙ୍କ ଗୃହରେ କଳାଧନ ଯୋଗୁ ସରକାରୀ କୋପ ରହିବା ବହୁ କ୍ଷେତ୍ରରେ ଧରାଗଲେ, ଘର କାଠ, ଆସବାବପତ୍ରର କ୍ରୟ କ୍ୟାଶ ମେମୋ ଖୋଜା ଚାଲିଲାଣି। ପ୍ରକୃତ ନିରାପଦ ସ୍ୱାଧୀନ ଭାରତରେ ଆଂଶିକ କାନୁନ ସଂସ୍କାର ହେବା ଜଣାପଡୁଛି। ଜାନୁଆରୀରୁ ଏପ୍ରିଲ ଯାଏ ରାସ୍ତାରେ ଶଗଡ଼ ଶଗଡ଼ ଛଣ ଗାଡ଼ି ଚାଲୁଥିଲା। ଲୋକେ ନଡ଼ାଛପର ଘର କରୁଥିବାରୁ ଏହାର ଏପରି ଚାହିଦା ତତ୍କାଳ ଥିଲା। ଅନେକ ଗୋପାଳକ ଏପରି ଛଣ କିଣି ବର୍ଷକ ଗାଈବଳଦ ଖାଇବାକୁ ରଖୁଥିଲେ। କିନ୍ତୁ ୧୯୯୯ ପରଠାରୁ କୋଠାଘର ହୋଇଗଲା। ଏବେ ସେହି ଧାନ ଜମି ଅଛି, ମାତ୍ର ଛଣ ନଡ଼ା ହେଉଛି କ'ଣ? କେହି ଖୋଜ କରିଛନ୍ତି କି?

ଜାଳେଣି କାଠ, ଗଛର ପତ୍ର ପ୍ରତ୍ୟେକଙ୍କ ଗୃହରେ ଆବଶ୍ୟକ ଥିଲା, ଗୋରୁ ପାଳନରୁ ପ୍ରାପ୍ତ ଗୋବର ଶୁଷ୍କ ଘଷି, ଗୁଣ୍ଡା ଏପରି ଜାଳେଣିରେ ବ୍ୟବହୃତ ହେଉଥିଲା ଓ ପରେ ପାଉଁଶ ଖତ ହୋଇ ଧାନ ବିଲକୁ ଯାଉଥିଲା। କିନ୍ତୁ ଜାଳେଣି ଗ୍ୟାସ ଆସିବା ପରଠାରୁ ଜାଳେଣି କାଠ ସମସ୍ୟା କଟି ପତ୍ର ଘଷି ଆଦି ଆଉ ଦରକାର ପଡ଼ିଲା ନାହିଁ। ଫଳରେ କେହି ଗଛ ଲଗାଇବା ଗୋରୁ ପାଳିବା ପ୍ରତି ଆଉ ନଜର ଦେଉନାହାନ୍ତି।

ଜମିଦାରି ପ୍ରଶାସନରେ ହେଲେ ଲୋକେ ଗଛ ଲଗାଉଥିଲେ। ଗଛରୁ ଫଳ ଫୁଲ ସେମାନେ ନିଅନ୍ତୁ ପଛେ । ବର୍ତ୍ତମାନ ସରକାର ଗଛ ଲଗାଇବା ଯୋଜନା କରୁଛନ୍ତି ମାତ୍ର ରାସ୍ତାକଡ଼ ବଡ଼ ବଡ଼ ଗଛ ଜଙ୍ଗଲ ଆଗ ହାଣି ଦେଉଛନ୍ତି। ଭାବନ୍ତୁ ସେ ଜମିଦାର ଓ ଏ ଜମିଦାର ମଧ୍ୟରେ ଫରକ କେଉଁଠି।

**ଅରୁଣୋଦୟ ମାର୍କେଟ, କଟକ**
**ମୋ: ୯୪୩୭୦୩୧୨୫୩**

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟିତ୍ୱହୀନ ମନ୍ତବ୍ୟ

ମହାଶୟ,

ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କ ପ୍ରତି ଅତି ଅନ୍ୟାୟ ଘଟଣା ଯୋଗୁ ସାରା ଓଡ଼ିଶାବାସୀ ଚିନ୍ତିତ ଓ ମର୍ମାହତ। ଏଥିରେ ସମସ୍ତ ପଶ୍ଚିମବଙ୍ଗର ଜନତା ମଧ୍ୟ ଦୁଃଖିତ। ବହୁ ଉଚ୍ଚ ଆଶା ନେଇ ଡାକ୍ତରୀ ପାଠ ଅଧ୍ୟୟନ ପାଇଁ କୋଲକାତା ଯାଇଥିଲେ ଓଡ଼ିଆ ଛାତ୍ରୀ। ସମସ୍ତ ଆଶା ଭରସା ମଉଳିଗଲା ପଶ୍ଚିମବଙ୍ଗ ସରକାରଙ୍କ ପାଇଁ। ବିଭିନ୍ନ ଗଣମାଧ୍ୟମରେ ପଶ୍ଚିମବଙ୍ଗର ସମ୍ମାନ ହାନି ହେଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦାୟିତ୍ୱହୀନ ମନ୍ତବ୍ୟ (ଏତେ ରାତିରେ ଡାକ୍ତରୀ ଛାତ୍ରୀ ବାହାରକୁ କାହିଁକି ବାହାରି ଥିଲେ) ପାଇଁ ସାରା ଓଡ଼ିଶାବାସୀ ମ୍ରିୟମାଣ। ଆଜିଠାରୁ କୌଣସି ମହିଳାଙ୍କ ବିଳମ୍ବିତ ରାତିରେ ବାହାରିବା ବନ୍ଦ କରାଯାଇପାରିବ କି? ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ରାଜ୍ୟର ସମସ୍ତ ଆଇନ ଶୃଙ୍ଖଳାକୁ ବିପଦଗାମୀ କରିବା ସହ ଅରାଜକତାର ପାହାଡ଼ ଦଣ୍ଡାୟମାନ କରାଇବ। ଓଡ଼ିଶାବାସୀ ମମତାଙ୍କଠାରୁ ଏଭଳି ବ୍ୟବହାର ଆଶା କରୁନାହାନ୍ତି।

**-ଆଦିକନ୍ଦ ସାହୁ, ଏକମାଣିଆ, ଆଳି, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖବରଦାତାଙ୍କୁ ଧମକ ଦେଇ ଲୁଟ୍
## ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ)

ଖବରଦାତା ମାନସ ରଞ୍ଜନ ଦାସଙ୍କୁ ଧମକ ଦେଇ ୭ହଜାର ଟଙ୍କା ଲୁଟ୍ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଦକ୍ଷିଣମୁଣ୍ଡମୁହାଣ ଗ୍ରାମର ଗୋପବନ୍ଧୁ ପ୍ରଧାନ ଓରଫ କାଳିଆ (୪୦)। ତାଙ୍କଠାରୁ ୨ହଜାର ଟଙ୍କା ଜବତ କରାଯାଇଛି। କାଳିଆଙ୍କ ସହଯୋଗୀ ପ୍ରଦୀପ ରାଉଳ ଓରଫ ବାପି ଫେରାର ଅଛନ୍ତି। ମାନସଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୮୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। କାଳିଆଙ୍କ ନାମରେ ବିଭିନ୍ନ ଥାନାରେ ୮ଟି ଆପରାଧିକ ମାମଲା ରହିଛି।

# ଭିଡ଼ ପରିଚାଳନା ନିୟମ ମାନିବାକୁ ଟ୍ରେନ୍ ଯାତ୍ରୀଙ୍କୁ ପରାମର୍ଶ

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଏହାର ପରିସୀମାରେ ଯାତ୍ରା କରୁଥିବା ସମସ୍ତ ରେଳ ଯାତ୍ରୀଙ୍କୁ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, କଟକ, ବିଶାଖାପାଟଣା ଏବଂ ସମ୍ବଲପୁର ଭଳି ପ୍ରମୁଖ ଷ୍ଟେଶନ ସମେତ ସମସ୍ତ ରେଳ ଷ୍ଟେଶନରେ ଲାଗୁ ହୋଇଥିବା ଭିଡ଼ ପରିଚାଳନା ଏବଂ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିବେଦନ କରିଛି। ଭିଡ଼ ପରିଚାଳନା ପାଇଁ ପୂର୍ବତଟ ରେଳପଥ ୩୬୭ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବା, ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳପଥ ପୋଲିସ (ଜିଆରପି) କର୍ମଚାରୀଙ୍କ ସହିତ ସୁରକ୍ଷା ବୃଦ୍ଧି ଏବଂ ପ୍ରକୃତ ସମୟ ଯାତ୍ରୀ ପ୍ରବାହ ନିରୀକ୍ଷଣ ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। ଯାତ୍ରୀମାନେ ଷ୍ଟେଶନରେ ପ୍ରବେଶ କିମ୍ବା ପ୍ରସ୍ଥାନ କରିବା ସମୟରେ, ଟିକେଟ କିଣିବା ଏବଂ ଟ୍ରେନରେ ଚଢ଼ିବା ସମୟରେ ସୁବ୍ୟବସ୍ଥିତ ଧାଡ଼ି ବଜାୟ ରଖିବାକୁ ଅନୁରୋଧ କରିଛି। ଦ୍ରୁତ ଗତିରେ ଯିବା, ଠେଲାପେଲା କରିବା କିମ୍ବା ଅବ୍ୟବସ୍ଥା ସୃଷ୍ଟି କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ଲାଟ୍‌ଫର୍ମରେ ବିପଦପୂର୍ଣ୍ଣ ଭିଡ଼କୁ ଏଡାଇବା ପାଇଁ ଯାତ୍ରୀମାନେ ଟ୍ରେନ୍‌ରେ ଚଢ଼ିବା ଲାଗି ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଲାଗି ଷ୍ଟେଶନରେ ନିର୍ଦ୍ଦିଷ୍ଟ ହୋଲ୍ଡିଂ ଏରିଆ ବ୍ୟବହାର କରିବାକୁ କୁହାଯାଇଛି। ଟ୍ରେନ୍ ଛାଡିବାର ଯଥେଷ୍ଟ ପୂର୍ବରୁ ଷ୍ଟେଶନରେ ପହଞ୍ଚିବାକୁ, ଘୋଷଣା ପ୍ରତି ଧ୍ୟାନ ଦେବାକୁ, ପ୍ଲାଟ୍‌ଫର୍ମ ନମ୍ବର ଯାଞ୍ଚ କରିବାକୁ ଏବଂ ସୁବ୍ୟବସ୍ଥିତ ଭାବରେ ଟ୍ରେନରେ ଚଢ଼ିବାକୁ ଅନୁରୋଧ କରାଯାଇଛି। ଟ୍ରେନର ଫୁଟ ଓଭର, ବଫର କିମ୍ବା ଛାତ ଉପରେ ଯାତ୍ରା କରିବା ଅତ୍ୟନ୍ତ ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ। ରେଳ ଟ୍ରାକ୍ ପାର ହେବା ନିଷିଦ୍ଧ କରାଯାଇଥିବାବେଳେ ଯାତ୍ରୀମାନେ ପ୍ଲାଟଫର୍ମ ମଧ୍ୟରେ ଯିବା ପାଇଁ ସର୍ବଦା ଫୁଟ ଓଭର ବ୍ରିଜ ବ୍ୟବହାର କରିବାକୁ କୁହାଯାଇଛି। ବୈଧ ଜରୁରିକାଳୀନ ପରିସ୍ଥିତି ବିନା ଆଲାର୍ମ ଚେନ ଟାଣିବା ଦ୍ୱାରା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚାଇ ଦିଆଯାଇଛି। ଟ୍ରେନ କିମ୍ବା ଷ୍ଟେଶନ ପରିସରରେ ଦହନଶୀଳ ସାମଗ୍ରୀ, ବାଣ କିମ୍ବା ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ପରିବହନ କଲେ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାତ୍ରୀମାନେ ନିଜ ଜିନିଷ ସୁରକ୍ଷିତ ରଖିବା ସହ ଯେକୌଣସି ସନ୍ଦେହଜନକ ପ୍ୟାକେଜ କିମ୍ବା କାର୍ଯ୍ୟକଳାପ ବିଷୟରେ ତୁରନ୍ତ ରେଳ ହେଲ୍ପଲାଇନ ନମ୍ବର ୧୩୯କୁ ସୂଚନା ଦିଅନ୍ତୁ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି, ଯଦିଓ ପୂର୍ବତଟ ରେଳପଥ ଉତ୍ସବ ଭିଡ଼ ପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ଓ ଉନ୍ନତ ନିରୀକ୍ଷଣ ପ୍ରଣାଳୀ ସହିତ ସମସ୍ତ ସମ୍ବଳକୁ ଶକ୍ତିଶାଳୀ କରିଛି। ତଥାପି ଯାତ୍ରୀମାନଙ୍କର ଅଟଳ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

# ଜେଲରୁ ବାହାରିଲେ କର୍ପୋରେଟର ଅମରେଶ ଜେନା

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ)

## ନାବାଳିକା ବଳାତ୍କାର ମାମଲା



ନାବାଳିକା ବଳାତ୍କାର ମାମଲାରେ ଗିରଫ ହୋଇଥିବା ବିଏମ୍‌ସି ୪୫ ନଂ. ୱାର୍ଡ କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁ ପ୍ରାୟ ୩ ମାସ ପରେ ଗୁରୁବାର ଝାରପଡ଼ା ଜେଲରୁ ବାହାରିଛନ୍ତି। ସନ୍ଧ୍ୟାରେ ସମର୍ଥକମାନେ ଅମରେଶଙ୍କୁ ସ୍ୱାଗତ କରି ଭବ୍ୟ ପଟୁଆରରେ ପାଛୋଟି ନେଇଥିଲେ। ଏହି ସମୟରେ ଅମରେଶ କହିଥିଲେ, ମୋର ସାମାଜିକ ଓ ରାଜନୈତିକ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ପ୍ରଭୁ ଜଗନ୍ନାଥ ଓ ନ୍ୟାୟାଳୟ ଉପରେ ଭରସା ଥିଲା। ପ୍ରାରମ୍ଭିକ ନ୍ୟାୟ ପାଇଥିବାବେଳେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ନ୍ୟାୟ ପାଇବେ। ଷଡ଼ଯନ୍ତ୍ରକାରୀମାନଙ୍କୁ ଭଗବାନ କ୍ଷମା କରିଦିଅନ୍ତୁ ବୋଲି ସେ କହିଛନ୍ତି। ଅକ୍ଟୋବର ୧୭ରେ ହାଇକୋର୍ଟ ଅମରେଶଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ବିବାହର ପ୍ରତିଶ୍ରୁତି ଦେଇ ଅମରେଶ ବଳାତ୍କାର କରିଥିବା ଗତ ଜୁଲାଇ ୨୩ରେ ୧୯ ବର୍ଷୀୟା ଜଣେ ପୀଡ଼ିତା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅମରେଶଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ଅମାନୁଷିକ କାଣ୍ଡ ଘଟାଇଥିଲେ। ଏପରିକି ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅମରେଶଙ୍କୁ ଜୁଲାଇ ୨୭ରେ ବାଲେଶ୍ୱରରୁ ଗିରଫ କରିଥିଲା। ଏହାପୂର୍ବରୁ ତାଙ୍କୁ ଫେରାର କରାଇବା ଅଭିଯୋଗରେ ୫ଜଣ ସହଯୋଗୀ ଗିରଫ ହୋଇଥିଲେ।

# ୬୨ ବସ୍‌ରୁ କଢ଼ାଗଲା ବିକଟାଳ ହର୍ନ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ)

ବିକଟାଳ ହର୍ନ ବଜାଇ ଶବ୍ଦ ପ୍ରଦୂଷଣ କରୁଥିବା ୬୨ ବସ୍ ବିରୋଧରେ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭୁବନେଶ୍ୱର ଟ୍ରାଫିକ୍ ଥାନା ୧ ଓ ଟ୍ରାଫିକ୍ ଥାନା ୨ ଅଧୀନ ବାଣୀବିହାର, ବରମୁଣ୍ଡା ଓ କ୍ରାଉନ୍ ହୋଟେଲ ନିକଟରେ ଟ୍ରାଫିକ୍ ୱିଙ୍ଗ୍ ପକ୍ଷରୁ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଇ ବସ୍‌ଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମୋଟ ୬୨ ବସ୍‌ରୁ ବିକଟାଳ ହର୍ନ କଢ଼ାଯାଇ ୩୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ୍ ଥାନା-୧ ପକ୍ଷରୁ ୨୬ ବସ୍ ଓ ଟ୍ରାଫିକ୍ ଥାନା-୨ ପକ୍ଷରୁ ୩୬ ବସ୍‌ଠାରୁ ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି। ସେଫ୍ ସିଟି ଡ୍ରାଇଭ୍ ଅଭିଯାନରେ ଏହି ଚଢ଼ାଉ କରାଯାଇଥିଲା। ବାରମ୍ବାର ଚଢ଼ାଉ ସତ୍ତ୍ୱେ କିଛି ଗାଡ଼ି ଏହି ହର୍ନ ବଜାଇ ନିୟମ ଉଲ୍ଲଙ୍ଘନ କରୁଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଇ ସଚେତନ କରାଯାଇଛି।

# ମୈଥିଳୀ କର୍ଣ୍ଣ ଗୋଷ୍ଠୀଙ୍କ ଚିତ୍ରଗୁପ୍ତ ପୂଜା



ମୈଥିଳୀ କର୍ଣ୍ଣ ଗୋଷ୍ଠୀ ଭୁବନେଶ୍ୱର (ଓଡ଼ିଶା) ଶାଖା ପକ୍ଷରୁ ଡୁମୁଡୁମାସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ଚିତ୍ରଗୁପ୍ତ ପୂଜାରେ ଅତିଥିମାନେ।

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

ମୈଥିଳୀ କର୍ଣ୍ଣ ଗୋଷ୍ଠୀ ଭୁବନେଶ୍ୱର (ଓଡ଼ିଶା) ଶାଖା ପକ୍ଷରୁ ଡୁମୁଡୁମାସ୍ଥିତ ଏକ ମଣ୍ଡପରେ ଚିତ୍ରଗୁପ୍ତ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧା ଓ ଉତ୍ସାହର ସହ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଧର୍ମୋ ଜୟତି ନାଧର୍ମଃ, ସତ୍ୟଂ ଜୟତି ନାନୃତମ' ମନ୍ତ୍ର ଗୁଞ୍ଜରିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ପୂଜାରେ ସାମିଲ ହୋଇ ସଦାଚାର, ସତ୍ୟ ଓ କର୍ମନିଷ୍ଠାର ବାର୍ତ୍ତା ଦେଇଥିଲେ। ସ୍ଥାନୀୟ କର୍ପୋରେଟର ସକିବା ମୁସ୍‌ରତ, ରୋହନ ଅଟୋରାଇଡରର ଏମ୍‌ଡି ନୀରୁ ଦୁବେ, ରୋହନ ଦୁବେ ଓ ଶ୍ରୀମୟୀ ମିଶ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆହୁରି ସଫଳ ହୋଇଥିଲା। ସନ୍ଧ୍ୟାରେ କର୍ଣ୍ଣ ଗୋଷ୍ଠୀର ପିଲାମାନେ ପାରମ୍ପରିକ ବେଶରେ ମିଥିଳା ଲୋକଗୀତ, ଓଡ଼ିଶୀ ନୃତ୍ୟ, ନାଟକ ଓ ଭଜନ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଜୟ ଚିତ୍ରାଂଶ ନାରା ଓ ଲୋକଧ୍ୱନିରେ ମିଥିଳା-ଓଡ଼ିଶା ସଂସ୍କୃତିର ସମ୍ମିଶ୍ରଣ ଦେଖିବାକୁ ମିଳିଥିଲା। ଅତିଥିମାନେ କର୍ଣ୍ଣଗୋଷ୍ଠୀର ପ୍ରଶଂସାକରି ଏହାକୁ ସଂସ୍କୃତି ଓ ଏକତା ସଂରକ୍ଷଣ ପ୍ରୟାସ ବୋଲି କହିଥିଲେ। ସମାରୋହ ସାମୂହିକ ଆରତି ଓ ପ୍ରସାଦ ବଣ୍ଟନ ମଧ୍ୟ କରାଯାଇଥିଲା।

# ଶ୍ରୀରାମ ଚରିତ ମାନସ ପ୍ରବଚନ ଶୁଭାରମ୍ଭ

ବାଲିଅନ୍ତା,୨୩।୧୦(ନୀଳମାଧବ ସାହୁ)



ବାଲିଅନ୍ତାର ଆରାଧ୍ୟ ଦେବତା ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରେ ୨୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପ୍ରବଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୯ଦିନ ଧରି ଚାଲିବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନବାହ୍ନ ପାରାୟଣ ନାମଯଜ୍ଞ, ଭଜନ କୀର୍ତ୍ତନ ଓ ପ୍ରବଚନ ଆଦି କରାଯାଇଥିଲା। ସକାଳେ ଶ୍ରୀରାମ ଚରିତ ମାନସ ସାମୂହିକ ପାରାୟଣ ଓ ସନ୍ଧ୍ୟାରେ ରାମକଥା ପ୍ରବଚନର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବ୍ୟାସଭାବେ ପ୍ରଦୀପ ବାହିନୀପତି ମହାରାଜା ଯୋଗଦେଇଛନ୍ତି। ପ୍ରଥମ ସନ୍ଧ୍ୟାରେ ପ୍ରବଚକଭାବେ ରବି ନାରାୟଣ ପଣ୍ଡା ଯୋଗଦେଇ ଶିବ ପାର୍ବତୀ ବିବାହ ଉପରେ ପ୍ରବଚନ ଦେଇଥିଲେ। ଅନ୍ୟଦିନରେ ପ୍ରବଚକଭାବେ ରବି ନାରାୟଣ ପଣ୍ଡା, ଉମାକାନ୍ତ ସାହୁ, ପ୍ରମୋଦ ପାତ୍ର, ମୋହନ ପ୍ରଧାନ ଓ ଦିବାକର ନନ୍ଦ ପ୍ରମୁଖ ଯୋଗଦେବେ।

# ରାଜ୍ୟସ୍ତରୀୟ ଶ୍ରୀମଦ୍ ଭାଗବତ ମହୋତ୍ସବ ଉଦ୍‌ଯାପିତ



ଭାଗବତ ପ୍ରେମୀଙ୍କୁ 'ଭାଗବତ ସେବା ସୌରଭ ସମ୍ମାନ' ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୩।୧୦ (ସୌମ୍ୟରଞ୍ଜନ ରାଉତ)

ୟୁନିଟ-୩ସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଆନୁକୂଲ୍ୟରେ ସନ୍ଧ୍ୟାତାରା ଯୁବକ ସଂଘ ଓ ମନ୍ଦିର ପରିଚାଳନା କମିଟି ସହଯୋଗରେ ଚାଲିଥିବା ରାଜ୍ୟସ୍ତରୀୟ ଶ୍ରୀମଦ ଭାଗବତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସାହିତ୍ୟିକ ପ୍ରଦ୍ୟୁମ୍ନ ଶତପଥୀ, ପୁରୀ ଗୋବର୍ଦ୍ଧନ ପୀଠର ପ୍ରତିନିଧି ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ରାମ ମନ୍ଦିରର ମୁଖ୍ୟ ପୂଜକ ମହାରୁଦ୍ର ଝା, ପରିଷଦ ଅଧ୍ୟକ୍ଷ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭାଗବତ ହିଁ ଜୀବନ ଏବଂ ଜୀବନ ହିଁ ଭାଗବତ ହେବା ଉଚିତ ବୋଲି ମତ ଦେଇଥିଲେ। ସ୍ୱାମୀ ଅଭିରାମ ସରସ୍ୱତୀ, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ଦିବ୍ୟାଲୋକ ସନ୍ଧାନେର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ, ପ୍ରବକ୍ତା ପଣ୍ଡିତ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ମନ୍ଦିର ପରିଚାଳନା ସମ୍ପାଦକ ଶେଷରଞ୍ଜନ ପ୍ରଧାନ, ସଦସ୍ୟ ପ୍ରଦୀପ ରାୟଙ୍କ ସହଯୋଗରେ ବହୁ ଭାଗବତ ପ୍ରେମୀଙ୍କୁ 'ଭାଗବତ ସେବା ସୌରଭ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ପରିଷଦ ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, କାର୍ଯ୍ୟକାରୀ ଅଧ୍ୟକ୍ଷ ପଣ୍ଡିତ ବିଜୟ କୁମାର ଦେବତା, କୋଷାଧ୍ୟକ୍ଷ ପଣ୍ଡିତ ଅର୍ଜୁନ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# ଶିଳ୍ପୀ ଗଢ଼ିଲେ ପରିବେଶ ଅନୁକୂଳ କଳାକୃତି

ପୁରୁଣା ଭୁବନେଶ୍ୱର,୨୩।୧୦
(ସୁବାସ ଚନ୍ଦ୍ର ପ୍ରଧାନ)



ଭାରତ ସରକାରଙ୍କ ଅନୁଦାନପ୍ରାପ୍ତ ସିଇଏସ୍ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା କାରୁକଳା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପାରମ୍ପରିକ ଗୁରୁ, ଟେରାକୋଟାରେ ସରୋଜ ରାଉତ, ଗୋବର କଣ୍ଢେଇରେ ଅବନ୍ତି ମହାରଣା, ଚାନ୍ଦୁଆ କାମରେ ସୁଜାସ୍ମିତା ତିୱାରୀ ଓ କାଗଜ ମୁଖାରେ ପୁରୁଷୋତ୍ତମ ମହାପାତ୍ରଙ୍କ ଠାରୁ ଏହି ପାରମ୍ପରିକ କଳାର ତିଆରି ପଦ୍ଧତି ଶିଖି କଳାକୃତି ଗଢ଼ିଥିଲେ। ମୁଖ୍ୟ ଅତିଥିଭାବେ ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପରିତ୍ୟକ୍ତ ବସ୍ତୁରୁ କିପରି ପରିବେଶ ଅନୁକୂଳ କଳାକୃତି ତିଆରି କରି ସମାଜରେ ଉଦାହରଣ ସୃଷ୍ଟି କରିହେବ ସେନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ କର୍ମଶାଳା ବିଷୟରେ କହିଥିଲେ। ସମ୍ପାଦକ ରବିଶଙ୍କର ଦାସ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉପାଧ୍ୟକ୍ଷ ଚନ୍ଦନ ସାମଲ ଏବଂ ଅଧ୍ୟାପିକା ସୋଫିୟା ୟସ୍ମିନ ପରିଚାଳନା କରିଥିଲେ। ଅଧ୍ୟାପକ ରାମ ଶଙ୍କର ସାହୁ, ୟାନିତା ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ସ୍ୱାଇଁ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ଦିଗରେ ସଚେତନ ହେବେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୩।୧୦(ସୁଚିସ୍ମିତା ସାହୁ)

## ମାସେ ଧରି ସମସ୍ତ କଲେଜରେ ହେବ ବକ୍ତୃତା ପ୍ରତିଯୋଗିତା

ରାଜ୍ୟରେ ସାଇବର ଅପରାଧଠାରୁ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରହିବା ପାଇଁ ସଚେତନତା କରାଯିବ। ଏଥିପାଇଁ ନଭେମ୍ବର ୧୭ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ କଲେଜରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଅଂଶସ୍ୱରୂପ ବକ୍ତୃତା ପ୍ରତିଯୋଗିତା କରିବାକୁ ସମସ୍ତ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ଚିଠି ଲେଖିଛି। ଏହି ପ୍ରତିଯୋଗିତା ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ପ୍ରଥମେ ବ୍ଲକସ୍ତରରେ ଅକ୍ଟୋବର ୩୧ ତାରିଖ ଯାଏ କରାଯିବ। ବ୍ଲକ୍‌ସ୍ତରରେ ଉତ୍ତୀର୍ଣ୍ଣ ଜଣେ ଲେଖାଏ ଛାତ୍ରୀଛାତ୍ରଙ୍କ ନାମ ଜିଲା ସାଇବର ନୋଡାଲ ପୋଲିସ ଅଧିକାରୀଙ୍କୁ ଦିଆଯିବ। ସମସ୍ତ ଜିଲାର ଜଣେ ଲେଖାଏ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ନଭେମ୍ବର ୩ରୁ ୮ ଅନୁଷ୍ଠିତ ହେବ। ପରେ ନଭେମ୍ବର ୯ରୁ ୧୧ ପୋଲିସ ରେଞ୍ଜ ସ୍ତରୀୟ ଓ ୧୩ରୁ ୧୪ ତାରିଖ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯିବ।

# ଦେଶରେ ସାମ୍ବାଦିକତା ଉପରେ ବିପଦ ରହିଛି

ଭୁବନେଶ୍ୱର,୨୩।୧୦
(ସୌମ୍ୟରଞ୍ଜନ ରାଉତ)





'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥି।

ସାମ୍ବାଦିକତା ବୃତ୍ତି ନୁହେଁ, ଏକ ବ୍ରତ, ଧନ୍ଦା ନୁହେଁ ଏକ ଧର୍ମ, ଏହା ବିଜ୍ଞାପନର ବିରଣୀ ନୁହେଁ ଏକ ବିଚାର। ନିଶା ଓ ପେଷାକୁ ଯିଏ ମିଳିତ କରିପାରିଛି ସେ ସଫଳ ହୋଇଛି। ନିରପେକ୍ଷ ଓ ନିର୍ଭୀକତା ହିଁ ସାମ୍ବାଦିକତାର ମୂଳମନ୍ତ୍ର। ବର୍ତ୍ତମାନ ଦେଶରେ ସାମ୍ବାଦିକତା ଉପରେ ବିପଦ ରହିଛି। ଏହାସତ୍ତ୍ୱେ ବି ସାମ୍ବାଦିକତା ବଞ୍ଚିଛି ଓ ବଞ୍ଚିଥିବ ବୋଲି ଦୈନିକ ଖବରକାଗଜ 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଉତ୍ସବରେ ଅତିଥି ମତବ୍ୟକ୍ତ କରିଛନ୍ତି। ଗୁରୁବାର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି ସମ୍ବାଦପତ୍ର ସ୍ଥାପନା କରିଥିଲେ, ତାହା ଆଜି ସଫଳତା ପାଇଛି। ସ୍ୱର୍ଗତ ବିଶ୍ୱାଳଙ୍କ ନିକଟରେ ଭିଜନ ଥିଲା, ଆତ୍ମନ ବି ଥିଲା ଏବଂ ବଡ଼କଥା ହେଉଛି ଉତ୍ସର୍ଗୀକୃତ ମଧ୍ୟ ଥିଲା। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ କହିଲେ, ତଥ୍ୟକୁ ନେଇ ସାମ୍ବାଦିକତା, ନିରପେକ୍ଷତା, ନିର୍ଭିକତା ଓ ମାନବିକତା। ଭିଜନ ଓ ମିଶନ ସ୍ପଷ୍ଟ ହେଲେ ହିଁ କାର୍ଯ୍ୟର ସଫଳତା ମିଳିଥାଏ ବୋଲି ସେ କହିଥିଲେ। 'ସମୟ'ର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ସ୍ୱାଭିମାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶ୍ରୁତି ମହାପାତ୍ର, ଓଟିଭିର ପଶ୍ଚିମ ଓଡିଶା ମୁଖ୍ୟ ମନୋରଞ୍ଜନ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।


GOVERNMENT OF ODISHA — No.O-1051
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e_Mail : eerw_kuchinda@yahoo.com
1st Corrigendum to Bid identification No. Tender online 04 / RWD / Kuchinda / 2025-26
Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in
Sd./- Superintending Engineer
R.W. Division, Kuchinda
OIPR-25151/11/0034/2526

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍‌ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେଜିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।
ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526

OFFICE OF THE SUPERINTENDING ENGINEER, P.H. DIVISION, KORAPUT — No. C-1306
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
GOVERNMENT OF ODISHA
"e" Procurement Notice
e-Procurement Notice for 2025-26
Bid Identification No. SE, P.H. KPT-6 of 2025-26 Dt.16.10.2025
1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput
Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Chiranjibi Mahali)
Superintending Engineer
P.H. Division, Koraput
OIPR-13008/11/0021/2526

GOVERNMENT OF ODISHA — No. C-1307
OFFICE OF THE SUPERINTENDING ENGINEER, P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-procurement Notice for Bid Identification No. SEPH-DIVISION, CTC-28 of 2025-26
1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com
Further details can be seen from e-procurement portal https://www.tendersodisha.gov.in.
Sd./- I/C Superintending Engineer
P.H. Division, Cuttack
OIPR-13225/11/0039/2526

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-12/2025-26
No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0006/2526

# ଆତ୍ମବିଶ୍ୱାସ, ସକାରାତ୍ମକ ମନୋଭାବ ସଫଳତା ଆଣେ


କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଡା. ସମ୍ବିତ୍ ପାତ୍ର, ଶିକ୍ଷକ ଏବଂ ପିଲାମାନେ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାଲୁଗାଁ,୨୩।୧୦ (ସଂଗ୍ରାମ ପାଇକରାୟ)

ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହିକ୍ରମରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ଚିଲିକା ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗୁଡ଼ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ଚିଲିକା ବ୍ଲକ ଅଧ୍ୟକ୍ଷ ଜ୍ୟୋତ୍ସ୍ନା ବେହେରା, ଜିଲା ଶିକ୍ଷା ଅଧିକାରୀ ସୋନାମିନା ରାୟ, ଚିଲିକା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା, ବଡ଼ଗୁଡ଼ ସରପଞ୍ଚ ପ୍ରହ୍ଲାଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ପ୍ରତି ଯୁଗରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ପାଠପଢ଼ା ମଧ୍ୟରେ ନିଜକୁ ସୀମିତ ନ ରଖି କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, କଳା ଓ ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଆଗକୁ ବଢ଼ିବା ଆବଶ୍ୟକ। ଏଥିପାଇଁ ନିଜ ଭିତରେ ଦୃଢ଼ ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବ ରଖିଲେ ସଫଳତା ନିଶ୍ଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ କଳା ଆଦି ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବାଣପୁର,(ଦିଲୀପ କୁମାର ସ୍ୱାଇଁ): ବାଣପୁରରେ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମୁଖ୍ୟ ବକ୍ତାଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ସହ ପ୍ରତିଭାକୁ ବିକଶିତ କରିବାର ଏକ ମାଧ୍ୟମ ଭାବେ ସହାୟକ ହେଉଛି ସୁରଭି। ପିଲାମାନଙ୍କ ସାମଗ୍ରିକ ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ପ୍ରତିଭାକୁ ଆହୁରି ଆଗକୁ ବଢ଼ାଇବା ପାଇଁ 'ସୁରଭି' ଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଭବିଷ୍ୟତକୁ ଆଧାର କରି ଶିକ୍ଷାକ୍ଷେତ୍ରର ସାମଗ୍ରିକ ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ଏବଂ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥିସହ ସରକାରଙ୍କ ବିଭିନ୍ନ ଯୋଜନା ଶିକ୍ଷା ଜଗତକୁ ଆଗକୁ ନେବ ବୋଲି ମନ୍ତ୍ରୀ ହରିଚନ୍ଦନ ଏବଂ ଏମ୍‌ପି ପାତ୍ର କହିଛନ୍ତି।

## ବାଇକ୍ ଧକ୍କାରେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ

ବାଲୁଗାଁ,୨୩।୧୦ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ବାଙ୍କିଆପଲ୍ଲୀ ଛକଠାରେ ବୁଧବାର ରାତିରେ ବାଇକ୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କିଆପଲ୍ଲୀ ଅଞ୍ଚଳର କାର୍ତ୍ତିକ ବେହେରା (୫୮)। ସୂଚନା ମୁତାବକ, ସ୍ଥାନୀୟ ଆଙ୍କୁଲାଚଟି ବଜାରରୁ କାର୍ତ୍ତିକ ସାମଗ୍ରୀ କିଣି ସାଇକେଲରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟାରେ ବିପରୀତ ପଟୁ ଆସୁଥିବା ଏକ ବାଇକ୍ ବାଙ୍କିଆ ପଲ୍ଲୀ ଛକଠାରେ ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ କାର୍ତ୍ତିକ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୪୪/୨୫) ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

# ସାଇବର ସୁରକ୍ଷା ସଚେତନତା ଅଭିଯାନ



ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୋଲିସ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଆଇଆଇଆଇଟି ଏକାଡେମୀ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୋଲିସ ସାଧାରଣ ଲୋକଙ୍କ ମଧ୍ୟରେ ସାଇବର ସଚେତନତା ପ୍ରସାର ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଅନ୍‌ଲାଇନ ବ୍ୟବହାର, ଦାୟିତ୍ୱପୂର୍ଣ୍ଣ ସୋସିଆଲ ମିଡିଆ ଚାଳନା ଏବଂ ସାଇବର ଅପରାଧ ପ୍ରତିରୋଧ ବିଷୟରେ ସଚେତନ କରାଇବା ଏହି ଅଭିଯାନର ଲକ୍ଷ୍ୟ ବୋଲି ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ କହିଛନ୍ତି। ସାଇବର ସେଲ୍ ଇନ୍‌ସ୍ପେକ୍ଟର ସୁଚିତ୍ରା ଜେନା ସାଇବର ଠକାମିରୁ କିପରି ବର୍ତ୍ତିବେ ସେ ସମ୍ପର୍କରେ କହିଥିଲେ। ଏଥିରେ ଜୟନ୍ତ କୁମାର ଭଞ୍ଜ, ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନ ରହିଲେ ସାଇବର ଠକାମିରୁ ବର୍ତ୍ତିପାରିବେ ବୋଲି ଅତିଥିମାନେ କହିଥିଲେ। ଦାୟିତ୍ୱପୂର୍ଣ୍ଣ ଭାବେ ଡିଜିଟାଲ ବ୍ୟବହାର କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ଗ୍ରାମର ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟିକା

କୃଷ୍ଣପ୍ରସାଦ,୨୩।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ବଡ଼ଅଙ୍କ ପଞ୍ଚାୟତ ଅଧୀନ ସାନ ଖଟିଆକୁଦ ଗ୍ରାମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗ୍ରାମ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ସୁରେଶ ଚନ୍ଦ୍ର ପଲେଇ, ଉପଭୁକ୍ତ ଖୁଣ୍ଟିଆ, ସଦସ୍ୟବାବୀ ଡଗେଇ, ବିଜୟ ଖୁଣ୍ଟିଆ, ସଦାନନ୍ଦ ସ୍ୱାଇଁଙ୍କ ସମେତ ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ବିଧାୟିକା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଖଟିଆକୁଦ ଗ୍ରାମର ସାମଗ୍ରିକ ବିକାଶ ସହ କୋଠଘର ଉନ୍ନତୀକରଣ ନିମନ୍ତେ ୧୦ଲକ୍ଷ ଟଙ୍କା, ଚିଲିକା ଟି ବନ୍ଧର ପୁନରୁଦ୍ଧାର, ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ପର୍ଯ୍ୟାୟକ୍ରମେ ସମସ୍ୟା ଗୁଡ଼ିକର ସମାଧାନ କରାଯିବ। ବିଧାୟିକାଙ୍କ ଖଟିଆକୁଦି ଗସ୍ତ ସମୟରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ଡରେଇ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ବଡ଼ଅଙ୍କ ସରପଞ୍ଚ ବାଣାପାଣି ପ୍ରଧାନ, ବ୍ଲକ୍ ଆମ୍ବ କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ବରିଷ୍ଠ ନେତା ପ୍ରମୋଦ କୁମାର ବିଶ୍ୱାଳ, କ୍ଷେତ୍ରବାସୀ ପଲେଇ, ସରପଞ୍ଚଙ୍କ ପ୍ରତିନିଧି ନାଲୁ ପ୍ରଧାନ, ଯୁବନେତା ଗୋପାଳକୃଷ୍ଣ ପଲେଇଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଗିରିଗୋବର୍ଦ୍ଧନ ପୂଜା

ବେଗୁନିଆ,୨୩।୧୦(ସଦ୍ଧାବାଣୀ ମିଶ୍ର)

ବେଗୁନିଆ ବ୍ଲକ ସିଙ୍ଗୁପୁର ତାରକେଶ୍ୱରଙ୍କ ପ୍ରାଙ୍ଗଣରେ ଥିବା ଗିରିଗୋବର୍ଦ୍ଧନ ମଣ୍ଡପରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଠାରେ ଏହି ପୂଜା ୧୩୦ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବାବେଳେ ଏବେ ସାମାଜିକ କର୍ମୀ ଅରବିନ୍ଦ ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଏହା ପୂର୍ବରୁ ତାଙ୍କର ଜେଜେ ସ୍ୱର୍ଗତ କୁଞ୍ଜ ରାଉଳ ଏବଂ ବଡ଼ବାପା ରାମ ରାଉଳ ପୂଜା କାର୍ଯ୍ୟ କରୁଥିଲେ। ବଉଳ ଛକରୁ ବାଣ ଫୁଟାଇ ଶୋଭାଯାତ୍ରା କରି ପଡ଼ିତୋଳନ ଠାକୁରଙ୍କ ଗିରି ଗୋବର୍ଦ୍ଧନ ମଣ୍ଡପକୁ ନିଆଯାଇଥାଏ। ଭଜବାନ ବେହେରାଙ୍କ ବଂଶୀ ବାଦନ ଭିତରେ ଠାକୁର ମଣ୍ଡପରେ ପହଞ୍ଚିଥିଲେ। ବିଜୟ ରାଉ, ବିନୋଦ ରାୟ, ରାଜୁ ରାୟ, ରମା ରାୟ ପ୍ରମୁଖଙ୍କ ସହଯୋଗରେ ଏହି ପୂଜା ହେଉଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାଚରଣ ଅଧିକାରୀ ପୂଜାର୍ଚ୍ଚନା କରିଥିଲେ।

# 'ନିଶାକୁ ନା, ଜୀବନକୁ ପ୍ରାଧାନ୍ୟ ଦେବା ଜରୁରୀ'

## ବେଗୁନିଆ ମହାବିଦ୍ୟାଳୟରେ ତମାଖୁମୁକ୍ତ କର୍ମଶାଳା



ବେଗୁନିଆ,୨୩।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ତମାଖୁ ମୁକ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତମାଖୁ ମୁକ୍ତ ମହାବିଦ୍ୟାଳୟ ଗଠନ ଲକ୍ଷ୍ୟ ନେଇ ବୋଟନମୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ସବିତାଞ୍ଜଳି ସେନାପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପ୍ରଭାସିନୀ ପଣ୍ଡା ଅତିଥି ଏବଂ ଅଧ୍ୟାପକ ଉଦିତ୍ ନାରାୟଣ ପାଢ଼ି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଟିସିପି)ର ଏକ ଅଂଶଭାବେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଯୁବବର୍ଗଙ୍କୁ ତମାଖୁ ସେବନରୁ ରକ୍ଷା କରିବା ପାଇଁ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତେ ପାଳିବା ଜରୁରୀ। ବିଶେଷକରି ପାଣ୍ଠ୍ୟକ୍ରମରେ ଏବେ ମାଗୁଥିବା ଛାତ୍ର ଏବଂ ନାବାଳକମାନେ ନିଶା ସେବନକୁ ଗୁରୁତ୍ୱ ଦେଉଥିବା ଲକ୍ଷ୍ୟରେଛି। ଏଥିଯୋଗୁ ପରିବାର ଏବଂ ସମାଜ କଳୁଷିତ ହୋଇଯାଉଛି। ବହୁ ଯୁବକ ମୃତ୍ୟୁବରଣ କରୁଛନ୍ତି। ତେଣୁ ନିଶାକୁ ନା ଜୀବନକୁ ପ୍ରାଧାନ୍ୟ ଦେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତମାଖୁର ଭୟାବହତା ଏବଂ ଏଥିରୁ ଯୁବକମାନେ କିପରି ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ ବିଭାଗର ପରାମର୍ଶଦାତା ଡ.ସତ୍ୟଜିତ ଦାସ ଏବଂ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁବାସ ମେଲକା ପରିଚାଳନା କରିଥିଲେ।

## ବାଇକ୍ ସହ ଦେଶୀମଦ ଜବତ, ବାପ ପୁଅ ଗିରଫ

ବେଗୁନିଆ,୨୩।୧୦(ସଦ୍ଧାବାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ୧ ହଜାର ଲିଟର ପୋଚ ନଷ୍ଟ ସହ ୨୦ଲିଟର ଦେଶୀ ମଦ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ନେଇ ବାପ ପୁଅଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କଟକ ଜିଲା ବିଦେଶ୍ୱର ଥାନା ଅନ୍ତର୍ଗତ ପୁଟିଆ ଗ୍ରାମର ପ୍ରଭାକର ରାଉତରାୟ ଏବଂ ତାଙ୍କ ପୁଅ ପ୍ରଳୟ। ସୂଚନା ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ଗେଡ଼ିଆପଲ୍ଲୀ ଗ୍ରାମର ବଜାରରେ ପ୍ରଭାକର ଏବଂ ତାଙ୍କ ପୁଅ ପ୍ରଳୟ ବାଇକ୍‌ରେ ଦେଶୀ ମଦ ବିକ୍ରି କରିବାକୁ ଯାଉଥିଲେ। କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀ ମଦ ଓ ବାଇକ୍ ଜବତ ସହ ବାପପୁଅଙ୍କୁ ଗିରଫ କରାଯାଇଥିଲା। ସେହିପରି ବେଗୁନିଆ ଥାନା ଅନ୍ତର୍ଗତ ଏକ୍ଷଲିଆ କାଳୁ ଜଙ୍ଗଲରୁ ୧ହଜାର ଲିଟର ପୋଚ ଜବତ ପରେ ନଷ୍ଟ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ।

# ଗ୍ରାମେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସଯାତ୍ରା



ନିରାକାରପୁର,୨୩।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଗୋଳବାଇ ପଞ୍ଚାୟତରେ ଥିବା ଗ୍ରାମେଶ୍ୱର ଦେବଙ୍କ ପୀଠରେ ଗୁରୁବାର ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମଲାଗୁଣୀ ନଦୀରୁ ମାନସିକଧାରୀ ଜଳଯାତ୍ରା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ପାଟଣାସାହିରେ ଥିବା ମା'ମଙ୍ଗଳାଙ୍କୁ ସୁସଜ୍ଜିତ ବିମାନରେ ବିରାଟ ପଟୁଆରରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପାରମ୍ପରିକ ନୃତ୍ୟ ସହିତ ଘଣ୍ଟ, ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଯଜ୍ଞ ମଣ୍ଡପରେ ସମସ୍ତେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା, ଶାଳାମଣ୍ଡନ, ବଣ୍ଡାପାଠ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନର କ୍ରିୟାନୁଷ୍ଠାନ କମିଟି ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଜ୍ଞ ମଣ୍ଡପଠାରେ ପ୍ରବଚନ କାର୍ଯ୍ୟକ୍ରମ ହେବ। ଆସନ୍ତା ୨୫ତାରିଖରେ ପୂର୍ଣ୍ଣାହୁତି ଦିବସରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ପଣ୍ଡିତ ବଳିଭ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେଉଥିବା ବେଳେ କର୍ତ୍ତାଭାବେ ନିରଞ୍ଜନ ହୋତା ଦାୟିତ୍ୱ ସମ୍ପାଦନ କରୁଛନ୍ତି।

# ଭାଲିଆବାଡ଼ି କପ୍ କ୍ରିକେଟ୍ ଟୁର୍ନାମେଣ୍ଟ: ଅଠାରଙ୍ଗ ବିଜୟୀ


ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଭାଲିଆବାଡ଼ି ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ୪୮ତମ ଭାଲିଆବାଡ଼ି କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂସାମନ୍ତ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କଲ୍ୟାଣପୁର ଏବଂ ଅଠାରଙ୍ଗ କ୍ଲବ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କଲ୍ୟାଣପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୬ ଉଇକେଟ ବିନିମୟରେ ୭୦ରନ ସଂଗ୍ରହ କରିଥିଲା। ଅଠାରଙ୍ଗ ଟିମ୍ ପକ୍ଷରୁ ମନ୍ମେଶ୍ୱର ସେନାପତି ଏବଂ ପ୍ରବୀଣ ମହାପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଠାରଙ୍ଗ ଟିମ୍ ୫.୧ଓଭରରେ ୩ ଉଇକେଟ ବିନିମୟରେ ୭୩ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରବୀଣ ମହାପାତ୍ର ୩୮ରନ ଏବଂ ଅରୁଣ ଯାଦବ ୨୫ରନ କରିଥିଲେ। କଲ୍ୟାଣପୁର ଟିମ୍‌ର ସତ୍ୟବ୍ରତ ମହାପାତ୍ର ୨ଟି ଉଇକେଟ ନେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଅଠାରଙ୍ଗ ଟିମ୍‌ର ପ୍ରବୀଣ ମହାପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୁଭମ ନାୟକ ଏବଂ ଦେବାଶିଷ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ୍ ପଳାସପୁର ଏବଂ କୁଡ଼ାପଲ୍ଲୀ, ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ଏବଂ ଅରିଶଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

## ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ମିଳିଲା ସହାୟତା

ଟାଙ୍ଗୀ,୨୩।୧୦(ରଘୁନାଥ ସାହୁ)

କେରଳର କୁର୍ଣ୍ଣୁଲ ଜିଲାରେ ଗତ ୧୦ ତାରିଖରେ ଗ୍ୟାସ୍ ସିଲିଣ୍ଡର ଫାଟି ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବାଲିଯାତପୁର ଗ୍ରାମର ୩ଜଣ ଏବଂ ହାତବଡ଼ି ଗ୍ରାମର ୩ଜଣ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଥିଲା। ଏମାନେ ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଆସୁଥିଲା। ବୁଧବାର ଜିଲା ଅତିରିକ୍ତ ତହସିଲଦାର ହାତବଡ଼ି ଗ୍ରାମର ମୃତକ ଜିତେନ୍ଦ୍ର ବେହେରାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ରେଡକ୍ରସ ପକ୍ଷରୁ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

GOVERNMENT OF ODISHA No.O-1051
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e_Mail : eerw_kuchinda@yahoo.com
1st Corrigendum to Bid identification No. Tender online 04 / RWD / Kuchinda / 2025-26
Due to unavoidable circumstances, the following changes have been made in this office Bid identification no tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding From | To | Last Date & Time for seeking Clarification | Date & Time of Opening of Tender Technical Bid | Financial Bid |
|---|---|---|---|---|---|---|
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersodisha.gov.in
Sd./- Superintending Engineer R.W. Division, Kuchinda
OIPR-25151/11/0034/2526

GOVERNMENT OF ODISHA No. C-1306
SUPERINTENDING ENGINEER, P.H. DIVISION, KORAPUT
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
GOVERNMENT OF ODISHA
"e" Procurement Notice
e-Procurement Notice for 2025-26
Bid Identification No. SE, P.H. KPT-6 of 2025-26 Dt.16.10.2025

| | | |
|---|---|---|
| 1. | No. of the Work | 1 No. |
| 2. | Estimated Cost | Rs.87.00 lakh (Approx.) |
| 3. | Period of Completion | 3 Months |
| 4. | Date & time of availability of bid document in the portal | From 11.00 A.M. of 24.10.2025 to 05.00 P.M. of 06.11.2025 |
| 5. | Last date/time of receipt of bids in the portal | 05.00 P.M. of 06.11.2025 |
| 6. | Date & time of opening of bids | 11.00 A.M. of 07.11.2025 |
| 7. | Name and address of the Officer Inviting Bid | Superintending Engineer P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Chiranjibi Mahali) Superintending Engineer P.H. Division, Koraput
OIPR-13008/11/0021/2526

# ମେଣ୍ଢାଶାଳ, ଗୁରୁଜଙ୍ଗ ବିଜୟୀ

## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ




ଅତିଥିଙ୍କଠାରୁ ଦୁଇ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍‌କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମେଣ୍ଢାଶାଳ ଏବଂ ପାତ୍ରପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାତ୍ରପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୧୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭାଇଜ ଏକ୍ୱାଲ ୭୦ରନ କରିଥିଲେ। ମେଣ୍ଢାଶାଳ ଟିମ୍‌ର ସ୍ୱରଞ୍ଜନ ତମ୍ପି ୨ଟି ଉଇକେଟ ନେଇଥିଲେ। ଜବାବରେ ମେଣ୍ଢାଶାଳ ଟିମ୍ ୧୪ ଓଭରରେ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥି ପ୍ରଦୁମ୍ନ କୁମାର ସାହୁଙ୍କଠାରୁ ଶ୍ରେଷ୍ଠ ଖେଳାଳିଭାବେ ସ୍ମିତ ରଞ୍ଜନ ଚମ୍ପତି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଗୁରୁଜଙ୍ଗ ଏବଂ ପଳାସପୁର ଟିମ୍ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୭ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ଗୁମାନସିଂ ୩୮ରନ କରିଥିଲେ। ଜବାବରେ ପଳାସପୁର ଟିମ୍ ୧୩ ଓଭରରେ ୮ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିବା ବେଳେ ଦଳର ଦୁଇଜଣ ଖେଳାଳି ଆହତ ସମସ୍ୟା ଯୋଗୁ ବ୍ୟାଟିଂ କରି ନ ଥିଲେ। ଫଳରେ ଗୁରୁଜଙ୍ଗ ଟିମ୍ ବିଜୟୀ ହୋଇଥିଲା। ଅତିଥି ସୁକାନ୍ତ ପାତ୍ର ଶ୍ରେଷ୍ଠ ଖେଳାଳିଭାବେ ଭବାନୀ ପ୍ରସାଦ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ। ଅବିନାଶ ହରିହର ଖାଡ଼ଙ୍ଗା, ପ୍ରକାଶ ସାହୁ, ସାନ୍ତୁନ୍ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ, ପ୍ରଶାନ୍ତ ପଟ୍ଟଯୋଶୀ ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ୍ କୋଶାଙ୍କ ନଗର ଏବଂ ଅରାଙ୍ଗ, ଦ୍ୱିତୀୟ ମ୍ୟାଚ୍ ଗୁରୁମ ଏବଂ ପାଇକକିଆଁ ମଧ୍ୟରେ ହେବ। ତୃତୀୟ ମ୍ୟାଚ୍ ପ୍ରଥମ ଓ ଦ୍ୱିତୀୟ ମ୍ୟାଚର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଅନିଲ ବରାଳ ଏବଂ ହିମାଂଶୁ ଦାଶ ସୂଚନା ଦେଇଛନ୍ତି।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁରଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫
ସବ୍‌ଜେ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ଷ୍ଟ୍ରାଇକ ଆଇଡ଼ିଏନ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | [illegible] | [illegible] | [illegible] |
| ୨ | [illegible] | [illegible] | [illegible] |
| ୩ | [illegible] | [illegible] | [illegible] |
| ୪ | [illegible] | [illegible] | [illegible] |
| ୫ | [illegible] | [illegible] | [illegible] |

[illegible]
ଶୌରଭ ଅଗ୍ରୱାଲ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526

GOVERNMENT OF ODISHA No. C-1307
OFFICE OF THE SUPERINTENDING ENGINEER, P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-procurement Notice for Bid Identification No. SEPH-DIVISION, CTC-28 of 2025-26

| | | |
|---|---|---|
| 1. | Name of the Work | 07 Nos. PH Work |
| 2. | Estimated Cost | Rs.8.14 Lakhs to 33.62 Lakhs |
| 3. | Period of Completion | 1 Month to 3 Months |
| 4. | Date & time of availability of bid document in the portal | 23.10.2025 from 11.00 A.M. to 01.11.2025 upto 5.00 P.M. |
| 5. | Last date & time of seeking clarification | 27.10.2025 upto 5.00 P.M. |
| 6. | Last date/time of receipt of bids in the portal | 01.11.2025 upto 5.00 P.M. |
| 7. | Date & time of opening of bids | 03.11.2025 at 11.00 A.M. |
| 8. | Name and address of the Officer Inviting Bid | The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in.
Sd./- I/C Superintending Engineer P.H. Division, Cuttack
OIPR-13225/11/0039/2526

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-12/2025-26
No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer Balliguda (R&B) Division
OIPR-34162/11/0006/2526

**ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଗୁଜରାଟ ମୁଖ୍ୟ ଶାସନ ସଚିବ**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି): ଗୁଜରାଟର ମୁଖ୍ୟ ଶାସନ ସଚିବ ପଙ୍କଜ ଯୋଶୀ ସପରିବାର ଗୁରୁବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଯୋଶୀ ଏଠାରେ ପହଞ୍ଚିବା ପରେ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ଓ ପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ। ମନ୍ଦିରରେ କିଛି ସମୟ ଅତିବାହିତ କରିସାରିବା ପରେ ପୁରୀ ଅଭିମୁଖେ ବାହାରିଥିଲେ। ଏହି ଗସ୍ତ ସମୟରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୧୦।୨୦୨୫

| | |
|---|---|
| | ୫,୮୪,୦୦୯ ଟଙ୍କା |
| ସୁନା | ୫.୬୫୦ ଗ୍ରାମ୍ |
| ରୁପା | ୮.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ନାଳରୁ ମୃତଦେହ ଜବତ

ପିପିଲି,୨୩।୧୦(ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ କାଙ୍କଣୁଆ ଗ୍ରାମ ସଫେଇ ଜୋଡ଼ ନାଳ ପାଣିରେ ଜଣେ ବ୍ୟକ୍ତିଙ୍କ ମୃତ ଶରୀରକୁ ପିପିଲି ପୋଲିସ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହଟି ଉଲଗ୍ନ ଅବସ୍ଥାରେ ମୁହଁ ତଳକୁ ମାଡ଼ି ପାଣିରେ ଭାସୁଥିବାବେଳେ ଦୁର୍ଗନ୍ଧ ହେଉଥିଲା। ଗାଁ ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ପ୍ରମୁଖ ପୋଲିସ ଫୋର୍ସ ସହ ପହଞ୍ଚି ମୃତ ଶରୀରକୁ ପାଣିରୁ ଉଦ୍ଧାର କରିଥିଲେ। ଏହା ହତ୍ୟା କି ଆତ୍ମହତ୍ୟା ସେ ସଂକ୍ରାନ୍ତରେ ଜଣାପଡୁନଥିବା ବେଳେ ମୃତଦେହଟି କିପରି ସଫେଇ ନାଳକୁ ଆସିଲା ସେ ନେଇ ପୋଲିସ ତଦନ୍ତ ଚଳାଇଛି। ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ପିପିଲି ଥାନାରେ ୩୩.୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅତିରିକ୍ତ ତହସିଲଦାର ବସନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ମୃତ ଶରୀରକୁ ପଞ୍ଚନାମା କରାଯିବା ପରେ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

### କାଠ ଅଡ଼ାରୁ ଚୋରି, ଅଭିଯୁକ୍ତ ଗିରଫ

ବଳଙ୍ଗା, ୨୩।୧୦(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଗୋଡ଼ିମାଳ ଗ୍ରାମର କାଠ ଅଗଣାରୁ ସୁଟ୍‌ ସହ ୨୦ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମନୋଜ କୁମାର ଓଝାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ପରିବାରଲୋକେ ଖାଇସାରି ଶୋଇଥିଲେ। ରାତି୩ଟାରେ ମନୋଜଙ୍କ ନିଦ ଭାଙ୍ଗିଯିବାରୁ କାଠଅଡ଼ାରେ ଖଡ଼୍‌ଖାଡ଼୍‌ଶବ୍ଦ ଶୁଣି ସେ ଯାଗାକୁ ଯାଇ ଦେଖିବା ବେଳକୁ ଅଡା ଦୁଆର ଭାଙ୍ଗି ସିପକ ତାଙ୍କର ସୁଟରେ ୫ ଖଣ୍ଡ ଆକାଶୀପଟା, ଟଙ୍କା ଚୋରି କରିନେଇଥିଲେ। ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ୨୨୯/୨୫ ରେ ଏକ ମାମଲା ରୁଜୁ କରିବା ସହ ସିପକଙ୍କୁ ଗିରଫ କରିଛି।

# ‘ସାହିତ୍ୟରେ ଶୋଷିତ ମଣିଷର ସଂଗ୍ରାମ ପ୍ରତିଫଳିତ ହେଉ’

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ଶୋଷିତ ମଣିଷର ଜୀବନ ଓ ସଂଗ୍ରାମ ସାହିତ୍ୟରେ ପ୍ରତିଫଳିତ ହେଲେ ସାହିତ୍ୟ ଏବଂ ସାହିତ୍ୟିକ ଅଧିକ ଜନାଦୃତ ହୋଇପାରିବ ବୋଲି ସାହିତ୍ୟିକ ପ୍ରଫେସର ଡ. ବିଜୟ କୁମାର ଶତପଥୀ ମତବ୍ୟକ୍ତ କରିଛନ୍ତି। ଭାରତର ଛାତ୍ର ଫେଡେରେଶନର ପରିବର୍ଦ୍ଧିତ ରାଜ୍ୟ କମିଟି ଓ କର୍ମଶାଳା ଆୟୋଜନ ପୃଷ୍ଠଭୂମିରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଆ ସାହିତ୍ୟରେ ସାମ୍ୟବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ବିପ୍ଳବୀ ଭଗବତୀଚରଣ ପାଣିଗ୍ରାହୀଙ୍କ ୮୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ଗୁରୁବାର ସ୍ଥାନୀୟ କୁଳମଣି ଭବନରେ ଅନୁଷ୍ଠିତ ହୋଇଯାଇଛି। ‘ବିପ୍ଳବୀ ଭଗବତୀ: ସାହିତ୍ୟ ଓ ରାଜନୀତି’ ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ରଖି ମୁଖ୍ୟ ବକ୍ତା ପ୍ରଫେସର ଶତପଥୀ କହିଲେ, ଭଗବତୀ ନିଜର ସ୍ୱଳ୍ପ କାଳର ଜୀବନ ଭିତରେ ଓଡ଼ିଆ ସାହିତ୍ୟରେ ଏକ କ୍ରାନ୍ତିକାରୀ ଯୁଗର ସ୍ଥାପନା କରିଯାଇଛନ୍ତି। ତାଙ୍କର ସମଗ୍ର ସାହିତ୍ୟକୃତି ସାମ୍ୟବାଦୀ ଦର୍ଶନ ଉପରେ ଆଧାରିତ ଥିଲା। ମହାନ୍ ଦାର୍ଶନିକ କାର୍ଲ ମାର୍କ୍ସଙ୍କ ସାମ୍ୟବାଦୀ ଚେତନାର ଅଭ୍ୟୁଦୟ ଓ ସୋଭିଏତ୍ ସମାଜବାଦୀ ବିପ୍ଳବ ପୂର୍ବରୁ ୧୭୮୯ ମସିହା ଫରାସୀ ବିପ୍ଳବରେ ମୁକ୍ତି ଓ ସମାନତା ସ୍ୱର ଉଠିଥିଲା। କିନ୍ତୁ ଲେନିନ୍‌ଙ୍କ ନେତୃତ୍ୱରେ ରୁଷ ବିପ୍ଳବ ସାମ୍ୟବାଦକୁ ଉଭୟ ସାହିତ୍ୟ, ଦର୍ଶନ ଓ ଶୋଷିତ ମଣିଷର ଜୀବନ ସଂଗ୍ରାମ ପରିଚୟ ଭାବେ ବିଶ୍ୱରେ ଜନପ୍ରିୟ କରାଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାସ ବିଂଶ ଦଶକରେ ସୋଭିଏତ ବିପ୍ଳବ ଓ ଲେନିନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ‘ସମାଜ’ ରେ ଦୁଇଟି ଅଗ୍ରଲେଖ ଲେଖି ଓଡ଼ିଶାରେ ସାମ୍ୟବାଦୀ ଆଦର୍ଶକୁ ଲୋକଲୋଚନକୁ ଆଣିବାରେ ଅଗ୍ରଗଣ୍ୟ ଭୂମିକା ପାଳନ କରିଥିଲେ। ପରବର୍ତ୍ତୀ କାଳରେ ୧୯୩୫ ମସିହାରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା ଜରିଆରେ ଓଡ଼ିଆ ସାହିତ୍ୟରେ ସାମ୍ୟବଦୀ ଚେତନାର ସ୍ୱର ଅଧିକ ବ୍ୟାପକ ଓ ଶାଣିତ ହୋଇଥିଲା। ଏପରିକି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଭଳି ସବୁଜ ଯୁଗର କବିମାନେ ସାମ୍ୟବାଦୀ ଚେତନାରେ ପ୍ରଭାବିତ ହୋଇ ପ୍ରଚଳିତ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଲେଖନୀ ଚାଳନା କରିଥିଲେ । ଓଡ଼ିଶାରେ ସାମ୍ୟବାଦୀ ଚେତନାର ଅଗ୍ରଦୂତ ଭାବେ ଯେଉଁ କବିମାନେ ସ୍ୱର ଓ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି, ସେମାନେ ହେଲେ ଭଗବତୀ ଚରଣ ପାଣିଗ୍ରାହୀ ଓ ତାଙ୍କ ସାଥୀ ପ୍ରାଣନାଥ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ମନମୋହନ ମିଶ୍ର, ବ୍ରଜନାଥ ରଥ ପ୍ରମୁଖ। ସ୍ୱାଧୀନତା ପରେ ସମାଜର ନିର୍ଯାତିତ ଓ ଶୋଷିତ ମଣିଷର ଜୀବନ ଓ ସଂଗ୍ରାମ ସାହିତ୍ୟରେ ଯେଉଁ ପ୍ରାଧାନ୍ୟତା ପାଇବା କଥା ତାହା ଦେଖିବାକୁ ମିଳୁନାହିଁ । ସାମ୍ୟବାଦୀ ଚେତନା ଓ ସାମ୍ୟବାଦୀ ଆନ୍ଦୋଳନ ଦେଶର ସ୍ୱାଧୀନତା ସଂଗ୍ରାମ, ଗଡ଼ଜାତ ଅଞ୍ଚଳରେ ପ୍ରଜା ଆନ୍ଦୋଳନ ଓ ସମାଜ ସଂସ୍କାର କ୍ଷେତ୍ରରେ ଏକ ନିର୍ଣ୍ଣାୟକ ଭୂମିକା ପାଳନ କରିଥିଲା। ସାହିତ୍ୟ ଜନଗଣଙ୍କ ବାସ୍ତବ ଜୀବନର ଅନୁରୂପ ହେଲେ ସାମ୍ୟବାଦୀ ଚିନ୍ତା ଓ ଚେତନା ତାର ଅସଲ ଚାଳିକା ଶକ୍ତି ବୋଲି ଶତପଥୀ କହିଥିଲେ। ଅନ୍ୟତମ ବକ୍ତା କବି ସୁଚେତା ମିଶ୍ର କହିଲେ, ଭଗବତୀଚରଣ ଗରିବ ଓ ନିଷ୍ପେସିତ ଜନତାଙ୍କ ପାଇଁ ଜୀବନବ୍ୟାପୀ ଲେଖନୀ ଚାଳନା ସହ ସେମାନଙ୍କ ମୁକ୍ତି ପାଇଁ ସଂଗ୍ରାମ କରି ଓଡ଼ିଶା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଯାଇଛନ୍ତି। ଛାତ୍ରୀଛାତ୍ରମାନେ ଜୟନ୍ତୀ ପାଳନ ଭିତରେ ସୀମିତ ନ ରହି ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଉପସଂହାରରେ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା କହିଲେ, ଭଗବତୀଚରଣ ମୃତ୍ୟୁର ଅଳ୍ପ ଦିନ ପୂର୍ବରୁ ଫାଶୀବାଦ ବିରୋଧରେ ଲଢ଼ିବା ପାଇଁ ଯେଉଁ ଆହ୍ୱାନ ଦେଇଥିଲେ, ଆଜି ତାର ପ୍ରାସଙ୍ଗିକତା ରହିଛି। ହିନ୍ଦୁତ୍ୱ ଓ କର୍ପୋରେଟ ଭିତରେ ଗଢି ଉଠୁଥିବା ବନ୍ଧନ ଯୋଗୁ ଦେଶର ସମ୍ବିଧାନ, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜୀବନ ଜୀବିକା ଅଧିକ ବିପନ୍ନ ହେବାରେ ଲାଗିଛି। ଭାରତର ଛାତ୍ର ଫେଡେରେଶନର ସର୍ବଭାରତୀୟ ସାଧାରଣ ସମ୍ପାଦକ ଜନ ଭଟ୍ଟାଚାର୍ଯ୍ୟ ପ୍ରଥମ ଅଧିବେଶନରେ କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ଛାତ୍ର ସମାଜ ସ୍ୱାଧୀନତା ଆନ୍ଦୋଳନ କାଳରେ ବ୍ରିଟିଶ ବିରୋଧୀ ସଂଗ୍ରାମରେ ଗୌରବମୟ ଭୂମିକା ପାଳନ କରିଥିଲା। ଦେଶରେ ଚାଲୁଥିବା ହିନ୍ଦୁତ୍ୱ ରାଜନୀତି ଓ ନବ୍ୟ ଉଦାରବାଦୀ ଅର୍ଥନୀତି ଯୋଗୁ ଛାତ୍ର ସମାଜ ସହ ଶ୍ରମଜୀବୀ ମଣିଷର ଭବିଷ୍ୟତ ଧ୍ୱଂସ ହେବାକୁ ବସିଛି। ଉଭୟ ଅଧିବେଶନରେ ରାଜ୍ୟ ସଭାପତି ଚନ୍ଦନ କାମିଲା ଅଧକ୍ଷତା କରିଥିଲେ ଓ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଗଠନର ପୂର୍ବତନ ରାଜ୍ୟ ଆବାହକ ଶୁଭ୍ରାଂଶୁ ଉଦ୍‌ଗାତା, ରାଜ୍ୟ କମିଟି ସଭ୍ୟ ମାନସ ରଞ୍ଜନ ଦଳବେହେରା, କୋଷାଧ୍ୟକ୍ଷ ରାଖୀ ସ୍ୱାଇଁ, ଅଭିଲାଷ ମଲ୍ଲିକ, ଅନିଲ କୁମାର ସାହୁ, ପ୍ରଭାତ କୁମାର ପତି, ରାଜେଶ କୁମାର ମହାନ୍ତି, ରାଜେଶ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି ।

**ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଲୋଚନା ଚକ୍ର**



ପୁରୀ ପୌରପାଳିକା ପକ୍ଷରୁ ଆୟୋଜିତ ଅଦ୍ୱିକା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଅଦ୍ୱିକା ପ୍ରତିଭା ଚୟନ

ପୁରୀ,୨୩।୧୦(ଅଜିତ କୁମାର ମହାନ୍ତି)

ପୁରୀ ପୌରପାଳିକା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସଂସ୍କୃତି ଭବନରେ ଅଦ୍ୱିକା କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତିଭା ଚୟନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ପ୍ରତିଭା ରହିଛି। ଏହାର ଉନ୍ମେଷ ଓ ବିକାଶ ପାଇଁ ମାତାପିତା, ଅଭିଭାବକ, ଗୁରୁମାନେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନେକ ସମୟରେ ପିଲାଙ୍କ ପ୍ରତି ଚାପ ସୃଷ୍ଟି କରି ମାତାପିତା ନିଜର ଇଚ୍ଛାକୁ ତାଙ୍କ ଉପରେ ଲଦି ଦିଅନ୍ତି, ଯାହା ତାହାର ପ୍ରତିଭାକୁ ପ୍ରଭାବିତ କରିଥାଏ। ତେଣୁ ପିଲାଙ୍କ ଇଚ୍ଛା ଓ ଆଗ୍ରହକୁ ସମ୍ମାନ ଦେବା ଉଚିତ ବୋଲି ସେଠୀ ପ୍ରକାଶ କରିଥିଲେ। ସିଡିପିଓ ବିନୋଦିନୀ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ରାଜ କିଶୋର ସାହୁ, ମମତାର ଡିପିସି ପ୍ରଣତି ମହାନ୍ତି ପ୍ରମୁଖ ଯୋଗ ଦେଇ କିଶୋରୀ କିଶୋରଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ପାଇଁ ଅନୁରୋଧ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ପୃଷ୍ଟି, ପ୍ରଜ୍ଞା ପ୍ରିୟଦର୍ଶନୀ, ପ୍ରଣତି ଟିନାରା ଏବଂ ଅଞ୍ଜଳି ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ସାକ୍ଷୀଗୋପାଳ,୨୩।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀସ୍ଥିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ପୁଷ୍ପିତା ପଟ୍ଟନାୟକ ଏବଂ ଅଧ୍ୟାପିକା ସସ୍ମିତା ପ୍ରଧାନ ମଞ୍ଚାସୀନ ଥିଲେ। କିଶୋରୀ କିଶୋରମାନେ କିଭଳି ଶାରୀରିକ ମାନସିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ନିଜକୁ ନିୟୋଜିତ କରିପାରିବେ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତା, ନୃତ୍ୟ ସଙ୍ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଦ୍ୱିକା ବ୍ଲକର ପ୍ରତିଯୋଗୀ ଭାଗନେଇଥିଲେ। ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ରାଜଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମର ଆବାହିକା ଥିବା ବେଳେ ସୁପରଭାଇଜର ପିୟୂଷମୟୀ ପଣ୍ଡା ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଚାଷୀ ସଂକଳ୍ପ ସମାବେଶ

ସାକ୍ଷୀଗୋପାଳ, ୨୩।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସତ୍ୟବାଦୀ ବ୍ଲକସ୍ତରୀୟ ଚାଷୀ ସଙ୍କଳ୍ପ ସମାବେଶ ଗୁରୁବାର ବନପୁରସ୍ଥିତ ଶ୍ରୀକୃଷ୍ଣ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଦେବୀପ୍ରସାଦ ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାବେଶରେ ବିଭିନ୍ନ ପଞ୍ଚାୟତର ଚାଷୀନେତା ଯୋଗଦେଇ ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଉଦାସୀନତା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଚାଷୀ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ, ଚାଷୀଙ୍କୁ ମାସକୁ ଦଶହଜାର ଟଙ୍କା ସୁରକ୍ଷା ଭତ୍ତା, ବୃଦ୍ଧାବୃଦ୍ଧଙ୍କୁ ମାସକୁ ତିନିହଜାର ଟଙ୍କା ଭତ୍ତା, ବନପ୍ରାଣୀ ଉପଦ୍ରବରୁ ଚାଷୀ କୂଳକୁ ସୁରକ୍ଷା, ନିଶାମୁକ୍ତ ଓଡ଼ିଶା, ସବୁ ଜମିକୁ ଜଳସେଚନ, ଜଳ ନିଷ୍କାସନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କୁ ମାଗଣାରେ ଯୋଗାଇଦେବାକୁ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆଲୋଚନା କରିଥିଲେ। ଚାଷୀ ସମସ୍ୟାର ସମାଧାନ ନିମନ୍ତେ ଦଳମତ ନିର୍ବିଶେଷରେ ସତ୍ୟବାଦୀ ଚାଷୀ ଏକଜୁଟ ହୋଇ ଆସନ୍ତା ୩୦ ତାରିଖରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ପ୍ରତ୍ୟେକ ଚାଷୀ ନିଜ ଅଞ୍ଚଳରେ ସଂଗଠିତ ହେବାପାଇଁ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ଆଲିମ୍, ସନ୍ତୋଷ ବେହେରା, ସୋମନାଥ ମୁଦୁଲି, ଦେବାଶିଷ ରାୟ, ହରେନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ରାଜନୈତିକ ନେତୃତ୍ୱଙ୍କ ସହିତ ଶତାଧିକ ଚାଷୀ ନେତା ଉପସ୍ଥିତ ଥିଲେ।

# ପୁରୀର ଐତିହ୍ୟକୁ ଦୃଷ୍ଟିରେ ରଖି ବିକାଶ ଯୋଜନା ପ୍ରସ୍ତୁତ ହେଉ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

**ଜିଲା ପ୍ରତିଷ୍ଠା ଦିବସ ପାଳିତ**

ପୁରୀ ବିକାଶ ପରିଷଦ ପକ୍ଷରୁ ଗୁରୁବାର ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଅଧକ୍ଷତା କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ପ୍ରମୋଦ କୁମାର ଷଡ଼ଙ୍ଗୀ ଏବଂ ସମାଜସେବୀ ଚକ୍ରଧର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ପୁରୀର ଆଧ୍ୟାତ୍ମିକ ପରିବେଶ, ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ଭବିଷ୍ୟତ ବଂଶଧରଙ୍କ ପାଇଁ ଏସବୁର ସୁରକ୍ଷା କରାଯିବା ଉଚିତ। ରାଜ୍ୟ ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ଦେବା ଉଚିତ୍। ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ଆବଶ୍ୟକ। ପୁରୀକୁ ସମ୍ପୂର୍ଣ୍ଣ ମଦମୁକ୍ତ ଏବଂ ଆମିଷ ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ପ୍ରାଚୀନ ଐତିହ୍ୟ ଓ ଭକ୍ତଙ୍କ ଧାର୍ମିକ ଭାବାବେଗକୁ ଦୃଷ୍ଟିରେ ରଖି ପୁରୀର ବିକାଶ ଯୋଜନା ପ୍ରସ୍ତୁତ ହେବା ଉଚିତ। ଶ୍ରୀଜଗନ୍ନାଥ ଚେତନା ବିଶ୍ୱବାସୀଙ୍କୁ ଅନୁପ୍ରାଣିତ କରିଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଅପପ୍ରଚାର କରି ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଥିବା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମତ ପ୍ରକାଶ ପାଇଛି। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ବିଭୁ ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ। ପରିଷଦ ଉପସଭାପତି ସୁକାନ୍ତ କୁମାର ପଣ୍ଡା, ଡାକ୍ତର ରାଧେଶ୍ୟାମ ରଥ, ସଙ୍ଗଠନ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ଗୋବିନ୍ଦ ଦାସ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ମଣ୍ଡଳ ଶିକ୍ଷାଧିକାରୀ

କାକଟପୁର/ଅସ୍ତରଙ୍ଗ, ୨୩।୬

(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ସରକାରୀ ସ୍କୁଲରେ ନାଁ, ଘରୋଇରେ ପାଠପଢ଼ା**

ସରକାରୀ ସ୍କୁଲରେ ପିଲାଙ୍କ ନାଁ ରହିଛି, ହେଲେ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି। ଦିନେ ବି ନିଜ ସ୍କୁଲ ମାଟି ମାଡ଼ୁ ନ ଥିବାବେଳେ ଉପସ୍ଥାନ ଖାତାରେ ସବୁଦିନ ଆସୁଥିବା ରେକର୍ଡ ରହୁଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଥିବା ଅନେକ ଘରୋଇ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସ୍କୁଲରେ ଉପର ଶ୍ରେଣୀ ପାଇଁ ସରକାରୀ ଅନୁମତି ନ ଥିବାରୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଚିହ୍ନା ସରକାରୀ ସ୍କୁଲରେ ପିଲାଙ୍କୁ ନେଇ ନାମ ଲେଖାଉଛନ୍ତି। ପିଲାଙ୍କଠୁ ନାମଲେଖା ଫି ଆଦାୟ କରୁଛନ୍ତି। ଏପରିକି ମାଟ୍ରିକ ପରୀକ୍ଷା ସାର୍ଟିଫିକେଟ ଦେବା ବେଳକୁ ମନଇଚ୍ଛା ଟଙ୍କା ଆଦାୟ କରୁଛନ୍ତି। ଅନେକ ଅଭିଭାବକ ଏପରି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏ ସଂକ୍ରାନ୍ତରେ ଜୁନ ୨୨ରେ ଖବର ପ୍ରକାଶ ପାଇଥିଲା। ପରେ ସାମାଜିକ କର୍ମୀ ଅମୀୟ ରଞ୍ଜନ ବାରିକ ନିଜ ଏକ୍ସରେ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଥିଲେ। ନିକଟରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବାକୁ ସିଆର୍‌ସିସିଙ୍କୁ ନିର୍ଦ୍ଦେଶ ରହିଛି। ପ୍ରକାଶିତ ଖବରର ସତ୍ୟାସତ୍ୟ ଯାଞ୍ଚ ପାଇଁ ସାଧନକେନ୍ଦ୍ର ସଂଯୋଜକମାନଙ୍କୁ ଚିଠି ନମ୍ବର ୧୨୭୨ରେ ନିର୍ଦ୍ଦେଶ ଦିଆଯାଇଛି।

# ‘ମହାପ୍ରଭୁଙ୍କ କୋହିନୁର୍ ହୀରା ଇଂଲଣ୍ଡରୁ ଫେରାଇ ଅଣାଯାଉ’

**ବିଦେଶ ମନ୍ତ୍ରୀଙ୍କ ସହ ଶ୍ରୀଜଗନ୍ନାଥ ସେନା ଆବାହକଙ୍କ ଆଲୋଚନା**



ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରିଆଙ୍କ ସହ ପ୍ରିୟଦର୍ଶନ ପଟ୍ଟନାୟକ ।

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୋହିନୁର୍ ହୀରା ଇଂଲଣ୍ଡରୁ ଫେରାଇ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ନୂଆଦିଲ୍ଲୀ କାର୍ଯ୍ୟାଳୟରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରିଆଙ୍କ ସହ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସାକ୍ଷାତ କରିଛନ୍ତି। କୋହିନୂର ହୀରା କିପରି ଭାରତ ତଥା ମହାପ୍ରଭୁଙ୍କ ନିକଟକୁ ଫେରାଇ ଅଣାଯାଇପାରିବ ସେ ସମ୍ପର୍କରେ ପଟ୍ଟନାୟକ ଆଲୋଚନା କରିଛନ୍ତି। ଆଗକୁ ଏ ନେଇ ଭାରତର ପ୍ରଧାନମନ୍ତ୍ରୀ, ଇଂଲଣ୍ଡ ପ୍ରଧାନମନ୍ତ୍ରୀ ଓ ଜାତିସଂଘ ମହାସଚିବଙ୍କ ସହ ଆଲୋଚନା କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ପୂର୍ବରୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଗତ ଜୁନ୍‌ରେ ଅନ୍ତର୍ଜାତୀୟ କୋର୍ଟରେ ଏହି ପ୍ରସଙ୍ଗରେ ଇଂଲଣ୍ଡ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମାମଲା ଦାଖଲ କରାଯାଇଥିଲା। ମହାପ୍ରଭୁଙ୍କ କୋହିନୁର୍ ହୀରା ଭାରତ ନ ଫେରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ପଟ୍ଟନାୟକ କହିଛନ୍ତି। ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନମନ୍ତ୍ରଙ୍କ ହସ୍ତକ୍ଷେପ ଲୋଡି ତାଙ୍କ ନିକଟକୁ ପତ୍ର ପଠାଇଛନ୍ତି ।

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
No.O-1051
e_Mail : eerw_kuchinda@yahoo.com
1st Corrigendum to Bid identification No. Tender online 04 / RWD / Kuchinda / 2025-26
Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in
Sd./- Superintending Engineer
R.W. Division, Kuchinda
OIPR-25151/11/0034/2526

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ରୁତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ,
୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫,
ଆଇ.ଏମ୍.ଟି. ମାନେସର,
ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ସତ୍ୟମେଵ ଜୟତେ

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବିବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବିବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବିବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | ଜେକିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବିବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବିବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ଦ୍ରୁତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526

OFFICE OF THE
SUPERINTENDING ENGINEER, P.H. DIVISION, KORAPUT
No. C-1306
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
GOVERNMENT OF ODISHA
“e” Procurement Notice
e-Procurement Notice for 2025-26
Bid Identification No. SE, P.H. KPT-6 of 2025-26 Dt.16.10.2025
1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput
Further details can be seen from the e-Procurement portal “https://www.tendersodisha.gov.in”.
Sd./- (Er. Chiranjibi Mahali)
Superintending Engineer
P.H. Division, Koraput
OIPR-13008/11/0021/2526

GOVERNMENT OF ODISHA
No. C-1307
OFFICE OF THE SUPERINTENDING ENGINEER, P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-procurement Notice for Bid Identification No. SEPH-DIVISION, CTC-28 of 2025-26
1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com
Further details can be seen from e-procurement portal https://www.tendersodisha.gov.in.
Sd./- I/C Superintending Engineer
P.H. Division, Cuttack
OIPR-13225/11/0039/2526

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-12/2025-26
No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0006/2526

## ଚୋରି ପାଉଁଶ ବୋଝେଇ ହାଇୱା ଜବତ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଥାନା ଅନ୍ତର୍ଗତ ଗୋପାଳପୁର ଶିଳ୍ପାଞ୍ଚଳ ଭିତରେ ଇଞ୍ଚା କାରଖାନା ପକ୍ଷରୁ ଗଦା କରାଯାଉଥିବା ପୋଡ଼ା କୋଇଲା ଓ କ୍ରୋମ୍ ପାଉଁଶକୁ ଚୋରି କରି ନେଉଥିବା ୪ଟି ହାଇୱାକୁ ଚୌଦ୍ୱାର ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୋପାଳପୁର ଶିଳ୍ପାଞ୍ଚଳ ଭିତରରେ ଏକ ମୁକ୍ତ ଜାଗାରେ ଇଞ୍ଚା ଦ୍ୱାରା ଗଦା କରାଯାଉଥିବା କାରଖାନାର ବର୍ଜ୍ୟ କୋଇଲା ଓ କ୍ରୋମ ଛାଇକୁ କେତେଜଣ ବ୍ୟକ୍ତି ଚୋରି କରୁଥିବା କାରଖାନା ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଘଟଣାର ତଦନ୍ତ ଚାଲିଥିବାବେଳେ ଗୁରୁବାର ଗୋପାଳପୁର ଶିଳ୍ପାଞ୍ଚଳ ନିକଟ ଏକ ଘରୋଇ ସ୍କୁଲ ପଛପଟୁ ପାଉଁଶ ବୋଝେଇ ୪ଟି ହାଇୱା ପୋଲିସ ଜବତ କରି ଥାନାକୁ ଆଣି ରଖିଛି। ପୋଲିସ ଏକ ମାମଲା (ନଂ.୬୪୦/୨୫) ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି।

**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାତ୍ରାପାର୍ଟିର ଇଲେକ୍ଟ୍ରିସିଆନଙ୍କ ମୃତ୍ୟୁ

କଟକ ସଦର,୨୩।୧୦(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ତଥା କଲରାବାଙ୍କ ଗ୍ରାମରେ କାଳୀପୂଜା ଉପଲକ୍ଷେ ଚାଲିଥିବା ଯାତ୍ରାପାର୍ଟିରେ ବୁଧବାର ରାତିରେ ଏକ ଅଘଟଣ ଘଟିଛି। ଯାତ୍ରା ପରିବେଷଣ ପୂର୍ବରୁ ରାତିରେ ଅପେରା ପାର୍ଟିର ଇଲେକ୍ଟ୍ରିସିଆନ ମନୋରଞ୍ଜନ ପ୍ରଧାନ (୪୦)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ମନୋରଞ୍ଜନଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳର ବାଲିସାହି ଗ୍ରାମରେ ବୋଲି ଜଣାପଡିଛି। ସେ ଭୁବନେଶ୍ୱର ଡୁମଡୁମାରେ ରହୁଥିଲେ। କଲରାବାଙ୍କ ଗ୍ରାମରେ କାଳୀପୂଜା ଉପଲକ୍ଷେ ଯାତ୍ରା ଚାଲିଥିଲା। ଯାତ୍ରା ପରିବେଷଣ ପୂର୍ବରୁ ରାତିରେ ଅପେରା ପାର୍ଟିର ଇଲେକ୍ଟ୍ରିସିଆନ ମନୋରଞ୍ଜନ ବିଦ୍ୟୁତ୍ ସଂଯୋଗ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାତ୍ରା ପେଣ୍ଡାଲ ଉପରେ ପଡିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ରଘୁନାଥପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ କଲରାବାଙ୍କ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି।

## ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୨୩।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ କଲେଜରେ ସ୍ଥାନୀୟ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ଓଡିଶା-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ସାଇବର ଅପରାଧ ଓ ଅପରାଧୀଙ୍କ କବଳରୁ ନିଜକୁ କିଭଳି ସୁରକ୍ଷା ଦେଇପାରିବେ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କଟକ ଜିଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି ନିରଞ୍ଜନ ଶବର, ଆଇଆଇସି ତପନ କୁମାର ପ୍ରଧାନ, ଇନ୍ସପେକ୍ଟର ବିଜୟ କୁମାର ମଲ୍ଲିକ, ତନୁଶ୍ରୀ ସାହୁ ଓ କଲେଜ ପ୍ରିନ୍ସପାଲ ଅଶୋକ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସାଇବର ଅପରାଧୀମାନଙ୍କୁ ଧରିବା ପାଇଁ ଓଡିଶା ସରକରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ପୋଲିସ ବାହିନୀର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। କୌଣସି ସ୍ଥାନରେ ଏଭଳି ଅଜଣା କଲ କିମ୍ବା ଓଟିପି କେହି ବି ମାଗିଲେ, ତୁରନ୍ତ ପୋଲିସ କିମ୍ବା ସାଇବର ସେଲକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ କଲେଜ କର୍ମଚାରୀ ଓ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଡ଼ା ସୁରକ୍ଷା ବଳୟରେ ସହର

କଟକ,୨୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)



କାଳୀ ପୂଜା ଭସାଣିର ଅବ୍ୟବହିତ ପୂର୍ବରୁ କଟକ ରେଲୱେ ଷ୍ଟେଶନ ନିକଟରୁ ପୋଲିସ ପକ୍ଷରୁ ବାହାରି ଥିବା ଫ୍ଲାଗ୍‌ମାର୍ଚ୍ଚ।

**ଆଜି କାଳୀ ଭସାଣି**
- ପୋଲିସର ଫ୍ଲାଗ ମାର୍ଚ୍ଚ
- ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
- ଦରଘାବଜାର ଅଞ୍ଚଳ ସାଇଲେନ୍ସ ଜୋନ୍

କଟକରେ ଶୁକ୍ରବାର ମା’ କାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପ୍ରାୟ ୭୫ଟି ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ସାହି ପରିକ୍ରମା କରି ଦେବୀଗଡ଼ାରେ ବିସର୍ଜିତ ହେବେ। ଦଶହରା ଭସାଣି ଗଣ୍ଡଗୋଳକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥିପାଇଁ ବାରବାଟୀ ଷ୍ଟାଡିୟମରେ ପୋଲିସର ଏକ ପ୍ରସ୍ତୁତି ବୈଠକ ହୋଇଛି। ଏଥିସହ ଗୁରୁବାର ସନ୍ଧ୍ୟାରେ କଟକ ରେଳଷ୍ଟେଶନଠାରୁ ପୋଲିସ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହାସହ ବରିଷ୍ଠ ପୋଲିସ ଅଧିକାରୀ ଓ ଏସ୍‌ଟିଫ୍ ପକ୍ଷରୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ତୀକ୍ଷ୍ଣ ନଜର ରଖାଯାଇଛି। ଦୁର୍ଗାପୂଜା ଭସାଣି ସମୟରେ ହାତୀପୋଖରୀ ନିକଟରେ ହୋଇଥିବା ଗଣ୍ଡଗୋଳ ଓ ପରବର୍ତ୍ତୀ ହିଂସାତ୍ମକ ପରିସ୍ଥିତିକୁ ନେଇ କମିଶନରେଟ ପୋଲିସ ପାଇଁ କାଳୀପୂଜା ଭସାଣି ବଡ଼ ଆହ୍ୱାନ ସୃଷ୍ଟି କରିଛି। ସେଥିପାଇଁ ଭସାଣି ସମୟରେ ଦରଘାବଜାର ଅଞ୍ଚଳକୁ ସାଇଲେନ୍ସ ଜୋନ ଭାବେ ଘୋଷଣା କରାଯାଇଛି। ଭୁବନେଶ୍ୱର କମିଶନରେଟ ପୋଲିସରୁ ବଛା ବଛା ୧୩ଜଣ ପୋଲିସ ଅଫିସରଙ୍କୁ କଟକ ଅଣାଯାଇଛି। ଭସାଣି ବେଳେ ସହରରେ ଗାଡ଼ି ଚଳାଚଳ ଉପରେ ୱାନ-ୱେ କଟକଣା ଜାରି କରାଯାଇଛି। ୨୪ ତାରିଖ ସକାଳ ୭ଟାରୁ ୨୫ ତାରିଖ ଭସାଣି ଶେଷ ହେବା ଯାଏ ଏହି କଟକଣା ବଳବତ୍ତର ରହିବ। ସୂଚନାନୁସାରେ, ଦେବୀଗଡ଼ାରେ ୫ଟି ଅସ୍ଥାୟୀ ପୋଖରୀ କରାଯାଇଛି। ପ୍ରଥମ ଦିନ ସମସ୍ତ ମେଢ଼ ବିସର୍ଜନ କରାଯିବ ନାହିଁ। ପରଦିନ ଅର୍ଥାତ ୨୫ ତାରିଖରେ ପ୍ରାୟ ୭ଟି ମେଢ଼ ବିସର୍ଜନ କରାଯିବ। ଭସାଣି ପାଇଁ ୫୦ପ୍ଲାଟୁନ ଫୋର୍ସ ପୁରା ସହରରେ ମୁତୟନ କରାଯାଇଛି। ଏଏସ୍‌ଆଇରୁ ଏସ୍‌ପି ପାହ୍ୟା ଯାଏ ୨୫୦ଜଣ ଅଫିସର ଡ୍ୟୁଟିରେ ନିୟୋଜିତ ହେଇଛନ୍ତି। ଏଥିରେ ଏସ୍‌ପି ପାହ୍ୟାର ୫ଜଣ, ଡିଏସ୍‌ପି ଓ ଅତିରିକ୍ତ ଏସ୍‌ପି ପାହ୍ୟାର ୪୦ଜଣ ଅଧିକାରୀ ଅଛନ୍ତି। ମେଢ଼ ପଛକୁ ମେଢ଼ ଆସୁଥିବା ବେଳେ ଯେଭଳି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ଦୁଇଟି ମେଢ଼ ପାଇଁ ଗୋଟିଏ ଲେଖାଏ ସ୍ୱତନ୍ତ୍ର ପୋଲିସ ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ପୁସିଂ ଟିମରେ ୧୦ଜଣ ପୋଲିସ ଅଫିସର ଅଛନ୍ତି। ଏଭଳି ଭାବେ ୪୦ଟି ଟିମ୍ ନିୟୋଜିତ ହୋଇଛନ୍ତି। ସହରରେ ୬୦ଟି ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୪୦ଟି ପାଟ୍ରୋଲିଂ ଗାଡି ସହର ସାରା ପଇଁତରା ମାରୁଥିବା ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।


ବାଲିଯାତ୍ରା ତଳପଡ଼ିଆରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ ପ୍ରସ୍ତୁତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ୨୨ ଜାମିନରେ ଖଲାସ ହେଲେ

**ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ମାମଲା**

କଟକ,୨୩।୧୦(କାର୍ତ୍ତିକ ସାହୁ)

କଟକ ଦୁର୍ଗାପୂଜା ଭସାଣି ସମୟରେ ସଂଘଟିତ ଗଣ୍ଡଗୋଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ୨୨ଜଣଙ୍କୁ ଏଡିଜେ-୨ ଅଦାଲତ ଗୁରୁବାର ଜାମିନରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, କଟକରେ ଦଶହରା ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଉଭୟ ପକ୍ଷରୁ ଢେଲା ଓ କାଚ ବୋତଲ ମାଡ଼ ହେବାକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରିସ୍ଥିତି ସମ୍ଭାଳିବାକୁ ଯାଇ କଟକ ଡିସିପିଙ୍କ ସମେତ ପୋଲିସ କର୍ମଚାରୀମାନେ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ଗଣ୍ଡଗୋଳକୁ ବିରୋଧ କରି ସହରରେ ମୋଟରସାଇକେଲ ଶୋଭାଯାତ୍ରା କରୁଥିବା ଶୋଭାଯାତ୍ରାକାରୀ ପୁନଶ୍ଚ ପୋଲିସ ସହ ମୁହାଁମୁହିଁ ମଧ୍ୟ ହୋଇଥିଲେ। ପୋଡ଼ାଜଳା, ଭଙ୍ଗାରୁଜା ହୋଇ ସହର ଅଶାନ୍ତ ହୋଇଥିଲା। ସାମାଜିକ ଗଣମାଧ୍ୟମରେ ନାନା ପ୍ରକାର ବିଶୃଙ୍ଖଳା, ଅଶାନ୍ତି ସୃଷ୍ଟି କରିବା ଭଳି ବାର୍ତ୍ତା ପ୍ରଚାରିତ ହୋଇଥିଲା। ଏଭଳିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏଥିସହ ସହରରେ ୩୬ ଘଣ୍ଟା କର୍ଫ୍ୟୁ ଜାରି କରାଯାଇଥିଲା। କମିଶନରେଟ ପୋଲିସ ଏହି ଘଟଣାର ଏକାଧିକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା। ପୋଲିସ ସହରରେ ଲାଗିଥିବା ସିସିଟିଭି, ଡ୍ରୋନ ଭିଜୁଆଲ ଫୁଟେଜରୁ ଗଣ୍ଡଗୋଳକାରୀଙ୍କୁ ଚିହ୍ନଟ କରିଥିଲା। ପୋଲିସ ପର୍ଯ୍ୟାୟକ୍ରମେ ଗଣ୍ଡଗୋଳରେ ସମ୍ପୃକ୍ତ ୨୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ସୁନା, ରୁପା ଅଳଙ୍କାର ଓ ଟଙ୍କା ଚୋରି

ମଙ୍ଗୁଳି-ଜଗତପୁର, ୨୩।୧୦(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ନଖରା ପଞ୍ଚାୟତ ଚାରିଘରିଆ ଗ୍ରାମରେ ବୁଧବାର ରାତିରେ ରବୀନ୍ଦ୍ର କୁମାର ରାଉତଙ୍କ ଘରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୬୪୦/୨୫) ରୁଜୁ କରିଛି। ଚୌଦ୍ୱାର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ଫେରିଯାଇଛି। ସୂଚନା ମୁତାବକ, ରବୀନ୍ଦ୍ରଙ୍କ ସହ ପରିବାର କଟକରେ ରୁହନ୍ତି। କଟକରେ ଆଉ ନ ରହି ଚାରିଘରିଆରେ ପୈତୃକ ଜମିରେ ନିର୍ମିତ ନୂତନ ଘର ପ୍ରତିଷ୍ଠା ପରେ ବୁଧବାର ସକାଳୁ ପ୍ରାୟ ଏକତୃତୀୟାଂଶ ଆସବାବପତ୍ର ଉକ୍ତ ଗୃହରେ ରଖିଥିଲେ। ପୁଣି ସନ୍ଧ୍ୟାରେ ତାଲା ପକାଇ ବାକି ଆସବାବପତ୍ର ଆଣିବା ପାଇଁ କଟକ ଚାଲି ଯାଇଥିଲେ। ପଡୋଶୀ ପ୍ରହ୍ଲାଦ ସାମନ୍ତରାୟ ଦୁର୍ବୃତ୍ତ ଘର ତାଲା ତାଡି ଚୋରି କରିଥିବା ଖବର ଫୋନ କରି ଜଣାଇଥିଲେ। ଘରକୁ ଫେରି ଦେଖନ୍ତି, ତାଲା ଭଙ୍ଗାଯିବା ସହ ଘର ଭିତରେ ଥିବା ୨ଟି ବଡ ଟ୍ରଙ୍କ ଓ ଗଡ୍‌ରେଜ୍ ତାଲା ଭାଙ୍ଗି ଦୁର୍ବୃତ୍ତ ସମସ୍ତ ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୌଦ୍ୱାର ଥାନା ଅଧିକାରୀ କହିଛନ୍ତି, ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି, ଖୁବ୍‌ଶୀଘ୍ର ଚୋର ଓ ଚୋରି ସାମଗ୍ରୀ ଜବତ କରି ଲୋକଙ୍କ ବିଶ୍ୱାସ ଭାଜନ ହେବୁ।

## ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଯୌନ ନିର୍ଯାତନା ମାମଲା**

କଟକ, ୨୩।୧୦ (କାର୍ତ୍ତିକ ସାହୁ)

କଟକ ଜିଲା ନିଆଳି ଥାନା ଅନ୍ତର୍ଗତ କପିଳେଶ୍ୱର ଗ୍ରାମର ଜଣେ ୮ ବର୍ଷିୟା ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୨ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ଗୁଲୁନା ଭୋଇ। ମାମଲାର ବିବରଣୀ ଅନୁଯାୟୀ, ସକାଳୁ ନାବାଳିକା ଫୁଲ ତୋଳିବାକୁ ଯାଇଥିଲେ। ଗୁଲୁନା ନାବାଳିକାଙ୍କୁ ଏକୁଟିଆ ପାଇ ଯୌନ ନିର୍ଯାତନା ଦେଇଥିଲେ। ନାବାଳିକା ଏ ସଂକ୍ରାନ୍ତରେ ଘରକୁ ଫେରି ପରିବାରବର୍ଗଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ୮୦ ଲିଟର ଦେଶୀ, ୫ ଲିଟର ବିଦେଶୀ ମଦ ସହ ବାଇକ୍ ଜବତ: ୩ ଗିରଫ

ମଙ୍ଗୁଳି-ଜଗତପୁର,୨୩।୧୦(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଲକ୍ଷ୍ମଣପୁର ଗ୍ରାମର ଦିଲ୍ଲୀପ ସାମଲ, ସଫା ଗ୍ରାମର କାହ୍ନୁଚରଣ ବେହେରା ଓ ମଣିଆ ଗ୍ରାମର ନରୋତ୍ତମ ଦାସ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୮୦ ଲିଟର ଦେଶୀ ଓ ୫.୪ ଲିଟର ବିଦେଶୀ ମଦ ଏବଂ ବାଇକ୍ ଜବତ କରିଛି। ସୂଚନା ମୁତାବକ, କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୁପରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଓ ଚୌଦ୍ୱାର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ୩ଟି ସ୍ଥାନରୁ ବେଆଇନ ମଦ ଜବତ ହୋଇଥିଲା। ଏ ନେଇ ଅବକାରୀ ବିଭାଗ ନିଜ ଆଡୁ ୩ଟି ପୃଥକ ମାମଲା (ନଂ. ୧୫୧,୧୫୨,୧୫୩/୨୫)ରୁଜୁ କରିଛି। ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନିଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। କାଳୀ ପୂଜା ଭସାଣିକୁ ଦୃଷ୍ଟିରେ ରଖି ଚଢ଼ାଉ ଜାରି ରହିବ ବୋଲି ଇନ୍ସପେକ୍ଟର ନାୟକ କହିଛନ୍ତି।

## କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ସାଇବର ଥାନାରେ ଏତଲା

କଟକ,୨୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଗୁରୁବାର କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ କିଛି ୱେବ୍ ଚ୍ୟାନେଲ ବିରୋଧରେ କାଫଲା ବଜାରସ୍ଥିତ ସାଇବର ଥାନାରେ ଏକ ଏତଲା ଦିଆଯାଇଛି। କଂଗ୍ରେସ ଓ ପ୍ରଦେଶ କଂଗ୍ରେସ ସଭାପତିଙ୍କ ବିରୋଧରେ ମିଛ ଓ ଅପପ୍ରଚାର କରୁଥିବା ବିରୋଧରେ ଏତଲା ଦିଆଯାଇଥିବା ଗିରିବାଳା ବେହେରା କହିଛନ୍ତି । ଏହି ଅବସରରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ଶେଠୀ, ଗୁଲୁନା ସେନାପତି, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ପାତ୍ର, ଶୋନୁ ସ୍ୱାଇଁ, ସେକ୍ ଗୁଲାମମୋଇଉଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ।

## ନଭେମ୍ବର ୧୫ରୁ ବିଶ୍ୱନାହାକାଣୀ କାର୍ତ୍ତିକେଶ୍ୱର ଯାତ୍ରା


କାର୍ତ୍ତିକେଶ୍ୱର ଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାବୃନ୍ଦ।

**ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

ମଙ୍ଗୁଳି-ଜଗତପୁର,୨୩।୧୦(ମାନସ ସାମଲ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ୫୫ତମ କାର୍ତ୍ତିକେଶ୍ୱର ଯାତ୍ରାର ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ନଭେମ୍ବର ୧୫ରେ ଥାନପତି ଗରୁଡ଼ଗାଁ ମେଢ଼ ଯାତ୍ରା ପଡିଆକୁ ଆସିବ ଏବଂ ୧୬ରେ ଅନ୍ୟ ଗ୍ରାମର ମେଢ଼ ଆସିବ। ପରଦିନ ଅର୍ଥାତ ୧୭ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଯାତ୍ରାରେ ୪ଟି ପଞ୍ଚାୟତର ଗରୁଡ଼ଗାଁ, ବିଶ୍ୱନାହାକାଣୀ ବଜାର, ସପନପୁର, ବାଆଁନ୍ଦା, ଆଞ୍ଜୁଆ, ହଳଦୀବସନ୍ତ, ତୁଳସୀପୁର, କମଙ୍ଗ ଓ କାଞ୍ଜିଆ ଗ୍ରାମର ମେଢ଼ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା ହେବା ସହ ଦିଗ୍‌ବଳୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବାପୁଜୀ ମୈତ୍ରୀ କ୍ଲବ ଦ୍ୱାରା ସୂଚନା କେନ୍ଦ୍ର ଓ କାର୍ତ୍ତିକେଶ୍ୱର ଯାତ୍ରାର ମୁଖପାତ୍ର ପ୍ରକାଶ ପାଇବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ସମ୍ପାଦକ ଅର୍ଜୁନ ଚରଣ ସାହୁ, ପରିଚାଳକ ଚିତ୍ତରଞ୍ଜନ ବେହେରା, ମଧୁସୂଦନ ବେହେରା, ଦିଗ୍‌ବଳୟର ସମ୍ପାଦକ ଗଙ୍ଗାଧର ବେହେରା, ପ୍ରୀତି ରଞ୍ଜନ ବେହେରାଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ଓ ସମସ୍ତ ଗ୍ରାମର ମେଢ଼ ମାଲିକ, ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିଲେ।


**OFFICE OF THE SUPERINTENDING ENGINEER, P.H. DIVISION, KORAPUT** No. C-1306

Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com

GOVERNMENT OF ODISHA

"e" Procurement Notice

e-Procurement Notice for 2025-26

Bid Identification No. SE, P.H. KPT-6 of 2025-26 Dt.16.10.2025

1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Superintending Engineer
P.H. Division, Koraput

OIPR-13008/11/0021/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA** No.O-1051

e_Mail : eerw_kuchinda@yahoo.com

1st Corrigendum to Bid identification No. Tender online 04 / RWD / Kuchinda / 2025-26

Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26

The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.

* Further details can be seen from the e-procurement portal www.tendersorissa.gov.in

Sd./- Superintending Engineer
R.W. Division, Kuchinda

OIPR-25151/11/0034/2526



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫

ସନ୍ଦର୍ଭ:

କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍‌୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍‌ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍‌୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍‌୨୦୧୧ପିଟିସି୦୧୪୪୭୬ | କେକିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍‌୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍‌୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।

୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।

୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0436/2526



GOVERNMENT OF ODISHA No. C-1307

**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

e-mail ID: eephctcii@gmail.com, sephdctc521@gmail.com

e-procurement Notice for Bid Identification No. SEPH-DIVISION, CTC-28 of 2025-26

1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./- I/C Superintending Engineer
P.H. Division, Cuttack

OIPR-13225/11/0039/2526



GOVERNMENT OF ODISHA
WORKS DEPARTMENT

**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**

TELEPHONE & Fax : 06846-243242, E-mail : eepwd.balliguda@gmail.com

e-procurement notice

Bid Identification No. S.E. BLG-12/2025-26

No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.

Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division

OIPR-34162/11/0006/2526

# ଓଡ଼ିଆ ସାହିତ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ଉନ୍ମେଷ ଆଣିଥିଲେ ଭଗବତୀ ଚରଣ

ଭୁବନେଶ୍ୱର, ୨୩।୧୦ (ବନ୍ଦନା ସେଠୀ)


ସମାରୋହରେ ଅତିଥିଙ୍କ ସହ 'ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ସଙ୍ଗଠକ ସମ୍ମାନ' ପାଇଥିବା ବନମାଳୀ ବାଇ ଓ 'ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ଶିକ୍ଷା ସମ୍ମାନ'ସହ ଶିକ୍ଷାବିତ୍ ବିବେକାନନ୍ଦ ଦାଶ।

## ୮୨ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ

### ୨ଜଣଙ୍କୁ 'ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ସଙ୍ଗଠକ' ଓ 'ସ୍ମୃତିଶିକ୍ଷା ସମ୍ମାନ'

ଭଗବତୀ ଚରଣ ପାଣିଗ୍ରାହୀ ମାତ୍ର ୩୩ବର୍ଷ ବୟସରେ ଓଡ଼ିଶା ମାଟିରେ ଅନ୍ତର୍ଜାତୀୟତାର ଚେତନା ଆଣିଥିଲେ। ଏଥିସହ ସେ ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ, ବୈଜ୍ଞାନିକ ଚିନ୍ତାଧାରାର ଉନ୍ମେଷ ଘଟାଇ ଯେଉଁ ଯୁଗାନ୍ତକାରୀ ଅବଦାନ ରଖିଯାଇଛନ୍ତି ତାହା ଅତୁଳନୀୟ। ପରାଧୀନ ଭାରତର ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କୁ ହଟାଇବା ପାଇଁ ସ୍ୱାଧୀନତା ସଂଗ୍ରାମରେ ଭଗବତୀ ଚରଣ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର କହିଛନ୍ତି। ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ଭଗୀରଥ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ତଥା ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୨ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଗୁରୁବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଡ. ମିଶ୍ର ଯୋଗଦେଇ ବିପ୍ଳବୀ ଭଗବତୀ ଚରଣଙ୍କ ଜୀବନୀ ସମ୍ପର୍କରେ ଅବତାରଣା କରିଥିଲେ। ସିପିଆଇର ବରିଷ୍ଠ ନେତା ଆଶିଷ କାନୁନ୍‌ଗୋ ଏଥିରେ ସଭାପତିତ୍ୱ କରିଥିବାବେଳେ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଯୋଗଦେଇ ଭଗବତୀଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସମାଜର ନିଷ୍ପେଷିତ ଜନତାର ମୁକ୍ତି ପାଇଁ ତଥା ସମାଜ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଏକ ସମତାସମ୍ପନ୍ନ ସମାଜ ପ୍ରତିଷ୍ଠା ଲାଗି ତାଙ୍କର ମହନୀୟ ଅବଦାନ ସବୁଦିନ ପାଇଁ ତାଙ୍କୁ ଅମର କରି ରଖିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ହେନା-ଧନଞ୍ଜୟ ଫାଉଣ୍ଡେଶନ ପକ୍ଷରୁ ଜୀବନବ୍ୟାପୀ ଶ୍ରମଜୀବୀ ଜନତାଙ୍କ ପାଇଁ ସଂଗ୍ରାମର ନେତୃତ୍ୱ ନେଇଥିବା ଯାଜପୁର ଜିଲାର ବନମାଳୀ ବାଇଙ୍କୁ 'ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ସଙ୍ଗଠକ ସମ୍ମାନ' ଏବଂ ଶିକ୍ଷାକ୍ଷେତ୍ରରେ ଜୀବନବ୍ୟାପୀ ନେତୃତ୍ୱକାରୀ ଅବଦାନ ପାଇଁ ଶିକ୍ଷାବିତ୍ ବିବେକାନନ୍ଦ ଦାଶଙ୍କୁ 'ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ଶିକ୍ଷା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ବିଶ୍ୱ ଶିକ୍ଷକ ସଂଘ ଅଧ୍ୟକ୍ଷ ଡ. ଅମିୟ ମହାନ୍ତି ଏବଂ ଶିକ୍ଷକ ମହାସଂଘ ନେତା ଧନଞ୍ଜୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ନୂଆ ଦୁନିଆ ସାପ୍ତାହିକର 'ଭଗବତୀ ବିଶେଷାଙ୍କ' ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପତ୍ରିକାର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ସିପିଆଇ ଜାତୀୟ ପରିଷଦ ସଭ୍ୟ ଏନ୍. ନାରାୟଣ ରେଡ୍ଡୀ, ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ଖୋର୍ଦ୍ଧା ଜିଲା ସିପିଆଇ ସମ୍ପାଦକ ଅମିୟ ପଟ୍ଟନାୟକ, ସୁର ଜେନା, ବିଜୟ ମହାନ୍ତି, କୈଳାସ ପୁହାଣ, ଅଧ୍ୟାପକ ମାନସ ବେହେରା ପ୍ରମୁଖ ଉପସ୍ଥିତ ରହି ଭଗବତୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।

# ଶିଶୁ ସାହିତ୍ୟକୁ ସମୃଦ୍ଧ କରୁଛି ଆମ ସଂସ୍କୃତି, ପରମ୍ପରା


ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ 'ମୋ ଆଶା'ର ପୂଜା ସଂଖ୍ୟା ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର, ୨୩।୧୦(ସୁଚିସ୍ମିତା ସାହୁ)

## 'ମୋ ଆଶା'ର ପୂଜାସଂଖ୍ୟା ଲୋକାର୍ପିତ

ଆମ ସଂସ୍କୃତି ଓ ପରମ୍ପରା ଅନନ୍ୟ। ଏହି ସଂସ୍କୃତି ଓ ପରମ୍ପରାର କଥାବସ୍ତୁ ଓଡ଼ିଆ ଶିଶୁ ସାହିତ୍ୟକୁ ଅଧିକ ସମୃଦ୍ଧ କରିବା ସହିତ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଆମୋଦ ଦେଉଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ ନିମାପଡାର ଲିଟିଲ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଇଥିବା 'ମୋ ଆଶା' ପତ୍ରିକାର ପୂଜା ସଂଖ୍ୟାକୁ ଲୋକାର୍ପଣ କରିବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ଗୁରୁବାର ସଂସ୍କୃତି ମନ୍ତ୍ରୀଙ୍କ ବାସଭବନରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହ ସମ୍ପାଦିକା ଉର୍ମିଳା ମହାରଣା, ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ, ଶିଶୁ ସାହିତ୍ୟିକା କମଳିନୀ ମଲ୍ଲିକ, ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ଉପଦେଷ୍ଟା ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷାବିତ୍‌ଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ମିଳିବ

ଭୁବନେଶ୍ୱର,୨୩।୧୦(ସୁଚିସ୍ମିତା ସାହୁ)

## ହିମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ

ଅବସରପ୍ରାପ୍ତ ଶିକ୍ଷାବିତ୍‌ଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯିବ। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡିକରେ ଖାଲି ପଡ଼ିଥିବା ପଦବୀରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକଙ୍କୁ କଣ୍ଟ୍ରାକ୍‌ଚୁଆଲ ଭାବେ ନିଯୁକ୍ତି ଦିଆଯିବ। ଶିକ୍ଷାବର୍ଷ ଶେଷ କିମ୍ବା ନିୟମିତ ପଦବୀରେ ନୂତନ ନିଯୁକ୍ତି ନ ହେବା ଯାଏ ସେମାନଙ୍କ କାର୍ଯ୍ୟକାଳ ରହିବ। କେଉଁ ବିଷୟଗୁଡିକରେ ଅଧ୍ୟାପକ ପଦ ଫାଙ୍କା ରହିଛି, ସେ ସମ୍ପର୍କରେ ସମସ୍ତ ତଥ୍ୟ କଲେଜଗୁଡିକ ହାୟର ଏଜୁକେଶନ ଇନ୍‌ଫର୍ମେଶନ ମ୍ୟାନେଜମେଣ୍ଟ ସିଷ୍ଟମ(ହିମ୍ସ) ପୋର୍ଟାଲ ମାଧ୍ୟମରେ ଅପ୍‌ଲୋଡ୍ କରିବେ। ଖାଲି ପଦବୀଗୁଡିକର ସମସ୍ତ ବିବରଣୀ ଓ ବିଜ୍ଞାପନ ଏହି ପୋର୍ଟାଲରେ ପ୍ରକାଶିତ ହେବ। ଅବସରପ୍ରାପ୍ତ ଶିକ୍ଷାବିତ୍‌ମାନେ କେବଳ ହିମ୍ସ ପୋର୍ଟାଲରେ ଆବେଦନ କରିବେ। ଆବେଦନକାରୀଙ୍କ ସର୍ବାଧିକ ବୟସ ୬୯ ହୋଇଥିବା ବେଳେ ସେମାନେ ଶାରୀରିକ ଭାବେ ସକ୍ଷମ ଥିବେ। କଲେଜ ପରିଚାଳନା କମିଟି ଅଧ୍ୟକ୍ଷଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ସେମାନଙ୍କୁ ଚୟନ କରିବେ। ଅନୁରୂପ ଭାବେ ଅଣଶିକ୍ଷକ ପଦରେ ମଧ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କୁ କଣ୍ଟ୍ରାକ୍‌ଚୁଆଲ ନିଯୁକ୍ତି ଦିଆଯିବ। ଅଫ୍‌ଲାଇନ ଆବେଦନକୁ ଗ୍ରହଣ କରାଯିବ ନାହିଁ। ଆବେଦନକାରୀମାନେ ରାଜ୍ୟର କୌଣସି ସରକାରୀ ବିଶ୍ୱବିଦ୍ୟାଳୟ କିମ୍ବା ଡିଗ୍ରୀ କଲେଜ (ସରକାରୀ କିମ୍ବା ୪୮୮/୬୬୨ ବର୍ଗର ସହାୟତାପ୍ରାପ୍ତ କଲେଜ/ସଂସ୍କୃତ କଲେଜ)ରୁ ଅବସରପ୍ରାପ୍ତ ଶିକ୍ଷାବିତ୍ ହୋଇଥିବା ଆବଶ୍ୟକ। ଗାଇଡ୍‌ଲାଇନ ଅନୁସାରେ, ନିଯୁକ୍ତି ପାଇବାକୁ ଥିବା ଶିକ୍ଷାବିତ୍‌ଙ୍କ ବିରୋଧରେ ଯେଉଁଳି କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଅଦାଲତ ମାମଲା ନ ଥିବ। ନିଯୁକ୍ତି ସମୟରେ ଉତ୍ତମ ଶିକ୍ଷାଗତ ଇତିହାସ ଓ ଉଚ୍ଚ ଯୋଗ୍ୟତାକୁ ପ୍ରାଧାନ୍ୟ ଦିଆଯିବ। ଅତିଥି ଅଧ୍ୟାପକମାନେ ଗୋଟିଏ ଶିକ୍ଷାବର୍ଷରେ ୧୦ଦିନ କାଜୁଆଲ ଲିଭ୍ ପାଇବେ।

# ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ଆଗୁଆ ଜାମିନ ଆବେଦନ ଖାରଜ

## ହାଇକୋର୍ଟରେ ନିରାଶ ହେଲେ ଅଭିଯୁକ୍ତ ଡିଏଫ୍‌ଓ, ରୋଷେୟା

କଟକ,୨୩।୧୦(କାର୍ତ୍ତିକ ସାହୁ)

ପାରଳାଖେମୁଣ୍ଡି ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଆଗୁଆ ଜାମିନ ପାଇଁ ହାଇକୋର୍ଟକୁ ଆସିଥିବା ଦୁଇ ଅଭିଯୁକ୍ତ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ଡିଏଫ୍‌ଓଙ୍କ ରୋଷେୟା ମନ୍ମଥ କୁମ୍ଭ ନିରାଶ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ଉଭୟଙ୍କ ଜାମିନ ଆବେଦନ ଗୁରୁବାର ଖାରଜ କରିଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କ ସୁରକ୍ଷା ଉପରେ ରହିଥିବା ସମସ୍ତ ଅନ୍ତରୀଣ ଆଦେଶକୁ ଅଦାଲତ ହଟାଇ ଦେଇଛନ୍ତି। ଅପରପକ୍ଷରେ ଅଭିଯୁକ୍ତଦ୍ୱୟ ଆତ୍ମସମର୍ପଣ କରି ଜାମିନ ଆବେଦନ କରିବାକୁ ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ନିଆଁରେ ପୋଡ଼ି ମୃତ୍ୟୁ ଘଟଣାରେ ତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପାରଳାଖେମୁଣ୍ଡି ଥାନାରେ ମାମଲା (ନଂ.୧୪୧/୨୦୨୧) ରୁଜୁ ହୋଇଥିଲା। ଯାହାକି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ମାମଲା (ନଂ.୩୩୪/୨୦୨୧) ରୁଜୁ ହୋଇଥିଲା। ଏଥିରେ ପ୍ରଥମ ଅଭିଯୁକ୍ତ ଭାବେ ମୃତ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା ରହିଛନ୍ତି। ତେବେ ସୌମ୍ୟରଞ୍ଜନଙ୍କ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହେବାରେ ପ୍ରଥମ ଅଭିଯୁକ୍ତ ବିଦ୍ୟାଭାରତୀଙ୍କୁ ଦ୍ୱିତୀୟ ଅଭିଯୁକ୍ତ ଭାବେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ତୃତୀୟ ଅଭିଯୁକ୍ତ ଭାବେ ତାଙ୍କ ରୋଷେୟା ମନ୍ମଥ କୁମ୍ଭ ସହଯୋଗ କରି ହତ୍ୟା କରିଥିବା ଅଭିଯୋଗ ରହିଛି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ତାହା ଓଡ଼ିଶା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। କ୍ରାଇମବ୍ରାଞ୍ଚ ମାମଲା (ନଂ.୧୨/୨୦୨୧) ରୁଜୁ କରି ତଦନ୍ତ ପରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିସାରିଛି।

# ଡ୍ରିମ୍‌ସ ପଲିଟେକ୍‌ନିକ୍‌ର ୨ ଛାତ୍ରୀ ପାଇବେ ମେଧାବୃତ୍ତି

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)



ରୀତିକା ବେହେରା ଓ ଝୁମା ପାଲ୍

ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ମେଧାବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ସଫଳତା ହାସଲକରି ରାଜ୍ୟରେ ଟପ୍ପର ହୋଇଥିବା ଟାଙ୍ଗୀସ୍ଥିତ ଡ୍ରିମସ୍ ପଲିଟେକ୍‌ନିକ୍‌ର ୨ଜଣ ଛାତ୍ରୀ ସରକାରଙ୍କ ପକ୍ଷରୁ ମେଧାବୃତ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଏହି ୨ ଛାତ୍ରୀ ହେଉଛନ୍ତି ରୀତିକା ବେହେରା ଓ ଝୁମା ପାଲ୍। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଛାତ୍ର କଲ୍ୟାଣ ପାଣ୍ଠିରୁ ଏମାନଙ୍କୁ ୬ ହଜାର ଟଙ୍କା ଲେଖାଏ ବୃତ୍ତି ମିଳିବ। ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରୀ ବର୍ଗରେ ୨ ଛାତ୍ରୀ ଶୀର୍ଷସ୍ଥାନରେ ରହି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଥିବା ଡ୍ରିମସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି। ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକ୍‌ର ଏକାଡେମିକ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ଉଦ୍‌ଘାଟିତ

# ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୩।୧୦ (ବନ୍ଦନା ସେଠୀ)


ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶା ସହରାଞ୍ଚଳ ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ଗୁରୁବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆରମ୍ଭ ହୋଇଛି। ଓଡ଼ିଶାର ସହରଗୁଡ଼ିକୁ ସ୍ମାର୍ଟ, ସମାବେଶୀ ଏବଂ ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ଦିଗରେ ଆଗେଇ ନେବାକୁ ସମ୍ମିଳନୀର ଲକ୍ଷ୍ୟ ରହିଛି। ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମିଳନୀକୁ ଉଦ୍‌ଘାଟନ କରି ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି, ଦକ୍ଷ ସେବା ପ୍ରଦାନ ଏବଂ ସକ୍ରିୟ ସହରାଞ୍ଚଳ କେନ୍ଦ୍ର ନିର୍ମାଣରେ ସ୍ଥାନୀୟ ଶାସନକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରମୁଖ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ୟୁଏଲ୍‌ବିଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିବା ସହ ଅଧିକ ନବସୃଜନ ଏବଂ ଆନ୍ତଃନଗର ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ। ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ପାରଦର୍ଶିତା ସହ ପୌରସଂସ୍ଥାମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବାର ଆବଶ୍ୟକତା ରହିଛି। ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବାର ସୁଯୋଗ ଭାବି କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଆହୁରି ମଧ୍ୟ ସେ କହିଲେ, ପୌରସଂସ୍ଥାମାନେ ସହରାଞ୍ଚଳର ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ସହ କ୍ଷେତ୍ର ଭ୍ରମଣ କରି ସମସ୍ୟାର ଅନୁଧ୍ୟାନ ଏବଂ ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଏଥିସହ ଉପଯୁକ୍ତ ବିକଳ୍ପ ସୁବିଧା ଯୋଗାଇ ଦେବା ସହିତ ନୂତନ ବସ୍ତି ଯେଉଁଳି ସୃଷ୍ଟି ନ ହେବ ସେ ଦିଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମିଳନୀ ଆୟୋଜନର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ରାଜ୍ୟର ସହରାଞ୍ଚଳ ବିକାଶ ରୋଡ୍‌ମ୍ୟାପ ଏବଂ ଭବିଷ୍ୟତ ପ୍ରସ୍ତୁତ ସହର ହାସଲ ପାଇଁ ସହଯୋଗୀ ଶାସନ, ନାଗରିକ-କୈନ୍ଦ୍ରିକ ଯୋଜନା ଏବଂ ବୈଷୟିକ୍ ଜ୍ଞାନ କୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତଭାଷଣ ଦେଇଥିଲେ। ସମ୍ମିଳନୀରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସରକାରୀ ବିଭାଗ, ନୀତିଗତ ଅନୁଷ୍ଠାନ, ସହରାଞ୍ଚଳ ଯୋଜନାକାରୀ, ପ୍ରଯୁକ୍ତି ପ୍ରଦାନକାରୀ, ଆର୍ଥିକ ଅନୁଷ୍ଠାନ ଏବଂ ଏକାଡେମିକ୍ ବିଶେଷଜ୍ଞଙ୍କ ପ୍ରମୁଖ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ, ନମନୀୟ ଭିତ୍ତିଭୂମି, ଓଡ଼ିଶାର ସହରାଞ୍ଚଳ ମିଶନକୁ ଜାତୀୟ ଓ ବିଶ୍ୱସ୍ତରୀୟ ସ୍ଥିରତା ଲକ୍ଷ୍ୟ ସହିତ ଯୋଡ଼ିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୁନୁ


@ ଶୈଳେନ୍ଦ୍ର


@ ଶିବାଶିଷ


@ କାର୍ତ୍ତିକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶାଢ଼ି, ବ୍ଲାଉଜରେ ମହାପ୍ରଭୁଙ୍କ ଚିତ୍ର

## ଅସନ୍ତୋଷ ପ୍ରକାଶ ସହ କାର୍ଯ୍ୟାନୁଷ୍ଠାନ ଦାବିକଲେ ଶ୍ରଦ୍ଧାଳୁ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)




ମହାପ୍ରଭୁଙ୍କୁ ଅପମାନ କରିବା ଭଳି ଘଟଣା ପୁଣି ଦେଖିବାକୁ ମିଳିଛି। ଶାଢ଼ି ଓ ବ୍ଲାଉଜରେ ତିନିଠାକୁରଙ୍କ ଚିତ୍ର ଥିବା ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ବହୁ କୋଟି ଜଗନ୍ନାପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି। ଏଭଳି ଚିତ୍ରିତ ମଧୁବନୀ ଶାଢ଼ି ପିନ୍ଧି ବିଜ୍ଞାପିତ କରିଛନ୍ତି ମଡେଲ। ଶାଢ଼ି ଧଡ଼ିରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଚିତ୍ର ରହିଛି। ବ୍ଲାଉଜରେ ମଧ ମହାପ୍ରଭୁଙ୍କ ଚିତ୍ର ରହିଛି। ଏହି ଶାଢ଼ି ହ୍ୟାଣ୍ଡ ପେଣ୍ଟେଡ୍ ମଧୁବନୀ ବୋଲି ଉଲ୍ଲେଖ ରହିଛି। ସାୟନ୍ତୀ ଘୋଷ୍ ଡିଜାଇନର ଷ୍ଟୁଡିଓ ନାମକ ଏକ ଆଇଡିରେ ଏହି ପୋଷ୍ଟ କରାଯାଇଛି। ଆଇଡିରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଫଟୋଚିତ୍ରକୁ ଜଣେ ମହିଳା ଶାଢ଼ିରେ ପରିଧାନ କରିବା ନେଇ ବିଜ୍ଞାପନରେ ଦେଖିବାକୁ ମିଳିଛି। କୋଲକତାର ଏହି ଆଇଡିଟି ହୋଇଥିବା ସୋସିଆଲ ମିଡିଆରେ ଉଲ୍ଲେଖ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ ଉଦ୍‌ବେଗ ପ୍ରକାଶ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମଡେଲିଂ ଜଣକ ବିଜ୍ଞାପିତ କରିବା ବେଳେ ଶାଢ଼ିର ଧଡ଼ି ଗୋଡ଼ ତଳକୁ ଓହଳି ରହିଛି। ତେଣୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପ୍ରଭୁଙ୍କୁ ବିଜ୍ଞପିତ କରିବାରେ ଆପତ୍ତି ନାହିଁ, କିନ୍ତୁ ପିନ୍ଧା ବସ୍ତ୍ରରେ ମହାପ୍ରଭୁଙ୍କୁ ସ୍ଥାନିତ କରିବା ଗ୍ରହଣୀୟ ନୁହେଁ ବୋଲି କେତେଜଣ ଭକ୍ତ କହିଛନ୍ତି। ତେଣୁ ସରକାର ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଥିବାରୁ ସୋସିଆଲ ମିଡିଆରୁ ଉକ୍ତ ପୋଷ୍ଟ ହଟାଯିବାକୁ ମତ ପ୍ରକାଶ ପାଇଛି। ଏନେଇ ସୁପକୁଦା ଅଞ୍ଚଳର ଶ୍ରଦ୍ଧାଳୁ ମନ୍ଦାକିନୀ ପ୍ରଧାନ କହିଛନ୍ତି, ଅନେକ ସମୟରେ ମହାପ୍ରଭୁଙ୍କୁ ଅପମାନ କରିବା ଭଳି କାର୍ଯ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଯାହା ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଉଛି। ମହାପ୍ରଭୁଙ୍କ ଚିତ୍ରଥିବା ଶାଢ଼ି ଓ ବ୍ଲାଉଜ୍ ଦେଖି ମନରେ ଆଘାତ ଲାଗିଲା। ଏଭଳି ପୋଷାକ ପରିଧାନ କରିବା ଆଦୌ ଗ୍ରହଣୀୟ ନୁହେଁ। ଏପରି ଶାଢ଼ିକୁ ହଟାଯିବା ସହ ଡିଜାଇନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ସେହିପରି ପୁରୀ ବାସିନ୍ଦା ଆଇନଜୀବୀ ରମେଶ ସିଂ କହିଛନ୍ତି, ସାୟନ୍ତୀ ଘୋଷ ଜଣେ ହିନ୍ଦୁ ହୋଇ ଏଭଳି କାର୍ଯ୍ୟ କରିବା ଅତି ଦୁଃଖଦାୟକ ଓ ପରିତାପର ବିଷୟ। ସମ୍ପୃକ୍ତ ଡିଜାଇନକୁ ବ୍ୟାନ କରାଯାଉ। ଏପରି କାର୍ଯ୍ୟ ନିମନ୍ତେ ତାଙ୍କୁ କୈଫିୟତ ମଗାଯିବା ସହ ଦଣ୍ଡ ଦିଆଯାଉ। ନ୍ୟାୟ ସଂହିତାରେ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

### ବୃଦ୍ଧ ନିଖୋଜ ନେଇ ଥାନାରେ ଅଭିଯୋଗ

**ବେଗୁନିଆ,୨୩।୧୦(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଥାନା ଅଞ୍ଚଳର ଜଣେ ବୃଦ୍ଧ ନିଖୋଜ ଥିବା ନେଇ ଗତ ସୋମବାର ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ହେଲେ ବେଗୁନିଆ ସଦର ମହକୁମା ନୂଆସାହି ସ୍ଥିତ ସାଜ ଖାଁ(୬୧)। ଛେଳି ଚରାଇ ସେ ପରିବାର ପ୍ରତିପୋଷଣ କରୁଥିଲେ। ଦୈନନ୍ଦିନ ପରି ସେ ଗତ ଶନିବାର ମଧ୍ୟାହ୍ନରେ ଛେଳି ଚରାଇବାକୁ ନିକଟ ଜଙ୍ଗଲିଆ ଅଞ୍ଚଳକୁ ଯାଇଥିଲେ। ପରେ ସେ ଆଉ ଘରକୁ ଫେରିନାହାନ୍ତି। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୬ ଦିନ ବିତିଥିଲେ ମଧ ସାଜଙ୍କ ସମ୍ପର୍କରେ କୌଣସି ସନ୍ଧାନ ମିଳିପାରି ନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଅଭିଯୋଗ ପରେ ଏକ ନିଖୋଜ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି।

### କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ସୁପରିଚାଳନା ପାଇଁ ପ୍ରସ୍ତୁତି

**ଟାଙ୍ଗୀ,୨୩।୧୦(ରଘୁନାଥ ସାହୁ):** ଚଣ୍ଡେଶ୍ୱର ସ୍ଥିତ ଶୈବପୀଠ ଚଣ୍ଡୀ ହରଦେବ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସଭାପତି ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। କୁହୁଡ଼ି ଛଅଗଡ଼ର ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାର ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। କମିଟିର ସଭାପତିଭାବେ ଯଦୁମଣି ଜେନା, ଉପସଭାପତି ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ସମ୍ପାଦକ ଜିତେନ୍ଦ୍ର ରଣା, ଉପଦେଷ୍ଟା ଲଲାଟକେଶରୀ ମଙ୍ଗରାଜ ଏବଂ ସର୍ବେଶ୍ୱର ପ୍ରଧାନଙ୍କ ସମେତ ୧୬ ଜଣ କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ ହୋଇଛନ୍ତି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବେଗୁନିଆ,୨୩।୧୦(ସନ୍ଧ୍ୟାରାଣୀ ମିଶ୍ର):** ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଆବାହକତ୍ୱ ଏବଂ ଶିକ୍ଷାବିତ୍ ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ବେଗୁନିଆସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ଆସନ୍ତା ରବିବାର ସକାଳ ୯ଟାରେ ପୁରୁଣା ଗୋରୁହାଟ ପଡିଆଠାରୁ ପଦଯାତ୍ରା ଆରମ୍ଭ ହେବ। ଏହି ଅବସରରେ ବିଜେଡି ସରକାର ସମୟରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ବେଗୁନିଆ ବ୍ଲକର ସମସ୍ତ ବିଜେଡି ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

### ମା'ମଙ୍ଗଳାଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ

**ବେଗୁନିଆ,୨୩।୧୦(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ମା'ମଙ୍ଗଳାଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ଅବସରରେ ମା'ମଙ୍ଗଳା ଯୁବକ ସଂଘର ସଭାପତି ଯୋଗେନ୍ଦ୍ର ମାହାର ଏବଂ ସମ୍ପାଦକ ମାନସ ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ଯଜ୍ଞ ଏବଂ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅରବିନ୍ଦ ରାୟ ମୁଖ୍ୟ ଅତିଥି, ପ୍ରସନ୍ନ କୁମାର ଜେନା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ୱାର୍ଡ ସଭ୍ୟା ସୁପ୍ରଭା ନାୟକ ଏବଂ ବିଭୂତି ଭୂଷଣ ମାର୍ଥା ଯୋଗଦେଇଥିଲେ। ସଞ୍ଜୟ କୁମାର ବାହୁବଳେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। କିରଣ କୁମାର ନାୟକ, ତରୁଣ ନାୟକ, ନରେନ୍ଦ୍ର କୁମାର ମାର୍ଥା, ବିକ୍ରମ ନାୟକ, ରମାକାନ୍ତ ନାୟକ, ପ୍ରକାଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସମାଜ ସଂସ୍କାରରେ ଦୟାନନ୍ଦଙ୍କ ଅବଦାନ ସର୍ବଶ୍ରେଷ୍ଠ

### ଆଇନଜୀବୀ ଅଶୋକ କୁମାର ମହାପାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୩।୧୦ (ସୌମ୍ୟରଞ୍ଜନ ରାଉତ)

ସ୍ୱାମୀ ଦୟାନନ୍ଦଙ୍କ ହେଉଛନ୍ତି ଯୁଗ ପ୍ରବର୍ତ୍ତକ। ବେଦ ମାଧ୍ୟମରେ ଜନ୍ମଗତ ଜାତିପ୍ରଥାର ଖଣ୍ଡନ ଓ ବର୍ଣ୍ଣାଶ୍ରମ ସିଦ୍ଧାନ୍ତର ମଣ୍ଡନ କରିବା ସମାଜ ସଂସ୍କାର କ୍ଷେତ୍ରରେ ଦୟାନନ୍ଦଙ୍କ ଅବଦାନ ସର୍ବଶ୍ରେଷ୍ଠ। ତାଙ୍କ ବଳିଦାନରେ ଭାରତର ଜନମାନସ ବଳିଷ୍ଠ ହୋଇଛି ବୋଲି ଆର୍ଯ୍ୟସମାଜ ଭୁବନେଶ୍ୱର ପକ୍ଷରୁ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ 'ଋଷି ନିର୍ବାଣ' ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ସଭାପତିତ୍ୱ କରି ଆର୍ଯ୍ୟସମାଜ ସଭାପତି ଇଂ. ପ୍ରିୟବ୍ରତ ଦାସ ବେଦମନ୍ତ୍ରର ବ୍ୟାଖ୍ୟା କରିଥିଲେ। ସେ କହିଲେ, ଦେଢ଼ଶହ ବର୍ଷ ପୂର୍ବେ ଯେତେବେଳେ ଦେଶରେ ଜାତିବନ୍ଧନ, ଜାତିବିଦ୍ୱେଷ, ଅସ୍ପୃଶ୍ୟତା ଆଦି ଉତ୍କଟ ରୂପ ଧାରଣ କରିଥିଲା, ସେସବୁ ବିରୋଧରେ ପଦୁଟିଏ କହିବା ମଧ ଅସମ୍ଭବ ହୋଇପଡୁଥିଲା, ସେତେବେଳେ ସେସବୁ ଖଣ୍ଡନକରିବା ଦୟାନନ୍ଦଙ୍କ ପରି ଅସାଧାରଣ ଦେବଜ୍ଞ ଋଷିଙ୍କ ପକ୍ଷରେ ହିଁ ସମ୍ଭବ ହୋଇପାରିଥିଲା। ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡାଙ୍କ ସମେତ ସମ୍ପାଦକ ବୀରେନ୍ଦ୍ର କର, ଯୁଗ୍ମ ସମ୍ପାଦିକା ଶନ୍ନୋଦେବୀ, ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ବାନପ୍ରସ୍ଥି ଦିବ୍ୟ ଜ୍ଞାନାନନ୍ଦ ପ୍ରମୁଖ ମଧ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ଡା. ଗୋପାଳ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅମୂଲ୍ୟ ଦାସ, ସଦସ୍ୟା ବନ୍ଦନା ଦାଶ, ମମିତା ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଯୁଗ୍ମ ସମ୍ପାଦକ ସୁନୀଲ କୁମାର ଦେ ଶାନ୍ତିପାଠ କରିଥିଲେ।



ଉତ୍ସବରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସିକୋରେ ବାଦୀପାଲା

ବେଗୁନିଆ,୨୩।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ବଉଳ ଛକ ପାଲା କମିଟି ପକ୍ଷରୁ ୨୮ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରିଦିନ ବ୍ୟାପୀ ବାଦୀପାଲା ଅନୁଷ୍ଠିତ ହେଉଛି। ଗାୟକ ବସନ୍ତ କୁମାର ପୂଜାରୀ, ଗାୟକ ନାରାୟଣ ସ୍ୱାଇଁ ପ୍ରମୁଖ ପାଲା ପରିବେଷଣ କରୁଛନ୍ତି। ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ସମ୍ପାଦକ ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ହେଉଥିବା ବେଳେ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ, ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ସହିତ ଶରତ ଚନ୍ଦ୍ର ମାଟି, ରଶ୍ମି ରଞ୍ଜନ ପ୍ରଧାନ, ବୈଦ୍ୟନାଥ ମିଶ୍ର, ଦାଶରଥୀ ନରେନ୍ଦ୍ର, ପ୍ରଶାନ୍ତ କୁମାର ସାହୁ, ମନମୋହନ ଦାସ, ରାଜକିଶୋର ପଟ୍ଟନାୟକ, ଗଜେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିବା ବେଳେ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଅରବିନ୍ଦ ରାୟ ଏବଂ ସଞ୍ଜୟ କୁମାର ବାହୁବଳେନ୍ଦ୍ର ଉଦ୍‌ଘାଟନ କରିଥିଲେ।

## ଖୋର୍ଦ୍ଧାରୋଡ୍ ଡିଭିଜନରେ ସୁରକ୍ଷା କାର୍ଯ୍ୟ ପାଇଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

ଖୋର୍ଦ୍ଧାରୋଡ୍ ଡିଭିଜନ୍ ଅନ୍ତର୍ଗତ ତାଳଚେର ଘଣ୍ଟପଡା ଲେଭଲ କ୍ରସିଂ ଗେଟ୍‌କୁ ରୋଡ୍ ଓଭର ବ୍ରିଜ୍‌ରେ ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ କେତେକ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ୧୮୧୨୫ ରାଉରକେଲା–ପୁରୀ ଏକ୍ସପ୍ରେସ ଅକ୍ଟୋବର ୨୩ରୁ ୨୭ ପର୍ଯ୍ୟନ୍ତ ପୁରୀ ପରିବର୍ତ୍ତେ ଅନୁଗୋଳରେ ଶର୍ଟ ଟର୍ମିନେଟେଡ୍ କରାଯାଇଛି। ୧୮୧୨୬ ପୁରୀ–ରାଉରକେଲା ଏକ୍ସପ୍ରେସ ଅକ୍ଟୋବର ୨୪ରୁ ୨୮ ମଧ୍ୟରେ ପୁରୀ ପରିବର୍ତ୍ତେ ଅନୁଗୋଳରୁ ଶର୍ଟ ଅରିଜିନେଟେଡ୍ ହେବ। ୨୦୮୬୨ ଅହମ୍ମଦାବାଦ–ପୁରୀ ଏକ୍ସପ୍ରେସ ଓ ୧୮୪୨୨ ସାନ୍ତ୍ରାଗାଛି–ପୁରୀ ଏକ୍ସପ୍ରେସ ଅକ୍ଟୋବର ୨୪ରେ, ୨୦୮୩୧ ଶାଳିମାର – ସମ୍ବଲପୁର ଏକ୍ସପ୍ରେସ ୨୪ ଓ ୨୭ରେ, ୨୦୮୦୭ ବିଶାଖାପାଟଣା – ଅମୃତସର ଏକ୍ସପ୍ରେସ ୨୪ ଓ ୨୫ରେ, ୨୦୮୦୮ ଅମୃତସର – ବିଶାଖାପାଟଣା ଏକ୍ସପ୍ରେସ ଅକ୍ଟୋବର ୨୫ରେ, ୨୦୮୩୨ ସମ୍ବଲପୁର – ଶାଳିମାର ଏକ୍ସପ୍ରେସ୍ ୨୬ ତାରିଖରେ ତାଳଚେର ଷ୍ଟେଶନକୁ ବାଇପାସ୍ କରି ଅନୁଗୋଳ–ତାଳଚେର ରୋଡ୍–ବୁଢାପଙ୍କ ଷ୍ଟେଶନ ମାର୍ଗରେ ଚଳାଚଳରେ ପରିବର୍ତ୍ତନ କରାଯିବ। ଏହି ୬ଟି ଏକ୍ସପ୍ରେସ ଟ୍ରେନ୍ ଉପରୋକ୍ତ ଅବଧି ମଧ୍ୟରେ ତାଳଚେର ରୋଡ୍‌ରେ ୫ ମିନିଟ ରହଣି କରିବ।

# ମିଥ୍ୟା ଖବର, ଅଶାଳୀନ ମନ୍ତବ୍ୟକୁ କଂଗ୍ରେସର ବିରୋଧ



ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ନେତା ଓ କର୍ମୀମାନେ ପ୍ରତିବାଦ କରୁଛନ୍ତି।

### ୱେବ୍ ଚ୍ୟାନେଲ୍ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଏକ ୱେବ୍ ଚ୍ୟାନେଲ୍ ସମ୍ପାଦକଙ୍କ ବିରୋଧରେ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ନିକଟରେ ଅଭିଯୋଗ କରାଯାଇଛି। ଜିଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ଆସି ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ। ପରେ ଏକ ଅଭିଯୋଗପତ୍ର ଏସ୍‌ପିଙ୍କୁ ପ୍ରଦାନ କରିଥିଲେ।

ଅଭିଯୋଗ ମୁତାବକ, କିଛିଦିନ ହେବ ଉକ୍ତ ୱେବ୍ ଚ୍ୟାନେଲର ସମ୍ପାଦକ ମିଥ୍ୟା ଖବର ପ୍ରସାରଣ ସହିତ ବିନା ତଥ୍ୟରେ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଏବଂ ବିଧାୟକ ସାଗର ଦାସଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ସହ ଅସାମ୍ବିଧାନିକ ଭାଷାର ବ୍ୟବହାର କରୁଛନ୍ତି। ଫଳରେ ଦେଶର ସର୍ବପୁରାତନ ଦଳ ଓ ଏହାର ସଭାପତି ଏବଂ କାର୍ଯ୍ୟକର୍ତ୍ତାଙ୍କ ସମ୍ମାନହାନୀ ଘଟୁଛି। ଏଭଳି ଗଣମାଧ୍ୟମ ସମାଜ ପାଇଁ ମଧ ଶୁଭଙ୍କର ନୁହେଁ। ଅଭିଯୋଗର ଅନୁଧ୍ୟାନ କରାଯାଇ ଉକ୍ତ ୱେବ୍ ଚ୍ୟାନେଲ୍ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ସ୍ୱାଗତିକା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଶିଶିର ପରିଡ଼ା, ଅମିତ୍ ମହାନ୍ତି, ରଞ୍ଜିତ ମହାପାତ୍ର, ତପନ ଚକ୍ରବର୍ତ୍ତୀ, ଅଶୋକ ମଙ୍ଗରାଜ, ସଦାଶିବ ମହାପାତ୍ର, ତାପସ ମିଶ୍ର, ଏସ୍. ଦାସ, ବଟକୃଷ୍ଣ ରାଉତରାୟ, ସୌମ୍ୟ ବରାଳ, ସୌମ୍ୟ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ଶିବୁ ନାୟକ, ଏସ୍. କେ ସାଜିଦ, ରମେଶ ପଟ୍ଟନାୟକ, ସଞ୍ଜୟ ସୁବୁଦ୍ଧି, କାଳିନ୍ଦି ମହାପାତ୍ର ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ



ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

ସାଇବର ଅପରାଧ ଦିନକୁ ଦିନ ବଢ଼ିଚାଲିଛି। ସାଧାରଣ ଜନତା ଏବଂ ଯୁବପିଢ଼ି ଠକାମିର ଶିକାର ହେଉଛନ୍ତି। ଏହି ସଂକ୍ରାନ୍ତରେ ସଚେତନତା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହିକ୍ରମରେ ଖୋର୍ଦ୍ଧା ଆଦର୍ଶ ଥାନା ଆନୁକୂଲ୍ୟରେ ଆର୍ଯ୍ୟଭଟ ଆନ୍‌ସିଏଣ୍ଟ ଏକାଡେମୀ ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି(ଡିଆଇବି) ଅନାଦି ଚରଣ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଇବର ଠକେଇ ଓ ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ସୋପାନ ଉପରେ ଆଲୋଚନା କରିଥିଲେ। ଭିଡିଓ ମାଧ୍ୟମରେ ବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରୀଛାତ୍ରଙ୍କୁ କିପରି ସାଇବର ଠକେଇର ଶିକାର ହେଉଛନ୍ତି ତାର ସୂଚନା ପ୍ରଦାନ କରିଥିଲେ। ସାଇବର ସେଲ ଇନ୍‌ସ୍ପେକ୍ଟର ସୁଚିତ୍ରା ଜେନା ସାଇବର ଠକେଇର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଅନଲାଇନରେ କୌଣସି ସାମଗ୍ରୀ କିଣିବା ସମୟରେ ପ୍ରଡକ୍ଟ ଏବଂ କମ୍ପାନୀ ଭଲ ଭାବେ ଯାଞ୍ଚ କରନ୍ତୁ। ଠକାମିର ଶିକାର ହେଲେ ସାଇବର ହେଲ୍ପଲାଇନ ନଂ.୧୯୩୦, ଅଫିସିଆଲ ୱେବ୍‌ସାଇଟ, ନିକଟ ଥାନା କିମ୍ବା ଜିଲା ସାଇବର ସେଲରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଡା. ଦୀପ୍ତିମୟୀ ମହାନ୍ତି, ଖୋର୍ଦ୍ଧା ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍‌ଆଇ ସ୍ୱାଗତିକା ଦାସଙ୍କ ସହିତ ପୋଲିସ କର୍ମଚାରୀ, ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅନୁଷ୍ଠାନର ଇଂଲିଶ ବିଭାଗର ମୁଖ୍ୟ ସତ୍ୟଜିତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ୫ମ, ୮ରେ ପାସ୍ ଫେଲ୍ ଲାଗୁ ବ୍ୟବସ୍ଥାକୁ ବୁଦ୍ଧିଜୀବୀଙ୍କ ସ୍ୱାଗତ

ଟାଙ୍ଗୀ,୨୩।୧୦(ରଘୁନାଥ ସାହୁ)

ରାଜ୍ୟ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମକୁ ସଂଶୋଧନ କରିଛନ୍ତି। ଜାତୀୟ ଶିକ୍ଷାନୀତି –୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ର ନିର୍ଦ୍ଦେଶାବଳୀ ଅନୁସାରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଦେବେ। ଯଦି କୌଣସି ଛାତ୍ରୀଛାତ୍ର ଏହି ପରୀକ୍ଷାରେ ବିଫଳ ହୁଅନ୍ତି, ତେବେ ଫଳାଫଳ ଘୋଷଣାର ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷା ପାଇଁ ସୁଯୋଗ ମିଳିପାରିବ। ଏହି ପାସ୍ ଫେଲ୍ ଲାଗୁ ବ୍ୟବସ୍ଥାକୁ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଲିଙ୍ଗରାଜ ସାହୁ, ମନୋଜ ପାତ୍ର, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ, ତାରା ପ୍ରସାଦ ପଟ୍ଟନାୟକ, ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଡ.ଚନ୍ଦ୍ର ଶେଖର ଦାଶ, ବାଳକୃଷ୍ଣ ମିଶ୍ର, ବରିଷ୍ଠ ଆଇନଜୀବୀ ନାରାୟଣ ମହାପାତ୍ର, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ରାଉତ, ସାରଙ୍ଗଧର ପାଲଟାସିଂ, ପଠାଣି ସୁନ୍ଦରାୟ, ଉମେଶ ପ୍ରସାଦ ଧଳ, ଖବରଦାତା ରଘୁନାଥ ସାହୁ, ବିଚ୍ଛେଦ ଜୟ ସିଂ, ରମେଶ ଚନ୍ଦ୍ର ରାଉତ, ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ପ୍ରଭାକର ବିଶ୍ୱାଳ, ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, କୃଷ୍ଣ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ପାତ୍ର, ନିମାଇଁ ଚରଣ ସାହୁ ପ୍ରମୁଖ ସ୍ୱାଗତ କରିଛନ୍ତି।


**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007, Tel.: 2545586/2545852
email: serifedodisha@gmail.com, website: www.serifedodisha.in

**TENDER CALL NOTICE**

**Bid Identification No. VI-11(02)/SERIFED/2025-26/1327/Dt.22.10.2025**

No. CAD-2082: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 No. of work in Khordha district. The bid documents such as DTCN/BOQ etc. can be seen/downloaded from the website: **www.sidacodisha.org.in** during the period Dt.25.10.2025 to 5.00 P.M. upto 29.10.2025. Tender shall be received till 5.00 P.M. on 29.10.2025 & shall be opened at 11.30 A.M. on 30.10.2025. Any addendum/corrigendum/cancellation of tender can also be seen in the said website.

OIPR-31005/11/0021/2526 Sd./- Managing Director

**OFFICE OF THE NOTIFIED AREA COUNCIL, BANKI**
No.2973 dt.22.10.2025
**E-PROCUREMENT NOTICE**
**Bid Identification No. : NAC-BAN-03/2025-26**

**No.C-1310** : The executive Officer, Banki NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs.2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The Bid documents will be available in the web-site from 11.00 A.M. on dt.24.10.2025 upto 5 P.M. till 06.11.2025 for online bidding.
6. The bid documents will be opened on dt.07.11.2025 at 11.00 A.M.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, NAC Banki
OIPR-13153/11/0007/2526

OFFICE OF THE **DHENKANAL MUNICIPAL COUNCIL, DHENKANAL** No. C-1304
**E-Procurement Notice**
**Tender Call Notice No. 3915/DKLMPLTY / Date: 18.10.2025**

| | | |
|---|---|---|
| 1. | Name of the Work | : Individual Civil Construction work published the **www.tenderodisha.gov.in** website |
| 2. | No. of works put to tender | : 3 Nos. of individual works |
| 3. | Estimated Cost | : Rs.11.00 lakhs to Rs.16.206 lakhs |
| 4. | Period of Completion | : 90 Days |
| 5. | Date and time of availability | : From 11.00 hours of Dt.22.10.2025 to 17.30 of Dt.31.10.2025 of bid document in the portal |
| 6. | Last date/time for receipt of bids | : 17.00 hours of Dt.31.10.2025 |
| 7. | Date and time of opening of bid | : 11.00 hours of Dt.01.11.2025 |
| 8. | Name and address of the Officer Inviting Bid | : Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal **https://tenderorissa.gov.in**.
Sd./- Executive Officer, Dhenkanal Municipality
OIPR-13146/11/0048/2526

GOVERNMENT OF ODISHA
"e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, BALLIGUDA**
**TENDER CALL NOTICE**
No.1499, Date 22.10.25
E-mail: eonacballiguda@yahoo.in
Bid Identification No.EO_BLG.N_05_2025-26

**No.C-1312:** The Executive Officer, NAC, Balliguda, Dist-Kandhamal inviting percentage rate bid in online mode for the works as detailed in the table from eligible contractors for civil works as detailed in the table below.

1. Name of Work : As per DTCN
2. No. of Work : 07
3. Tender Cost : As per DTCN
4. Class of Contractor : As per DTCN
5. Period & Time of completion : As per DTCN
6. Available of Bid document in the Website : From Dt.24.10.2025, 3.00 PM to Dt.31.10.2025 Upto 5.00 P.M.
7. Date of Opening of Bid : Dt.01.11.2025 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Executive Officer NAC, Balliguda
OIPR-13097/11/0021/2526

**MUNICIPAL OFFICE: JEYPORE**
Phone 06854-231098, Fax 06854-230104
ulbjeypore@gmail.com
L. No.4454/JM Date:16.10.2025

**QUOTATION CALL ADVERTISEMENT**

**No.C-:** Sealed quotations as per the prescribed format in the quotation call notice are hereby invited from reputed agencies/ Firms/Contractors having experience in

**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality."**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website i.e. www.jeyporemunicipality.in |
| Quotation Paper Sale Start Date | 18.10.2025 11.00 hours onwards |
| Quotation Paper Sale End Date | 27.10.2025 upto 17.00 hours |
| Submission Deadline | 31.10.2025 upto 14.00 hours |
| Opening of Quotation | 31.10.2025 at 16.00 hours |
| Paper Cost (INR) | Rs.600/- |
| Security Deposit (INR) | Rs.5000/- |

Sd./- Executive Officer Jeypore Municipality
OIPR-13079/11/0070/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR**
E-mail: mi2_exe.engr@yahoo.co.in, Ph. No.: 0680-2290475
No. A-758 GOVERNMENT OF ODISHA
**e-PROCUREMENT NOTICE**
**Bid Identification No. GMID-II/07/2025-26**
Ltr. No. 4476 Date: 16.10.2025

| | |
|---|---|
| Name of Work | : Civil Construction Works |
| No. of Works | : 21 (Twenty One) Nos. |
| Estimated Cost | : Rs.4.58 lakh to 30.89 lakh |
| Tender Paper Cost | : Rs.6000.00 (for estimated cost above 10.00 lakh) Rs.4000.00 (for estimated cost below 10.00 lakh) Rs.2000.00 (for estimated cost below 5.00 lakh) |
| Period of Completion | : 02 (Two) to 03 (Three) Calendar Months |
| Class of Contractor | : "D", "C" & "B" |
| Availability of bid documents | : From 20.10.2025 at 10.00 A.M. to 30.10.2025 upto 5.00 P.M. in website **(www.tendersorissa.gov.in)** |
| Period of Receipt of bid through Online | : From 20.10.2025 at 10.00 A.M. to 30.10.2025 upto 5.00 P.M. through Online. |
| Mode of Payment | : Online |
| Date of Opening of Bid documents | : Dtd. 31.10.2025 at 11.30 A.M. |
| Date of Lottery (if required) | : Shall be intimated through website and E-mail specified for the purpose in e-tendering process |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III |

The detail tender call notice can also be seen in the DOWR website: **http://dowrorissa.gov.in**

| | |
|---|---|
| Name & Address of the OIT | : Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 E-mail:**mi2_exe.engr@yahoo.co.in** |
| Further details can be seen from the E-Procurement market place | : **http://tendersorissa.gov.in** |

Sd./- Superintending Engineer M.I. Division, Ganjam-II, Berhampur
OIPR-32043/11/0034/2526

ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ
ମୋତିଝରନ, ସମ୍ବଲପୁର, ଓଡ଼ିଶା, ପିନ୍–୭୬୮୦୦୧
ଦୂରଭାଷ/ଫାକ୍ସ–୦୬୬୩–୨୫୪୮୭୪୩
ଇମେଲ୍–dfohirakudwl.od@gov.in

**QUOTATION CALL NOTICE**
No. 81 Dt. 16.10.2025

**No.MM**-Sealed quotations are invited from intending Architectural Firms/Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur.

Interested and eligible participants having experience in similar nature of work are invited to submit the Detailed Project Report only, which shall include preparation of estimates, drawings and designs (AutoCAD soft copy and 3D views), bill of quantities, detailed technical specifications of materials to be used in the work, including analysis of labour and material components, etc., as per the current Schedule of Rates of the State PWD, Government of Odisha.

| Item | Quantity | Quoted Price | Cost of Tender Paper | EMD money to be deposited |
|---|---|---|---|---|
| 1 | 2 | 3 | 4 | 5 |
| Architectural Firms / Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur | 01 (One) | Scale of Fees to be quoted by Consultant as percentage (%) | 3,540/- (non-refundable) | 75,000/- |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.19.10.2025, 10.00 AM to dt.28.10.2025, 4.00 PM** (during office hours).
2. Receiving of Quotation Papers will from **Dt.19.10.2025, 10.00 AM to dt.28.10.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur.
3. The Sealed quotation papers shall be opened on **Dt.29.10.2025 at 11.30 AM for Technical Evaluation and dt.30.10.2025 at 11.30 AM for Financial Evaluation.**
4. The Successful firm/bidder shall be submitting the Detailed Project Report (Plan, Design & Estimate) on or before **15.11.2025** positively.

Sd/- Divisional Forest Officer
OIPR-08078/11/0008/2526 Hirakud Wildlife Division, Sambalpur

**NATIONAL COMPETITIVE BIDDING THROUGH e-PROCUREMENT**
Tel. No. 06752222092, e-mail id : eerwpuri@gmail.com
**TCN NO. TENDER ONLINE - 09 OF 2025-26**
No.8445 /Dt. 10.10.2025

**No.O-1094** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri. 1. Total No. of works : **74 Nos.**, 2. Tender cost of packages : Amount varies from **Rs.5.04 lakh to Rs.42.02 lakh**, 3. Class of contractor : **As per DTCN**, 4. Period of completion : **2 (Two) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 01.30 P.M. | 13.11.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".

Sd./- Superintending Engineer, R.W. Division, Puri
OIPR-25065/11/0029/2526

# ହାଟ ଭିତରେ ଜରିପାଲ ଟାଣି ପାରିବେନି ବ୍ୟବସାୟୀ

**ଭୁବନେଶ୍ୱର, ୨୩।୧୦ (ବନ୍ଦନା ସେଠୀ)**

## ଅଗ୍ନିକାଣ୍ଡ ପରେ ବିଏମ୍‌ସିର ଚେତାପଶିଲା

- ରାଜଧାନୀର ୨୦ ବଡ଼ ହାଟ ପାଇଁ ଏସ୍‌ଓପି ଜାରି ହେବ
- ହାଟ ଦୋକାନୀଙ୍କ ପାଇଁ ହେବ ଗ୍ରୁପ୍ ଇନ୍‌ସ୍ୟୁରାନ୍ସ



ଭୁବନେଶ୍ୱର ୟୁନିଟ୍-୧ ହାଟ ପରିବା ମାର୍କେଟରେ ବୁଧବାର ବଡ଼ଧରଣ ଅଗ୍ନିକାଣ୍ଡ ଘଟଣା ପରେ ବିଏମ୍‌ସିର ଚେତା ପଶିଛି। ରାଜଧାନୀର ବିଭିନ୍ନ ହାଟ ପାଇଁ ଖୁବ୍‌ଶୀଘ୍ର ବିଏମ୍‌ସି ଏସ୍‌ଓପି ଜାରି କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ସହରର ୨୦ଟି ବଡ଼ ହାଟ ପାଇଁ ଏହି ଏସ୍‌ଓପି ଲାଗୁହେବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଣିକି ହାଟ ଭିତରେ ବ୍ୟବସାୟୀମାନେ ଜରିପାଲ ଟାଣିପାରିବେ ନାହିଁ। ଏପରିକି ଦୋକାନୀ ରାସ୍ତା ଉପରକୁ ମାଡ଼ି ବ୍ୟବସାୟ କରିପାରିବେନାହିଁ । ରାଜଧାନୀର ବିଭିନ୍ନ ହାଟରେ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରାଯିବ। ହାଟ ପରିଚାଳନା ପାଇଁ ହାଟ କମିଟି ପ୍ରମୁଖ ଭୂମିକା ନେବ। ଏଥିଲାଗି ବିଏମ୍‌ସି ଅଧିକାରୀଙ୍କ ଉପସ୍ଥିତିରେ ହାଟ କମିଟି ନିର୍ବାଚନ ହେବ। ସେହିପରି ସବୁ ହାଟ ଦୋକାନୀଙ୍କ ପାଇଁ ବିଏମ୍‌ସି ଗ୍ରୁପ୍ ଇନ୍‌ସ୍ୟୁରାନ୍ସ କରିବ। ୧ ନଂ. ମାର୍କେଟକୁ ମଡର୍ନ ମାର୍କେଟ କରିବା ପାଇଁ ୧୮୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ପାତ୍ରପଡ଼ା ଭଗବାନପୁରକୁ ହୋଲ୍‌ସେଲ୍ ମାର୍କେଟ ସ୍ଥାନାନ୍ତର ପାଇଁ ଯୋଜନା ରହିଛି। ହେଲେ ଏଥିପାଇଁ ଟଙ୍କାର ଅଭାବ ରହିଛି। ଏସବୁ ପାଇଁ ସରକାର ଅର୍ଥ ଯୋଗାଇଦେଲେ କାମ ଆଗକୁ ବଢ଼ିବ। ତେବେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସିଏମ୍‌ଆର୍‌ଏଫ୍ ଫଣ୍ଡ ସହ ବିଏମ୍‌ସି ନିଜସ୍ୱ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ବିଚାରବିମର୍ଶ କରାଯାଉଥିବା ମେୟର କହିଛନ୍ତି।

ସୂଚନାଯୋଗ୍ୟ, ରାଜଧାନୀର ସର୍ବାଧିକ ଜନଗହଳିପୂର୍ଣ୍ଣ ୧ ନମ୍ବର ହାଟର ବିକାଶ ପାଇଁ ପରିକଳ୍ପନା କରିଥିଲା ବିଏମ୍‌ସି। ୩ ଏକର ଜାଗାରେ ପ୍ରାୟ ୨ହଜାର ବ୍ୟବସାୟୀ ବସିବା ଭଳି ଏକ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ୪୨ଟି ସରକାରୀ କ୍ୱାର୍ଟର୍ସ ସହ ଦୁଇଟି ବସ୍ତି ମଧ୍ୟ ଉଚ୍ଛେଦ କରାଯାଇଥିଲା। ୧୧ ବର୍ଷ ପରେ ଏହି ପ୍ରକଳ୍ପ କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଛି। ବିଳମ୍ବିତ ପ୍ରକ୍ରିୟା କାରଣରୁ ପରିବା ମାର୍କେଟ ଚାରିପାଖରେ ପୁଣିଥରେ ବସ୍ତି ଗଢି ଉଠିଥିବାବେଳେ ୧ନଂ. ହାଟକୁ ସବୁ ସମୟରେ ଅଗ୍ନିକାଣ୍ଡର ଭୟ ରହିଛି।

# ଗୁରୁ ରାମହରିଙ୍କୁ 'ନୃତ୍ୟାଞ୍ଜଳି', ଅଶ୍ରୁମୋଚନଙ୍କୁ 'ଶ୍ରୀ ଧ୍ରୁବ ଚରଣ' ସମ୍ମାନ



ଅତିଥିମାନେ ଗୁରୁ ରାମହରି ଦାସଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ' ପ୍ରଦାନ କରୁଛନ୍ତି।



ଗୁରୁ ମୀରା ଦାସ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର, ୨୩।୧୦ (ସୌମ୍ୟରଞ୍ଜନ ରାଉତ)**

ଦେବଦାସୀ ପକ୍ଷରୁ ବାର୍ଷିକ ନୃତ୍ୟୋତ୍ସବ 'ନୃତ୍ୟାଞ୍ଜଳି' ଗୁରୁବାର ରବୀନ୍ଦ୍ରମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟ ଗୁରୁ ମୀରା ଦାସଙ୍କ ଏକକ ଓଡ଼ିଶୀ ନୃତ୍ୟରୁ ଉତ୍ସବର ସନ୍ଧ୍ୟା ଆରମ୍ଭ ହୋଇଥିଲା। ଅନୁଷ୍ଠାନର ମୁନ୍‌ମୁନ୍ ଆଚାର୍ଯ୍ୟ, ଅର୍ପିତା ଉଦୟଭାନୁ, ପଲ୍ଲବୀ ମେହେରଙ୍କ ସମେତ ଅନ୍ୟ ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଛଉନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଦୀପ୍ତି ମିଶ୍ର, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଅନୁଷ୍ଠାନର ସଭାପତି ଦେବ କୁମାର ବ୍ରହ୍ମା ଓ ସମ୍ପାଦିକା ରୋଜାଲିନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ରାମହରି ଦାସଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ' ଓ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କୁ 'ଶ୍ରୀ ଧ୍ରୁବ ଚରଣ ସମ୍ମାନ' ପ୍ରଦାନ କରାଯାଇଥିଲା। ବିଶ୍ୱଜିତ୍ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଯମ ଦ୍ୱିତୀୟା ଯାତ୍ରା

**ପୁରୁଣା ଭୁବନେଶ୍ୱର, ୨୩।୧୦ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଯମ ଦ୍ୱିତୀୟା ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଦୈନିକ ନୀତି ଆଳତି ଅବକାଶ ପରେ ସାହାଣମେଳା ହୋଇଥିଲା। ମଧ୍ୟାହ୍ନରେ ଛାମୁ ପରିଷ୍କାର କରାଯାଇ ମାଘସ୍ନାନ ଦିଆଯାଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ବିରକିଶୋରୀ ବଲ୍ଲଭରେ ଶ୍ରୀଲିଙ୍ଗରାଜ, ମା'ଦୁର୍ଗା, ପ୍ରଭୁ ବାସୁଦେବଙ୍କୁ ପୂଜାପଣ୍ଡା ସେବକ ଆଜ୍ଞା ପ୍ରସାଦ ଦେଇଥିଲେ। ଏହା ପରେ ଠାକୁରମାନେ ବିମାନ ଓ ପାଲିଙ୍କିରେ ବିରାଜମାନ କରିଥିଲେ। ଦ୍ୱିପହର ଧୂପ, ଠାକୁରାଣୀ ଦ୍ୱିପହର ଧୂପ ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ରାତି ପ୍ରାୟ ୮ଟାରେ ସେବକମାନଙ୍କ ଗହଣରେ ଠାକୁରମାନେ ଭାରତୀ ମଠକୁ ଯାଇଥିଲେ। ସେଠାରେ ଯମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଭୋଗ ନୈବେଦ୍ୟ ହୋଇଥିଲା। ସେଠାରୁ ଠାକୁରମାନେ ଭଉଣୀ ଘର ଭାରତୀ ମଠକୁ ଯାଇଥିଲେ। ମଠରେ ଥିବା ମଣ୍ଡପରେ ବିରାଜମାନ ହୋଇସାରିବା ପରେ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ଭୋଗକୁ ପୂଜାପଣ୍ଡା ସେବକ ଭୋଗ ନୈବେଦ୍ୟ କରିଥିଲେ। ଏହା ପରେ ଭଉଣୀ ମା' କମାକ୍ଷୀଙ୍କ ସହ ଭେଟ ଆଳତି ହୋଇଥିଲା। ପରେ ଠାକୁରମାନେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌କୁ ଆଇଭି ଲିଗ୍ ମାନ୍ୟତା



**ଭୁବନେଶ୍ୱର, ୨୩।୧୦ (ଅନୁରାଧା ମହାରଣା)**

ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ୍ ର୍‍ୟାଙ୍କିଙ୍ଗ୍ ଦ୍ୱାରା ଆୟୋଜିତ ଜାତୀୟ ସର୍ବେକ୍ଷଣ ୨୦୨୫-୨୬ ବର୍ଷ ପାଇଁ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲକୁ 'ଆଇଭି ଲିଗ୍' ମାନ୍ୟତା ମିଳିଛି। ଡେ-କମ୍-ବୋର୍ଡିଂ ବର୍ଗରେ ସାଇ ଇଣ୍ଟରନ୍ୟାଶନାଲ ସହ ଦେଶର ମୋଟ ୬ ସ୍କୁଲ ଏହି ମାନ୍ୟତା ପାଇଛି। ସେସବୁ ସ୍କୁଲଗୁଡିକ ହେଲା ଦିଲ୍ଲୀର ବସନ୍ତ ଭ୍ୟାଲି ସ୍କୁଲ, ମୁମ୍ବାଇର କ୍ୟାଥେଡ୍ରାଲ ଏବଂ ଜନ୍ କନନ୍ ସ୍କୁଲ, ଦିଲ୍ଲୀର ଡିପିଏସ୍ ଆର୍ କେ ପୁରମ୍, ଇନ୍ଦୋରର ଡାଲି କଲେଜ ରହିଛି। ତେବେ ନିରନ୍ତର ଭାବେ ଦୀର୍ଘ ୫ବର୍ଷ ଧରି ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ସ୍କୁଲ ଭାବେ ପ୍ରତିପାଦିତ କରିଥିବା ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲକୁ 'ଆଇଭି ଲିଗ୍' ମାନ୍ୟତା ଆଉଏକ ଗୌରବ ଆଣିଛି। ଆଇଭି ଲିଗ୍‌ରେ ଶିକ୍ଷାଗତ ଖ୍ୟାତି, ଶିକ୍ଷକଙ୍କ ଦକ୍ଷତା, କଲ୍ୟାଣ ଓ ବିକାଶ ସହ ପାଠ୍ୟକ୍ରମ ଏବଂ କ୍ରୀଡା ଶିକ୍ଷା ସହ ସାମଗ୍ରିକ ମାନଦଣ୍ଡରେ ସ୍ଥିର ଉତ୍କର୍ଷତା ପ୍ରଦର୍ଶନ ଆଦି ଆଧାରରେ ସ୍କୁଲଗୁଡ଼ିକୁ ଚୟନ କରାଯାଇଥାଏ। ତେବେ ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଅନ୍ତର୍ଜାତୀୟସ୍ତରୀୟ ଭାବେ ଗଢି ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ପୂରଣ ହୋଇଥିବା ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି। ଏହି ସଫଳତା ଆମର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, ଅଭିଭାବକଙ୍କ ନିରନ୍ତର ସମର୍ଥନର ଏକ ପ୍ରମାଣ ବୋଲି ସେ କହିଛନ୍ତି।

# ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା, ମିସ୍ତ୍ରି ମୃତ

**ବାଲିପାଟଣା, ୨୩।୧୦ (ଅଭିମନ୍ୟୁ ନାୟକ)**

ନୂଆସାହି ନିମାପଡ଼ା କେନାଲ ବନ୍ଧ ରାସ୍ତାରେ ଗୁରୁବାର ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡହଣାପାଟଣାର ପ୍ରତାପ ଚନ୍ଦ୍ର ଭୋଇ। ଅପରାହ୍ନରେ ପ୍ରତାପ ବାଇକ୍‌ରେ ନିମାପଡ଼ା ପଟୁ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ନୂଆସାହି ପଟୁ ଆସୁଥିବା ସ୍କୁଟି ସହିତ କୁଞ୍ଜପଦାଠାରେ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପ୍ରତାପ ବାଇକ୍ ସହିତ ଗଛରେ ପିଟି ହୋଇଯିବାରୁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲିପାଟଣା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ସ୍କୁଟି ଚାଳକ ଫେରାର ହୋଇଯାଇଥିଲେ।

# ସମାଜ ସଂସ୍କାରରେ ଦୟାନନ୍ଦଙ୍କ ଅବଦାନ ସର୍ବଶ୍ରେଷ୍ଠ

## ଆଇନଜୀବୀ ଅଶୋକ କୁମାର ମହାପାତ୍ର ସମ୍ବର୍ଦ୍ଧିତ



ଉତ୍ସବରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୨୩।୧୦ (ସୌମ୍ୟରଞ୍ଜନ ରାଉତ)**

ସ୍ୱାମୀ ଦୟାନନ୍ଦଙ୍କ ହେଉଛନ୍ତି ଯୁଗ ପ୍ରବର୍ତ୍ତକ। ବେଦ ମାଧ୍ୟମରେ ଜନ୍ମଗତ ଜାତିପ୍ରଥାର ଖଣ୍ଡନ ଓ ବର୍ଣ୍ଣାଶ୍ରମ ସିଦ୍ଧାନ୍ତର ମଣ୍ଡନ କରିବା ସମାଜ ସଂସ୍କାର କ୍ଷେତ୍ରରେ ଦୟାନନ୍ଦଙ୍କର ଅବଦାନ ସର୍ବଶ୍ରେଷ୍ଠ। ତାଙ୍କ ବଳିଦାନରେ ଭାରତର ଜନମାନସ ବଳିଷ୍ଠ ହୋଇଛି ବୋଲି ଆର୍ଯ୍ୟସମାଜ ଭୁବନେଶର ପକ୍ଷରୁ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ 'ଋଷି ନିର୍ବାଣ' ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ସଭାପତିତ୍ୱ କରି ଆର୍ଯ୍ୟସମାଜ ସଭାପତି ଇଂ. ପ୍ରିୟବ୍ରତ ଦାସ ବେଦମନ୍ତ୍ରର ବ୍ୟାଖ୍ୟା କରିଥିଲେ। ସେ କହିଲେ, ଦେଢ଼ଶହ ବର୍ଷ ପୂର୍ବେ ଯେତେବେଳେ ଦେଶରେ ଜାତିବନ୍ଧନ, ଜାତିବିଦ୍ୱେଷ, ଅସ୍ପୃଶ୍ୟତା ଆଦି ଉତ୍କଟ ରୂପ ଧାରଣ କରିଥିଲା, ସେସବୁ ବିରୋଧରେ ପଦୁଟିଏ କହିବା ମଧ୍ୟ ଅସମ୍ଭବ ହୋଇପଡୁଥିଲା, ସେତେବେଳେ ସେସବୁ ଖଣ୍ଡନକରିବା ଦୟାନନ୍ଦଙ୍କ ପରି ଅସାଧାରଣ ଦେବଜ୍ଞ ଋଷିଙ୍କ ପକ୍ଷରେ ହିଁ ସମ୍ଭବ ହୋଇପାରିଥିଲା। ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡାଙ୍କ ସମେତ ସମ୍ପାଦକ ବୀରେନ୍ଦ୍ର କର, ଯୁଗ୍ମ ସମ୍ପାଦିକା ଶନ୍ନୋଦେବୀ, ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ବାନପ୍ରସ୍ଥି ଦିବ୍ୟ ଜ୍ଞାନାନନ୍ଦ ପ୍ରମୁଖ କହିଲେ, ଦୟାନନ୍ଦ ଭାରତୀୟ ଜୀବନ ଓ ସଂସ୍କୃତିର ମୂଳ ପର୍ଯ୍ୟନ୍ତ ପହଞ୍ଚିପାରିଥିଲେ। ନାରୀଶିକ୍ଷା ପାଇଁ ଗୁରୁକୁଳ ସ୍ଥାପନ, ନାରୀର ବେଦାଧ୍ୟୟନ ଓ ଯଜ୍ଞକର୍ମ ପାଇଁ ପ୍ରେରଣା ଥିଲା ତାଙ୍କର ମହାନ୍ ଅବଦାନ। ଦେଶର ସାମାଜିକ ସଂସ୍କାର, ନାରୀର ବେଦପାଠ ଅଧିକାର ଓ ବେଦର ପୁନରୁଦ୍ଧାର ପାଇଁ ତାଙ୍କର ଅବଦାନ ଓ ବଳିଦାନ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ଡା. ଗୋପାଳ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅମୂଲ୍ୟ କୁମାର ଦାସ, ସଦସ୍ୟା ବନ୍ଦନା ଦାଶ, ମମିତା ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଯୁଗ୍ମ ସମ୍ପାଦକ ସୁନୀଲ କୁମାର ଦେ ଶାନ୍ତିପାଠ କରିଥିଲେ।

# ଓଡ଼ିଆ ସିନେମା 'ଶମ୍ଭୁ'ର ଅଡିଓ, ଟ୍ରେଲର ରିଲିଜ୍

**ଭୁବନେଶ୍ୱର, ୨୩।୧୦ (ସୌମ୍ୟରଞ୍ଜନ ରାଉତ)**

## ଯାତ୍ରା ସୁପରଷ୍ଟାର ପୀୟୂଷ ତ୍ରିପାଠୀ ନଜର ଆସିବେ

ଓଡ଼ିଆ ସିନେମା 'ଶମ୍ଭୁ'ର ଅଡିଓ ଏବଂ ଟ୍ରେଲର ରିଲିଜ ବୁଧବାର ଭୁବନେଶ୍ୱରସ୍ଥିତ ଇମେଜ୍ କ୍ୟାମ୍ପସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଦିଲୀପ ପଣ୍ଡା, ପ୍ରଯୋଜକ ବିଭୂତି ଭୂଷଣ ଜେନା, ସହ ପ୍ରଯୋଜକ ଅଭିଷେକ ଜେନା, କାହାଣୀକାର ଡ. ରଜନୀ ରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ଦୀପକ କୁମାର ଓ ଶୁଭମ, ହରିହର ମହାପାତ୍ର, ଡିସ୍କୋ ରେଡ୍ଡି, ସୁଧାକର ବସନ୍ତ, ଜୀବନ ପଣ୍ଡା ପ୍ରମୁଖ କଳାକାର ଉପସ୍ଥିତ ଥିଲେ। ଏହି ସିନେମାରେ ଶୁଭମ୍‌ଙ୍କ ସହ ତମନ୍ନା ବ୍ୟାସ ଏବଂ ଯାତ୍ରାଜଗତର ସୁପର ଷ୍ଟାର ପୀୟୂଷ ତ୍ରିପାଠୀ ନଜର ଆସିବେ। ସିନେମାର ବିତରକ ଦାୟିତ୍ୱରେ ପ୍ରକାଶ ଫିଲ୍ମ ରହି ଥିଲାବେଳେ ମ୍ୟୁଜିକ୍ ରାଇଟ୍ସ ଆମର ମ୍ୟୁଜିକ୍ ଓ ରିଲ୍ସ ଏନ୍ ରିଲ୍ସ କମ୍ପାନୀ ଏହାର ପ୍ରସାରପ୍ରଚାର ଦାୟିତ୍ୱ ନେଇଛି। ଏହି ସିନେମା ଅକ୍ଟୋବର ୩୧ରେ ପ୍ରେକ୍ଷାଳୟରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।


## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar - 751007, Tel.: 2545586/2545852
email: serifedodisha@gmail.com, website: www.serifedodisha.in

**TENDER CALL NOTICE**

**Bid Identification No. VI-11(02)/SERIFED/2025-26/1327/Dt.22.10.2025**

No. CAD-2082: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 No. of work in Khordha district. The bid documents such as DTCN/BOQ etc. can be seen/downloaded from the website: **www.sidacodisha.org.in** during the period Dt.25.10.2025 to 5.00 P.M. upto 29.10.2025. Tender shall be received till 5.00 P.M. on 29.10.2025 & shall be opened at 11.30 A.M. on 30.10.2025. Any addendum/corrigendum/cancellation of tender can also be seen in the said website.

OIPR-31005/11/0021/2526 Sd./- Managing Director

## OFFICE OF THE NOTIFIED AREA COUNCIL, BANKI

No.2973 dt.22.10.2025

**E-PROCUREMENT NOTICE**

**Bid Identification No. : NAC-BAN-03/2025-26**

**No.C-1310** : The executive Officer, Banki NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs.2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The Bid documents will be available in the web-site from 11.00 A.M. on dt.24.10.2025 upto 5 P.M. till 06.11.2025 for online bidding.
6. The bid documents will be opened on dt.07.11.2025 at 11.00 A.M.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, NAC Banki

OIPR-13153/11/0007/2526

## OFFICE OF THE DHENKANAL MUNICIPAL COUNCIL, DHENKANAL

No. C-1304

**E-Procurement Notice**

**Tender Call Notice No. 3915/DKLMPLTY / Date: 18.10.2025**

| | | |
|---|---|---|
| 1. Name of the Work | : | Individual Civil Construction work published the **www.tenderodisha.gov.in** website |
| 2. No. of works put to tender | : | 3 Nos. of individual works |
| 3. Estimated Cost | : | Rs.11.00 lakhs to Rs.16.206 lakhs |
| 4. Period of Completion | : | 90 Days |
| 5. Date and time of availability | : | From 11.00 hours of Dt.22.10.2025 to 17.30 of Dt.31.10.2025 of bid document in the portal |
| 6. Last date/time for receipt of bids | : | 17.00 hours of Dt.31.10.2025 |
| 7. Date and time of opening of bid | : | 11.00 hours of Dt.01.11.2025 |
| 8. Name and address of the Officer Inviting Bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal **https://tenderorissa.gov.in**.

OIPR-13146/11/0048/2526 Sd./- Executive Officer Dhenkanal Municipality

## GOVERNMENT OF ODISHA "e"-PROCUREMENT NOTICE OFFICE OF THE NOTIFIED AREA COUNCIL, BALLIGUDA

**TENDER CALL NOTICE**

No.1499, Date 22.10.25
E-mail: eonacballiguda@yahoo.in
Bid Identification No.EO_BLG.N_05_2025-26

**No.C-1312:** The Executive Officer, NAC, Balliguda, Dist-Kandhamal inviting percentage rate bid in online mode for the works as detailed in the table from eligible contractors for civil works as detailed in the table below.

| | | |
|---|---|---|
| 1. Name of Work | : | As per DTCN |
| 2. No. of Work | : | 07 |
| 3. Tender Cost | : | As per DTCN |
| 4. Class of Contractor | : | As per DTCN |
| 5. Period & Time of completion | : | As per DTCN |
| 6. Available of Bid document in the Website | : | From Dt.24.10.2025, 3.00 PM to Dt.31.10.2025 Upto 5.00 P.M. |
| 7. Date of Opening of Bid | : | Dt.01.11.2025 at 11.30 AM |

8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Executive Officer NAC, Balliguda

OIPR-13097/11/0021/2526

## MUNICIPAL OFFICE: JEYPORE

Phone 06854-231098, Fax 06854-230104
ulbjeypore@gmail.com

L. No.4454/JM Date:16.10.2025

**QUOTATION CALL ADVERTISEMENT**

**No.C-:** Sealed quotations as per the prescribed format in the quotation call notice are hereby invited from reputed agencies/ Firms/Contractors having experience in

**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality."**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website i.e. www.jeyporemunicipality.in |
| Quotation Paper Sale Start Date | 18.10.2025 11.00 hours onwards |
| Quotation Paper Sale End Date | 27.10.2025 upto 17.00 hours |
| Submission Deadline | 31.10.2025 upto 14.00 hours |
| Opening of Quotation | 31.10.2025 at 16.00 hours |
| Paper Cost (INR) | Rs.600/- |
| Security Deposit (INR) | Rs.5000/- |

Sd./- Executive Officer Jeypore Municipality

OIPR-13079/11/0070/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR

E-mail: mi2_exe.engr@yahoo.co.in, Ph. No.: 0680-2290475

No. A-758 GOVERNMENT OF ODISHA

**e-PROCUREMENT NOTICE**

**Bid Identification No. GMID-II/07/2025-26**

Ltr. No. 4476 Date: 16.10.2025

| | | |
|---|---|---|
| Name of Work | : | Civil Construction Works |
| No. of Works | : | 21 (Twenty One) Nos. |
| Estimated Cost | : | Rs.4.58 lakh to 30.89 lakh |
| Tender Paper Cost | : | Rs.6000.00 (for estimated cost above 10.00 lakh) Rs.4000.00 (for estimated cost below 10.00 lakh) Rs.2000.00 (for estimated cost below 5.00 lakh) |
| Period of Completion | : | 02 (Two) to 03 (Three) Calendar Months |
| Class of Contractor | : | "D", "C" & "B" |
| Availability of bid documents | : | From 20.10.2025 at 10.00 A.M. to 30.10.2025 upto 5.00 P.M. in website (www.tendersorissa.gov.in) |
| Period of Receipt of bid through Online | : | From 20.10.2025 at 10.00 A.M. to 30.10.2025 upto 5.00 P.M. through Online. |
| Mode of Payment | : | Online |
| Date of Opening of Bid documents | : | Dtd. 31.10.2025 at 11.30 A.M. |
| Date of Lottery (if required) | : | Shall be intimated through website and E-mail specified for the purpose in e-tendering process |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III |

The detail tender call notice can also be seen in the DOWR website: **http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 E-mail:**mi2_exe.engr@yahoo.co.in** |
| Further details can be seen from the E-Procurement market place | : | **http://tendersorissa.gov.in** |

OIPR-32043/11/0034/2526 Sd./- Superintending Engineer M.I. Division, Ganjam-II, Berhampur

## ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ

ମୋତିଝରନ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧
ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩
ଇମେଲ୍-dfohirakudwl.od@gov.in

**QUOTATION CALL NOTICE**

**No. 81 Dt. 16.10.2025**

**No.MM**-Sealed quotations are invited from intending Architectural Firms/Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur.

Interested and eligible participants having experience in similar nature of work are invited to submit the Detailed Project Report only, which shall include preparation of estimates, drawings and designs (AutoCAD soft copy and 3D views), bill of quantities, detailed technical specifications of materials to be used in the work, including analysis of labour and material components, etc., as per the current Schedule of Rates of the State PWD, Government of Odisha.

| Item | Quantity | Quoted Price | Cost of Tender Paper | EMD money to be deposited |
|---|---|---|---|---|
| 1 | 2 | 3 | 4 | 5 |
| Architectural Firms / Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur | 01 (One) | Scale of Fees to be quoted by Consultant as percentage (%) | 3,540/- (non-refundable) | 75,000/- |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.19.10.2025, 10.00 AM to dt.28.10.2025, 4.00 PM** (during office hours).
2. Receiving of Quotation Papers will from **Dt.19.10.2025, 10.00 AM to dt.28.10.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur.
3. The Sealed quotation papers shall be opened on **Dt.29.10.2025 at 11.30 AM for Technical Evaluation and dt.30.10.2025 at 11.30 AM for Financial Evaluation.**
4. The Successful firm/bidder shall be submitting the Detailed Project Report (Plan, Design & Estimate) on or before **15.11.2025** positively.

Sd/- Divisional Forest Officer Hirakud Wildlife Division, Sambalpur

OIPR-08078/11/0008/2526

## NATIONAL COMPETITIVE BIDDING THROUGH e-PROCUREMENT

Tel. No. 06752222092, e-mail id : eerwpuri@gmail.com

**TCN NO. TENDER ONLINE - 09 OF 2025-26**

**No.8445 /Dt. 10.10.2025**

**No.O-1094** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri. 1. Total No. of works : **74 Nos.**, 2. Tender cost of packages : Amount varies from **Rs.5.04 lakh to Rs.42.02 lakh**, 3. Class of contractor : **As per DTCN**, 4. Period of completion : **2 (Two) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 01.30 P.M. | 13.11.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".

Sd./- Superintending Engineer, R.W. Division, Puri

OIPR-25065/11/0029/2526

**ସଂକ୍ଷେପରେ**

## ନୂଆଗାଁରେ ଗିରିଗୋବର୍ଦ୍ଧନ ପୂଜା

ବାଙ୍କୀ,୨୩।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ସରପଞ୍ଚ ପ୍ରଦୀପ୍ତ କ୍ରଦ୍ଧର ସାହୁ, ସମିତି ସଭ୍ୟ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାସହ ଆଖପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ପୂଜା କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ଅବସରରେ ଗ୍ରାମୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ସଂକୀର୍ତ୍ତନ, ଘୁଡ଼ୁକି ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବବୁଲ ରାଉତ, ଟୁକୁନା ଜେନା, ବସନ୍ତ ପ୍ରଧାନ, ପିଙ୍କୁ ପରିଡା, ଛାଟିଆ ରାଉତ, ଲିପୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗ୍ରାମ ପ୍ରବେଶ ପଥ ଅବସ୍ଥା ଶୋଚନୀୟ

- ଅଳିଆ ଆବର୍ଜନା, କାଦୁଅରେ ପରିପୂର୍ଣ୍ଣ ରାସ୍ତା
- ଅଧାପନ୍ତରିଆ ଅବସ୍ଥାରେ ରହିଛି ତୋରଣ
- ପୁରାତନ ନଳକୂପର ପାଣି ପ୍ରତିଦିନ ରାସ୍ତାକୁ ବୋହିଆସେ



ଦୁଲଣାପୁର ଗ୍ରାମର ପ୍ରବେଶ ପଥ କାଦୁଅରେ ପରିପୂର୍ଣ୍ଣ।

**ବାଙ୍କୀ,୨୩।୧୦(ଶୁଭେନ୍ଦୁ ମହାପାତ୍ର):**

ଗ୍ରାମାଞ୍ଚଳରେ ସଡ଼କର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଓ ମନମୁଖି କାର୍ଯ୍ୟ ଯୋଗୁ ଏବେବି ଅନେକ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି । ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମର ପ୍ରବେଶ ପଥରେ ଚାରିଆଡେ କୁଢ଼କୁଢ଼ ଅଳିଆ ଆବର୍ଜନା ସାଙ୍ଗକୁ କାଦୁଅ ପରିପୂର୍ଣ୍ଣ ହୋଇ ରହିଛି। ଫଳରେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ରହିଛି। ଅପରପକ୍ଷେ ଗ୍ରାମର ଶୋଭା ବଢ଼ାଇବା ପାଇଁ ନିର୍ମାଣ କରାଯାଇଥିବା ତୋରଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଥିପ୍ରତି ପଞ୍ଚାୟତ, ବ୍ଲକ ପ୍ରଶାସନ କିମ୍ବା ଜଳ ପରିମଳ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଏହି ବାଟ ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଗାଁ ଭିତରକୁ ଯାତାୟାତ କରିଥାଏ। ଏଥିସହ ପ୍ରତିଦିନ ପିଲାମାନେ ବିଦ୍ୟାଳୟକୁ ଯାଇଥାନ୍ତି। ଏହାସତ୍ତ୍ୱେ ରାସ୍ତା ସମସ୍ୟା ଦୂର କରିବା ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଉନାହିଁ। ପ୍ରବେଶ ପଥରେ ନିର୍ମିତ ତୋରଣକାର୍ଯ୍ୟ ଅଧାରୁ ବନ୍ଦ ରହିଛି। ତୋରଣ ପାଖକୁ ଲାଗି ଥିବା ପୁରାତନ ନଳକୂପର ପାଣି ପ୍ରତିଦିନ ଦୁଲଣାପୁର ଗାଁ ଭିତରୁ ପଞ୍ଚାୟତ ପର୍ଯ୍ୟନ୍ତ ରାସ୍ତାସାରା ବୋହିଥାଏ। ଏହି ପାଣିରେ ପଚାସଢ଼ା ଆବର୍ଜନା ମିଶି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୁଏ। ବିଭିନ୍ନ କାର୍ଯ୍ୟରେ ପଞ୍ଚାୟତକୁ ଉପରପୁର, ହମିରା, ବାରବାଟୀ, ଇନ୍ଦିରା ଆବାସ ସାହିର ଲୋକେ ଆସିଥାନ୍ତି। ମାତ୍ର ସେମାନେ ରାସ୍ତା ଅତିକ୍ରମ କରିବା ବେଳେ ଦୁର୍ଗନ୍ଧ ଯୋଗୁ ନାକ ବନ୍ଦ କରିବାକୁ ବାଧ୍ୟ ହୁଅନ୍ତି। ଏ ସମ୍ପର୍କରେ ଦୁଲଣାପୁର ସରପଞ୍ଚ ସବିତା ସାହୁଙ୍କୁ ପଚାରିବାରେ ବହୁ ବର୍ଷ ହେବ ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇ ରହୁଛି। କେତେଜଣ ମୁଷ୍ଟିମେୟ ଲୋକଙ୍କ ପାଇଁ ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଆଗାମୀ ଦିନରେ ଗୋଟିଏ ପ୍ରକଳ୍ପ କରାଯାଇ ନଳକୂପ ପାଣିକୁ ଡ୍ରେନେଜ କରି ପୋଖରୀକୁ ଛଡାଯିବ ବୋଲି ସେ କହିଛନ୍ତି।

# ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

**କଟକ,୨୩।୧୦(କାର୍ତ୍ତିକ ସାହୁ):**

କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ହୋଇଥିବା ଏକ ନାବାଳିକା ବଳାତ୍କାର ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ (ଫାଷ୍ଟଟ୍ରାକ୍ କୋର୍ଟ-୧) ୩ଜଣ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଆଦେଶ ଗୁରୁବାର ପ୍ରଦାନ କରିଛନ୍ତି। ଅଭିଯୁକ୍ତମାନେ ହେଲେ ତିର୍ତ୍ତୋଲ ଥାନା ପୋରଗୋଡ଼ଡ଼ିର ସୁଧୀର ମଲ୍ଲିକ (୨୮), ଚାଉଳିଆଗଞ୍ଜ ଥାନା ଗାନ୍ଧିପଲ୍ଲୀ ଅଞ୍ଚଳର ଦୀପୁ ଓରଫ ଦୀପକ ନାୟକ (୩୯) ଓ ଅନୁଗୋଳ ଜିଲା ରେଙ୍ଗାଲି ଥାନା ଅଞ୍ଚଳର ଚନ୍ଦୁ ଓରଫ ବସନ୍ତ ନାୟକ (୩୨)। ଏଥିସହ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ଆଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ସୁଧୀର ଓ ତାଙ୍କ ସହଯୋଗୀମାନେ ଚାଉଳିଆଗଞ୍ଜ ଅଞ୍ଚଳରେ ରହୁଥିବା ନାବାଳିକାକୁ ଭୟଭୀତ କରାଇ ବଳାତ୍କାର କରିଥିଲେ। ସିଡବ୍ଲୁସିଙ୍କ ଅଭିଯୋଗ ଆଧାରରେ ଚାଉଳିଆଗଞ୍ଜ ଥାନାରେ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ୨୦୨୨ ଏପ୍ରିଲ୍ ୧୬ରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଘଟଣା ବର୍ଷକ ତଳେ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଏମ୍.ଏମ୍.ବେଗ୍ ମାମଲା ପରିଚାଳନା କରୁଥିଲେ।

## ଟିଗିରିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଟିଗିରିଆ,୨୩।୧୦(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ସ୍ଥିତ ମହେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଚଳିତ ଶିକ୍ଷାବର୍ଷର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାରେ ଶିଶୁ ମହୋତ୍ସବ ଏକ ବଳିଷ୍ଠ ମାଧ୍ୟମ ବୋଲି ଅତିଥିମାନେ ମତ ପୋଷଣ କରିଛନ୍ତି। ବ୍ଲକ ଶିକ୍ଷାବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ତହସିଲଦାର ଅକ୍ଷୟ କୁମାର ପରିଡା, ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦା, ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ, ଏବିଇଓ ସୌଦାମିନୀ ମିଶ୍ର, ମହେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଇନ୍ଦ୍ରଜିତ ପ୍ରଧାନ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବରୁ ହୋଇଥିବା କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ଲକର ୭ ଟି କ୍ଲଷ୍ଟରରେ ଥିବା ବିଦ୍ୟାଳୟର ୧୪୦ ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଗିରିଆ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ମନସ୍ୱିନୀ ଦାସ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ



କଂଗ୍ରେସରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯାଉଛି ।

**ସାଲେପୁର,୨୩।୧୦(ଅରବିନ୍ଦ ଭୂୟାଁ):**

ସାଲେପୁର ବ୍ଲକ ଅନ୍ତର୍ଗତ ଭାତପଡ଼ାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବରେ ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ସାମାଜିକ କର୍ମୀ ହରିବନ୍ଧୁ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେବାକୁ ସେ କର୍ମୀମାନଙ୍କୁ କହିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଶତପଥୀ ସୌରୀ ପଞ୍ଚାୟତର ଅନ୍ୟଦଳର ସଂଗଠକ ପ୍ରହଲ୍ଲାଦ ବେହେରା, ଜିତେନ୍ଦ୍ର ରାଉତ, ଚିନ୍ମୟ ମହାନ୍ତି, କେଶବ ସ୍ୱାଇଁ, ଭୂପେନ୍ଦ୍ର ଦାସ, ହୃଷୀକେଶ ଦାସ, ରାଧାକାନ୍ତ ଦାସ, ଦେବେନ୍ଦ୍ର ଖଟୋଇ, ଦେବଦତ୍ତ ମଲ୍ଲ, ଦେବ ବେହେରା, ଶୁଭମ୍ ବେହେରା, ସମରଜିତ ଦାସ ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ କଂଗ୍ରେସ ଦଳରେ ସାମିଲ କରିଥିଲେ। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ସୌରୀ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ତାରକା ଚନ୍ଦ୍ର ମିଶ୍ର ଓ ଯୁବ କଂଗ୍ରେସ ନେତା ବୈକୁଣ୍ଠ ନାଥ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଅପରପକ୍ଷେ କଂଗ୍ରେସ ନେତା ଶତପଥୀଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସଂଗଠକ ଓ ନାରୀନେତ୍ରୀମାନେ କଂଗ୍ରେସ ଦଳରେ ସାମିଲ ହୋଇଥିବା ନେଇ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ଶିବୁ ବେହେରା ପୌରୋହିତ୍ୟ କରିଥିଲେ। ସଂଗଠକ ମହମ୍ମଦ ଇଶ୍ରାର ଖାନ, ସନ୍ତୋଷ ରାଉତ, ଜଗନ୍ନାଥ ସାହୁ, ରବୀନ୍ଦ୍ର ଜେନା, ପ୍ରଭାତ କୁମାର ସାହୁ, ଶାହା ଉଦ୍ଦିନ ଖାନ୍‌ଙ୍କ ସମେତ କଂଗ୍ରେସ ଦଳୀୟ କର୍ମକର୍ତ୍ତାମାନେ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

## ବାଛୁରିକୁ ଝାମ୍ପିନେଲା କଲରାପତରିଆ ବାଘ

**ଟିଗିରିଆ, ୨୩।୧୦(ଜାଫର ଖାଁ):**

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ସଂଲଗ୍ନ କରଡ଼ାପଲ୍ଲୀ ବାରମାଣ ଜଙ୍ଗଲ ନିକଟରୁ ଗାଈ ଗୋଠରୁ ଗୁରୁବାର ଏକ ବାଛୁରିକୁ କଲରାପତରିଆ ବାଘ ଝାମ୍ପି ନେଇଥିବା ଚର୍ଚ୍ଚା ହୋଇଛି। ନିକଟସ୍ଥ ଗୋରୁ ଚରାଳି ଓ ଛେଳି ଚରାଉଥିବା ଲୋକ ତାହା ଦେଖିଥିବା କହିଛନ୍ତି। ଏସମ୍ପର୍କରେ ଟିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡାଙ୍କୁ ପଚାରିବାରେ ରାତି ହୋଇଗଲାଣି ଶୁକ୍ରବାର ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ଖବର ଅନୁଯାୟୀ, କରଡ଼ାପଲ୍ଲୀ ଗ୍ରାମର ସେକ ନଶିରଙ୍କ ଗାଈ ଓ ବାଛୁରି ଚରିବାକୁ ଉକ୍ତ ଜଙ୍ଗଲକୁ ଯାଇଥିଲେ। ଅପରାହ୍ନରେ ଗାଈ ଗୋଠ ଘରକୁ ଫେରିବା ବେଳେ ୨ ମାସର ବାଛୁରିକୁ କଲରାପତରିଆ ଝାମ୍ପି ନେଇଛି ବୋଲି ଗାଈ ଚରାଳି ଗାଁକୁ ଫେରି ନଶିରଙ୍କୁ ଜଣାଇଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତି ଭଗବତୀଚରଣଙ୍କ ଅବଦାନ ଅତୁଳନୀୟ



ସିଏମ୍‌ସି ଦ୍ୱାରା ଭଗବତୀ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

**କଟକ,୨୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ ପକ୍ଷରୁ ଗୁରୁବାର ସିଡିଏ ସେକ୍ଟର-୬ସ୍ଥିତ ଭଗବତୀ ପାଣିଗ୍ରାହୀ ଉଦ୍ୟାନରେ ଭଗବତୀଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ସିଏମ୍‌ସି କମିଶନର କିରନଦୀପ କୌର ସହୋତା ଯୋଗଦେଇଥିଲେ। ଭଗବତୀଚରଣ ପାଣିଗ୍ରାହୀ ଜଣେ ସାମ୍ୟବାଦୀ ଚିନ୍ତାଧାରାର ବ୍ୟକ୍ତିତ୍ୱ। ସେ ସାହିତ୍ୟ ମାଧ୍ୟମରେ ସାମ୍ୟବାଦୀ ଚିନ୍ତାଧାରାକୁ ଆଗେଇ ନେଇଥିଲେ। ବାମପନ୍ଥୀ ପ୍ରତି ତାଙ୍କର ଅତୁଟ ବିଶ୍ୱାସ ଥିଲା, ଫଳରେ ସେ ବାମପନ୍ଥୀ ଚିନ୍ତାଧାରାକୁ ଗ୍ରହଣ କରିଥିଲେ। ଏକ ଶୋଷଣମୁକ୍ତ ଓ ଶ୍ରେଣୀହୀନ ସମାଜ ଗଠନ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ସେ ନବଯୁଗ ସାହିତ୍ୟର ପ୍ରବର୍ତ୍ତକ, ସେ ସାହିତ୍ୟ ମାଧ୍ୟମରେ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ଗଡ଼ଜାତ ଆନ୍ଦୋଳନ, କୃଷକ ଆନ୍ଦୋଳନ କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସାହିତ୍ୟ ମାଧ୍ୟମରେ ସମାଜବାଦୀ ଚେତନାକୁ ଆଗେଇ ନେବା ପାଇଁ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କଲା ସଂସଦର ମୁଖପତ୍ର 'ଯୁଗାନ୍ତର'। ସାମ୍ପ୍ରତିକ ପରିସ୍ଥିତିରେ ଭଗବତୀଚରଣ ପାଣିଗ୍ରାହୀଙ୍କ ବ୍ୟକ୍ତିତ୍ୱ ପ୍ରାସଙ୍ଗିକତା ରହିଛି ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ମୋନାଲିଶା ଦାସ, ପ୍ରଦୀପ ରାଉତ, କର୍ପୋରେଟର ଗିତାଞ୍ଜଳି ବେହେରା, ପ୍ରିୟମ୍ବଦା ମହାନ୍ତି, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ସମାଜସେବୀ ଡା. ରବି ରଞ୍ଜନ ସାହୁ, ସିପିଆଇ ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ର, ବରିଷ୍ଠ ଆଇନଜୀବୀ ସୌର ମହାପାତ୍ର, ଡା. ଗୋବିନ୍ଦ ଚାନ୍ଦ, କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ସେହିପରି ସତୀଚଉରାଠାରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସମାଧିପୀଠରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007, Tel.: 2545586/2545852
email: serifedodisha@gmail.com, website: www.serifedodisha.in

**TENDER CALL NOTICE**

**Bid Identification No. VI-11(02)/SERIFED/2025-26/1327/Dt.22.10.2025**
No. CAD-2082: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 No. of work in Khordha district. The bid documents such as DTCN/BOQ etc. can be seen/downloaded from the website: **www.sidacodisha.org.in** during the period Dt.25.10.2025 to 5.00 P.M. upto 29.10.2025. Tender shall be received till 5.00 P.M. on 29.10.2025 & shall be opened at 11.30 A.M. on 30.10.2025. Any addendum/corrigendum/cancellation of tender can also be seen in the said website.
OIPR-31005/11/0021/2526 Sd./- Managing Director

**OFFICE OF THE NOTIFIED AREA COUNCIL, BANKI**
No.2973 dt.22.10.2025
**E-PROCUREMENT NOTICE**
**Bid Identification No. : NAC-BAN-03/2025-26**
**No.C-1310** : The executive Officer, Banki NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.
1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs.2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The Bid documents will be available in the web-site from 11.00 A.M. on dt.24.10.2025 upto 5 P.M. till 06.11.2025 for online bidding.
6. The bid documents will be opened on dt.07.11.2025 at 11.00 A.M.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, NAC Banki
OIPR-13153/11/0007/2526

OFFICE OF THE **DHENKANAL MUNICIPAL COUNCIL, DHENKANAL** No. C-1304
**E-Procurement Notice**
**Tender Call Notice No. 3915/DKLMPLTY / Date: 18.10.2025**
1. Name of the Work : Individual Civil Construction work published the **www.tenderodisha.gov.in** website
2. No. of works put to tender : 3 Nos. of individual works
3. Estimated Cost : Rs.11.00 lakhs to Rs.16.206 lakhs
4. Period of Completion : 90 Days
5. Date and time of availability : From 11.00 hours of Dt.22.10.2025 to 17.30 of Dt.31.10.2025 of bid document in the portal
6. Last date/time for receipt of bids : 17.00 hours of Dt.31.10.2025
7. Date and time of opening of bid : 11.00 hours of Dt.01.11.2025
8. Name and address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-procurement portal **https://tenderorissa.gov.in**.
Sd./- Executive Officer Dhenkanal Municipality
OIPR-13146/11/0048/2526

GOVERNMENT OF ODISHA
"e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, BALLIGUDA**
**TENDER CALL NOTICE**
No.1499, Date 22.10.25
E-mail: eonacballiguda@yahoo.in
Bid Identification No.EO_BLG.N_05_2025-26
**No.C-1312:** The Executive Officer, NAC, Balliguda, Dist-Kandhamal inviting percentage rate bid in online mode for the works as detailed in the table from eligible contractors for civil works as detailed in the table below.
1. Name of Work : As per DTCN
2. No. of Work : 07
3. Tender Cost : As per DTCN
4. Class of Contractor : As per DTCN
5. Period & Time of completion : As per DTCN
6. Available of Bid document in the Website : From Dt.24.10.2025, 3.00 PM to Dt.31.10.2025 Upto 5.00 P.M.
7. Date of Opening of Bid : Dt.01.11.2025 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Executive Officer NAC, Balliguda
OIPR-13097/11/0021/2526

**NATIONAL COMPETITIVE BIDDING THROUGH e-PROCUREMENT**
Tel. No. 06752222092, e-mail id : eerwpuri@gmail.com
**TCN NO. TENDER ONLINE - 09 OF 2025-26**
No.8445 /Dt. 10.10.2025
**No.O-1094** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.
1. Total No. of works : **74 Nos.**, 2. Tender cost of packages : Amount varies from **Rs.5.04 lakh to Rs.42.02 lakh**, 3. Class of contractor : **As per DTCN**, 4. Period of completion : **2 (Two) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 01.30 P.M. | 13.11.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".
Sd./- Superintending Engineer, R.W. Division, Puri
OIPR-25065/11/0029/2526

**MUNICIPAL OFFICE: JEYPORE**
Phone 06854-231098, Fax 06854-230104
ulbjeypore@gmail.com
L. No.4454/JM Date:16.10.2025
**QUOTATION CALL ADVERTISEMENT**
**No.C-:** Sealed quotations as per the prescribed format in the quotation call notice are hereby invited from reputed agencies/ Firms/Contractors having experience in
**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality."**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website i.e. www.jeyporemunicipality.in |
| Quotation Paper Sale Start Date | 18.10.2025 11.00 hours onwards |
| Quotation Paper Sale End Date | 27.10.2025 upto 17.00 hours |
| Submission Deadline | 31.10.2025 upto 14.00 hours |
| Opening of Quotation | 31.10.2025 at 16.00 hours |
| Paper Cost (INR) | Rs.600/- |
| Security Deposit (INR) | Rs.5000/- |

Sd./- Executive Officer Jeypore Municipality
OIPR-13079/11/0070/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR**
E-mail: mi2_exe.engr@yahoo.co.in, Ph. No.: 0680-2290475
No. A-758 GOVERNMENT OF ODISHA
**e-PROCUREMENT NOTICE**
**Bid Identification No. GMID-II/07/2025-26**
Ltr. No. 4476 Date: 16.10.2025
Name of Work : Civil Construction Works
No. of Works : 21 (Twenty One) Nos.
Estimated Cost : Rs.4.58 lakh to 30.89 lakh
Tender Paper Cost : Rs.6000.00 (for estimated cost above 10.00 lakh) Rs.4000.00 (for estimated cost below 10.00 lakh) Rs.2000.00 (for estimated cost below 5.00 lakh)
Period of Completion : 02 (Two) to 03 (Three) Calendar Months
Class of Contractor : "D", "C" & "B"
Availability of bid documents : From 20.10.2025 at 10.00 A.M. to 30.10.2025 upto 5.00 P.M. in website **(www.tendersorissa.gov.in)**
Period of Receipt of bid through Online : From 20.10.2025 at 10.00 A.M. to 30.10.2025 upto 5.00 P.M. through Online.
Mode of Payment : Online
Date of Opening of Bid documents : Dtd. 31.10.2025 at 11.30 A.M.
Date of Lottery (if required) : Shall be intimated through website and E-mail specified for the purpose in e-tendering process
Digital Signature Certificate of Bidder : The bidder must possess compatible Digital Signature Certificate (DSC) of Class-II or Class-III
The detail tender call notice can also be seen in the DOWR website: **http://dowrorissa.gov.in**
Name & Address of the OIT : Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 E-mail:**mi2_exe.engr@yahoo.co.in**
Further details can be seen from the E-Procurement market place : **http://tendersorissa.gov.in**
Sd./- Superintending Engineer M.I. Division, Ganjam-II, Berhampur
OIPR-32043/11/0034/2526

ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ
ମୋତିଝରନ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧
ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩
ଇମେଲ୍-dfohirakudwl.od@gov.in
**QUOTATION CALL NOTICE**
**No. 81 Dt. 16.10.2025**
**No.MM**-Sealed quotations are invited from intending Architectural Firms/Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur.
Interested and eligible participants having experience in similar nature of work are invited to submit the Detailed Project Report only, which shall include preparation of estimates, drawings and designs (AutoCAD soft copy and 3D views), bill of quantities, detailed technical specifications of materials to be used in the work, including analysis of labour and material components, etc., as per the current Schedule of Rates of the State PWD, Government of Odisha.

| Item | Quantity | Quoted Price | Cost of Tender Paper | EMD money to be deposited |
|---|---|---|---|---|
| 1 | 2 | 3 | 4 | 5 |
| Architectural Firms / Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur | 01 (One) | Scale of Fees to be quoted by Consultant as percentage (%) | 3,540/- (non-refundable) | 75,000/- |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.19.10.2025, 10.00 AM to dt.28.10.2025, 4.00 PM** (during office hours).
2. Receiving of Quotation Papers will from **Dt.19.10.2025, 10.00 AM to dt.28.10.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur.
3. The Sealed quotation papers shall be opened on **Dt.29.10.2025 at 11.30 AM for Technical Evaluation and dt.30.10.2025 at 11.30 AM for Financial Evaluation.**
4. The Successful firm/bidder shall be submitting the Detailed Project Report (Plan, Design & Estimate) on or before **15.11.2025** positively.
Sd/- Divisional Forest Officer Hirakud Wildlife Division, Sambalpur
OIPR-08078/11/0008/2526

**ନୟାହାଟରୁ ଚୋରି ସ୍କୁଟି କଟକରୁ ଜବତ**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ନୟାହାଟ ବଜାରରୁ ଗତ ୧୪ ତାରିଖରେ ଚୋରି ହୋଇଥିବା ଏକ ସ୍କୁଟିକୁ ଗୁରୁବାର ରାତି ୮ଟା ବେଳେ ନୟାହାଟ ଫାଣ୍ଡି ଅଧିକାରୀ କଟକ ସଦର ଥାନା ଅଞ୍ଚଳରୁ ଜବତ କରିଛନ୍ତି। ନୟାହାଟ ବଜାରର ସିମେଣ୍ଟ ବ୍ୟବସାୟୀ କୈଳାସ ନାୟକଙ୍କ ଦୋକାନରୁ ଦୁଇଟି ମୋବାଇଲ, ନଗଦ ୧୬୦୦ ଟଙ୍କା ଏବଂ ଏକ ସ୍କୁଟି (ନଂ. ଓଡ଼ି ୦୨ ବି ୬୪୭୭)କୁ ଦୁର୍ବୃତ୍ତ ଚୋରି କରିନେଇଥିଲେ। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ୮ ଦିନ ପରେ ଚୋରି ସ୍କୁଟିକୁ ଜବତ କରିଛନ୍ତି।

# ଉଠିଗଲେ ସରପଞ୍ଚ, ସମିତି ସଭ୍ୟ: ବୈଠକ ଅଧାରୁ ବନ୍ଦ

ପିପିଲି,୨୩।୧୦(ଦୁର୍ଗାମାଧବ ମିଶ୍ର)

ପିପିଲି ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତେବେ ହୋହଲ୍ଲା ଯୋଗୁ ବୈଠକ ମଝିରେ ବିଜେଡି ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସରପଞ୍ଚ ଓ ସମିତିସଭ୍ୟାସଭ୍ୟମାନେ ଉଠି ଚାଲିଯାଇଥିଲେ। ଫଳରେ ବୈଠକ ଅଧାରୁ ବନ୍ଦ ରହିଥିଲା।



ବୈଠକରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟ ଅତିଥି ।

ସୂଚନା ଅନୁଯାୟୀ, 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପରେ କାମ ହେବା ପାଇଁ ବିଭିନ୍ନ ପଞ୍ଚାୟତକୁ ଅର୍ଥରାଶି ଆସିଥିବାବେଳେ ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ କାମ ଭାଗବଣ୍ଟାକୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ଲାଗିରହିଥିଲା। ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ୬୦ ପ୍ରତିଶତ କାର୍ଯ୍ୟ କରିବେ ଏବଂ ବିଧାୟକ ୪୦ ପ୍ରତିଶତ କାର୍ଯ୍ୟ ବାଣ୍ଟିପାରିବେ ବୋଲି ପୂର୍ବରୁ ଆଲୋଚନା ହୋଇଥିଲା। ତେବେ ଏହି କଥାକୁ ଶାସକ ଦଳର ସଦସ୍ୟମାନେ ନ ମାନି ସରକାରରେ ଥିବା କହି ଚାପ ପ୍ରୟୋଗ କରି ସମସ୍ତ ଯୋଜନାର କାମ କରିବାକୁ ନେଇ ବୈଠକରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ବିରୋଧୀଦଳର ସଦସତାଙ୍କ ଭାଗ ମୁତାବକ କାମ କରିବା ପାଇଁ ଜିଦ୍ ଧରିଥିଲେ। ଏହାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବୈଠକରେ ପାଟିତୁଣ୍ଡ ହୋଇଥିଲା। ବିଜେଡି ସର୍ମଥକମାନେ ଅଧାରୁ କକ୍ଷତ୍ୟାଗ କରିଥିଲେ।

ସୂଚନା ଥାଉ କି, ୩ମାସ ତଳେ ଏହି କାମକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସର୍ମଥକମାନେ ବିଡିଓଙ୍କ କାର୍ଯ୍ୟାଳୟ

**ପିପିଲି ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା**

ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବ କଥାର ବିଚାର କରିବା ପାଇଁ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ଉପସ୍ଥିତିରେ ବିଡିଓ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଗୁରୁବାର ପଞ୍ଚାୟତ ସମିତି ବୈଠକରେ ସେହି ଆଲୋଚନାକୁ ନେଇ କଥା କଟାକଟି ଓ ହୋହଲ୍ଲା ହୋଇଥିଲା। ଶାସକ ଦଳର ସଦସ୍ୟମାନେ ଏସବୁ କାମ ତାଙ୍କ ସମର୍ଥକମାନେ କରିବା ପାଇଁ ଜିଦ୍ ଧରିଥିବାବେଳେ ବିରୋଧୀ ଦଳର ସଦସ୍ୟମାନେ ପଞ୍ଚାୟତ ସମିତି ଦଖଲରେ ଥିବାରୁ ତାଙ୍କ ଭାଗ ମୁତାବକ କାମ କରିବାକୁ ଅଡ଼ିବସିଥିଲେ। କିଛି ସମୟ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ତଥା ହୋହଲ୍ଲା ହୋଇଥିଲା। ବିଡିଓ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା କୌଣସି ସମାଧାନ ବାହାରି ନ ଥିଲା। ଫଳରେ ବାଧହୋଇ ବୈଠକକୁ ଅଧାରୁ ବନ୍ଦ ରଖିବାକୁ ପଡ଼ିଥିଲା। ବୈଠକରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ବିଡିଓ ସରୋଜ କୁମାର ରାଉତ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ବୈଠକ ଅଧାରୁ ବନ୍ଦ ହେବା ପରେ ପିପିଲି ନିର୍ବାମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

## ଯମେଶ୍ୱରଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କଲେ ଶ୍ରଦ୍ଧାଳୁ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରୁ ଶ୍ରୀକ୍ଷେତ୍ରରେ ଭ୍ରାତୃ ଦ୍ୱିତୀୟା ବା ଯମ ଦ୍ୱିତୀୟା ଭାବେ ପାଳନ କରାଯାଇଥାଏ। ଗୁରୁବାର ଶୁକ୍ଳ ଦ୍ୱିତୀୟା ତିଥି ଅବସରରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରେ ଅଗ୍ରଜ ପ୍ରଭୁ ଯମେଶ୍ୱରଙ୍କ ମନ୍ଦିରରେ ହବିଷିଆଳିଙ୍କ ସହ ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଛନ୍ତି। ପ୍ରଭୁ ଯମେଶ୍ୱରଙ୍କୁ ଯନ୍ତ୍ରରାଜ ଯମଙ୍କ ଈଶ୍ୱର ବୋଲି ବିବେଚନା କରାଯାଇଥାଏ। ଏହି ଦିନ ଯମେଶ୍ୱର ତଥା ଯମ ଦେବତାଙ୍କ ଉପାସନା କଲେ ଏବଂ ଦର୍ଶନ କଲେ ମୃତ୍ୟୁ ବେଳକୁ ଯମ ଯାତନା ମିଳି ନ ଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଭ୍ରାତୃ ଦ୍ୱିତୀୟା ଉପଲକ୍ଷେ ସେବାୟତ ଘରଗୁଡ଼ିକରେ ସ୍ୱତନ୍ତ୍ର ତଥା ନିଆରା ପରମ୍ପରା ଦେଖିବାକୁ ମିଳିଥିଲା। ଏହିଦିନ ସେବାୟତ ପରିବାରରେ ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଷ୍ଟାନ୍ନ ଖୁଆଇ ସନ୍ତୁଷ୍ଟ କରିବାର ପରମ୍ପରା ରହିଛି। ପୌରାଣିକ ମତବାଦ ଅନୁଯାୟୀ, ସ୍ୱୟଂ ଯମରାଜଙ୍କ ଭଉଣୀ ଯମୁନା ତାଙ୍କ ଭାଇ ଯମଙ୍କୁ ଏହିଦିନ ମିଷ୍ଟାନ୍ନ ଖୁଆଇଥିଲେ।

**ସେବାୟତ ପରିବାରରେ ପାଳନ ହେଲା ଭ୍ରାତୃ ଦ୍ୱିତୀୟା**

ଏହି ଅବସରରେ ଗୁରୁବାର ଯମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଭକ୍ତଙ୍କ ଭିଡ଼ ହୋଇଥିଲା। ଭଉଣୀମାନେ ପ୍ରଭୁ ଯମେଶ୍ୱରଙ୍କୁ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସିଥିଲେ। ଯମେଶ୍ୱରଙ୍କ ପୀଠରେ ଏହା ଏକ ପ୍ରମୁଖ ପର୍ବ। ଏଥିପାଇଁ ଭୋରରୁ ଯମେଶ୍ୱର ମନ୍ଦିରର ଦ୍ୱାର ଖୋଲାଯାଇ ଠାକୁରଙ୍କ ବିଭିନ୍ନ ନୀତି କରାଯାଇଥିଲା। ସମସ୍ତ ରୀତିନୀତି ସମ୍ପନ୍ନ ପରେ ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ଏଥିସହ ଯମଙ୍କ ମୂର୍ତ୍ତିନିକଟରେ ବେଣ୍ଟମୁଆଁ, କଦଳୀ, ଖଇକୋରା ଆଦି ଭୋଗ କରାଯାଇଥିଲା। ହବିଷିଆଳିମାନେ ସ୍ୱର୍ଗପ୍ରାପ୍ତି ଆଶାରେ ପ୍ରଭୁ ଯମେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସର ଅଶ୍ୱତ୍ଥ ବୃକ୍ଷ ମୂଳେ ନିଶୁଣି ଚିତ୍ର ଆଙ୍କି ଯମେଶ୍ୱରଙ୍କ ଆରରଧନା କରୁଥିବା ଦେଖିବାକୁ ମିଳିଥିଲା।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଲୁଟ୍

ନିମାପଡ଼ା,୨୩।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ରେଘାଳ ଗ୍ରାମର ରାକେଶ କୁମାର ବାରିକ ନାମକ ଯୁବକ ତାଙ୍କର ଦୁଇଜଣ ସମ୍ପର୍କୀୟଙ୍କ ସହ ବୁଧବାର ରାତିରେ ନିମାପଡ଼ା ବଜାରରୁ ବାଇକରେ ଫେରୁଥିବା ବେଳେ ଅଲଣ୍ଡି ଛକଠାରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଗ୍ରାମର ବଳରାମ ବେହେରା ଓ ସହଯୋଗୀମାନେ ରାକେଶ ଓ ତାଙ୍କ ସମ୍ପର୍କୀୟଙ୍କୁ ରାସ୍ତାରେ ଅଟକାଇବା ପରେ ସଂଘବଦ୍ଧ ଭାବେ ଏକ ଲୁହାରଡ଼ରେ ରାକେଶଙ୍କୁ ମାଡ଼ ମାରିଥିଲେ। ଏପରିକି ସେମାନେ ରାକେଶଙ୍କ ବାଇକକୁ ଲୁହା ରଡ଼ରେ ପିଟି ଭଙ୍ଗାରୁଜା କରିବା ସହ ଏକ ସୁନାଚେନ, ସୁନା ବ୍ରେସଲେଟ, ଓ ଏକ ଦାମିକା ଘଣ୍ଟା ଛଡାଇନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏହି ଆକ୍ରମଣରେ ରାକେଶ ଗୁରୁତର ଭାବେ ଆହତ ହୋଇ ନିମାପଡ଼ା ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ରାକେଶଙ୍କ ବାପା ପ୍ରକାଶ ଚନ୍ଦ୍ର ବାରିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅତି ସଙ୍ଗିନ ଦଫାରେ ଏକ କେସ୍ (ନମ୍ବର ୩୨୬/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୁଖ୍ୟ ଆକ୍ରମଣକାରୀ ଯୁବକ ବଳରାମ ବେହେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପୂର୍ବବିବାଦ ଓ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ସୂତ୍ରରୁ ଜଣାପଡିଛି. ଏହି ଘଟଣାକୁ ନେଇ ଗ୍ରାମରେ ଉଭୟ ପରିବାର ବର୍ଗଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

## ପୋଲିସ ହାବିଲଦାର ଓ କନଷ୍ଟେବଲ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଲାଇନ୍ ଠାରେ ବୁଧବାର ଓଡ଼ିଶା ପୋଲିସ ହାବିଲଦାର ଓ କନଷ୍ଟେବଲ ଆସୋସିଏଶନ୍ ପୁରୀର ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏସ୍‌ପି ପ୍ରତୀକ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାବିଲଦାର ଓ କନଷ୍ଟେବଲମାନଙ୍କ ନିରନ୍ତର କାର୍ଯ୍ୟକୁ ପ୍ରଂଶସା କରିଥିଲେ। ଆସୋସିଏଶନ୍‌ର ପୁରୀ ଶାଖା ଅଧ୍ୟକ୍ଷ ସନ୍ତୋଷ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ସନ୍ତୋଷ ସାହୁ, ସଚିବ ସୂର୍ଯ୍ୟପ୍ରତାପ ଜେନା, କୋଷାଧ୍ୟକ୍ଷ ଦିଲିପ ଭୋଇଙ୍କ ସହ ନିର୍ବାଚିତ ସଦସ୍ୟ ବଳରାମ ମଲ୍ଲିକ, ହେମନ୍ତ ସାହୁ, ଗୋଲେଖ ସାହୁ ଏବଂ ଆରତି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୋଲିସ କର୍ମଚାରୀଙ୍କ ଉନ୍ନତି ସହିତ ସଂଗଠନର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା।

## ଭକ୍ତଙ୍କଠାରୁ ଚାନ୍ଦା ଆଦାୟ ଅଭିଯୋଗ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ସୁନା ଦର ଉପରେ ଗ୍ରାହକଙ୍କ ନଜର ରହିଥିବାବେଳେ ଗୁରୁବାର ସୁନା ଓ ରୁପା ଦରରେ ସାମାନ୍ୟ ହ୍ରାସ ହୋଇଛି। ମାତ୍ର ପ୍ଲାଟିନମରେ ଦର କିଛି ମାତ୍ରାରେ ବୃଦ୍ଧି ହୋଇଛି। ବୁଧବାର ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୧,୨୫,୮୯୦ ଟଙ୍କା ଥିବାବେଳେ ଗୁରୁବାର ଏଥିରେ ୮୧୦ଟଙ୍କା ହ୍ରାସ ହୋଇ ୧,୨୫,୦୮୦ ଟଙ୍କାରେ ପହଞ୍ଚିଛି। ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୧,୧୫,୪୫୦ଟଙ୍କା ଥିବାବେଳେ ଗୁରୁବାର ଏଥିରେ ୭୫୦ ଟଙ୍କା ହ୍ରାସ ହୋଇ ୧,୧୪,୬୫୦ଟଙ୍କାରେ ପହଞ୍ଚିଛି। ୧୮ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୯୪,୪୨୦ ଟଙ୍କା ଥିବାବେଳେ ଗୁରୁବାର ଏଥିରେ ୬୧୦ ଟଙ୍କା ହ୍ରାସ ହୋଇ ୯୩,୪୨୦ ଟଙ୍କାରେ ପହଞ୍ଚିଛି। ରୁପା ଦରରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଛି। କିଲୋଗ୍ରାମ ପ୍ରତି ରୁପା ଦର ୧,୭୫,୦୦୦ଟଙ୍କା ଥିବାବେଳେ ଏଥିରେ ୧,୦୦୦ ହ୍ରାସ ହୋଇ ଏହାର ଦର ୧,୭୪,୦୦୦ଟଙ୍କା ରହିଛି। ଅନ୍ୟପଟେ ପ୍ଲାଟିନମ୍ ଦରରେ ୨୫୫୦ଟଙ୍କା ବୃଦ୍ଧି ହୋଇଛି। ଫଳରେ ବୁଧବାର ୧୦ଗ୍ରାମ୍ ପିଛା ପ୍ଲାଟିନମ୍ ଦର ୪୩୨୨୦ ଟଙ୍କାରୁ ବୃଦ୍ଧି ପାଇ ୪୫୭୭୦ ଟଙ୍କାରେ ପହଞ୍ଚିଛି।

# ୧୮ ପରିବାର ପାଇଁ ରୁଫ୍ ଟପ୍ ସୋଲାର ବ୍ୟବସ୍ଥା

## କୁରୁଜଙ୍ଗରେ ଟିପିସିଓଡିଏଲ୍‌ର ପଦକ୍ଷେପ

ଭୁବନେଶ୍ୱର,୨୩।୧୦



ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ପିଏମ୍ ସୂର୍ଯ୍ୟଘର: ମୁଫ୍ତ ବିଜ୍‌ଲି ଯୋଜନାର ୟୁଟିଲିଟି ଲେଡ୍ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ ଅଧୀନରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି। ଗ୍ରାମୀଣ ପରିବାରମାନଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଓ ଶସ୍ତା ଶକ୍ତି ଯୋଗାଇବା ସହ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସ୍ଥାପନ ଏହାର ଲକ୍ଷ୍ୟ ରହିଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ ସାଲେପୁର ଡିଭିଜନ ଅନ୍ତର୍ଗତ କୁରୁଜଙ୍ଗ ପ୍ରଥମ ଗ୍ରାମ ଭାବେ ଉପକୃତ ହୋଇଛି, ଯେଉଁଠାରେ ୧୮ଟି ପରିବାର ପ୍ରତ୍ୟେକ ୮୭୬୪ ଟଙ୍କା ମୂଲ୍ୟରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିଛନ୍ତି। ଏଥିରେ ୧ କିଲୋୱାଟର ସଂଯୋଗ ପାଇଁ ୫୦୦୦ ଟଙ୍କା ଓ ୩୭୬୪ ଟଙ୍କାର ଏକ ଅତିରିକ୍ତ ସୋଲାର ମିଟର ଚାର୍ଜ ଓ ମାଗଣାରେ ନେଟ୍ ମିଟର ସ୍ଥାପନ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ଗାଁର ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ; ହେବା ସହ ପାୱାର ଗ୍ରୀଡ୍ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ବିଦ୍ୟୁତ୍ ଖର୍ଚ୍ଚ କମ୍ କରିବାରେ ସାହାଯ୍ୟ କରିଛି। ୧ କିଲୋୱାଟର ସୌର ପ୍ଲାଣ୍ଟ ପ୍ରତି ମାସରେ ପ୍ରାୟ ୧୦୦ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିପାରିବ, ଯାହା ପରିବାରକୁ ବାର୍ଷିକ ପ୍ରାୟ ୫୦୦୦ ଟଙ୍କାର ସଞ୍ଚୟ କରିବାକୁ ସକ୍ଷମ କରିବ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି , ୟୁଏଲ୍‌ଏ ମଡେଲ ମାଧ୍ୟମରେ, ଆମେ ଗ୍ରାମୀଣ ପରିବାରଗୁଡ଼ିକୁ ଦୀର୍ଘସ୍ଥାୟୀ ଏବଂ କମ୍ ଖର୍ଚ୍ଚରେ ସୌରଶକ୍ତି ସମାଧାନ ଗ୍ରହଣ କରିବାକୁ ସକ୍ଷମ କରୁଛୁ। ପିଏମ୍ ସୂର୍ଯ୍ୟଘର: ମୁଫ୍ତ ବିଜ୍‌ଲି ଯୋଜନା ଅଧୀନରେ କୁରୁଜଙ୍ଗ ଗ୍ରାମର ସଫଳତା ସବୁଜ ଶକ୍ତିର ବର୍ଦ୍ଧିତ ଗ୍ରହଣୀୟତା ଏବଂ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଓଡ଼ିଶା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ୭ରୁ ଭୁବନେଶ୍ୱରରେ ଇଣ୍ଡିଆନ ରୋଡ୍ କଂଗ୍ରେସ ଅଧିବେଶନ

ଭୁବନେଶ୍ୱର,୨୩।୧୦
(ରବିନାରାୟଣ ଜେନା)

ଓଡ଼ିଶାରେ ଷଷ୍ଠଥର ପାଇଁ ଇଣ୍ଡିଆନ ରୋଡ୍ କଂଗ୍ରେସ(ଆଇଆର୍‌ସି) ଆୟୋଜନ ହେବାକୁ ଯାଉଛି। ପୂର୍ବରୁ ଓଡ଼ିଶା ୧୯୫୪, ୧୯୮୨, ୧୯୯୪, ୨୦୦୫ ଏବଂ ୨୦୧୫ରେ ସଫଳତାର ସହିତ ୫ଟି ଆଇଆର୍‌ସି ଅଧିବେଶନ ଆୟୋଜନ କରିଥିବାବେଳେ ଷଷ୍ଠ ଥର ପାଇଁ ଜନତାମଇଦାନରେ ଆଇଆର୍‌ସିର ବାର୍ଷିକ ଅଧିବେଶନ ଆୟୋଜନ ହେବାକୁ ରହିଛି ବୋଲି ନିର୍ମାଣ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗୁରୁବାର ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଅଧିବେଶନ ପରିଚାଳନା ପାଇଁ ୧୮ଟି କମିଟି ଗଠନ କରାଯାଇଛି। ରାଜ୍ୟ ବାହାର ପ୍ରତିନିଧିମାନଙ୍କ ରହଣି ପାଇଁ ଓଡ଼ିଶା ଟୁରିଜମ୍ ଡେଭଲପମେଣ୍ଟ କର୍ପୋରେଶନ(ଓଟିଡିସି) ପକ୍ଷରୁ ଭୁବନେଶ୍ୱରର ୯୦୦ ହୋଟେଲ ରୁମ୍ ଚିହ୍ନଟ କରାଯାଇଛି। ଏହାବ୍ୟତୀତ ଅଧିବେଶନ ନିକଟରେ ଅବସ୍ଥିତ ବିଭିନ୍ନ ହୋଟେଲରେ ୧୫୦ଟି ରୁମ୍ ଭିଭିଆଇପି ଓ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଆଇଆର୍‌ସିର ଅଧିକାରୀଙ୍କ ପାଇଁ ସଂରକ୍ଷିତ କରାଯାଇଛି।

# ବାତ୍ସଲ୍ୟ ସଦନ ପାଇଁ ମିଳୁନି ଜମି

## ତ୍ୱରିତ୍ ପଦକ୍ଷେପ ଲାଗି ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୧୦
(ରବିନାରାୟଣ ଜେନା)

ପ୍ରତ୍ୟେକ ଶିଶୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ଏବଂ ସବୁ ପ୍ରକାର ସୁରକ୍ଷା ଯୋଗାଇଦେବା ପାଇଁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ (ଏମ୍‌ଡବ୍ଲ୍ୟୁସିଡି) ପକ୍ଷରୁ 'ବାତ୍ସଲ୍ୟ ସଦନ' ଯୋଜନାରେ ଓଡ଼ିଶାକୁ ୨୩ଟି ବାତ୍ସଲ୍ୟ ସଦନ ମଞ୍ଜୁର ହୋଇଛି। ହେଲେ ଏଯାଏ ୫ଟି ସଦନ ପାଇଁ ଜମି ମିଳିପାରୁନାହିଁ। ତୁରନ୍ତ ସମ୍ପୃକ୍ତ ଜିଲାରେ ଜମି ଯୋଗାଇ ଦେବା ଲାଗି ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଡ. ଶୁଭା ଶର୍ମା ସମ୍ପୃକ୍ତ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଭର୍ନିଂ ବଡି ବୈଠକର ସୂଚନା ଅନୁଯାୟୀ, ୯ଟି ଜିଲାରେ ସଦନ ପାଇଁ ଜମି ପଟ୍ଟା ଯୋଗାଡ଼ ହୋଇସାରିଛି। ସେଥିମଧ୍ୟରେ ବଲାଙ୍ଗୀର, ଗଜପତି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ନବରଙ୍ଗପୁର ଓ ରାୟଗଡ଼ା ଜିଲା ରହିଛି। ସେହିପରି ୮ଟି ଜିଲାରେ ଜମି ଚିହ୍ନଟ ହୋଇ ଜମି ପଟ୍ଟା ହସ୍ତାନ୍ତର ପ୍ରକ୍ରିୟା ଭିତରେ ରହିଥିବାବେଳେ ଅବଶିଷ୍ଟ ୫ ଜିଲାରେ ଏପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇପାରିନାହିଁ। ପ୍ରମୁଖ ସଚିବ ତୁରନ୍ତ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ତଥ୍ୟ ଅନୁଯାୟୀ, ଏହି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ କାର୍ଯ୍ୟକାରୀ ହେବ। କେନ୍ଦ୍ର ୬୦% ଏବଂ ରାଜ୍ୟ ୪୦% ଅର୍ଥ ଯୋଗାଇବ। ଯଦି ସମୟ ଭିତରେ ଯୋଜନା କାର୍ଯ୍ୟକାରୀ ନ ହୁଏ ତେବେ କେନ୍ଦ୍ର ସହାୟତା ମିଳିବାରେ ଅନ୍ତରାୟ ସୃଷ୍ଟି ହୋଇପାରେ। ଯୋଜନାକୁ କାର୍ଯ୍ୟକାରୀ ଲାଗି ଯଦି ଅଧିକ ଅର୍ଥର ଆବଶ୍ୟକ ପଡ଼େ ତେବେ ରାଜ୍ୟ ନିଜସ୍ୱ ବଜେଟରୁ ଦେଇପାରିବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବାତ୍ସଲ୍ୟ ସଦନ ପାଇଁ ଜମି ଯୋଗାଇବା ଲାଗି ପ୍ରମୁଖ ସଚିବ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।

ସୂଚନାଯୋଗ୍ୟ, ଶିଶୁମାନଙ୍କୁ ସୁରକ୍ଷା ଯୋଗାଇବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବାତ୍ସଲ୍ୟ ଯୋଜନାକୁ ଠିକଣା ଭାବେ କାର୍ଯ୍ୟକାରୀ କରିବା ଲାଗି ୨୦୨୨ରୁ ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାର ଯେଭଳି ଯୋଜନାର କାର୍ଯ୍ୟକାରୀ କରିବେ ସେନେଇ ମନ୍ତ୍ରଣାଳୟର ଯୁଗ୍ମସଚିବ ଇନ୍ଦ୍ର ମାଲୋ ସ୍ପଷ୍ଟ ଦର୍ଶାଇଛନ୍ତି। ଏଥିରେ ଶିଶୁମାନଙ୍କୁ ସବୁ ପ୍ରକାର ସୁରକ୍ଷା ଯୋଗାଇବା ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଥିବା ମାର୍ଗଦର୍ଶିକାରୁ ଜଣାଯାଇଛି।

# ଏସ୍‌ଆଇଆର୍ ପ୍ରସ୍ତୁତି ଚୂଡ଼ାନ୍ତ କର

## ରୁଦ୍ଧଦ୍ୱାର ବୈଠକରେ ୫ ସିଇଓଙ୍କୁ ନିର୍ବାଚନ କମିଶନଙ୍କ ମନ୍ତ୍ରଣା

ଭୁବନେଶ୍ୱର/ନୂଆଦିଲ୍ଲୀ, ୨୩।୧୦(ସୁନିତ୍ ମିଶ୍ର/ପି.ଟି.)

୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସ୍ତୁତି ଚୂଡ଼ାନ୍ତ କରିବାକୁ ଗୁରୁବାର ନିର୍ବାଚନ କମିଶନ (ଇସି) ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ମ୍ୟାନେଜମେଣ୍ଟରେ ଚାଲିଥିବା ୨ ଦିନିଆ ସିଇଓ ସମ୍ମିଳନୀ ଗୁରୁବାର ଶେଷ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ କମିଶନର ସୁଖବୀର ସିଂହ ସାନ୍ଧୁ, ବିବେକ ଜୋଷୀଙ୍କ ସମେତ ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସିଇଓ ଯୋଗଦେଇଥିଲେ। ସେହି କ୍ରମରେ ଓଡ଼ିଶାର ସିଇଓ ଆର୍.ଏସ୍. ଗୋପାଲନ୍, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ସିଇଓମାନଙ୍କୁ ସେମାନଙ୍କ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗର ବରିଷ୍ଠ ଅଧିକାରୀଙ୍କ ଏସ୍‌ଆଇଆର ପ୍ରକ୍ରିୟା ଉପରେ ଉପସ୍ଥାପନା ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଏହି ସମ୍ମିଳନୀରେ ରଖାଯାଇଛି। ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ବିଗତ ଏସ୍‌ଆଇଆର୍ ଅନୁଯାୟୀ ବର୍ତ୍ତମାନର ଭୋଟରଙ୍କୁ ପୂର୍ବ ଭୋଟରମାନଙ୍କ ଅନୁସାରେ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଛନ୍ତି। ରୁଦ୍ଧଦ୍ୱାର ବୈଠକରେ ନିର୍ବାଚନ ହେବାକୁ ଥିବା ଆସାମ, ତାମିଲନାଡ୍ରୁ, ପୁଡୁଚେରୀ, କେରଳ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଆୟୋଗ ଆଲୋଚନା କରିଛନ୍ତି।



ଗୁରୁ ତେଗ୍ ବାହାଦୁରଙ୍କ ୩୫୦ତମ ଶହୀଦ ଦିବସରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଗୁରୁବାର ଲୋକସେବା ଭବନରେ ନିମନ୍ତ୍ରଣ କରୁଛନ୍ତି ପଞ୍ଜାବ ମନ୍ତ୍ରୀ ହରପାଲ ସିଂ ଚୀମା ଓ ଲାଲଚନ୍ଦ କଟାରୁଚକ୍।

# ବିକ୍ରମଙ୍କ ଗିରଫ ପରେ ଅଡୁଆରେ ଗଞ୍ଜାମ ବିଜେଡି

ବ୍ରହ୍ମପୁର,୨୩।୧୦
(ଅଶୋକ କୁମାର ସାହୁ)

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ବୁଧବାର ଗଞ୍ଜାମ ବିଜେଡିର ମଙ୍ଗ ଧରିଥିବା ଜିଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଜେଲ୍ ପଠାଇଛି। ଗଞ୍ଜାମରେ ବିଜେଡି ଦୀର୍ଘଦିନ ପରେ ଜଣେ ଯୁବ ନେତାଙ୍କ ଉପରେ ଭରସା କରି ବିକ୍ରମଙ୍କୁ ଜିଲା ଦାୟିତ୍ୱ ଦେଇଥିଲା। ବର୍ତ୍ତମାନ ତାଙ୍କ ଗିରଫଦାରି ପରେ ଗଞ୍ଜାମ ବିଜେଡିରେ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ଦେଖିବାକୁ ଗଲେ ପୂର୍ବରୁ ବିଜେଡି ବହୁ ବିଶୃଙ୍ଖଳିତ ନେତାଙ୍କୁ ନିଲମ୍ବନ କରିଥିବା ନଜିର ରହିଛି। ବିକ୍ରମଙ୍କ ଉପରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିକ୍ରମଙ୍କ ମାମଲା ଅଦାଲତ ବିଚାର କରିବେ। ତେବେ ସୋସିଆଲ ମିଡିଆରେ ଏହି ଘଟଣା ଯେଭଳି ଭାଇରାଲ ହେବାରେ ଲାଗିଛି, ତାହା ବିକ୍ରମଙ୍କ ରାଜନୈତିକ କ୍ୟାରିୟରରେ ଦାଗ ଲଗାଇପାରେ ବୋଲି କୁହାଯାଉଛି।

୨୦୨୪ ନିର୍ବାଚନ ପୂର୍ବରୁ ଗଞ୍ଜାମ ଜିଲାର ଗୋପାଳପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ନିର୍ବାଚିତ ହୋଇ ଆସୁଥିବା ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି ବହିଷ୍କାର କରିବା ପରେ ଦଳର ମୁଖିଆ ସେଠାକାର ଦାୟିତ୍ୱ ବିକ୍ରମଙ୍କ ହାତରେ ନ୍ୟସ୍ତ କରିଥିଲେ। ପରେ ସେଠାରୁ ଟିକେଟ ପାଇ ବିକ୍ରମ ପରାସ୍ତ ହୋଇଥିଲେ। କେବଳ ବିକ୍ରମ ନୁହନ୍ତି, ଜିଲାର ଅନେକ ଟାଣୁଆ ନେତା ନିର୍ବାଚନରେ ହାରିଥିଲେ। ଅବିଭକ୍ତ ଗଞ୍ଜାମ ଜିଲାର ୨ ସଂସଦୀୟ କ୍ଷେତ୍ର ଓ ୧୪ ବିଧାନସଭା ଆସନ ମଧ୍ୟରୁ ୧୧ ଆସନକୁ ଭାଜପା ଦଖଲ କରିଥିଲା। ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କମ୍ ଭୋଟରେ ବିଜୟୀ ହୋଇଥିଲେ। ତୃଣମୂଳସ୍ତର ଅର୍ଥାତ୍ ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦଗୁଡ଼ିକରେ ବିଜେଡିର ପ୍ରଭାବ ଥିଲେ ମଧ୍ୟ ଏଭଳି ପରବର୍ତ୍ତନ ବିଜେଡିକୁ ଶକ୍ତ ଧକ୍କା ଦେଇଥିଲା। ନବୀନଙ୍କୁ ପଛରେ ରଖି ବିଜେଡିର ସବୁକଥା ବୁଝୁଥିବା ଭି.କେ.ପାଣ୍ଡିଆନଙ୍କ ଯୋଗୁ ଦଳ ପରାଜୟ ଭୋଗିଲା ବୋଲି ସେତେବେଳେ ସାଧାରଣରେ ଚର୍ଚ୍ଚା ହୋଇଥିଲା। ଫଳରେ ଧୀରେ ଧୀରେ ଦଳୀୟ ନେତୃବୃନ୍ଦଙ୍କ ମଧ୍ୟରେ ଅସନ୍ତୋଷ ମୁଣ୍ଡ ଟେକିଥିଲା। ଜିଲା ମୁଖିଆଙ୍କୁ ପରିବର୍ତ୍ତନ କଲେ ଦଳ ପୁଣି ମୁଖ୍ୟସ୍ରୋତକୁ ଫେରିବ ବୋଲି ଚିନ୍ତା କରାଯାଇ ଜିଲା ସଭାପତିମାନଙ୍କୁ ପରିବର୍ତ୍ତନ କରାଗଲା। ସେହି ଅନୁସାରେ ଦୀର୍ଘଦିନ ଧରି ଗଞ୍ଜାମ ଜିଲା ବିଜେଡି ସଭାପତି ରହିଥିବା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ହଟାଇ ଦଳ ଯୁବନେତା ବିକ୍ରମଙ୍କୁ ଭରସା କଲା। ତାଙ୍କୁ ଗତ ଅଗଷ୍ଟରେ ଜିଲା ବିଜେଡି ସଭାପତି ଦାୟିତ୍ୱ ଦିଆଗଲା। ତାଙ୍କ ନେତୃତ୍ୱରେ ସାରା ଜିଲାରେ ଅନେକ ସଭାସମିତି ଓ ବିଭିନ୍ନ ସମୟରେ ଭାଜପା ସରକାର ବିରୋଧରେ ପ୍ରତିବାଦର ସ୍ୱର ଉଠିଥିବା ଦେଖାଯାଇଥିଲା। ବ୍ରହ୍ମପୁରର ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ କହିଛନ୍ତି, ଆଗକୁ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନରେ ମଧ୍ୟ ବିକ୍ରମଙ୍କୁ ଦାୟିତ୍ୱ ଦିଆଯାଇଥିଲା।

ଗଞ୍ଜାମ ବିଜେଡି ବିକ୍ରମଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଥିବା ଉପରଲିଖିତ ଆଲୋଚନାରୁ ବୁଝିହେଉଛି। ଏଭଳି ସ୍ଥିତିରେ ବିକ୍ରମଙ୍କ ଗିରଫଦାରୀକୁ ବିଜେଡି ସହଜରେ ହଜମ କରିପାରୁନି। ଏ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ଆଇ ମା' କାହାଣୀ କହୁଛି। ବିକ୍ରମ ପଣ୍ଡାଙ୍କ ଉପରେ ଦଳ ମୁଖ୍ୟଙ୍କ ଭରସା ରହିଛି। ତାହା ନ ହେଲେ ତାଙ୍କ ପଛରେ ରାଜ୍ୟ ନେତୃତ୍ୱ ଠିଆ ହୋଇ ନ ଥାନ୍ତା। ଉଦ୍ଦେଶ୍ୟମୂଳକ ଭାବେ ବିକ୍ରମଙ୍କୁ ଗିରଫ କରାଯାଇଛି। ବିଜେଡି ବର୍ତ୍ତମାନ ଠିକ୍ ଅଛି। ଦଳର ଭବିଷ୍ୟତ ଠିକ୍ ରହିବ। ଜିଲା କମିଟିକୁ ନେଇ ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ତାହା ଦଳୀୟ ମୁଖ୍ୟ ବିଚାର କରି ପଦକ୍ଷେପ ନେବେ ବୋଲି ଦ୍ୟୁମ୍ନନାଥ କହିଛନ୍ତି।

# ୫୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଆଳୁଚାଷ ପାଇଁ ଯୋଜନା

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ଚଳିତବର୍ଷ ସରକାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିରେ ଆଳୁଚାଷ କରିବା ପାଇଁ ଯୋଜନା କରିଛନ୍ତି। ଆଳୁଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଅଭିଯାନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକସେବା ଭବନଠାରେ ଗୁରୁବାର ଏହି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ମଧ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ଚାଷୀଙ୍କୁ ଆଗୁଆ ବିହନ ଯୋଗାଇଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାକୁ ସେମାନଙ୍କ ଆବଶ୍ୟକ ଅନୁଯାୟୀ ବିହନ ପରିମାଣର ତଥ୍ୟ କୃଷି ବିଭାଗକୁ ପ୍ରେରଣ କରିବା ନିମନ୍ତେ କୁହାଯାଇଛି। ଏହାବ୍ୟତୀତ ପ୍ରାୟ ୬ ହଜାର ହେକ୍ଟର ଜମିରେ ୬୦୦ କୁଇଣ୍ଟାଲ ପିଆଜ ଚାଷ, ୧୦୦୦ ହେକ୍ଟର ଜମିରେ ୧୦୦ କୁଇଣ୍ଟାଲ ଲଙ୍କା, ୩୦୦ ହେକ୍ଟର ଜମିରେ ୭୫୦୦ କୁଇଣ୍ଟାଲ ରସୁଣ ବିହନ ଚାଷ ପାଇଁ ଯୋଜନା ରହିଛି। ବୈଠକରେ କୃଷି ବିଭାଗ, ଉଦ୍ୟାନ କୃଷି ଅଧିକାରୀ ତଥା ଓଡ଼ିଶା ବିହନ ନିଗମ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍କୁଲ ଛୁଟି ପରେ ଛାତ୍ରଙ୍କୁ ତାଲା, ଉତ୍ତେଜନା

ନୟାଗଡ଼,୨୩।୧୦(ଲୋକନାଥ ମିଶ୍ର)

ନୟାଗଡ଼ ସଦର ବ୍ଲକ୍ ବାରବାଟି ସଂସାରୀ ସରକାରୀ ଉ.ପ୍ରା.ବିଦ୍ୟାଳୟରେ ସ୍କୁଲ ଛୁଟି ପରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ବୁଧବାର ତାଲା ପକାଇବା ଘଟଣା ଗୁରୁବାର ବିସ୍ଫୋରକ ରୂପ ନେଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଦାବିରେ ଗାଁ ଲୋକେ ରାସ୍ତାରୋକୋ କରି ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଅଟକ ରଖିଥିଲେ। ରାସ୍ତାରୋକୋ ହଟାଇବା ପାଇଁ ପୋଲିସ ସହ ଗାଁଲୋକଙ୍କର କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ପୋଲିସ ବୁଝାଶୁଝା କରି ପ୍ରାୟ ୧ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା।

ବୁଧବାର ଛୁଟି ପରେ ଯଦୁପୁର ଗାଁର ଜଣେ ୮ମ ଶ୍ରେଣୀ ଛାତ୍ର ଶ୍ରେଣୀ କକ୍ଷରେ ରହିଯାଇଥିଲେ। ଛାତ୍ର ଅସୁସ୍ଥତା ଅନୁଭବକରି ଶ୍ରେଣୀ କକ୍ଷରେ ଶୋଇପଡ଼ିଥିଲେ। ତାଙ୍କ ନିଦ ଭାଙ୍ଗିବା ବେଳକୁ ଶ୍ରେଣୀଗୃହ ତାଲା ପକାଇ ସମସ୍ତେ ଘରକୁ ଚାଲିଯାଇଥିଲେ। ଛାତ୍ରଙ୍କ ଚିତ୍କାର ଓ କବାଟ ପିଟିବା ଶବ୍ଦ କେହି ଶୁଣିପାରି ନ ଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଛାତ୍ର ବନ୍ଦ ଶ୍ରେଣୀ କକ୍ଷରେ ରହି ବ୍ୟସ୍ତ ହୋଇ ପଡ଼ିଥିଲେ। ସେହି ସମୟରେ ଜଣେ ବ୍ୟବସାୟୀ ପାଣି ନେବା ପାଇଁ ସ୍କୁଲକୁ ଆସିଥିଲେ। ଛାତ୍ରଙ୍କ ଚିତ୍କାର ଓ କବାଟ ବାଡ଼େଇବା ଶବ୍ଦ ଶୁଣି ପାଖକୁ ଯାଇ ଭିତରେ ଜଣେ ଛାତ୍ର ଥିବା ଜାଣିଥିଲେ। ଏନେଇ ଗାଁ ଲୋକଙ୍କୁ ଖବର ଦେଇ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ।

# ନୂଆପଡ଼ା ଉପନିର୍ବାଚନ: ଅଧିକ ନେତାଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦୁଇଟି ବ୍ଲକ୍ ଏବଂ ଗୋଟିଏ ଏନ୍‌ଏସି ଦାୟିତ୍ୱ ଅଧିକ ନେତାଙ୍କ ମଧ୍ୟରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ୍ ଦାୟିତ୍ୱରେ ସୁଧୀର ସାମଲ, ଶ୍ରୀକାନ୍ତ ସାହୁ, ମୁକେଶ କୁମାର ପାଲ, ପ୍ରଦୀପ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମନ୍ମଥ ରାଉତରାୟ ଏବଂ ଦେବାଶିଷ ମାରାଣ୍ଡିଙ୍କୁ ଦିଆଯାଇଛି। ସେହିପରି କୋମନା ବ୍ଲକ୍ ଦାୟିତ୍ୱ ପ୍ରଣବ କୁମାର ବଳବନ୍ତରାୟ, ସଞ୍ଜୀବ କୁମାର ମଲିକ ଏବଂ ମାଧବ ଧଡ଼ାଙ୍କୁ ଦିଆଯାଇଛି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱ ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା ଏବଂ ରାଜେନ୍ଦ୍ର ସାହୁଙ୍କୁ ଦିଆଯାଇଛି। ସେହିପରି ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଦଳର ହେଉଥିବା ବିଭିନ୍ନ ପ୍ରକାର କାର୍ଯ୍ୟରେ ସହଯୋଗ କରିବା ପାଇଁ ଦଳ ପକ୍ଷରୁ ଅଧିକ ୨୧ ଜଣଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ସେମାନଙ୍କ ମଧ୍ୟରେ ପ୍ରମିଳା ମଲ୍ଲିକ, ନିରଞ୍ଜନ ବିଶି, ଟୁକୁନି ସାହୁ, ସୁବାସ ସିଂ, ରମେଶ ମାଝୀ, ଲତିକା ପ୍ରଧାନ, ପ୍ରକାଶ ମାଝୀ, ଅଳକା ମହାନ୍ତି, ଡଲି ମାଝୀ, ମହମ୍ମଦ ଆଦାମ, ନିଜାମୁଦିନ, ପ୍ରଫୁଲ୍ଲ ସିଂ, ଭାନୁ ପ୍ରତାପ ସିଂ ମାଝୀ, ସଞ୍ଜିତ ମହାନ୍ତି, ଗିରିରାଜ ସିଂ ମାଝୀ, ଗୌରହରି ମିଶ୍ର, ଭୀଷ୍ମ ଦେବ ସାରଙ୍ଗ, ରାଜୁ ଘିବେଲା, ନନ୍ଦିଆଲ ସିଂ, ଜାପାନ ମହାପାତ୍ର ଏବଂ ପ୍ରବୀର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି।

# ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି




ପ୍ରତବାଦ ସଭାରେ ଉପସ୍ଥିତ ବିଜେଡିର ନେତୃବୃନ୍ଦ।

## ବିକ୍ରମଙ୍କ ଗିରଫ ପ୍ରତିବାଦରେ ଶୋଭାଯାତ୍ରା, ସଭା

ବ୍ରହ୍ମପୁର,୨୩।୧୦(ଅଶୋକ କୁମାର ସାହୁ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗିରଫ ପ୍ରତିବାଦରେ ଗୁରୁବାର ଦଳ ପକ୍ଷରୁ ବ୍ରହ୍ମପୁରରେ ଶୋଭାଯାତ୍ରା ଓ ସଭା କରାଯାଇଛି। ହିଲପାଟଣା ଗଣେଶ ମନ୍ଦିର ନିକଟରୁ ବିଜେଡି ନେତୃବୃନ୍ଦ ଶୋଭାଯାତ୍ରାରେ ବାହାରି ଗାନ୍ଧୀନଗର ଛକରେ ପ୍ରତିବାଦ ସଭା କରିଥିଲେ। ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ବରିଷ୍ଠ ବିଜେଡି ନେତା ଲେନିନ୍ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପୂର୍ବତନ ଏମ୍‌ପି ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ନେତା ସୁବାସ ମହାରଣା, ଭୃଗୁ ବକ୍ସିପାତ୍ର, ପୋଲସରାର ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟିକା ଉଷା ଦେବୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସଭାରେ ଲେନିନ୍ କହିଥିଲେ, ବିକ୍ରମଙ୍କୁ ଗିରଫ କରିବା ନିନ୍ଦନୀୟ। ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ବଞ୍ଚାଇବାକୁ ଯାଇ ପୋଲିସ ଏଭଳି ଚକ୍ରବ୍ୟୂହ ରଚିଛି। ଆଇଜି ଓ ଏସ୍‌ପି ଦଳୀୟ କର୍ମୀ ଭଳି କାମ କରିଛନ୍ତି, ଏହା ଆମକୁ ବାଧୁଛି। ଠିକ୍ ତଦନ୍ତ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ଭୃଗୁ କହିଥିଲେ, ପୀତବାସଙ୍କ ହତ୍ୟା ଘଟଣାରେ ପୋଲିସ ଅନୈତିକ ଭାବେ ବିକ୍ରମଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡର ବିଚାରବିଭାଗୀୟ ତଦନ୍ତ ହେଉ। ଖଣି ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ପୋଲିସ ଏଭଳି ଏକ ନାଟକୀୟ କ୍ଷେତ୍ର ପ୍ରସ୍ତୁତ କରି ବିକ୍ରମଙ୍କୁ ଗିରଫ କରିବା ଘଟଣାକୁ ପ୍ରମିଳା ନିନ୍ଦା କରିବା ସହିତ ଏହାର ଠିକ୍ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି।

# ୫୪୬୪ ଛାତ୍ରାବାସକୁ ଗଲା ୬.୨୪ ଲକ୍ଷ କୁଇଣ୍ଟାଲ ପୋଷଣ ଚାଉଳ

ଭୁବନେଶ୍ୱର,୨୩।୧୦
(ରବିନାରାୟଣ ଜେନା)

ରାଜ୍ୟର ୫୪୬୪ ଛାତ୍ରାବାସ ଲାଗି ସରକାରଙ୍କ ପକ୍ଷରୁ ଅକ୍ଟୋବରରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୬ଲକ୍ଷ ୨୪ହଜାର ୪୨୯କୁଇଣ୍ଟାଲ ପୋଷଣଯୁକ୍ତ ଚାଉଳ ବଣ୍ଟନ କରାଯିବ। ଏନେଇ ତ୍ୱରିତ୍ ପଦକ୍ଷେପ ନେବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ସବୁ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ନିଜସ୍ୱ ୪୮୧୬ ଛାତ୍ରାବାସ ଏବଂ ଅନୁଦାନପ୍ରାପ୍ତ ୬୪୮ ଛାତ୍ରାବାସରେ ରହୁଥିବା ୬ଲକ୍ଷ ୯୩ହଜାର ୮୧୦ ଅନ୍ତେବାସୀଙ୍କ ପାଇଁ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ ଏହି ପୋଷଣଯୁକ୍ତ ଚାଉଳ ଦିଆଯିବ। ସରକାରୀ ଛାତ୍ରାବାସରେ ଏହି ଚାଉଳ ୧ଟଙ୍କାରେ ଏବଂ ଅନୁଦାନପ୍ରାପ୍ତ ୬୪୮ ଛାତ୍ରାବାସରେ ରହୁଥିବା ୩୪,୦୫୧ ଅନ୍ତେବାସୀଙ୍କ ପାଇଁ ବିପିଏଲ୍ ଦରରେ କିଲୋଗ୍ରାମ ପ୍ରତି ୫.୬୫ ଟଙ୍କାରେ ଦିଆଯିବ।

# ତାଲିକାରେ ୫ ହଜାର ଭୋଟରଙ୍କ ହେରଫେର ହୋଇଛି: କଂଗ୍ରେସ

ନୂଆପଡ଼ା,୨୩।୧୦ (ମକାରୁ ବେମାଲ)

ନୂଆପଡ଼ା ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ୫ ହଜାର ମତଦାତାଙ୍କ ହେରଫେର ହୋଇଛି ବୋଲି କଂଗ୍ରେସ କହିଛି। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କଂଗ୍ରେସର ଗଣମାଧ୍ୟମ ମୁଖ୍ୟ ଅରବିନ୍ଦ ଦାସ କହିଛନ୍ତି, ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୮ ହଜାର ଭୋଟର ଥିବାବେଳେ ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରକାଶ ପାଇବାବେଳକୁ ୨ ଲକ୍ଷ ୫୩ ହଜାର ହୋଇଯାଇଛି। କର୍ନାଟକ ଭଳି ଏଠାରେ ମଧ୍ୟ ବାହାରୁ ଆଣି ୫ ହଜାର ଭୋଟରଙ୍କୁ ଭର୍ତ୍ତି କରି ଦିଆଯାଇଛି। ସେହିପରି ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସର ଆଦିବାସୀ ଝିଅମାନେ ବର୍ଷକୁ ୧୮ ହଜାରରୁ ଅଧିକ ବୃତ୍ତି ପାଉଥିଲେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। ଅରବିନ୍ଦ ରାଜ୍ୟ ସରକାରଙ୍କ ଏଭଳି ନୀତିକୁ ସମାଲୋଚନା କରିଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ହମିଦ୍ ହୁସେନ, ନୂଆପଡ଼ା ପ୍ରାର୍ଥୀ ଘାସିରାମ ମାଝି, ପ୍ରଦେଶ ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ଗଣେଶ ସାହୁ, ପିସିସି ଗଣମାଧ୍ୟମ ବିଭାଗ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର, ଜିଲା ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର ଉପସ୍ଥିତ ଥିଲେ।

## ଆଜି ବିଶ୍ୱ ପୋଲିଓ ଦିବସ

# ପୋଲିଓକୁ ପରାସ୍ତ କରନ୍ତୁ



ପୋଲିଓମାଇଲାଇଟିସ୍ ରୋଗକୁ ସଂକ୍ଷେପରେ ପୋଲିଓ ବୋଲି କୁହାଯାଏ। ଏହା ଏକ ଭୂତାଣୁ ଜନିତ ରୋଗ। ପୋଲିଓ ଭାଇରସ୍ ନାମକ ଭୂତାଣୁ ସଂକ୍ରମଣ ଯୋଗୁ ଏହି ରୋଗ ଜାତ ହୁଏ। ଭୂତାଣୁ ବା ଭାଇରସ୍ ମୁଖ୍ୟତଃ ସଂକ୍ରମଣ କରିଥାଏ ମଣିଷର ପରିପାକ ତନ୍ତ୍ରକୁ। ଖୁବ୍ କମ୍ କ୍ଷେତ୍ରରେ ଏହା କେନ୍ଦ୍ରୀୟ ସ୍ନାୟୁତନ୍ତ୍ରକୁ ସଂକ୍ରମଣ କରି ଜାତ କରିପାରେ ପକ୍ଷାଘାତ ବା ପାରାଲିସିସ୍। ଅତି ବିରଳ କ୍ଷେତ୍ରରେ ରୋଗୀର ମୃତ୍ୟୁ ଘଟିଥାଏ। ଭାଇରସ୍ ଥାଏ ସଂକ୍ରମିତ ରୋଗୀର ମଳରେ ଏବଂ ଲାଳରେ। ୩-୪ ମାସ ପର୍ଯ୍ୟନ୍ତ ଏହା ରହିଯାଏ ମଳରେ। ସବୁ ବୟସର ବ୍ୟକ୍ତି ପୋଲିଓ ଦ୍ୱାରା ଆକ୍ରାନ୍ତ ହୋଇପାରୁଥିଲେ ମଧ୍ୟ ଏହା ବେଶି ଆକ୍ରାନ୍ତ କରିଥାଏ ପିଲାମାନଙ୍କୁ।

ଭାଇରସ୍ ଦ୍ୱାରା ସଂକ୍ରମିତ ଜଳ, ଖାଦ୍ୟ, କ୍ଷୀର ଖାଇଲେ ଏହି ରୋଗ ଜାତ ହୁଏ। ଭଲ ଭାବରେ ହାତ ନ ଧୋଇ ଖିଆପିଆ କଲେ ସୁଗମ ହୋଇଯାଏ ରୋଗ ସଂକ୍ରମଣ। ସଂକ୍ରମିତ ବାସନକୁସନ ସଂସ୍ପର୍ଶରେ ଆସିଲେ ଏବଂ ମାଛି ଦ୍ୱାରା ମଧ୍ୟ ରୋଗ ବ୍ୟାପେ। ରୋଗୀର ମଳ ହିଁ ସଂକ୍ରମଣର ପ୍ରଧାନ ଉତ୍ସ। ରୋଗ ସଂକ୍ରମଣ ହାର ବଢ଼ିଯାଏ ବର୍ଷା ଋତୁରେ। କାରଣ ବର୍ଷା ଯୋଗୁ ଜଳ ଉତ୍ସ ମଳ ସହ ମିଶିଯିବା ସୁଗମ ହୋଇଥାଏ। ପୋଲିଓ ଦମନ ପାଇଁ ସାର୍ବଜନୀନ ପୋଲିଓ ପ୍ରତିଷେଧକ ଟିକାର ପ୍ରଦାନ ସାରା ବିଶ୍ୱରେ କାର୍ଯ୍ୟକାରୀ ହେଉଛି। ଆମ ଦେଶ ଭାରତ ସମ୍ପୂର୍ଣ୍ଣ ପୋଲିଓମୁକ୍ତ। ୨୦୧୪ ମାର୍ଚ୍ଚ ୨୭ରୁ ଆମ ଦେଶକୁ ସମ୍ପୂର୍ଣ୍ଣ ପୋଲିଓମୁକ୍ତ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ ଆମ ଦେଶର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବାର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ପୋଲିଓ ରୋଗ ସମ୍ପର୍କରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପୋଲିଓ ଦିବସ'। ପୋଲିଓ ଟିକାର ଉଦ୍ଭାବକ ଜୋନାସ୍ ସାଲ୍କଙ୍କ ଜନ୍ମ ତିଥି (ଅକ୍ଟୋବର ୨୪)କୁ ସ୍ମରଣ କରିବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି- 'ଏଣ୍ଡ ପୋଲିଓ : ଏଭ୍ରି ଚାଇଲ୍ଡ, ଏଭ୍ରି ଭ୍ୟାକ୍ସିନ୍, ଏଭ୍ରି ହୋୟାର' (ସର୍ବତ୍ର ପ୍ରତି ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇ ପୋଲିଓକୁ ସମାଧି ଦେବା।) ପୋଲିଓକୁ ପରାସ୍ତ କରି ତା'ର ଅନ୍ତ ଘଟାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

-ଡା. ନିତ୍ୟାନନ୍ଦ ସ୍ୱାଇଁ
'ଅଭୀପ୍ସା'ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ

# ଅନ୍ତର୍ଜାତୀୟ ସହଯୋଗକୁ ଗୁରୁତ୍ୱ



ଜାତିସଂଘ ଦିବସ

୧୯୪୫ ମସିହାରେ ଜାତିସଂଘ ପ୍ରତିଷ୍ଠାକୁ ସ୍ମରଣ କରି ପ୍ରତିବର୍ଷ ଅକ୍ଟୋବର ୨୪ରେ 'ଜାତିସଂଘ ଦିବସ' ପାଳନ କରାଯାଏ। ଚଳିତ ବର୍ଷ ଜାତିସଂଘର ୮୦ ତମ ବାର୍ଷିକୀ ପାଳିତ ହେଉଛି। ଏହି ଦିବସ ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବାରେ ଜାତିସଂଘର ଭୂମିକା ଏବଂ ଶାନ୍ତି, ମାନବାଧିକାର ଏବଂ ସ୍ଥାୟୀ ବିକାଶ ଦିଗରେ ଏହାର ପ୍ରୟାସକୁ ଆଲୋକପାତ କରିଥାଏ। ଜାତିସଂଘ ଏହି ଦିବସ ପାଇଁ କୌଣସି ନିର୍ଦ୍ଦିଷ୍ଟ ଥିମ୍ ପ୍ରକାଶ କରୁନଥିଲେବି ଏହା ଶାନ୍ତି, ଏକତା ଓ ବିଶ୍ୱ ସହଭାଗିତାକୁ ପ୍ରୋତ୍ସାହନ ଏବଂ ଶିକ୍ଷା ଉପରେ ଗୁରତ୍ୱ ଦେଇଆସୁଛି।

# ଗଣମାଧ୍ୟମରେ ଅପପ୍ରଚାର: ସିଇଓଙ୍କୁ କଂଗ୍ରେସର ଫେରାଦ

ଭୁବନେଶ୍ୱର,୨୩।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସର ସୁଦୃଢ଼ ସ୍ଥିତି ଥିବାରୁ ସେଠାରେ ଜନମତକୁ ବିଭ୍ରାନ୍ତ କରିବା ଲାଗି ହୀନ ପ୍ରୟାସ କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର କଂଗ୍ରେସର ରାଜ୍ୟ ସଂଖ୍ୟାଲଘୁ ବିଭାଗର ଅଧ୍ୟକ୍ଷ ଜିଆ-ଉଲ୍-ହକ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି, କଂଗ୍ରେସ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ତାଙ୍କ ପୁଅ ବିଧାୟକ ସାଗର ଚରଣ ଦାସଙ୍କୁ ବଦ୍‌ନାମ କରିବା ଲାଗି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ହୀନ ପ୍ରୟାସ କରୁଛି। ଏହାକୁ ନେଇ ରାଜ୍ୟର ସମସ୍ତ ୩୫ ସାଙ୍ଗଠନିକ ଜିଲାର କଂଗ୍ରେସ ସଭାପତିମାନଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କ ପକ୍ଷରୁ ସଦର ମହକୁମା ସାଇବର ଥାନା ଅଧିକାରୀମାନଙ୍କୁ ଉକ୍ତ ଚାନେଲଗୁଡ଼ିକ ତୁରନ୍ତ ବନ୍ଦ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ମୁଖପାତ୍ର ଲଲାଟେନ୍ଦୁ ଦାସ, ନିଶିକାନ୍ତ ମିଶ୍ର, ଡ. ମନୀଷା ଦାସପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

ଭାରତୀୟ ହକିକୁ ଯେଉଁ ମହାନ୍ ବ୍ୟକ୍ତିମାନେ ମହତ୍ତ୍ୱର ଅବଦାନ ଦେଇଛନ୍ତି, ସେମାନଙ୍କୁ ମନେ ପକାଇବା ଅବସରରେ ଭାଗ (୧)ରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ, ଭାଗ (୨)ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲର ଏବଂ ଭାଗ (୩)ରେ ରିଚାର୍ଡ୍‌ସ କ୍ରେମ୍‌ସ ଅଲେର୍ନ ତଥା ରଣଧୀର ସିଂ ଜେଣ୍ଟଲ୍‌ଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହିକ୍ରମରେ ଏଥର ୪ର୍ଥ ଭାଗରେ କୁଅଁର ଦିଗ୍‌ବିଜୟ ସିଂ 'ବାବୁ'।

(ଭାଗ-୪)

## କୁଅଁର ଦିଗ୍‌ବିଜୟ ସିଂ 'ବାବୁ'

ଭାରତୀୟ ହକିର ଇତିହାସରେ ଯଦି କଳାତ୍ମକ ଶୈଳୀରେ ଡ୍ରିବଲ୍ କରି ପ୍ରତିପକ୍ଷ ଦଳକୁ ପରାସ୍ତ କରିବା କ୍ଷେତ୍ରରେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ସମକକ୍ଷ ହୋଇପାରିଥିବା ଖେଳାଳିଙ୍କ କଥା ବିଚାରକୁ ନିଆଯାଏ, ତେବେ କୁଅଁର ଦିଗ୍‌ବିଜୟ ସିଂଙ୍କ ନାମ ସର୍ବପ୍ରଥମେ ମନକୁ ଆସେ। ଶ୍ରଦ୍ଧାରେ ଲୋକମାନେ ତାଙ୍କୁ 'ବାବୁ' ବୋଲି ଡାକୁଥିଲେ। ଉତ୍ତର ପ୍ରଦେଶର ବାରବାଙ୍କି ଜିଲାରେ ଗୋଟିଏ ସମ୍ଭ୍ରାନ୍ତ



କୁଅଁର ଦିଗ୍‌ବିଜୟ ସିଂ 'ବାବୁ'

ତାଲୁକଦାର ପରିବାରରେ ତାଙ୍କର ଜନ୍ମ ୧୯୨୨ ଫେବୃଆରୀ ୨ ତାରିଖରେ। ତାଙ୍କ ପିତା ରାୟବାହାଦୁର ଠାକୁର ରଘୁନାଥ ସିଂଙ୍କର ସେଥିଲେ ପଞ୍ଚମ ପୁତ୍ର। ତାଙ୍କର ଦୁଇଜଣ ବଡ ଭାଇ ମଧ୍ୟ ଉତ୍ତରପ୍ରଦେଶ ରାଜ୍ୟ ହକି ଦଳ ପାଇଁ ଖେଳୁଥିଲେ। ପିତା ରଘୁନାଥ ସିଂ ଥିଲେ ଜଣେ ଭଲ ଟେନିସ୍ ଖେଳାଳି, ଓକିଲ ଏବଂ ସମାଜସେବୀ। ତେଣୁ ଗୋଟିଏ କ୍ରୀଡ଼ାବିତ୍ ପରିବାରରେ ଜନ୍ମିତ ଦିଗ୍‌ବିଜୟଙ୍କର ଅତି ପିଲାଦିନୁ ଖେଳିବା ପାଇଁ ଥିଲା ପ୍ରବଳ ଆଗ୍ରହ। ହକି ଥିଲା ତାଙ୍କର ପ୍ରଥମ ପସନ୍ଦ। ତାଙ୍କୁ ଯେତେବେଳେ ମାତ୍ର ୩ ବର୍ଷ ବୟସ ହୋଇଥିଲା, ସେତେବେଳଠାରୁ ସେ ତାଙ୍କର ପ୍ରିୟ ହକି ଷ୍ଟିକ୍ ଟିକୁ ଧରି ଶେଯରେ ବହୁ ସମୟରେ ଶୋଇଥିଲେ। ସେ ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ହକି ଦେୱା ମେଳାରେ ଖେଳିଥିଲେ।

୧୯୩୭ରେ ମାତ୍ର ୧୫ ବର୍ଷ ବୟସରେ ସେ ଆନ୍ତଃ ମହାବିଦ୍ୟାଳୟ ହକି ପ୍ରତିଯୋଗିତାରେ ତାଙ୍କ ମହାବିଦ୍ୟାଳୟ ହକିଟିମ୍ ପାଇଁ ଖେଳିବା ଆରମ୍ଭ କଲେ। ୧୯୩୮ରେ ସେ ଲକ୍ଷ୍ନୌ ୟଙ୍ଗ୍ ମେନ୍‌ସ ଆସୋସିଏଶନ (ଏଲ୍‌ୱାଇଏ) କ୍ଲବ୍ ତରଫରୁ ଦିଲ୍ଲୀରେ ଅନୁଷ୍ଠିତ ଟ୍ରେଡର୍ସ କପ୍ ପ୍ରତିଯୋଗିତାରେ ହକି ଖେଳିଥିଲେ। ଏହି ପ୍ରତିଯୋଗିତାରେ ତତ୍କାଳୀନ ଶକ୍ତିଶାଳୀ ଦିଲ୍ଲୀ ହକି ଦଳ ବିରୋଧରେ ସେ ଖେଳିଥିଲେ। ୧୯୩୬ରେ ବର୍ଲିନ ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ପାଇଁ ଖେଳିଥିବା ହକି ଖେଳାଳି ମହମ୍ମଦ ହୁସେନ୍ ମଧ୍ୟ ଏଥିରେ ଦିଲ୍ଲୀ ଦଳ ପାଇଁ ପଡିଆକୁ ଓହ୍ଲେଇ ଥିଲେ। ତାଙ୍କର କଳାତ୍ମକ ଡ୍ରିବଲ ଓ ପାଶ୍ ଦେବା ଦକ୍ଷତାରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ହୁସେନ। ଆନନ୍ଦରେ ସେ କହିଥିଲେ ଯେ "ଏଇ ପିଲାଟି ଦିନେ ନା ଦିନେ ଜଣେ ପ୍ରସିଦ୍ଧ ହକି ଖେଳାଳି ଭାବେ ନିଶ୍ଚିତ ସୁନାମ ଅର୍ଜନ କରିବ"। ତାଙ୍କର ଏହି ଭବିଷ୍ୟତ ବାଣୀ ପରବର୍ତ୍ତୀ ସମୟରେ ସତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବାରବାଙ୍କିର କମ୍ରେଡ୍‌ସ କ୍ଲବ୍ ପାଇଁ ଖେଳିଥିବା ଦିଗ୍‌ବିଜୟ ଉତ୍ତର ପ୍ରଦେଶ ରାଜ୍ୟ ହକି ଦଳ ପାଇଁ ୧୯୩୯ରୁ ୧୯୫୯ ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଭାବେ ସର୍ବଭାରତୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇଥିଲେ।



କେ.ଡି. ସିଂ ବାବୁ ଷ୍ଟାଡିୟମ





ଭାରତୀୟ ହକି ଦଳର ଖେଳାଳି ଭାବେ ତାଙ୍କର ପ୍ରଥମ ମନୋନୟନ ହୁଏ ୧୯୪୬-୪୭ରେ ଯେତେବେଳେ ସେ ଆଫଗାନିସ୍ତାନ ଗସ୍ତ କରିଥିବା ଭାରତୀୟ ହକି ଦଳର ସଦସ୍ୟହେଲେ। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅତିଶୀଘ୍ର ସେ ବିଶ୍ୱ ହକି ଜଗତର ଜଣେ ଦୁର୍ଦ୍ଧର୍ଷ ଫରୱାର୍ଡ ଖେଳାଳି ଭାବେ ଗଣ୍ୟ ହେଲେ। ୧୯୪୭ରେ ଭାରତୀୟ ହକି ଦଳର ପୂର୍ବ ଆଫ୍ରିକା ଗସ୍ତ ସମୟରେ ସେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ସହିତ ମିଶି ଖେଳିବାର ସୁଯୋଗ ପାଇଥିଲେ। ନିଜର ଅପୂର୍ବ ଷ୍ଟିକ୍ ଚାଳନା, କ୍ଷୀପ୍ରଗତି ଓ ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ଏହି ଗସ୍ତ ସମୟରେ ସେ ମୋଟ ୭୦ଟି ଗୋଲ ଦେଇଥିଲେ। ଯେତେବେଳେ କି ଧ୍ୟାନଚାନ୍ଦ ଦେଇଥିଲେ ୬୨ଟି ଗୋଲ। ଏହି ଗସ୍ତ ସମୟରେ ପ୍ରଶଂସକ ମାନେ ଧ୍ୟାନଚାନ୍ଦଙ୍କ ସହିତ ତାଙ୍କର ତୁଳନା କରିବା ଆରମ୍ଭ କରିଥିଲେ ଓ ହକିର ଜାତୀୟ ମନୋନୟନ କମିଟି ୧୯୪୮ର ଲଣ୍ଡନ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳର ଉପ ଅଧିନାୟକ ଭାବେ ତାଙ୍କ ନାମରେ ମୋହର ମାରି ଥିଲେ। ସ୍ୱାଧୀନତା ପ୍ରାପ୍ତିପରେ ଏହାଥିଲା ଭାରତର ପ୍ରଥମ ଅଲିମ୍ପିକ୍‌ରେ ଅଂଶଗ୍ରହଣ। ଏହି ଅଲିମ୍ପିକ୍‌ରେ ହକିରେ ମୋଟ ୧୩ ଗୋଟି ଦେଶ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଇଂଲଣ୍ଡକୁ ୪-୦ ଗୋଲରେ ପରାସ୍ତ କରି ଭାରତ ଏକ ସ୍ୱାଧୀନ ଦେଶ ଭାବେ ପ୍ରଥମ ଓ ମୋଟରେ ଚତୁର୍ଥ ସ୍ୱର୍ଣ୍ଣପଦକ ହାସଲ କଲା ହକି ଖେଳରେ। ଭାରତ ୧୯୨୮, ୧୯୩୨ ଓ ୧୯୩୬ ମସିହାରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ହକିରେ କ୍ରମାଗତ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲା ସତ କିନ୍ତୁ ଏହି ପଦକ ଥିଲା ଅତି ସ୍ୱତନ୍ତ୍ର। ୧୯୪୮ ଅଲିମ୍ପିକ୍‌ରେ ତାଙ୍କର କ୍ରୀଡ଼ା ଦକ୍ଷତାକୁ ପ୍ରଶଂସା କରି ଗୋଟିଏ ଅଗ୍ରଣୀ ବ୍ରିଟିଶ ଖବରକାଗଜ ଲେଖିଥିଲା- "ବାବୁଙ୍କର ପାରଦର୍ଶିତା ଯେତେଦୂର ସମ୍ଭବ ଅତ୍ୟନ୍ତ ନିଖୁଣ ଥିଲା। ଚମକେଇ ଦେଲା ଭଳି ଡ୍ରିବଲିଙ୍ଗ ଓ ସୁଯୋଗ ଦେଖି ସାଥୀ ଖେଳାଳିଙ୍କୁ ପାଶ୍ ଦେବାର ଦକ୍ଷତା ଥିଲା ତାଙ୍କ କ୍ରୀଡ଼ାର ବିଶେଷତ୍ୱ। ଇଂଲଣ୍ଡର ରକ୍ଷଣ ଭାଗକୁ ବିଧ୍ୱସ୍ତ କରିଦେବା ପାଇଁ ତାଙ୍କର ଉଦ୍ୟମ ଥିଲା ଅକଳ୍ପନୀୟ। ଭାରତୀୟ ଆକ୍ରମଣର ସେ ଥିଲେ ମାର୍ଗଦର୍ଶକ। ସେ ହେଉଛନ୍ତି ଧ୍ୟାନଚାନ୍ଦଙ୍କ ଭଳି ଅବିଶ୍ୱନୀୟ ଖେଳାଳି।"

୧୯୪୯ରେ ସେ ଭାରତୀୟ ହକି ଦଳର ଅଧିନାୟକ ଭାବେ ମନୋନୀତ ହେଲେ। ୧୯୫୨ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ଦଳକୁ ସୁସଙ୍ଗଠିତ କରିବାର ଲକ୍ଷ୍ୟ ଦିଆଯାଇଥିଲା ତାଙ୍କୁ। ସେ ମନପ୍ରାଣ ଦେଇ ଏହି ଦାୟିତ୍ୱ ସମ୍ପାଦନ କରିବାରେ ଲାଗି ପଡିଲେ। ଫଳସ୍ୱରୂପ ଏହି ୧୯୪୯ ମସିହାରେ ବିଭିନ୍ନ ପ୍ରତିଯୋଗିତାରେ ଦଳ ଦେଇଥିଲା ମୋଟ ୨୩୬ ଗୋଲ ଏବଂ ତନ୍ମଧ୍ୟରୁ ସେ ଦେଇଥିଲେ ସର୍ବାଧିକ ୯୯ ଗୋଲ୍। ଏହାପରେ ୧୯୫୨ରେ ଫିନ୍‌ଲାଣ୍ଡର ହେଲସିଙ୍କିରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ହକି ଦଳର ଅଧିନାୟକ ହେଲେ ଦିଗ୍‌ବିଜୟ। ଭାରତ ଫାଇନାଲରେ ହଲାଣ୍ଡକୁ ୬-୧ ଗୋଲ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କଲା। ପ୍ରାକ୍ତନ ନ୍ୟୁଜିଲାଣ୍ଡ ଅଧିନାୟକ ସିରିଲ ୱାଲଟର ତାଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ- "ମୁଁ 'ବାବୁ'ଙ୍କର ସମ୍ଭାଷଣ ପାଇଁ ଉପଯୁକ୍ତ ବିଶେଷଣ ଖୋଜି ପାଉନାହିଁ। ତାଙ୍କୁ ଉଚ୍ଚକୋଟୀର ଡ୍ରବ୍‌ଲିଙ୍ଗ ଏବଂ ଗାଣିତିକ ଢଙ୍ଗରେ ସମୟଉପଯୋଗୀ ପାସ ଦେବାର କଳା ଅତ୍ୟନ୍ତ ଚିତ୍ତାକର୍ଷକ। ତାଙ୍କର କ୍ରୀଡ଼ା ଦକ୍ଷତା ହେଉଛି ଗୋଟିଏ ଗତିଶୀଳ କବିତା କହିଲେ ଅତ୍ୟୁକ୍ତି ହେବନି।"

କୁଅଁର ଦିଗ୍‌ବିଜୟ ସିଂ "ବାବୁ" ପ୍ରକୃତରେ ଥିଲେ ଜଣେ ବିଚକ୍ଷଣ ଖେଳାଳି। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା, ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ପ୍ରତିପକ୍ଷଙ୍କୁ ଚକ୍‌ମା ଦେଇ ଆଗକୁ ବଢ଼ିବା ଓ ସୁବିଧା ଦେଖି ଭୂମିର ସମାନ୍ତରାଳ ଭାବେ ଛୋଟ ଛୋଟ ପାସ୍ ଦେଇ ଗୋଲ୍ ଦେବାରେ ନିଜ ଦଳ ଖେଳାଳିଙ୍କୁ ସାହାଯ୍ୟ କରିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କର ଦକ୍ଷତା ପାଇଁ ଧ୍ୟାନଚାନ୍ଦଙ୍କ ସହିତ ତାଙ୍କୁ ତୁଳନା କରାଯାଉଥିଲା। ୧୯୫୫ରେ ସେ ନ୍ୟୁଜିଲାଣ୍ଡ ଗସ୍ତ କରିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ଭଲ ଫର୍ମରେ ଥିବା ସତ୍ତ୍ୱେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ନିମନ୍ତେ ୧୯୫୬ର ମେଲ୍‌ବୋର୍ନ ଅଲିମ୍ପିକ୍ସ ଓ ୧୯୫୮ ଏସୀୟ କ୍ରୀଡ଼ା ପାଇଁ ମନୋନୀତ ହେବା ସତ୍ତ୍ୱେ ନିଜ ଆଡୁ ଓହରି ଯାଇଥିଲେ, ଯାହାକି ଅତ୍ୟନ୍ତ ବିରଳ ଘଟଣା। ଇନ୍‌ସାଇଡ୍ ରାଇଟ୍ ପୋଜିଶନ୍‌ରେ ଖେଳୁଥିବା 'ବାବୁ' ୮୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରି ୧୭୫ଟି ଗୋଲ୍ ଦେଇଥିଲେ।

ଖେଳାଳି ଜୀବନରୁ ଅବସର ନେଲା ପରେ କେ.ଡି. ସିଂ ବାବୁ ୧୯୫୬-୫୭ରେ ଗଠିତ ଉତ୍ତର ପ୍ରଦେଶ ସ୍ପୋର୍ଟ୍ସ କାଉନ୍‌ସିଲର ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟ କଲେ। ତାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଉତ୍ତରପ୍ରଦେଶ କ୍ରୀଡ଼ା ନିର୍ଦ୍ଦେଶାଳୟ ଗଠିତ ହେଲା ୧୯୬୪ରେ ଓ ସେ ଏହାର ପ୍ରଥମ ନିର୍ଦ୍ଦେଶକ ଦାୟିତ୍ୱ ବହନ କଲେ। ସେ ପଢୁଥିବା ବାରବାଙ୍କୀ ସରକାରୀ ଉଚ୍ଚବିଦ୍ୟାଳୟ ଓ ଲକ୍ଷ୍ନୌର କାନ୍ୟକୁବ୍‌ଜ ଇଣ୍ଟର କଲେଜ ସମୟର ତାଙ୍କର ଅନୁଭୂତିକୁ ପାଥେୟ କରି ରାଜ୍ୟରେ କ୍ରୀଡ଼ା ଛାତ୍ରାବାସ ଓ କ୍ରୀଡ଼ା ମହାବିଦ୍ୟାଳୟ ମାନ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ନେଲେ। ଉନ୍ନତ ପ୍ରଶିକ୍ଷଣ ଓ ତାଲିମ ଦ୍ୱାରା ଅନେକ ଖ୍ୟାତନାମା ଖେଳାଳି ସୃଷ୍ଟି ହେଲେ। ସେମାନଙ୍କ ମଧ୍ୟରେ ସୟଦ ଅଲ୍ଲୀ, ରବୀନ୍ଦ୍ର ପାଲ ସିଂ, ମହମ୍ମଦ ସାହିଦ୍, ଜଗ୍‌ବୀର ସିଂ ଓ ସକୀଲ୍ ଅହମ୍ମଦଙ୍କ ଭଳି ଅଲିମ୍ପିଆନ୍ ପ୍ରମୁଖ ଥିଲେ। ତାଙ୍କର ଏହି କ୍ରୀଡ଼ା ଛାତ୍ରାବାସ ଓ କ୍ରୀଡ଼ା ମହାବିଦ୍ୟାଳୟ ସ୍ଥାପନ ଯୋଜନାକୁ ଅନ୍ୟରାଜ୍ୟମାନେ ଅନୁକରଣ କରିଥିଲେ। ସେ ମଧ୍ୟ ପରବର୍ତ୍ତୀ ସମୟରେ ବହୁବାର ଭାରତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍‌ରେ ବ୍ରୋଞ୍ଜପଦକ ହାସଲ କରିଥିବା ଭାରତୀୟ ଦଳକୁ ସେ ପ୍ରଶିକ୍ଷଣ ଦେଇଥିଲେ। ହକି ଥିଲା ତାଙ୍କର ପ୍ରଥମ ପ୍ରେମ, ତାଙ୍କର ଜୀବନ, ନିଃଶ୍ୱାସ ଓ ସ୍ୱପ୍ନ। ଏହାବ୍ୟତୀତ ସେ ଗଲ୍ଫ, ଫୁଟବଲ, ଟେନିସ୍, କ୍ରିକେଟ ଓ ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ମଧ୍ୟ ରୁଚି ରଖୁଥିଲେ। ସେ ମଧ୍ୟ ଜଣେ ଦକ୍ଷ ଶିକାରୀ ଥିଲେ। ସେ ଅଖିଳ ଭାରତୀୟ କ୍ରୀଡ଼ା ପରିଷଦ, ରେଳବାଇ ବୋର୍ଡ, ଭାରତୀୟ ରାଇଫଲ ସଂଘ ଓ ବନ୍ୟପ୍ରାଣୀ ସଂରକ୍ଷଣ କମିଟି (ଉତ୍ତର ପ୍ରଦେଶ) ସହିତ ଜଡ଼ିତ ଥିଲେ।

ଦିଗ୍‌ବିଜୟ ଅନେକ ସମ୍ମାନର ଅଧିକାରୀ ହୋଇଥିଲେ। ତନ୍ମଧ୍ୟରେ ୧୯୫୮ରେ ଭାରତର ସମ୍ମାନଜନକ ପଦ୍ମଶ୍ରୀ ଏବଂ ୧୯୫୩ରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ମାନସୂଚକ ହେମ୍ସ ଟ୍ରଫି ଅନ୍ୟତମ। ହେମ୍ସ ଟ୍ରଫି ଆମେରିକାର କ୍ରୀଡ଼ା କ୍ଷେତ୍ରରେ ନୋବେଲ ପ୍ରାଇଜ୍ ଭାବେ ପରିଗଣିତ ହୁଏ। ସେ ୧୯୫୨ରେ ବିଶ୍ୱର ସର୍ବଶ୍ରେଷ୍ଠ ହକିଖେଳାଳି ଏବଂ ୧୯୫୩ରେ ଏସିଆ ମହାଦେଶର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଏହି ପୁରସ୍କାର ହାସଲ କରିଥିଲେ। ଏ କ୍ଷେତ୍ରରେ ସେ ଥିଲେ ପ୍ରଥମ ଭାରତୀୟ। ତାଙ୍କ ସମ୍ମାନାର୍ଥେ ଲକ୍ଷ୍ନୌ ଓ ବାରବାଙ୍କିରେ କେ.ଡି.ସିଂହବାବୁ ଷ୍ଟାଡିୟମ୍ ନାମିତ ହୋଇଛି। ବାରବାଙ୍କୀ ସହରରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟ ତାଙ୍କ ନାମରେ ନାମିତ ହୋଇଛି "କେଡିସିଂହ ବାବୁ ମାର୍ଗ ନାମରେ।"

ତାଙ୍କର ଜୀବନୀ ଉପରେ ଆଧାରିତ କ୍ରୀଡ଼ା-ନାଟକ ଚଳଚ୍ଚିତ୍ର "ଗୋଲ୍ଡ" ୨୦୧୮ରେ ନିର୍ମିତ ହୋଇଥିଲା, ଯେଉଁଥିରେ କି ଅମିତ ସାଦ୍ ତାଙ୍କ ଚରିତ୍ର (ଭାରତୀୟ ଦଳର ଉପଅଧିନାୟକ- ୧୯୪୮ ଅଲିମ୍ପିକ୍ କ୍ରୀଡ଼ା)ରେ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ହକିର ଅଧଃପତନ ତାଙ୍କୁ ଗଭୀର ମର୍ମାହତ କରିଥିଲା ବୋଲି ତାଙ୍କ ବନ୍ଧୁ ଅଲିମ୍ପିଆନ୍ ଅଶ୍ୱିନୀ କୁମାର ପ୍ରକାଶ କରିଥିଲେ। ୧୯୭୮ ମାର୍ଚ୍ଚ ୨୭ରେ ସେ ନିଜର ବନ୍ଧୁକ ସଫା କରୁଥିବା ବେଳେ ଅସାବଧାନତା ବଶତଃ ସେଥିରୁ ଗୁଳି ଫୁଟି ତାଙ୍କର ଦୁଃଖଦ ବିୟୋଗ ଘଟିଥିଲା।





୧୯୫୨ ଅଲିମ୍ପିକ୍ସରେ କେ.ଡି. ସିଂ ବାବୁଙ୍କ ନେତୃତ୍ୱରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ହକି ଦଳ।

# ଓଡ଼ିଆ ଆଥଲେଟ୍‌ଙ୍କ ଚମକ

**ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଘରୋଇ ପରିବେଶରେ ପ୍ରତିଯୋଗିତା ହେଉଥିଲେ ହେଁ ଅଂଶଗ୍ରହଣ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ତେବେ ୬ ପ୍ରତିଯୋଗୀ ୭ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି...**

ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଗତ ୧୪ ତାରିଖରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣର ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷ ଜନକ ନ ଥିଲେ ମଧ୍ୟ କେତେକ ପ୍ରତିଯୋଗୀ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ୨୦୦ ଓ ୧୦୦ ମିଟର ରେସ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। କୁନି ରାଜଗଣ୍ଡ (୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ) ଓ ଛବୀନ୍ଦ୍ର ବେହେରା (୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ-ବି) ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବାବେଳେ ଓମ୍ ପ୍ରକାଶ ନନ୍ଦ (୨୦ ବର୍ଷରୁ କମ୍ ଶଟ୍‌ପୁଟ୍), ଆଲୋକିକା ସ୍ୱାଇଁ (୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ) ଓ ଅନି ସାଲବାମ୍ (୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର)ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।

### ତାମିଲନାଡୁ-ହରିୟାଣା ଟକ୍କର

ପ୍ରତିଯୋଗିତା ଓଡ଼ିଶାରେ ହୋଇଥିଲେ ମଧ୍ୟ ଘରୋଇ ପ୍ରତିଯୋଗିମାନେ ତା'ର ବିଶେଷ ଫାଇଦା ନେଇପାରି ନ ଥିଲେ। ଟାଇଟଲ ପାଇଁ ତାମିଲନାଡୁ ଓ ହରିୟାଣା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଶେଷରେ ତାମିଲନାଡୁ ୨୮୯ ପଏଣ୍ଟ ସହିତ ଓଭରଅଲ୍ ଚାମ୍ପିୟନ ହୋଇଥିବାବେଳେ ହରିୟାଣା ମାତ୍ର ୨ ପଏଣ୍ଟ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ତିମ ଦିବସରେ ପର୍ଯ୍ୟନ୍ତ ତାମିଲନାଡୁ ଓ ହରିୟାଣା ମଧ୍ୟରେ କେଉଁ ଦଳ ଓଭରଅଲ୍ ଚାମ୍ପିୟନ ହେବ ତା'କୁ ନେଇ ଉତ୍ସାହ ଲାଗି ରହିଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେରେ ତାମିଲନାଡୁ ଦଳ ମିଟ୍ ରେକର୍ଡ ହାସଲ କରିବାରୁ ହରିୟାଣା ପଛରେ ପଡ଼ି ଯାଇଥିଲା। ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ଇଭେଣ୍ଟ ଗୁଡ଼ିକରେ ତାମିଲନାଡୁକୁ ଓଭରଅଲ୍ ଟିମ୍ ଟାଇଟଲ ମିଳିଥିଲା। ୧୮ ବର୍ଷରୁ କମ୍ ବାଳିକା ଓ ବାଳକ ଗ୍ରୁପ୍‌ରେ କିନ୍ତୁ ହରିୟାଣା ଆଗରେ ରହିଥିଲା। ଟିମ୍ ଚାମ୍ପିୟନଶିପ୍ କ୍ଷେତ୍ରରେ ୧୪ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୧୭ ଓ ବାଳକରେ ତେଲେଙ୍ଗାନାକୁ ୧୯, ୧୬ ବର୍ଷରୁ କମ୍ ବାଳିକାରେ ତାମିଲନାଡୁକୁ ୩୦ ଓ ବାଳକରେ ୨୪, ୧୮ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୨୬ ଓ ବାଳକରେ ୧୮ ପଏଣ୍ଟ ମିଳିଥିଲା। ସେହିପରି ୨୦ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୫୮ ଓ ବାଳକରେ ତାମିଲନାଡୁକୁ ୫୨ ପଏଣ୍ଟ ପ୍ରାପ୍ତ ହୋଇଥିଲା। ୧୬ ବର୍ଷରୁ କମ୍ ବାଳିକାରେ କେରଳର ଜିଲଶା ଜିନ୍‌ଲି ଓ ବାଳକରେ ତାମିଲନାଡୁର ଅଭିନାଥ ଏ.ବି., ୧୮ ବର୍ଷରୁ କମ୍ ବାଳକରେ ହରିୟାଣାର ନିଶ୍ଚୟ ଓ ବାଳିକାରେ ମହାରାଷ୍ଟ୍ରର ସୌର୍ଯ୍ୟା ଆମ୍ଭୁରେ, ୧୪ ବର୍ଷରୁ କମ୍ ବାଳିକାରେ ହରିୟାଣାର ଆରାଧ୍ୟା ସିଂ ଏବଂ ୨୦ ବର୍ଷରୁ କମ୍ ମହିଳାରେ ଉତ୍ତର ପ୍ରଦେଶର ନିରୁ ପାଠକ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ।





### ପଦକ ବିଜେତା ଓଡ଼ିଶା ଖେଳାଳି

**ପ୍ରତୀକ ମହାରଣା:** ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ। ୨୧.୨୪ ସେକେଣ୍ଡ ସମୟ ନେଇ ସେ ଆମେରିକାରେ ହେବାକୁଥିବା ବିଶ୍ୱ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ। ଏହା ବ୍ୟତୀତ ସେ ନୂଆ ମିଟ୍ ରେକର୍ଡର ମଧ୍ୟ ଅଧିକାରୀ ହେଲେ। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ୧୦.୭୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ବିଜୟୀ।

**କୁନି ରାଜଗଣ୍ଡ:** ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ।

**ଛବୀନ୍ଦ୍ର ବେହେରା:** ୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ-ବି ଇଭେଣ୍ଟରେ ରୌପ୍ୟ।

**ଓମ୍ ପ୍ରକାଶ ନନ୍ଦ:** ୨୦ ବର୍ଷରୁ କମ୍ ଶଟ୍‌ପୁଟ୍ ଇଭେଣ୍ଟରେ ୧୮.୨୪ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ।

**ଆଲୋକିକା ସ୍ୱାଇଁ:** ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ବ୍ରୋଞ୍ଜ (୪୭.୫୬ ମିଟର) ପଦକ।

**ଅନି ସାଲବାମ୍:** ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ଇଭେଣ୍ଟରେ ୧:୧୯.୯୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ।

### ବିଗ୍ ଡିଫରେଣ୍ଟ

ଟିମ୍ ଇଣ୍ଡିଆର ଭାଇସ୍ କ୍ୟାପ୍‌ଟେନ
ସ୍ମୃତି ରଚିଛନ୍ତି ସ୍ମୃତି
ଫାଷ୍ଟ କ୍ରିକେଟର ଭାବେ ସେ ୱିମେନ
ୱାନ୍‌ଡେରେ ରଚିଲେ କିର୍ତ୍ତୀ
କମ୍ ଇନିଂସ ଖେଳି ଖ୍ୟାତି
ବର୍ଷକରେ ୱାନ୍ ଥାଉଜେଣ୍ଡ ରନ୍
ଏଠି ଇତିହାସ ସାଥୀ।





ସ୍ନାଚ ହେଉ କିମ୍ବା କ୍ଲିନ୍ ଆଣ୍ଡ ଜର୍କରେ
ଓଜନ ଉଠାଇ ଭାଇ
ଫୋର୍ଡେ ପରେ ଷ୍ଟାର ଭାରଉତ୍ତୋଳିକା
ଭାରତର ମୀରାବାଈ
ସିଲଭର ପଦକ ପାଇ
ପଦକ ବିଜେତା ମଧ୍ୟରେ ନିଜକୁ
ସାମିଲ କରିଛି ନେଇ।

ଗୋଆଠି ଓଡ଼ିଶା ପାରା ଆଥଲେଟ୍
ଖେଳି ଦମୟନ୍ତୀ ଓଝା
ପର୍ପଲ ଫେଷ୍ଟରେ ସିଲଭର ପଦକ
ଜିତିଅଛି ବଜା ବାଜା
କିଏ ଖାଏ ରୋଲ୍, ପିଜା
ବିଗ୍ ଡିଫରେଣ୍ଟ ୟୁଥ୍ କ୍ରାଇମ୍ କରି
କାଟନ୍ତି ଜେଲ୍‌ରେ ସଜା।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୪/୨୦୨୫ Bhubaneswar, Friday, October 24/ 2025

# ସେମିଫାଇନାଲରେ ଭାରତ

**ମହିଳା କ୍ରିକେଟ୍ ବିଶ୍ୱକପ୍**

ନଭି ମୁମ୍ବାଇ, ୨୩।୧୦

ଚଳିତ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ଡିଏଲ୍‌ଏସ୍ ମେଥଡରେ ୫୩ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ଚତୁର୍ଥ ତଥା ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲଙ୍କ ଶତକ ଏବଂ ଓପନିଂ ଉଇକେଟ ପାଇଁ ୨୧୨ ରନର ଭାଗୀଦାରିତା ଯୋଗୁ ଭାରତୀୟ ଦଳ ୪୯ ଓଭରରେ ୩୪୦ ରନର ସ୍କୋର ଛିଡ଼ା କରିଥିଲା। ଏହା ମହିଳା ବିଶ୍ୱକପ୍‌ରେ ଭାରତୀୟ ଦଳ ଲାଗି ସର୍ବାଧିକ ଦଳଗତ ସ୍କୋର। ବର୍ଷା କାରଣରୁ ଡିଏଲ୍‌ଏସ୍ ମେଥଡରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୪୪ ଓଭରରେ ୩୨୫ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୮ ଉଇକେଟ ହରାଇ ୨୭୧ ରନ କରିପାରିଥିଲା।





ଶତକ ହାସଲ ପରେ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ମନ୍ଧାନା ଓ ପ୍ରତୀକା ୨୧୨ ରନର ଆରମ୍ଭ ପ୍ରଦାନ କରିଥିଲେ। ମନ୍ଧାନା ୯୫ ବଲରେ ୧୦ ଚୌକା ଓ ୪ ଛକା ସହିତ ୧୦୯ ରନ କରି ଆଉଟ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ୧୪ତମ ଓ ଚଳିତ ବର୍ଷର ପଞ୍ଚମ ଶତକ ଥିଲା। ସେ ଏବେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ୧୫ ଶତକ କରିଥିବା ମେଗ ଲାନିଂଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୩ୟ କ୍ରମରେ ଆସିଥିବା ଜେମିମା ରୋଡ୍ରିଗ୍ସଙ୍କ ସହ ପ୍ରତୀକା ଦ୍ୱିତୀୟ ଉଇକେଟରେ ୭୬ ରନ ଯୋଡ଼ିଥିଲେ। ପ୍ରତୀକା ୧୩୪ ବଲରେ ୧୩ ଚୌକା ଓ ୨ ଛକା ସହିତ ୧୨୨ ରନ କରି ଆଉଟ୍ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଦିନିକିଆ ଓ ପ୍ରଥମ ବିଶ୍ୱକପ୍ ଶତକ। ଏହାପରେ ଜେମିମା ଦଳୀୟ ସ୍କୋରକୁ ଏକାକୀ ଆଗେଇ ନେଇଥିଲେ। ସେ ୫୫ ବଲରେ ୧୧ ଚୌକା ସହାୟତାରେ ୭୬ ରନ କରି ଅପରାଜିତ ରହିଥିଲେ। ବର୍ଷା କାରଣରୁ ଭାରତୀୟ ଦଳର ଇନିଂସକୁ ୪୯ ଓଭରରେ ସୀମିତ ରଖାଯାଇଥିଲା। ଭାରତ ନିର୍ଦ୍ଧାରିତ ୪୯ ଓଭରରେ ୩ ଉଇକେଟ ହରାଇ ୩୪୦ ରନ କରିଥିଲା। ଜବାବରେ ଡିଏଲ୍‌ଏସ୍ ମେଥଡ୍‌ରେ ୪୪ ଓଭରରେ ୩୨୫ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୭୧ ରନ କରିପାରିଥିଲା। ଦଳ ପାଇଁ ବ୍ରୁକ ହାଲିଡେ ୮୧ (୯ ଚୌକା ଓ ୧ ଛକା), ଇଜାବେଲା ଗେଜ ୬୫ (୧୦ ଚୌକା), ଆମେଲିଆ କେର ୪୫ (୪ ଚୌକା) ଓ ଜର୍ଜିଆ ପ୍ଲିମେର ୩୦ (୫ ଚୌକା ଓ ୧ ଛକା) ରନ କରିଥିଲେ। ଭାରତ ପକ୍ଷରୁ ରେଣୁକା ସିଂ ଠାକୁର ଓ କ୍ରାନ୍ତି ଗୌଡ଼ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯ ଓଭରରେ ୩୪୦/୩(ପ୍ରତିକା ରାୱଲ-୧୨୨, ସ୍ମୃତି ମନ୍ଧାନା-୧୦୯, ଜେମିମା ରୋଡ୍ରିଗ୍ସ-୭୬*, ସୁଜି ବେଟ୍ସ-୧/୪୦, ରୋଜମେରୀ ମେର-୧/୫୨)। ନ୍ୟୁଜିଲାଣ୍ଡ: ୪୪ ଓଭରରେ ୨୭୧/୮ (ବ୍ରୁକ ହାଲିଡେ-୮୧, ଇଜାବେଲା ଗେଜ-୬୫*, ଆମେଲିଆ କେର-୪୫, ରେଣୁକା ସିଂ ଠାକୁର-୨/୨୫, କ୍ରାନ୍ତି ଗୌଡ଼-୨/୪୮, ପ୍ରତୀକା ରାୱଲ-୧/୧୯)।

## ଭୁବନେଶ୍ୱର ଭେଟେରାନ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ-୧ ଏକାଡେମୀ ଖେଳ ପଡ଼ିଆରେ ୪ଟି ଭେଟେରାନ ଫୁଟବଲ ଦଳକୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଭେଟେରାନ ଟାଇବ୍ରେକର ୫-୪ ଗୋଲରେ ବିଡ଼ାନାସୀ ଦଳକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ଦଳ କଟକର ରେଭେନ୍‌ଶା ମର୍ନିଂ କ୍ଲବକୁ ଟାଇବ୍ରେକର ୩-୨ ଏବଂ ଦ୍ୱିତୀୟ ସେମିରେ ବିଡ଼ାନାସୀ ଦଳ ୬-୧ ଗୋଲରେ ଜାଗମରା ଦଳକୁ ହରାଇ ଦେଇଥିଲା। ରଞ୍ଜନ ଭୋଇ ଶ୍ରେଷ୍ଠ ଗୋଲରକ୍ଷକ, ରମେଶ ଚାଟର ଶ୍ରେଷ୍ଠ ରକ୍ଷଣଭାଗ, ଅକ୍ଷୟ ଦାସ ଶ୍ରେଷ୍ଠ ମଧ୍ୟଭାଗ ଓ କେ.ସି. ବେହେରା ଶ୍ରେଷ୍ଠ ଫରୱାର୍ଡ ଖେଳାଳି ବିବେଚିତ ହୋଇଥିଲେ। ଅନୁଗୋଳ-ସୁକିନ୍ଦା ରେଲୱେର ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଶୋକ କୁମାର ପଟ୍ଟନାୟକ, ଆୟୋଜକ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୁନ୍ଦେସ୍‌ଲିଗା ଡ୍ରିମ୍ ଇଣ୍ଡିଆ ପ୍ରୋଜେକ୍ଟରେ ଓଡିଏମ୍‌ର ୧୧ ଛାତ୍ର



ବୁନ୍ଦେସ୍‌ଲିଗାର ଡ୍ରିମ୍ ଇଣ୍ଡିଆ ପ୍ରୋଜେକ୍ଟରେ ସାମିଲ ହୋଇଥିବା କୃତୀ ଫୁଟ୍‌ବଲ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୨୩।୧୦(ବିଜୟ ରଣା)

ଜର୍ମାନୀ ଫୁଟ୍‌ବଲ ଲିଗ୍ ବୁନ୍ଦେସ୍‌ଲିଗାର ଡ୍ରିମ୍ ଇଣ୍ଡିଆ ପ୍ରୋଜେକ୍ଟ ଅନ୍ତର୍ଗତ ୧୩ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍ ବିଭାଗରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓଡିଏମ୍ ଗ୍ଲୋବାଲ ସ୍କୁଲର ୧୧ ଛାତ୍ର। ସେମାନେ ହେଲେ ୧୩ବର୍ଷରୁ କମ୍ ବିଭାଗରେ ଦଶରଥ ହାଂସଦା, ମେସି ହାଂସଦା, ସୁଜଲ ଆଇଣ୍ଡ ଏହେସାସ୍ ପାଙ୍ଗି, ସୁରଜ ଜାଲ୍‌ସ୍କୋ ଓ ଆୟୁଷ୍ମାନ ବାରିକ ଏବଂ ୧୫ ବର୍ଷରୁ କମ୍ ବିଭାଗରେ ପ୍ରସନଜିତ୍ ବଡ଼ା, ପ୍ରୀତମ ଗୁଡ୍ଡୁ, ଲିପୁରାମ ସୋରେନ, ଦେବ୍ୟାଂଶୁ ପ୍ରଧାନ ଓ ଶ୍ରୀଜଲ କିସ୍କୁ। ଭାରତର ଯୁବ ଫୁଟ୍‌ବଲ ପ୍ରତିଭାଙ୍କୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ଏବଂ ୟୁରୋପୀୟ ତାଲିମ ପଦ୍ଧତି ସହ ପରିଚିତ କରାଇବା ହେଉଛି ଏହି ପ୍ରୋଜେକ୍ଟର ମୂଳଲକ୍ଷ୍ୟ। ସୂଚନାଯୋଗ୍ୟ, ଏହି ଛାତ୍ରମାନେ ଜାତୀୟ ସ୍ତରରେ ୧୩ ବର୍ଷରୁ କମ୍ ବିଭାଗରେ ଏମ୍‌ଆର୍‌ଏଫ୍‌ସି କଶ୍ମୀରକୁ ଏବଂ ୧୫ ବର୍ଷରୁ କମ୍ ବିଭାଗ ଫାଇନାଲରେ ମହାରାଷ୍ଟ୍ରର ଠାଣେ ସିଟି ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଥିଲେ। ମନୋନୀତ ଛାତ୍ରମାନଙ୍କ ସମସ୍ତ ଗସ୍ତ ଖର୍ଚ୍ଚ ଉଭୟ ବୁନ୍ଦେସ୍‌ଲିଗା ସଂସ୍ଥା ବହନ କରିବ। ଏହି କୃତୀ ଖେଳାଳିମାନଙ୍କୁ ଗୁରୁବାର ଓଡିଏମ୍ ସ୍କୁଲ ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଭାବେ ଏବଂ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଅନ୍ୟତମ ଅତିଥିଭାବେ ଯୋଗଦେଇ କ୍ରୀଡ଼ାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଓଡିଏମ୍ ଶିକ୍ଷା ସମୂହ ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଏମ୍‌ର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଇଓ ସ୍ୱୟନ ସତ୍ୟେନ୍ଦୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି.କେ. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସୌରାଷ୍ଟ୍ର ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)

ବିସିସିଆଇର ଘରୋଇ କ୍ରିକେଟ ଅନ୍ତର୍ଗତ ୧୯ ବର୍ଷରୁ କମ୍ ମହିଳା ଟି୨୦ ପ୍ରତିଯୋଗିତାର ଏଲିଟ ଗ୍ରୁପ୍ 'ବି' ମ୍ୟାଚ ୨୬ରୁ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳ ଗୁରୁବାର ଛତିଶଗଡ଼ର ରାୟପୁର ଯାତ୍ରା କରିଛି। ଓଡ଼ିଶା ଦଳ ୨୬ରେ ସୌରାଷ୍ଟ୍ର ବିପକ୍ଷ ମ୍ୟାଚରୁ ଅଭିଯାନ ଆରମ୍ଭ କରିବ। ପରେ ୨୭ରେ ଉତ୍ତର ପ୍ରଦେଶ, ୨୯ରେ ଝାଡ଼ଖଣ୍ଡ, ୩୧ରେ ଗୁଜରାଟ ଏବଂ ନଭେମ୍ବର ୨ରେ ରାୟପୁରଠାରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ପ୍ରିୟଙ୍କରି ମୁଦୁଲି (ଅଧିନାୟିକା), ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ, ଅନୁସ୍କା ମହାନ୍ତି, ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଈପ୍ସିତା ପରିଡ଼ା, ଜସମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂ, ସ୍ୱାତିକା ବେହେରା, ଯୁବଲିପି ପରିଡ଼ା। କୋଚ୍: କାଦମ୍ବିନୀ ମହାକୁଡ଼, ମ୍ୟାନେଜର: ତିଳୋତ୍ତମା ସାହୁ।

## ଆର୍ଯ୍ୟନ୍, ଗୌରୀଶଙ୍କର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୩।୧୦ (ତପନ ସ୍ୱାଇଁ)

ଓଡ଼ିଶାର ପ୍ରଥମ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ଲାମ୍ଭାଚ ଇନ୍ସ୍ୟୁରାନ୍ସ ବ୍ରେକର୍ସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଆର୍ଯ୍ୟନଙ୍କ କୋଚ୍ ତଥା ବାପା ଗୌରୀଶଙ୍କର ମିଶ୍ର, ସୁରୋଜିତ ବେହେରା, ସ୍ୱସ୍ତିକ ମହାପ୍ରସାଦ ପତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଆର୍ଯ୍ୟନ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଯୋଗ ଓ ନେଚରୋପାଥିର ପ୍ରଥମ ବର୍ଷ ଛାତ୍ର। ଲାମ୍ଭାଚ ଇନ୍ସ୍ୟୁରାନ୍ସ ବ୍ରେକର୍ସର ନିର୍ଦ୍ଦେଶକ ଅଭିଜିତ ମହାନ୍ତି ଓ ଆର୍ଯ୍ୟା ଡିଜାଇନ ଷ୍ଟୁଡିଓର ଏମ୍‌ଡି ଆର୍ଯ୍ୟସ ଦାସ ଉପସ୍ଥିତ ରହି ୪ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆଗକୁ ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଲାମ୍ଭାଚ ପକ୍ଷରୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିକଟରେ ପ୍ରଥମ ରାଜ୍ୟ ଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଆର୍ଯ୍ୟନ ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି ପ୍ରଥମ ଯୁବ ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଭାରତୀୟ ଦଳର କୋଚ ଭାବେ ଗୌରୀଶଙ୍କର ମିଶ୍ର ଜୋର୍ଡାନ ଗସ୍ତ କରିଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରଶିକ୍ଷଣ ଦେବାର ଅନୁଭୂତିକୁ ସ୍ୱୀକୃତି ଜଣାଇ ଲାମ୍ଭାଚ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ଲାମ୍ଭାଚ ଇନ୍ସ୍ୟୁରାନ୍ସ ବ୍ରେକର୍ସ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ।

## ଭାରତୀୟ ଦଳରେ ଓଡ଼ିଶାରୁ ୪

**ଏସିଆ ରଗ୍‌ବୀ ସେଭେନ୍ସ**

ଭୁବନେଶ୍ୱର, ୨୩।୧୦(ଅନାଦି କର)

ଆସନ୍ତା ୨୫ରୁ ୨୬ ତାରିଖ ପର୍ଯ୍ୟନ୍ତ ଓମାନର ରାଜଧାନୀ ମସ୍କଟରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ପ୍ରତିଯୋଗିତା ହେବାକୁ ଯାଉଛି। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଗୁରୁବାର ୧୩ ଜଣିଆ ସିନିୟର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ କିସ୍‌ର ୩ ଛାତ୍ରଙ୍କ ସମେତ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ ସବର, ଗଣେଶ ଧାଙ୍ଗଡା ମାଝୀ, ଯୁଗଳ କିଶୋର ମାଝୀ ଓ ଶାନୱାଜ ଅହମଦ।

ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସହ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆର୍‌ଏଫ୍‌ଏ) ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

## ଗ୍ରୁପ୍ 'ଏ'ରେ ଓଡ଼ିଶା

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)

ପଞ୍ଜାବର ଅମୃତସରଠାରେ ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚଳିତ ମାସ ୨୭ରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଗ୍ରୁପ୍ 'ଏ'ରେ ମଣିପୁର, ମିଜୋରାମ ଓ ବିହାର ସହିତ ସ୍ଥାନ ପାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ୪ ଅଫିସିଆଲଙ୍କ ସହ ମୋଟ ୨୦ ଜଣିଆ ଓଡ଼ିଶା ଦଳ ଗୁରୁବାର ଅମୃତସର ଯାତ୍ରା କରିଛି। ଓଡ଼ିଶା ଦଳକୁ ବିଦାୟ ଦେବା ପୂର୍ବରୁ ଅନୁଷ୍ଠିତ ଫଟୋ ସେସନରେ ଫୁଟବଲ ଆସୋସିଏଶନ (ଫାଓ) ଉପସଭାପତି ସହଦେବ ରାଉତ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଫାଓ ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ୨୭ ତାରିଖରେ ମିଜୋରାମ ସହିତ ଖେଳିବ। ଏହାପରେ ୨୯ରେ ମଣିପୁର ଓ ୩୧ରେ ବିହାର ବିପକ୍ଷରେ ମୁକାବିଲା କରିବ।

# ଆଗୁଆ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

ଆଡିଲେଡ୍, ୨୩।୧୦

ମାଥ୍ୟୁ ଶର୍ଟ ଓ କୁପର କନୋଲିଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଅଷ୍ଟ୍ରେଲିଆ ଦଳ ୨-୦ରେ ଆଗୁଆ ଜିତିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୬୫ ରନର ଚ୍ୟାଲେଞ୍ଜିଂ ଟାର୍ଗେଟକୁ ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ଗତ ୧୭ ବର୍ଷରେ ଆଡିଲେଡ୍‌ରେ ଏହା ଭାରତୀୟ ଦଳର ପ୍ରଥମ ପରାଜୟ। ମ୍ୟାଚ୍‌ରେ ପୂର୍ବତନ ଅଧିନାୟକ ରୋହିତ ଶର୍ମା ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ବ୍ୟାଟିଂ ଷ୍ଟାର ବିରାଟ କୋହଲି ପୁଣି ଥରେ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ୪ ଉଇକେଟ ନେଇଥିବା ଆଡାମ ଜାମ୍ପାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ତଥା ତୃତୀୟ ମ୍ୟାଚ୍ ଆସନ୍ତା ୨୫ ତାରିଖରେ ସିଡ୍‌ନୀଠାରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ (୯) ଓ କୋହଲି (୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ରୋହିତ ଓ ଉପ ଅଧିନାୟକ ଶ୍ରେୟସ ଆୟାର ତୃତୀୟ ଉଇକେଟରେ ୧୧୮ ରନର ପାର୍ଟନରଶିପ୍ କରିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ରୋହିତ ୭୩ (୭ ଚୌକା ଓ ୨ ଛକା) ଏବଂ ଶ୍ରେୟସ ୬୧ (୭ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଲୋକେଶ ରାହୁଲ (୧୧), ୱାଶିଂଟନ ସୁନ୍ଦର (୧୨), ଅକ୍ଷର ପଟେଲ (୪୪ ରନ୍, ୫ ଚୌକା) ଓ ନୀତୀଶ ରେଡ୍ଡୀ (୮)ଙ୍କ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ହର୍ଷିତ ରାଣା (୨୪ ରନ, ୩ ଚୌକା) ଓ ଅର୍ଶଦୀପ ସିଂ (୧୩ ରନ୍, ୨ ଚୌକା) ୯ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ଦ୍ରୁତ ୩୭ ରନ ଯୋଡ଼ିଥିଲେ। ଫଳରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୬୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୪, ଜାଭିଅର ବାର୍ଟଲେଟ୍ ୩ ଓ ମିଚେଲ ଷ୍ଟାର୍କ ୨ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଆଡାମ ଜାମ୍ପା (ମଝି)ଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

**ପୁଣି ଫେଲ୍ ମାରିଲେ କୋହଲି**

ଜବାବରେ ଅଷ୍ଟ୍ରେଲିଆ ଇନିଂସ ଆରମ୍ଭରୁ ଅଧିନାୟକ ମିଚେଲ ମାର୍ଶ (୧୧) ଓ ଟ୍ରାଭିସ ହେଡ୍ (୨୮)ଙ୍କ ଉଇକେଟ ହରାଇଥିଲା। ହେଲେ ମଧ୍ୟ କ୍ରମରେ ମାଥ୍ୟୁ ଶର୍ଟ ୭୪ (୪ ଚୌକା ଓ ୨ ଛକା) ଓ ମ୍ୟାଟ ରେନଶ ୩୦ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। କନୋଲି ଓ ମିଚେଲ ଓୱେନ (୩୬ ରନ୍, ୨ ଚୌକା ଓ ୩ ଛକା) ଷଷ୍ଠ ଉଇକେଟରେ ୫୯ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଶେଷ ଆଡ଼କୁ ଭାରତୀୟ ବୋଲରମାନେ ୩ ଉଇକେଟ ହାତେଇଥିଲେ। ହେଲେ ତାହା ଦଳକୁ ଜିତାଇବା ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। କନୋଲି ୫୩ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ଅପରାଜିତ ୬୧ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରି ନେଇଥିଲା। ଭାରତ ଲାଗି ଅର୍ଶଦୀପ, ହର୍ଷିତ ଓ ସୁନ୍ଦର ୨ ଲେଖାଏ ଏବଂ ମହମ୍ମଦ ସିରାଜ ଓ ଅକ୍ଷର ୧ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୨୬୪/୯(ରୋହିତ ଶର୍ମା-୭୩, ଶ୍ରେୟସ ଆୟାର-୬୧, ଅକ୍ଷର ପଟେଲ-୪୪, ଆଡାମ ଜାମ୍ପା-୪/୬୦, ଜାଭିଅର ବାର୍ଟଲେଟ-୩/୩୯, ମିଚେଲ ଷ୍ଟାର୍କ-୨/୬୨)। ଅଷ୍ଟ୍ରେଲିଆ: ୪୬.୨ ଓଭରରେ ୨୬୫/୮(ମାଥ୍ୟୁ ଶର୍ଟ-୭୪, କୁପର କନୋଲି-୬୧*, ମିଚେଲ ଓୱେନ-୩୬, ୱାଶିଂଟନ ସୁନ୍ଦର-୨/୩୭, ଅର୍ଶଦୀପ ସିଂ-୨/୪୧, ହର୍ଷିତ ରାଣା-୨/୫୯)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ